# ଧରିତ୍ରୀ
DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ଗୁରୁବାର, ଫେବୃଆରୀ ୨୨/୨୦୨୪ (୨୦ ପୃଷ୍ଠା) | Bhubaneswar, Thursday, February 22/2024 Page 20 ₹ 7.00

୫୦ଶ ଭାଗ ୯୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 90 | ମୂଲ୍ୟ ₹୭/-





ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ଫେବୃଆରୀ ୨୨/୨୦୨୪
Bhubaneswar, Thursday, February 22/2024



ବୁଧବାର ନବୀନ ନିବାସ ଅଭିମୁଖେ ବାହାରିଥିବା ମହିଳା କଂଗ୍ରେସ ଶୋଭାଯାତ୍ରାରେ ଅଖିଳ ଭାରତ ମହିଳା କଂଗ୍ରେସ ସଭାନେତ୍ରୀ ଅଲକା ଲାମ୍ବା ଏବଂ ପିସିସି ସଭାପତି ଶରତ ପଟ୍ଟନାୟକ ଓ ଅନ୍ୟମାନେ।

## ପୋଲିସ-ମହିଳା କଂଗ୍ରେସ କର୍ମୀ ଧସ୍ତାଧସ୍ତି

**ଭୁବନେଶ୍ୱର,୨୧।୨(ସୁନିତ୍ ମିଶ୍ର)**

### ମହିଳାଙ୍କ ଅର୍ଥନୈତିକ, ସାମାଜିକ ଓ ରାଜନୈତିକ ନ୍ୟାୟ ପାଇଁ ଲଢ଼ିବ କଂଗ୍ରେସ: ଅଲକା

ଓଡ଼ିଶାରେ ନାରୀମାନଙ୍କ ପ୍ରତି ବଢୁଥିବା ଅତ୍ୟାଚାର ଏବଂ ବିଜେଡି-ଭାଜପା ସମ୍ପର୍କ ପ୍ରସଙ୍ଗ ଉଠାଇ ବୁଧବାର ମହିଳା କଂଗ୍ରେସ ନବୀନ ନିବାସ ଘେରାଉ କରିବାକୁ ଉଦ୍ୟମ କରିଥିଲା। ପ୍ରଦେଶ ମହିଳା କଂଗ୍ରେସ ସଭାନେତ୍ରୀ ମୀନାକ୍ଷୀ ବାହିନୀପତିଙ୍କ ନେତୃତ୍ୱରେ ଅଖିଳ ଭାରତ ମହିଳା କଂଗ୍ରେସ ସଭାନେତ୍ରୀ ଅଲକା ଲାମ୍ବା ଏବଂ ଶତାଧିକ ମହିଳା କଂଗ୍ରେସ ଭବନରୁ ଶୋଭାଯାତ୍ରାରେ ବାହାରି ନବୀନ ନିବାସ ଅଭିମୁଖେ ବାହାରିଥିଲେ। ହେଲେ ଅଶୋକନଗରଠାରେ ପୋଲିସ ମହିଳା କଂଗ୍ରେସ ଶୋଭାଯାତ୍ରାକୁ ଅଟକାଇଥିଲା। ଫଳରେ ପୋଲିସ ଏବଂ ମହିଳା କଂଗ୍ରେସ କର୍ମୀଙ୍କ ମଧ୍ୟରେ ଧସ୍ତାଧସ୍ତି ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହାପରେ ପୋଲିସ କଂଗ୍ରେସର ଆଗ ଧାଡ଼ିର ନେତା ଏବଂ କେତେଜଣ କର୍ମୀଙ୍କୁ ପୋଲିସ ଭ୍ୟାନରେ ବସାଇ ସେଠାରୁ ଉଠାଇନେଇଥିଲା। ପରେ କିଛିବାଟ ଆଗରେ ପୋଲିସ ସେମାନଙ୍କୁ ଛାଡ଼ିଥିବା ଜଣାପଡିଛି। ମହିଳାଙ୍କ ପ୍ରତିବାଦର ସ୍ୱରକୁ ବନ୍ଦ କରିବାକୁ ରାଜ୍ୟ ସରକାର ଚେଷ୍ଟା କରୁଛନ୍ତି। ନବୀନ ପଟ୍ଟନାୟକ ଭୟଭୀତ ହୋଇଗଲେଣି। ନବୀନ ସରକାର ମହିଳା ବିରୋଧୀ ବୋଲି ସମସ୍ତେ ଜାଣିସାରିଲେଣି। ଆସନ୍ତା ନିର୍ବାଚନରେ ମହିଳାମାନେ ଏହାର ଦୃଢ଼ ଜବାବ ଦେବେ ବୋଲି ଅଲକା କହିଛନ୍ତି।

ମହିଳା ଶୋଭାଯାତ୍ରା ପୂର୍ବରୁ କଂଗ୍ରେସ ଭବନଠାରେ ମହିଳା ନ୍ୟାୟ ସମାବେଶ ଆୟୋଜିତ ☞ପୃଷ୍ଠା-୧୧

# ପୋଲିସ ଗୁଳିରେ ଚାଷୀ ମୃତ

- **୨ ଦିନ ପାଇଁ 'ଦିଲ୍ଲୀ ଚଲୋ' ସ୍ଥଗିତ**
- **ସୀମାରେ ଧାରଣା ଦେବେ କୃଷକ**
- **ଆଲୋଚନା ପାଇଁ ପୁଣି ଡାକିଲା କେନ୍ଦ୍ର**



ମୃତ ଚାଷୀ ଶୁଭକରଣ ସିଂ



ପଞ୍ଜାବ-ହରିୟାଣାର ଶମ୍ଭୁ ସୀମାରେ ବୁଧବାର ଆନ୍ଦୋଳନରତ କୃଷକଙ୍କୁ ଘଉଡ଼ାଇବା ପାଇଁ ପୋଲିସ ଲୁହବୁହା ବାଷ୍ପ ପ୍ରୟୋଗ କରୁଛି।

**ନୂଆଦିଲ୍ଲୀ/ଚଣ୍ଡିଗଡ଼,୨୧।୨**

ଉତ୍ପାଦିତ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ଏସ୍ପି) ଉପରେ ଆଇନ ପ୍ରଣୟନ ଏବଂ ଅନ୍ୟାନ୍ୟ ଦାବିରେ ଅଡ଼ି ବସିଥିବା କୃଷକମାନେ ଦିଲ୍ଲୀ ଅଭିମୁଖେ ଅଗ୍ରସର ହେଉଥିବାବେଳେ ପୋଲିସ ସେମାନଙ୍କୁ ଅଟକାଇ ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ନେଉଛି। ପଞ୍ଜାବ-ହରିୟାଣା ସୀମାର ଖନୌରିରେ ବୁଧବାର ସନ୍ଧ୍ୟାରେ ପୋଲିସ ଗୁଳିରେ ଜଣେ ଯୁବଚାଷୀଙ୍କ ମୃତ୍ୟୁ ଘଟିଥିବାବେଳେ ଆଉ କେତେଜଣ ଆହତ ହୋଇଛନ୍ତି। ଫେବୃଆରୀ ୧୩ରେ 'ଦିଲ୍ଲୀ ଚଲୋ' ଅଭିଯାନ ଆରମ୍ଭ ହେବା ପରଠୁ ପୋଲିସ କାର୍ଯ୍ୟାନୁଷ୍ଠାନରେ ଅଦ୍ୟାବଧି ପ୍ରାୟ ୧୬୦ ଚାଷୀ ଆହତ ହୋଇଥିବାବେଳେ ଏହା ହେଉଛି ସଂଘର୍ଷରେ କୃଷକଙ୍କ ପ୍ରଥମ ମୃତ୍ୟୁ। ଇତିମଧ୍ୟରେ କେନ୍ଦ୍ର କୃଷିମନ୍ତ୍ରୀ ଅର୍ଜୁନ ମୁଣ୍ଡା ଆନ୍ଦୋଳନରତ କୃଷକମାନଙ୍କୁ ଶାନ୍ତି ବଜାୟ ରଖିବାକୁ ଅନୁରୋଧ କରିଛନ୍ତି। ଏଥିସହ ପଞ୍ଚମ ପର୍ଯ୍ୟାୟ ଆଲୋଚନା ପାଇଁ କୃଷକ ସଙ୍ଗଠନର ପ୍ରତିନିଧିମାନଙ୍କୁ ସାମାଜିକ ଗଣମାଧ୍ୟମ ଜରିଆରେ ଡାକିଛନ୍ତି। ତେବେ ପୋଲିସ ଗୁଳିରେ ଜଣେ କୃଷକଙ୍କ ମୃତ୍ୟୁ ପରେ ଚାଷୀମାନେ ଦିଲ୍ଲୀ ମାର୍ଚ୍ଚକୁ ୨ ଦିନ ପାଇଁ ସ୍ଥଗିତ ରଖିବା ସହ ନିଜ ନିଜ ସ୍ଥାନରେ ଧାରଣାରେ ବସିବେ ବୋଲି ଅଲ୍ ଇଣ୍ଡିଆ କିଷାନ୍ ସଭା (ଏଆଇକେଏସ୍) ପକ୍ଷରୁ ଘୋଷଣା କରାଯାଇଛି। ୨୩ଟି ଫସଲର ଏମ୍ଏସ୍ପି ଉପରେ ଆଇନଗତ ଗ୍ୟାରେଣ୍ଟି, କୃଷିଋଣ ଛାଡ଼ ଓ ଚାଷୀଙ୍କ ଉପରୁ ମାମଲା ପ୍ରତ୍ୟାହାର ଦାବିରେ କୃଷକମାନେ ଗତ ୧୩ରୁ ଦିଲ୍ଲୀ ଅଭିମୁଖେ ଆନ୍ଦୋଳନ ପାଇଁ ଟ୍ରାକ୍ଟରଗୁଡ଼ିକରେ ଯାଉଥିବାବେଳେ ଜାତୀୟ ରାଜଧାନୀ ସଂଲଗ୍ନ ସୀମାଗୁଡ଼ିକରେ ବ୍ୟାରିକେଡିଂ କରି ସେମାନଙ୍କୁ ଅଟକାଯାଇଛି। ଏହି କ୍ରମରେ ପଞ୍ଜାବ-ହରିୟାଣା ସୀମାର ଖନୌରିରେ ☞ପୃଷ୍ଠା-୧୧




# ଧରିତ୍ରୀ DHARITRI

ଭୁବନେଶ୍ୱର, ଗୁରୁବାର, ଫେବୃଆରୀ ୨୨/୨୦୨୪ | Bhubaneswar, Thursday, February 22/2024 | ପୃଷ୍ଠା-୧







# ନୂଆ ରୂପ ପାଇବ ବାରବାଟୀ ଷ୍ଟାଡିୟମ

- ୩ ବର୍ଷରେ ନବୀକରଣ କାର୍ଯ୍ୟ ସରିବ
- ୨୭ରେ ଭିତ୍ତିପ୍ରସ୍ତର ସ୍ଥାପନ କରିବେ ମୁଖ୍ୟମନ୍ତ୍ରୀ
- ସମୀକ୍ଷା କଲେ ୫-ଟି ଅଧକ୍ଷ

**କଟକ, ୨୧।୨(ଶିଳ୍ପା ପ୍ରିୟଦର୍ଶିନୀ)**

ଐତିହାସିକ କଟକ ବାରବାଟୀ ଷ୍ଟାଡିୟମର ନବକଳେବର ହେବ। ଷ୍ଟାଡିୟମର ନବୀକରଣ ପାଇଁ ଆସନ୍ତା ୨୭ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ୫-ଟି ତଥା ନବୀନ ଓଡ଼ିଶା ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ ବୁଧବାର ବାରବାଟୀ ଷ୍ଟାଡିୟମ ପରିଦର୍ଶନ କରି ପ୍ରକଳ୍ପର ସମୀକ୍ଷା କରିବା ସହ ଷ୍ଟାଡିୟମ ଗ୍ୟାଲେରି ପାଇଁ ପ୍ରସ୍ତୁତ ବ୍ଲୁ ପ୍ରିଣ୍ଟ ତର୍ଜମା କରିଛନ୍ତି। ଆସନ୍ତା ୫୦ ବର୍ଷର ମଜଭୁତ କ୍ରିକେଟ୍ ଭବିଷ୍ୟତକୁ ଦୃଷ୍ଟିରେ ରଖି ବିସିସିଆଇ, ଓସିଏ ଓ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟମରେ ଏହି ମେଗା ପ୍ରୋଜେକ୍ଟ କାର୍ଯ୍ୟ ଆରମ୍ଭ ହେବ। ନୂଆ ଗ୍ୟାଲେରି ନିର୍ମାଣ ହେବା ପରେ ଦର୍ଶକଙ୍କ ସିଟ୍ ସଂଖ୍ୟା ବଢ଼ିବ। ପୂର୍ବରୁ ଏହାର ସିଟ୍ ସଂଖ୍ୟା ୪୨,୦୦୦ ରହିଥିବାବେଳେ ଏବେ ଏହାକୁ ବୃଦ୍ଧି କରାଯାଇ ୬୦,୦୦୦ କରାଯିବ। ଏଥିସହ ଡ୍ରେସିଂ ରୁମ୍, ଜିମ୍, ସୁଇମିଂ ପୁଲ୍, ଇନ୍‌ଡୋର ଗେମ୍ ପାଇଁ ବ୍ୟବସ୍ଥା କରାଯିବ। ଷ୍ଟାଡିୟମ ବାହାରର ସୌନ୍ଦର୍ଯ୍ୟକରଣ ସହ ଅନ୍ୟାନ୍ୟ ଖେଳର ଭିତ୍ତିଭୂମିର ବିକାଶ କରାଯିବ। ବର୍ତ୍ତମାନ ଜମି ମାଲିକାନାକୁ ନେଇ ଯେଉଁ ବିବାଦ ରହିଛି ତାହାର ସମାଧାନ ପାଇଁ ଆଗାମୀ ଦିନରେ ଉଦ୍ୟମ କରାଯିବ। ଏନେଇ ଓସିଏ ସମ୍ପାଦକ ସଞ୍ଜୟ ବେହେରା ସୂଚନା ଦେଇ କହିଛନ୍ତି, ବୁଧବାର ପାଣ୍ଡିଆନ ଷ୍ଟାଡିୟମ ପରିଦର୍ଶନ କରି ସମୀକ୍ଷା କରିଛନ୍ତି। ଆସନ୍ତା ୫୦ବର୍ଷକୁ ☞ପୃଷ୍ଠା-୧୧



୫-ଟି ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ ବୁଧବାର ବାରବାଟୀ ଷ୍ଟାଡିୟମ ଗ୍ୟାଲେରି ପାଇଁ ପ୍ରସ୍ତୁତ ବ୍ଲୁ ପ୍ରିଣ୍ଟ ତର୍ଜମା କରୁଛନ୍ତି।

# ଜନଜାତିଙ୍କ ଉପରୁ ଛୋଟ ମକଦ୍ଦମା ପ୍ରତ୍ୟାହାର ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର,୨୧।୨(ଅନିଲ ଦାସ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜନଜାତି ଲୋକମାନଙ୍କ ଉପରେ ଥିବା ଛୋଟ ଛୋଟ ମକଦ୍ଦମାଗୁଡ଼ିକ ପ୍ରତ୍ୟାହାର କରିବା ପାଇଁ ବୁଧବାର ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ ଯେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ଗୃହ ବିଭାଗ, ଅବକାରୀ ବିଭାଗ ଏବଂ ଜଙ୍ଗଲ,ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଜନଜାତି ବର୍ଗଙ୍କ ଉପରେ ଥିବା ମକଦ୍ଦମାଗୁଡ଼ିକର ସମୀକ୍ଷା କରିଥିଲେ। ମକଦ୍ଦମାଗୁଡ଼ିକର ପୁଙ୍ଖାନୁପୁଙ୍ଖ ଅନୁଧ୍ୟାନ ପରେ ଉପରୋକ୍ତ ୩ଟି ବିଭାଗର ସମୁଦାୟ

## ପ୍ରତ୍ୟାହାର ହେବ ୪୮,୦୧୮ ମାମଲା

୪୮,୦୧୮ଟି ଜଙ୍ଗଲ ଓ ଅବକାରୀ ସମ୍ପର୍କିତ ମାମଲା ପ୍ରତ୍ୟାହୃତ କରିବା ପାଇଁ ନିଷ୍ପତ୍ତି ହୋଇଛି। ଏହି ମାମଲାଗୁଡ଼ିକ ମଧ୍ୟରେ ଅବକାରୀ ବିଭାଗ ଅଧୀନରେ ଥିବା ୩୬,୫୮୧ ମାମଲା, ଗୃହ ବିଭାଗ ଅଧୀନରେ ୯୮୪୬ ଏବଂ ଜଙ୍ଗଲ ଓ ପରିବେଶ ବିଭାଗ ଅଧୀନରେ ୧୫୯୧ ମାମଲାକୁ ପ୍ରତ୍ୟାହାର କରାଯାଇଛି। ଏହିସବୁ ମାମଲା ପ୍ରତ୍ୟାହୃତ ହେବା ଦ୍ୱାରା କୋର୍ଟ ଓ ନ୍ୟାୟିକ ବ୍ୟବସ୍ଥା ଉପରୁ ମଧ୍ୟ ଚାପ ହ୍ରାସ ପାଇବ ।

ଆଜିର ସମ୍ପାଦକୀୟ: ଈଶ୍ୱର ଭାବନାରେ ଦ୍ୱନ୍ଦ୍ୱ










# ଏବର୍ଷ ଅଧିକ ଗରମ

**ଭୁବନେଶ୍ୱର, ୨୧।୨(ଅସମାପିକା ସାହୁ)**

- ହିଟ୍ ୱେଭ୍ ନେଇ ସତର୍କ କଲେ ଏସ୍ଆର୍‌ସି
- ଦ୍ୱିତୀୟ ଦିନରେ ବି ଭୁବନେଶ୍ୱର ଉତ୍ତପ୍ତ ସହର

ମାଘରେ ମୁଣ୍ଡଫଟା ଖରା। ଉପାନ୍ତଠାରୁ ଉପକୂଳ ପର୍ଯ୍ୟନ୍ତ ସବୁଠି ପାରଦ ଉପରମୁହାଁ। ସକାଳ ୧୦ଟା ପରେ ଘରୁ ବାହାରିବାକୁ ବି ଡର। ପ୍ରବଳ ଖରାରେ ସାରା ରାଜ୍ୟର ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଥିବାବେଳେ ଏବର୍ଷ ଅସ୍ୱାଭାବିକ ଜଳବାୟୁ ସହ ତାପମାତ୍ରା ଅଧିକ ରହିବ ବୋଲି ଆଶଙ୍କା କରାଯାଉଛି। ସେପଟେ ଗୁରୁବାର ପର୍ଯ୍ୟନ୍ତ ଉପକୂଳ ଓଡ଼ିଶାର କିଛି ଅଞ୍ଚଳରେ ଦିନରେ ଉଷ୍ମ ଏବଂ ଆର୍ଦ୍ର ପାଣିପାଗ ସ୍ଥିତି ଲାଗି ରହିବା ସମ୍ଭାବନା ଥିବାନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଅପରପକ୍ଷରେ ରାଜ୍ୟରେ ହିଟ୍ ୱେଭ୍‌ର ମୁକାବିଲା ପାଇଁ ଆଗୁଆ ସତର୍କ ଓ ସଜାଗ ରହିବାକୁ ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସ୍ଆର୍‌ସି) ସମସ୍ତ ଜିଲାପାଳ ଓ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଗ୍ରୀଷ୍ମ ପ୍ରବାହଜନିତ ବିପଦ ସମ୍ପର୍କରେ ଲୋକଙ୍କୁ ସଚେତନ କରାଇବା ସହ ଉକ୍ତ ବିପଦରୁ ମଣିଷ ଓ ପଶୁପକ୍ଷୀଙ୍କୁ ରକ୍ଷା କରିବା ପାଇଁ କ'ଣ କରାଯିବ ସେ ନେଇ ସଚେତନତା ଅଭିଯାନ ଆରମ୍ଭ କରାଯିବ। ଗ୍ରୀଷ୍ମ ପ୍ରବାହ ସମୟରେ ରାଜ୍ୟ ଓ ଜିଲାସ୍ତରରେ ଥିବା କଣ୍ଟ୍ରୋଲ ରୁମ୍ ୨୪ ଘଣ୍ଟିଆ କାର୍ଯ୍ୟ କରିବ। କାର୍ଯ୍ୟସ୍ଥଳ କିମ୍ବା ଅନ୍ୟ ଅଞ୍ଚଳରେ କୌଣସି ବ୍ୟକ୍ତିଙ୍କ ଅଂଶୁଘାତଜନିତ ମୃତ୍ୟୁ ଘଟିଲେ ୪୮ ଘଣ୍ଟା ମଧ୍ୟରେ ଏସ୍ଆର୍‌ସିଙ୍କ କାର୍ଯ୍ୟାଳୟରେ ରିପୋର୍ଟ ପହଞ୍ଚିବା ଦରକାର ବୋଲି କୁହାଯାଇଛି।

ପାଣିପାଗ କେନ୍ଦ୍ର ସୂଚନାନୁସାରେ, ରାଜଧାନୀ ଭୁବନେଶ୍ୱର ଦ୍ୱିତୀୟ ଦିନ ପାଇଁ ଅର୍ଥାତ୍ ବୁଧବାର ରାଜ୍ୟର ଉତ୍ତପ୍ତ ସହର ରହିଥିଲା। ମଙ୍ଗଳବାର ଭୁବନେଶ୍ୱରରେ ପାରଦ ୩୭ ଡିଗ୍ରୀ ଛୁଇଁଥିବାବେଳେ ବୁଧବାର ତାପମାତ୍ରା ୩୭.୪ ଡିଗ୍ରୀ ରେକର୍ଡ କରାଯାଇଛି। ତେବେ ରାଜ୍ୟର ୧୫ଟି ସହରରେ ତାପମାତ୍ରା ୩୫ ଡିଗ୍ରୀ ଉପରେ ରହିଥିଲାବେଳେ ଅନ୍ୟ ସହର ମଧ୍ୟରେ ଟିଟିଲାଗଡ଼ ୩୬, ଭବାନୀପାଟଣା ୩୬, ଚାନ୍ଦବାଲି ୩୫.୮, ଭଦ୍ରକ ୩୫.୮, ଝାରସୁଗୁଡ଼ା ୩୫.୬, ସୋନପୁର ୩୫.୫, ବୌଦ୍ଧ ୩୫.୫, ନୟାଗଡ଼ ୩୫.୪, ବଲାଙ୍ଗୀର ୩୫.୪, ଢେଙ୍କାନାଳ ୩୫.୨, କଟକ, ଅନୁଗୋଳ, ମାଲକାନଗିରି ଏବଂ ତାଳଚେରରେ ୩୫ ଡିଗ୍ରୀ ତାପମାତ୍ରା ରହିଥିଲା।

ସେପଟେ ଗୁରୁବାର ପଶ୍ଚିମାଝଡ଼ ପ୍ରଭାବରେ ଉତ୍ତର ଓଡ଼ିଶା ଏବଂ ଉପକୂଳ ଓଡ଼ିଶାର କିଛି ସ୍ଥାନରେ ହାଲୁକା ବର୍ଷା ହୋଇପାରେ। ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, ଯାଜପୁର, କେନ୍ଦ୍ରାପଡ଼ା ଜିଲାର ଗୋଟିଏ ଦୁଇଟି ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ବର୍ଷା ସହିତ ଘଡ଼ଘଡ଼ି ମଧ୍ୟ ହେବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି। ତେବେ ୨୬ ତାରିଖରୁ ରାଜ୍ୟରେ ଅଧିକ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ୨୬ରେ ବରଗଡ଼, ସୁନ୍ଦରଗଡ଼, ଝାରସୁଗୁଡ଼ା, କେନ୍ଦୁଝର, ସମ୍ବଲପୁର, ବଲାଙ୍ଗୀର, ସୋନପୁର ଏବଂ ଦେବଗଡ଼ ଜିଲାର କିଛି ସ୍ଥାନରେ ବର୍ଷା ହେବାର ଆଶଙ୍କା ରହିଥିବା ସୂଚନା ଦିଆଯାଇଛି।

## ଅଂଶୁଘାତ ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର, ୨୧।୨ (ଅସମାପିକା ସାହୁ)**

ରାଜ୍ୟରେ ବଢୁଥିବା ତାପମାତ୍ରାକୁ ଦୃଷ୍ଟିରେ ରଖି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି। ବିଶେଷକରି ଅଂଶୁଘାତ ପାଇଁ ପ୍ରସ୍ତୁତ ରହିବାକୁ ପ୍ରତି ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏ ସମ୍ପର୍କରେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର କହିଛନ୍ତି, ଜଳବାୟୁ ପରିବର୍ତ୍ତନ ଯୋଗୁ ଏବର୍ଷ ମାଘ ମାସରେ ଶୀତ ବଦଳରେ ତାପମାତ୍ରା ବଢ଼ି ଚାଲିଛି। ଯଦିଓ ବର୍ତ୍ତମାନ ସୁଦ୍ଧା ଖରାଜନିତ ସମସ୍ୟାର ଆଶଙ୍କା ଦେଖାଦେଇନି, ତଥାପି ଆମକୁ ଆଗୁଆ ସଚେତନ ଓ ପ୍ରସ୍ତୁତ ରହିବାକୁ ପଡ଼ିବ। ଅଂଶୁଘାତ ପାଇଁ ପ୍ରତି ଜିଲାକୁ ଷ୍ଟାଣ୍ଡାର୍ଡ ଆଡ୍‌ଭାଇଜରି ବା ଏସ୍ଓପି ଜାରି ହୋଇଛି। ଆଗକୁ ଅଂଶୁଘାତ ଭଳି ସ୍ଥିତି ଆସିଲେ ପ୍ରତି ଜିଲାକୁ ପୁଣିଥରେ ରିମାଇଣ୍ଡର ଦିଆଯିବ ବୋଲି ସେ କହିଛନ୍ତି। ଜାରି ହୋଇଥିବା ଏସ୍ଓପିରେ ଲୋକଙ୍କୁ ସତର୍କ କରାଇବା ସହ ମେଡିକାଲ ପ୍ରସ୍ତୁତ ରଖିବା, ଆବଶ୍ୟକ ଔଷଧ ମହଜୁଦ ରଖିବା, ପ୍ରତି ହସ୍ପିଟାଲରେ ଅଂଶୁଘାତ ଲାଗି ଡେଡିକେଟେଡ୍ ବେଡ୍ ରଖାଯିବାକୁ ନିର୍ଦ୍ଦେଶ ରହିଛି। ଅଂଶୁଘାତ ସମ୍ପର୍କିତ ତଥ୍ୟ ପ୍ରଦାନ ପାଇଁ ମଧ୍ୟ କୁହାଯାଇଛି। ଅନ୍ୟପକ୍ଷରେ ବରିଷ୍ଠ ନାଗରିକ, ମଦ୍ୟପାନ କରୁଥିବା ବ୍ୟକ୍ତି ଓ ବହୁବିଧ ରୋଗୀଙ୍କୁ ଅଂଶୁଘାତ ଆଶଙ୍କା ଅଧିକ ରହିଛି। ତେଣୁ ସେମାନେ ଅଧିକ ସତର୍କ ରହିବା ଆବଶ୍ୟକ ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ପରାମର୍ଶ ଦେଇଛନ୍ତି।

# ଆଜି କ୍ୟାବିନେଟ

**ଭୁବନେଶ୍ୱର,୨୧।୨(ଅନିଲ ଦାସ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନଠାରେ ଗୁରୁବାର ସନ୍ଧ୍ୟା ୬ଟା ୩୦ ମିନିଟରେ ରାଜ୍ୟ କ୍ୟାବିନେଟର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବ। ଏହି ବୈଠକରେ ପଞ୍ଚାୟତିରାଜ, ସ୍ୱାସ୍ଥ୍ୟ, ଉଚ୍ଚଶିକ୍ଷା, ନଗର ଉନ୍ନୟନ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ମିଶନ ଶକ୍ତି, ଶିଳ୍ପ , ସାଧାରଣ ପ୍ରଶାସନ ଆଦି ବିଭାଗର ପ୍ରାୟ ୧୬ଟି ପ୍ରସ୍ତାବ ଉପରେ ମୋହର ଲାଗିବା ସମ୍ଭାବନା ରହିଛି। ତେବେ କ୍ୟାବିନେଟକୁ ଆସିବାକୁ ଥିବା ଏଜେଣ୍ଡାଗୁଡ଼ିକୁ ସମ୍ପୂର୍ଣ୍ଣ ଗୁପ୍ତ ରଖାଯାଇଛି। ଆଗକୁ ନିର୍ବାଚନ ଥିବାରୁ ରାଜ୍ୟ ସରକାର କିଛି ନୂଆ ଯୋଜନା ଘୋଷଣା କରିବା ସମ୍ଭାବନା ରହିଛି। ଏଥିସହିତ ବିଭିନ୍ନ ବିଭାଗର ସରକାରୀ କର୍ମଚାରୀଙ୍କ ପାଇଁ କ୍ୟାଡର ପୁନର୍ଗଠନ ଉପରେ ମଧ୍ୟ ନିଷ୍ପତ୍ତି ହୋଇପାରେ।

# ପୋଖରୀରେ ବୁଡ଼ି ଭଉଣୀଭାଇ ମୃତ

**ବୋରିଗୁମ୍ମା,୨୧।୨ (ବିଜୟ ସାହୁ )**

କୋରାପୁଟ ଜିଲା ବୋରିଗୁମ୍ମା ଥାନା ଅନ୍ତର୍ଗତ ଅଞ୍ଚଳା ପଞ୍ଚାୟତର ବିରାହାଣ୍ଡି ଗ୍ରାମରେ ବୁଧବାର ଏକ ଅଭାବନୀୟ ଘଟଣା ଘଟିଯାଇଛି। ପୋଖରୀରେ ବୁଡିଯିବାରୁ ଭଉଣୀଭାଇଙ୍କ ମୃତ୍ୟୁ ହୋଇଛି। ଖବରରୁ ଜଣାପଡିଛି, ବିରାହାଣ୍ଡି ଗ୍ରାମର ସଦନ ଅମାନତ୍ୟଙ୍କ ପୁଅ ରାମକୃଷ୍ଣ (୫) ଓ ଯୋଗେଶ ଅମାନତ୍ୟଙ୍କ ଝିଅ ନବିନା (୫) ଦୁହେଁ ଘର ପାଖରେ ଥିବା ପୋଖରୀ ନିକଟକୁ ଖେଳିବାକୁ ଯାଇଥିଲେ। ଖେଳୁଥିବା ବେଳେ ଉଭୟଙ୍କ ଗୋଡ ଖସିଯିବାରୁ ପୋଖରୀ ପାଣି ଭିତରକୁ ଖସିପଡିଥିଲେ। ଫଳରେ ଦୁଇ ଭଉଣୀଭାଇ ପାଣିରେ ବୁଡି ଯାଇଥିଲେ। ଖବର ପାଇ ପରିବାର ଲୋକେ ପୋଖରୀ ନିକଟରେ ପହଞ୍ଚିବା ବେଳକୁ ଉଭୟଙ୍କ ମୃତ୍ୟୁ ହୋଇସାରିଥିଲା। ଏନେଇ ଥାନାରେ ଲିଖିତ ଭାବେ ଜଣାଇବା ପରେ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଥାନାରେ ଦୁଇଟି ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଆଇଆଇସି ଯୁଗଳ କିଶୋର ସା କହିଛନ୍ତି। ସୂଚନାଯୋଗ୍ୟ, ସଦନ ଓ ଯୋଗେଶ ୨ ଭାଇ ବୋଲି ଜଣାପଡିଛି।




**JYOTE MOTORS**
BHUBANESWAR: LEWIS ROAD: 9798190190. NAYAPALLI: 9798190190. TAMANDO: 9798190190. KEONJHAR: 9798190190. NAYAGARH: 9798190190. BALUGAON: 9798190190. ANANDPUR: 9798190190. KENDRAPARA: 9798190190. BALASORE: 9798190190. BHADRAK: 9798190190. BARIPADA: 9798190190. UDALA: 7064499950. RAIRANGPUR: 9853446906. JALESWAR: 7064499950. BASUDEVPUR: 9798190190.

**SKY AUTOMOBILES**
BHUBANESWAR: PATIA : 7381045356. CUTTACK: 9776677771, 7381873818. DHENKANAL: 7381045357. NARSHINGPUR: 7381045357. KAMAKHYANAGAR: 7381045357. JAJPUR: 9776900777, SALEPUR: 9583544555, CHANDIKHOL: 9583544555, TANGI: 7381045356.

**NARAYANI MOTORS**
BHUBANESHWAR: RASULGARH: 9583022019,7440019592,9583022013. JAGATSINGHPUR: 9583022090. PURI: 9583022035. NIMAPARA: 7381094851. PARADEEP: 9583022034/ 48. PURI HIGHWAY PIPLI: 9583022013. TIRTOL: 7381000159.

**ODYSSEY MOTORS**
ANGUL: 7752076136, 9776901481, PALLAHARA: 7873565435, 9437831123.

**TUSHI MOTORS**
CUTTACK: 9078076450. PANIKOILI: 9078076450. ATHAGARH: 9078076450.

*Offer includes consumer offer, exchange bonus and institutional or rural offer. Above mentioned savings amount is the value of maximum savings on selected models. **Terms and conditions apply. Finance scheme details mentioned in the advertisement are at the sole discretion of the financier and terms and conditions as specified by the financier shall apply. Credit at the sole discretion of the Bank. 100% on-road funding is provided by select financiers only. For more details, please contact your nearest ARENA dealership. Features and accessories shown may not be part of standard fitment. Black Glass Shade on the vehicle is due to the lighting effect. Images used are for illustration purposes only. Car color may vary due to printing on paper. Offers vary across variants. Maruti Suzuki India Limited reserves the right to discontinue offers without notice. The price given in the ad is based on Bhubaneswar prices and are subject to vary based on the dealer city. Above offers are valid till 29TH February 2024.

# ଈଶ୍ୱର ଭାବନାରେ ଦ୍ୱନ୍ଦ୍ୱ



ଦେବଦତ୍ତ ପଟ୍ଟନାୟକ

ଆଜିକାଲି ଲୋକମାନେ ଈଶ୍ୱର ଶବ୍ଦ ବେଶି ବ୍ୟବହାର କରୁଛନ୍ତି। ଯେତେବେଳେ ସେମାନେ ଈଶ୍ୱର ଶବ୍ଦ ବ୍ୟବହାର କରନ୍ତି ସେତେବେଳେ ଏହାକୁ ବଡ଼ ଅକ୍ଷରରେ ଲେଖନ୍ତି। ସେମାନେ ବାସ୍ତବରେ ଈଶ୍ୱର ସମ୍ପର୍କିତ ଯେଉଁ ଧାରଣା ବା ଭାବନା ସୂଚାଉଛନ୍ତି ତାହା ମଧ୍ୟପ୍ରାଚ୍ୟ ଏବଂ ଇହୁଦୀ, ଖ୍ରୀଷ୍ଟିଆନ ଓ ଇସ୍‌ଲାମ ସମ୍ପ୍ରଦାୟଗୁଡ଼ିକ ମଧ୍ୟରେ ସୃଷ୍ଟି ହୋଇଥିଲା। ଈଶ୍ୱରଙ୍କ ସମ୍ପର୍କିତ ଏହି ଭାବନା ବିଗତ ୧ ହଜାର ବର୍ଷ ମଧ୍ୟରେ ବିଶେଷକରି ବିଭିନ୍ନ ଉପନିବେଶିକ ଏବଂ ରାଜତନ୍ତ୍ର ଶକ୍ତି ମାଧ୍ୟମରେ ସାରା ବିଶ୍ୱରେ ବ୍ୟାପିଛି, ଯାହାକୁ ବର୍ତ୍ତମାନ ସମ୍ଭବତଃ ଏକ ବିଶ୍ୱସ୍ତରୀୟ ବିଷୟ ବୋଲି ଅନୁମାନ କରାଯାଉଛି। କିନ୍ତୁ ତାହା ସେମିତି କିଛି ନୁହେଁ। 'ଈଶ୍ୱର ଏକ'ଏହି ଏକେଶ୍ୱରବାଦ ସିଦ୍ଧାନ୍ତ ପୂର୍ବରୁ ନ ଥିଲା କିମ୍ବା ଏବେ ବି ନାହିଁ। କିନ୍ତୁ ଏହି ଏକେଶ୍ୱରବାଦୀ ଧାରଣା ସୁଦୂର ପ୍ରାଚ୍ୟ,ଚାଇନା, ଜାପାନ ସମେତ ଆମେରିକା, ଆଫ୍ରିକା ଏବଂ ଏସିଆର ଆଦିବାସୀମାନଙ୍କ ମଧ୍ୟରେ ରହିଛି, ଯେଉଁମାନେ ଏପର୍ଯ୍ୟନ୍ତ ଧର୍ମ ପରିବର୍ତ୍ତନ କରିନାହାନ୍ତି।

ହଲିଉଡ୍ ଚଳଚ୍ଚିତ୍ରରେ ଈଶ୍ୱର ଶବ୍ଦ ବ୍ୟବହାର ଦେଖିବାକୁ ମିଳେ। ଏହି ଈଶ୍ୱର ଶବ୍ଦ ଗ୍ରୀକ୍ ପୁରାଣ ଦ୍ୱାରା ସୃଷ୍ଟି ହୋଇଛି, ଯାହାଙ୍କୁ ସର୍ବଶକ୍ତିମାନ ଭାବରେ ବିବେଚନା କରାଯାଇଥାଏ ଏବଂ ସେହି ସର୍ବଶକ୍ତିମାନ୍‌ଙ୍କ କୌଣସି ଦାୟିତ୍ୱ କିମ୍ବା ଉତ୍ତରଦାୟିତ୍ୱ ନାହିଁ। ଏହା ସୁପର ହିରୋମାନଙ୍କ ପାଇଁ ମଡେଲ। ସେମାନେ ସାଧାରଣତଃ ଅତ୍ୟନ୍ତ ପ୍ରତିଯୋଗୀ। ଯେତେବେଳେ ସେମାନଙ୍କର ଜଣେ ସାଧାରଣ ଶତ୍ରୁ ଥାଏ ସେତେବେଳେ ସେମାନେ ଏକାଠି ହୋଇଯାଆନ୍ତି। ଈଶ୍ୱରଙ୍କର ଏହି ପରିଚିତ ଧାରଣା ସହ ଶକ୍ତି ନିବିଡ଼ ଭାବେ ଜଡ଼ିତ ରହିଛି, କିନ୍ତୁ ଦୟା କିମ୍ବା କରୁଣା କିମ୍ବା ଜ୍ଞାନ ନୁହେଁ।

ଖ୍ରୀଷ୍ଟିଆନ ଏବଂ ଇସ୍‌ଲାମ ପୁରାଣଗୁଡ଼ିକରେ ଗୋଟିଏ ସତ୍ତାରେ ଶକ୍ତି କେନ୍ଦ୍ରିତ ହୋଇଥାଏ। ଏହା ହେଉଛି କେନ୍ଦ୍ରୀକରଣ। ଏହା ହେଉଛି ସାମନ୍ତବାଦର ଆଧ୍ୟାତ୍ମିକ ଆଧାର। ଏହି ଉଭୟ ଧର୍ମରେ ଏକ କେନ୍ଦ୍ରୀୟ ଶକ୍ତିକୁ ସମସ୍ତେ ମାନନ୍ତି ଓ ତାହା ପ୍ରତି ବି ସମସ୍ତେ କୃତଜ୍ଞ। ଧର୍ମନିରପେକ୍ଷ ନାସ୍ତିକ ଦୁନିଆରେ ମଧ୍ୟ ଏହା ଜାରି ରହିଛି, ଯେଉଁଠାରେ ଭଗବାନ୍‌ଙ୍କ ବଦଳରେ ସର୍ବଶକ୍ତିମାନ୍ ନେତା (ଏକଚ୍ଛତ୍ରବାଦୀ ଶାସକ) କିମ୍ବା ସର୍ବଶକ୍ତିମାନ୍ ସରକାର (ବୁଦ୍ଧିଜୀବୀ, ଅମଲାତନ୍ତ୍ର ଏବଂ ବିଚାରପତିଙ୍କ ଦ୍ୱାରା ପରିଚାଳିତ) ଦ୍ୱାରା ସ୍ଥାପିତ ହୋଇଛନ୍ତି। 'କେବଳ ଈଶ୍ୱର ହିଁ ସର୍ବଶକ୍ତିମାନ୍',ଏହିଭଳି ବିଶ୍ୱାସ 'ଈଶ୍ୱର ଅନେକ' ବିଚାରକୁ ଶେଷ କରିଦିଏ, ଅର୍ଥାତ୍ ଏହା ଶକ୍ତିକୁ ଭାଗ ଭାଗ କରିବାକୁ ଦିଏ ନାହିଁ। ଖ୍ରୀଷ୍ଟିଆନ୍ ଏବଂ ଇସ୍‌ଲାମ ଧର୍ମ ଈଶ୍ୱରଙ୍କୁ ଦୟା ଓ କରୁଣାର ସତ୍ତା ବୋଲି କୁହନ୍ତି। କିନ୍ତୁ ଏହି କରୁଣା ଓ ଦୟା କେବଳ ତୁମେ ଧର୍ମ ପରିବର୍ତ୍ତନ କରିବା ପରେ ଆସିଥାଏ। ଏଠାରେ ଧର୍ମାନ୍ତର ଗୁରୁତ୍ୱପୂର୍ଣ୍ଣ। ଏହି ଗୋଷ୍ଠୀ ବାହାରେ ଥିବା ଲୋକଙ୍କ ପ୍ରତି କୌଣସି ଦୟା ନ ଥାଏ ଯାହା ଇହୁଦୀ ଏବଂ ଇସ୍‌ଲାମବାଦୀଙ୍କ ବାକ୍ୟରେ ସ୍ପଷ୍ଟ ହୋଇଥାଏ!



ବୌଦ୍ଧ ଏବଂ ଜୈନ ପୁରାଣରେ ଗୋଟିଏ ସର୍ବଶକ୍ତିମାନ୍ ଈଶ୍ୱରଙ୍କ ଧାରଣା ନାହିଁ। ଏହିସବୁ ଧର୍ମର ପୁରାଣଗୁଡ଼ିକରେ ଏକାଧିକ ଛୋଟବଡ଼ ଦେବତା ଅଛନ୍ତି ,ଯେଉଁମାନଙ୍କୁ ଶେଷରେ ତୀର୍ଥଙ୍କର କିମ୍ବା ବୁଦ୍ଧ ଭାବେ ସ୍ୱୀକାର କରାଯାଇଛି। ଏହି ତୀର୍ଥଙ୍କର କିମ୍ବା ବୁଦ୍ଧ ଜଗତକୁ ନିୟନ୍ତ୍ରଣ କରୁଥିବା ଶକ୍ତି ବିଷୟରେ ନ କହି ଲୋଭ, କ୍ଷୁଧା, ଈର୍ଷା, କ୍ରୋଧ, ଗର୍ବକୁ ପରାସ୍ତ କରିବାର ଶକ୍ତି ସମ୍ପର୍କରେ କହିଥାନ୍ତି। ଏଠାରେ ଐଶ୍ୱରୀୟଶକ୍ତି ସମାଜବିଜ୍ଞାନ ଅପେକ୍ଷା ଈଶ୍ୱର ମନୋବିଜ୍ଞାନ ସହ ଅଧିକ ଜଡ଼ିତ।

ହିନ୍ଦୁମାନଙ୍କର ଈଶ୍ୱରଙ୍କ ବିଷୟରେ ଏକ ଅତି ଜଟିଳ ଧାରଣା ରହିଛି। ଏଥିରେ ଭଗବାନ୍ ସର୍ବ ଶକ୍ତିମାନ୍ ନୁହନ୍ତି , ବରଂ ପ୍ରକୃତି ଏବଂ କର୍ମ ଆଧାରରେ ସେ ବିଦ୍ୟମାନ। ପୌରାଣିକ କଥାଗୁଡ଼ିକରେ ଅସୁର ସହ ଦେବତାଙ୍କ ଯୁଦ୍ଧ ବିଷୟରେ ବର୍ଣ୍ଣନା ଅଛି। ଏହିସବୁ ବିଚାର ପୂର୍ବ ଓ ଦକ୍ଷିଣ ଏସିଆର ଭାଷା ଓ ସଂସ୍କୃତିବିଦ୍‌ଙ୍କ ସହ ଗ୍ରୀକ୍ ପୁରାଣର ଦେବତା ଓ ଶକ୍ତିମାନ୍ ବ୍ୟକ୍ତିଙ୍କ ବର୍ଣ୍ଣନା ହିନ୍ଦୁଧର୍ମର ବିଚାରଗୁଡ଼ିକରେ ଦ୍ୱନ୍ଦ୍ୱ ସୃଷ୍ଟି କରିଥିଲା। ଆଞ୍ଚଳିକ ହୋଇଥିବାରୁ ସେହି ପୁରାଣଗୁଡ଼ିକ କେବଳ ଅହଂକାର ଦ୍ୱାରା ଜଡ଼ିତ ଜୀବଙ୍କୁ ପ୍ରକାଶ କରନ୍ତି। ସେମାନଙ୍କଠାରୁ ଉଚ୍ଚ ହେଉଛନ୍ତି ସନ୍ନ୍ୟାସୀ ହୋଇ ଗାର୍ହସ୍ଥ୍ୟ ଜୀବନ ବିତାଇଥିବା ଶିବ ଏବଂ ଗୃହସ୍ଥ ହୋଇ ସନ୍ନ୍ୟାସୀ ଭଳି ରହୁଥିବା ବିଷ୍ଣୁ। ଏମାନଙ୍କର କୌଣସି ଅହଂକାର ନାହିଁ। ଏହାସହ ଏମାନେ ବ୍ରହ୍ମାଣ୍ଡ ଧାରଣ କରନ୍ତି। କିନ୍ତୁ ଖ୍ରୀଷ୍ଟିଆନ ଏବଂ ଇସ୍‌ଲାମ ଏବଂ ଇହୁଦୀଙ୍କ ମଧ୍ୟରେ ଥିବା ଈଶ୍ୱର ଧାରଣା ଭଳି ଏମାନେ ଅଧୀନତା କିମ୍ବା କୌଣସି ଆଜ୍ଞା ପାଳନ କରନ୍ତି ନାହିଁ। ବାସ୍ତବତା ହେଉଛି, ଔପନିବେଶିକ ସମୟରୁ 'ଈଶ୍ୱର ଏକ' ଚିନ୍ତାଧାରାରେ ଅତ୍ୟଧିକ ଆକ୍ରାନ୍ତ ହିନ୍ଦୁମାନେ ଆଶ୍ଚର୍ଯ୍ୟ ହୁଅନ୍ତି ଯେ ଯଦି ଶିବ ଏବଂ ବିଷ୍ଣୁ ଏକ, ତେବେ ଚିତ୍ର ବିନା ସେମାନଙ୍କୁ କିଭଳି ସମ୍ବୋଧନ କରାଯାଇପାରିବ। ଏବଂ ଜଣେ ଦେବୀମାନଙ୍କୁ କିପରି ସ୍ଥାନିତ କରିହେବ? ଭଗବାନ୍, ଈଶ୍ୱର, ବ୍ରହ୍ମ ଏବଂ ଆତ୍ମା ପରି ବୈଦିକ ସିଦ୍ଧାନ୍ତଗୁଡ଼ିକ ମଧ୍ୟପ୍ରାଚ୍ୟ ଦେଶଗୁଡ଼ିକର ସର୍ବଶକ୍ତିମାନ୍ ଈଶ୍ୱରଙ୍କ ଭାବନା ସହ ସମାନ ହୋଇପାରିବ ନାହିଁ। ଏହି ଦୁଇ ସିଦ୍ଧାନ୍ତ ମଧ୍ୟରୁ ଶେଷଟି କେବଳ ରାଜନେତାଙ୍କୁ ବୁଝାଏ, ଯେଉଁମାନେ କେବଳ ଅହଂକାର ସହ ଜଡ଼ିତ।

ଈଶ୍ୱରଙ୍କ ବିଭିନ୍ନ ଧାରଣା ମଧ୍ୟରେ ଏହି ପ୍ରକାର ଦ୍ୱନ୍ଦ୍ୱ ବିଂଶଶତାବ୍ଦୀରେ ସୃଷ୍ଟି ହୋଇଥିଲା,ଯେତେବେଳେ ଲୋକମାନେ ସମସ୍ତ ଧର୍ମ ସମାନ ବୋଲି କହିବା ସହ ପୁରାଣ ଏବଂ ସୁବିଧାବାଦୀ (ପାଶ୍ଚାତ୍ୟ) ଦର୍ଶନ ତଥା ସମାନତା, ନ୍ୟାୟ ଓ ମାନବିକ ଅଧିକାର ଭଳି ଧାରଣାକୁ ଅଣଦେଖା କରିଥିଲେ। ଏହା ସହ ପ୍ରାଚୀନ ଗ୍ରୀକ୍ ଏବଂ ବାଇବଲରେ ବର୍ଣ୍ଣିତ ଶକ୍ତି ଧାରଣାର ମୂଳକଥାକୁ ହୃଦୟଙ୍ଗମ କରି ନ ଥିଲେ, ସେତେବେଳେ ଏଭଳି ଦ୍ୱନ୍ଦ୍ୱ ସାମ୍ନାକୁ ଆସିଥିଲା।

–devduttofficial@gmail.com

## ଏଇ ଭାରତରେ

ମଧ୍ୟପ୍ରଦେଶର ଜଣେ ଶିକ୍ଷକଙ୍କ ଉଦ୍ୟମରେ ଏକ ସ୍କୁଲର କଳେବର ପୂରା ବଦଳିଯାଇଛି। ରାଜଗଡ଼ର ମୋହନପୁର କଲୋନୀରେ ଥିବା ଇଣ୍ଟିଗ୍ରେଟେଡ ମିଡିଲ ସ୍କୁଲର ଶିକ୍ଷକ ଗୋପାଳ ବାଲୱାଲାଙ୍କ ଦ୍ୱାରା ଏହା ସମ୍ଭବ ହୋଇପାରିଛି। ଗୋପାଳ ତାଙ୍କ ସଞ୍ଚିତ ଟଙ୍କାରୁ ଖର୍ଚ୍ଚକରି ସ୍କୁଲରେ ରଙ୍ଗ ଦେବାଠାରୁ ଆରମ୍ଭ କରି ଜଳ ଯୋଗାଣ ବ୍ୟବସ୍ଥା କରିଛନ୍ତି। ଏହା ବ୍ୟତୀତ ସେ ଏକ ଲାଇବ୍ରେରି ଓ ବଗିଚା ମଧ୍ୟ କରିପାରିଛନ୍ତି। ଏସବୁ କାର୍ଯ୍ୟ ପାଇଁ ସେ ୩ ଲକ୍ଷ ଟଙ୍କା ଖର୍ଚ୍ଚ କରିଛନ୍ତି। ମୋହନପୁର ଡ୍ୟାମ୍ ନିର୍ମାଣ ସମୟରେ ବିସ୍ଥାପିତଙ୍କ ପାଇଁ ମୋହନପୁର କଲୋନୀ କରାଯାଇ ସେଠାରେ ଏହି ସ୍କୁଲ ଖୋଲାଯାଇଥିଲା। ହେଲେ ସ୍କୁଲର ରକ୍ଷଣାବେକ୍ଷଣ ପ୍ରତି କାହାରି ଦୃଷ୍ଟି ନ ଥିଲା। ଏଠାରେ ମାତ୍ର ୨୩ ଜଣ ପିଲା ପଢୁଥିଲେ। ୨୦୧୮ରେ ଗୋପାଳ ଭାଲୱାଲ ସ୍କୁଲରେ ଶିକ୍ଷକ ଭାବେ ଯୋଗଦେବା ପରେ ତାହାର ଅବସ୍ଥାରେ ପରିବର୍ତ୍ତନ ହେବା ଆରମ୍ଭ କରିଥିଲା। ସ୍କୁଲକୁ ଆକର୍ଷଣୀୟ କରିବା ପରେ ଏବେ ସେଠାରେ ୧୦୦ରୁ ଅଧିକ ପିଲା ପଢୁଛନ୍ତି। ଗୋପାଳଙ୍କ ଦ୍ୱାରା କରାଯାଇଥିବା ଲାଇବ୍ରେରିରେ ୨୦୦୦ରୁ ଊର୍ଦ୍ଧ୍ୱ ବହି ରହିଛି।

## ୫୦ ବର୍ଷ ତଳର ଧରିତ୍ରୀ

୨୨ ଫେବୃଆରୀ ୧୯୭୫

- ଜୟପୁରର ପୂର୍ବତନ ମହାରାଣୀଙ୍କ ପ୍ରାସାଦରୁ ୧୦ କୋଟି ଟଙ୍କା ମୂଲ୍ୟର ସୁନା ଇଟାର ସନ୍ଧାନ।
- ଶଙ୍କର ରାଓ ବି. ଚଭନଙ୍କ ନେତୃତ୍ୱରେ ମହାରାଷ୍ଟ୍ରର ନୂତନ ୨୫ ଜଣିଆ ମନ୍ତ୍ରିମଣ୍ଡଳର ଶପଥ ଗ୍ରହଣ।
- ଭାରତୀୟ ସ୍କୁଲ କ୍ରୀଡ଼ା ସଂଘର ପ୍ରତିଷ୍ଠାତା ତଥା ପ୍ରଥମ ସମ୍ପାଦକ ଅନିଲ ଚନ୍ଦ୍ର ଦାସଙ୍କ ୨୪ ବର୍ଷ ବୟସରେ ପରଲୋକ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 5 | 1 | | | | | | | 4 |
| | | 2 | | | | | | 3 |
| | 7 | | | | | | 2 | 8 |
| 7 | | 9 | | 5 | | 4 | | |
| | | | | 8 | | | 5 | |
| 8 | | | | 1 | 9 | | 3 | |
| 9 | | | | | 1 | 6 | | |
| 6 | | | | | | 8 | | |
| | 4 | 7 | 6 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 6 | 7 | 4 | 3 | 2 | 9 | 8 | 1 |
| 9 | 3 | 4 | 6 | 1 | 8 | 5 | 7 | 2 |
| 1 | 8 | 2 | 5 | 9 | 7 | 4 | 6 | 3 |
| 8 | 7 | 1 | 9 | 6 | 3 | 2 | 4 | 5 |
| 2 | 4 | 9 | 8 | 5 | 1 | 7 | 3 | 6 |
| 6 | 5 | 3 | 2 | 7 | 4 | 8 | 1 | 9 |
| 3 | 9 | 8 | 7 | 2 | 6 | 1 | 5 | 4 |
| 7 | 2 | 6 | 1 | 4 | 5 | 3 | 9 | 8 |
| 4 | 1 | 5 | 3 | 8 | 9 | 6 | 2 | 7 |

ଗତକାଲିର ଉତ୍ତର

# ଆର୍ଥିକ ସ୍ଥିତିର ବାସ୍ତବତା



ଡ. ସନ୍ତୋଷ କୁମାର ମହାପାତ୍ର

ଫେବୃଆରୀ ୧ରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଲୋକ ସଭାରେ ୨୦୨୪-୨୫ ଆର୍ଥିକ ବର୍ଷର ଅନ୍ତରୀଣ ବଜେଟ ଉପସ୍ଥାପନ କରିଥିଲେ। ଏହା ସୀତାରାମନଙ୍କ ଷଷ୍ଠ ଏବଂ ମୋଦି ସରକାରଙ୍କ ଦ୍ୱିତୀୟ ପାଳିର ଚୂଡ଼ାନ୍ତ ବଜେଟ। ସାଧାରଣତଃ ପୂର୍ଣ୍ଣାଙ୍ଗ ବଜେଟ, ଅନ୍ତରୀଣ ବଜେଟ ଓ ଲେଖାନୁଦାନ ମଧ୍ୟରେ ଅନେକ ତଫାତ୍ ରହିଛି। ପୂର୍ଣ୍ଣାଙ୍ଗ ବଜେଟ ଏକ ଆର୍ଥିକ ବର୍ଷ ପାଇଁ ଉପସ୍ଥାପନ କରାଯାଏ, ଯେତେବେଳେ ଗୋଟିଏ ସରକାର ସମ୍ପୂର୍ଣ୍ଣ ଆର୍ଥିକ ବର୍ଷ ଶେଷ କରିବାର ସମ୍ଭାବନା ଥାଏ। କିନ୍ତୁ ଯଦି କୌଣସି କାରଣରୁ ଏକ ସରକାର ସମ୍ପୂର୍ଣ୍ଣ ଆର୍ଥିକ ବର୍ଷ ଶେଷ କରିବାର ସମ୍ଭାବନା ନ ଥାଏ ବା ୨୦୨୪ ବର୍ଷ ପରି ମଝିରେ ନିର୍ବାଚନ ଥାଏ ବା ଏକ କାମଚଳା ସରକାର ଶାସନ କରୁଥାଏ, ତେବେ ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ ନ କରାଯାଇ ଅନ୍ତରୀଣ ବଜେଟ ଉପସ୍ଥାପନ କରାଯାଏ। ପୂର୍ଣ୍ଣାଙ୍ଗ ବଜେଟରେ ଆୟ, ବ୍ୟୟ ଏବଂ ଟିକସ ପ୍ରକ୍ରିୟାରେ ପରିବର୍ତ୍ତନ କରାଯାଏ। ସାଧାରଣତଃ ଅନ୍ତରୀଣ ବଜେଟରେ ଉଭୟ ଆୟ, ବ୍ୟୟ, ଟିକସ ବ୍ୟବସ୍ଥା ଥାଏ। କିନ୍ତୁ ଟିକସରେ ସାଧାରଣ କିଛି ପରିବର୍ତ୍ତନ କରାଯାଏନାହିଁ। ଅନ୍ତରୀଣ ବଜେଟ ବୋଲି କିଛି ନାହିଁ।

ସାଧାରଣତଃ ସରକାର ବଜେଟରୁ ବା କନ୍‌ସୋଲିଡେଟେଡ୍ ପାଣ୍ଠିରୁ ଟଙ୍କାଟିଏ ଖର୍ଚ୍ଚ କରିବାକୁ ହେଲେ ସଂସଦରେ ଅନୁମୋଦିତ ହେବା ଆବଶ୍ୟକ। ଉପସ୍ଥାପନ ପରେ ସଂସଦରେ ଆଲୋଚନା ହୋଇ ଗୃହୀତହେବାକୁ ସମୟ ଲାଗେ। ଯଦି ଆର୍ଥିକ ବର୍ଷ ଆରମ୍ଭରୁ ଅନୁମୋଦନ ନ ହୁଏ ତେବେ କୌଣସି ସରକାରୀ ବ୍ୟୟ ହୋଇପାରିବ ନାହିଁ। ଅନେକ କାର୍ଯ୍ୟ ବନ୍ଦ ହୋଇଯିବ। ଏଣୁ କିଛି ମାସ ପାଇଁ (ମନେକର ୨ରୁ ୪ମାସ) ପାଇଁ ବ୍ୟୟବରାଦ କରାଯାଇ ଆବଶ୍ୟକ 'ଲେଖାନୁଦାନ' ବା 'ଭୋଟ ଅନ୍ ଆକାଉଣ୍ଟ' ହିସାବରେ ଉପସ୍ଥାପନ କରାଯାଇ ସଂସଦରେ ଗୃହୀତ କରାଯାଏ ; ଯାହାକୁ ଦଳମତ ନିର୍ବିଶେଷରେ ସମସ୍ତେ ସଂସଦରେ ସମର୍ଥନ କରନ୍ତି। ସୂଚନାଯୋଗ୍ୟ, ଆସନ୍ତା ଏପ୍ରିଲ-ମେ'ରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବ। ନୂଆ ସରକାର ଗଠନ ପରେ ଜୁଲାଇରେ ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ କରାଯିବ।

ଏହି ବଜେଟକୁ ନେଇ ମିଶ୍ରିତ ପ୍ରତିକ୍ରିୟା ଦେଖାଦେଇଛି। କୁହାଯାଉଛି ଏହା ୨୦୪୭ର ବିକଶିତ ଭାରତର ମୂଳଦୁଆକୁ ଦୃଢ଼ କରିବ। ବିରୋଧୀମାନେ ଏହାକୁ ନୈରାଶ୍ୟଜନକ କହିଛନ୍ତି। ବଜେଟକୁ ନେଇ ଏତେ ମାତ୍ରାରେ ପ୍ରଚାର କରାଯାଉଛି ଯେପରି ଦେଶରେ କିଛି ସମସ୍ୟା ନାହିଁ ଓ ସମସ୍ତେ ଘିଅମହୁରେ ଭାସୁଛନ୍ତି। ଯଦି ଦେଶରେ ସବୁ ଠିକ୍ ଚାଲିଛି, ତେବେ ସରକାରଙ୍କୁ ୮୦ କୋଟି ଲୋକଙ୍କୁ କାହିଁକି ମାଗଣା ଖାଦ୍ୟଶସ୍ୟ ଯୋଗାଇଦେବାକୁ ପଡୁଛି। ଯିଏ ସୁଖରେ ଅଛି, ତାହା କଥା ସରକାର କହିବା ଅନୁଚିତ, ବରଂ ଯିଏ ଦୁଃଖ ସମସ୍ୟାରେ ଅଛି, ତାହା କଥା କହିବା ଉଚିତ। ଯିଏ ସରକାର ଗଠନ କରୁନା କାହିଁକି, ସବୁ ସମସ୍ୟା ସମାଧାନ କରି ପାରିବନାହିଁ। କିନ୍ତୁ ଯେଉଁ ସମସ୍ୟା ଦେଖାଦେଇଛି, ତାକୁ ସ୍ୱୀକାରକରି ସମାଧାନ ପାଇଁ ପ୍ରୟାସ କରିବା ସରକାରଙ୍କ କର୍ତ୍ତବ୍ୟ।

ବାସ୍ତବ କଥା ହେଉଛି, ଯେଉଁ ଦଳ ଶାସନ କରୁନା କାହିଁକି, ପ୍ରତ୍ୟେକ ବର୍ଷ ଆପେ ଆପେ ନାମାଙ୍କନ ମୂଲ୍ୟରେ ଅଧିକ ଟିକସ ଆଦାୟ ବୃଦ୍ଧି ଘଟିବ ଏବଂ ବଜେଟର ଆକାର ମଧ୍ୟ ବୃଦ୍ଧିପାଇବ। ଏପରିକି ମୁଦ୍ରାସ୍ଫୀତି ଯୋଗୁ ନାମାଙ୍କନ ମୂଲ୍ୟରେ ଆପେ ଆପେ ବୃଦ୍ଧି ପାଇବ ; ଯେପରି ୧୯୫୦-୫୧ରେ ନାମାଙ୍କନ ଜିଡିପି ୧୦,୦୩୬ କୋଟି ଟଙ୍କା ଥିଲାବେଳେ ବଜେଟର ଆକାର ମାତ୍ର ୩୫୭.୪୯ କୋଟି ଟଙ୍କା ଥିଲା। ୨୦୨୩-୨୪ରେ ନୋମିନାଲ ବା ନାମାଙ୍କନ ଜିଡିପି ୨୯୬,୫୭,୭୪୫ କୋଟି ଟଙ୍କା ହୋଇଥିଲା, ଯାହା ସଂଶୋଧିତ ଅଟକଳରେ ଏହା ୪୪. ୯ ଲକ୍ଷ କୋଟି ହୋଇଛି। ଅବଶ୍ୟ ଧାର୍ଯ୍ୟ ବଜେଟ ଅଟକଳ ୪୫.୦୩ ଲକ୍ଷ କୋଟି ଟଙ୍କାରୁ ଏହା କମ୍।



ଯେହେତୁ ବଜେଟର ଆକାର ଆପେ ଆପେ ବୃଦ୍ଧି ପାଉଛି, ଯିଏ ଶାସନ କରୁନା କାହିଁକି କିଛି ନୂତନ ଯୋଜନା କରିବ, ପୁରୁଣା ଯୋଜନାକୁ ଅଧିକ ସକ୍ରିୟ କରିବ। ଏଣୁ କିଛି ଯୋଜନାକୁ ଭିତ୍ତିକରି ବଜେଟର ଭଲମନ୍ଦ ବିଚାର କରାଯାଏ ନାହିଁ। ସେହିପରି କୌଣସି ସରକାର ନିଜେ ଦେଉଛନ୍ତି ବୋଲି କେବେ କହିବା ଅନୁଚିତ। ଏକ ବଜେଟରେ ବ୍ୟୟ ବୃଦ୍ଧି ଘଟିଛି ବୋଲି କୁହାଯିବ ଯଦି ଏହା ନାମାଙ୍କନ ବୃଦ୍ଧି ସହ ତାଳଦେଇ ବୃଦ୍ଧି ପାଏ ବା ମୋଟ ଜିଡିପି ଅନୁସାରେ ବୃଦ୍ଧି ପାଏ। ୨୦୨୪-୨୫ ବର୍ଷ ପାଇଁ ବଜେଟ ବ୍ୟୟ ଅଟକଳ ୪୯.୦୬ ଲକ୍ଷ କୋଟି ଟଙ୍କାରେ ଧାର୍ଯ୍ୟ କରାଯାଇଛି। ୨୦୨୩-୨୪ ନୋମିନାଲ ବା ନାମାଙ୍କନ ଅଭିବୃଦ୍ଧି ୧୦.୫% ଧାର୍ଯ୍ୟ କରାଯାଇଥିଲାବେଳେ ବାସ୍ତବରେ ଏହା ହ୍ରାସ ପାଇ ୮.୯% ହୋଇଛି। ନାମାଙ୍କନ ଜିଡିପି ୨୦୨୪-୨୫ରେ ପୂର୍ବବର୍ଷ ତୁଳନାରେ ୧୦.୫% ବୃଦ୍ଧି ପାଇ ୩୨୭, ୭୧, ୮୦୮ କୋଟି ଟଙ୍କା ହେବ। ଅର୍ଥାତ୍ ନାମାଙ୍କନ ଅଭିବୃଦ୍ଧି ୧୦.୫% ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଥିଲା ବେଳେ ବଜେଟ ବ୍ୟୟ ଅଟକଳ ମାତ୍ର ୬.୧% ବୃଦ୍ଧି ପାଇବ ବୋଲି ଧାର୍ଯ୍ୟ କରାଯାଇଛି। ଏହା ଦର୍ଶାଉଛି, ବ୍ୟୟ ଅଟକଳ ନାମାଙ୍କନ ଅଭିବୃଦ୍ଧି ସହ ତାଳଦେଇ ବୃଦ୍ଧିପାଇବ ନାହିଁ ଏବଂ ଏହା ଏକ ସଙ୍କୁଚିତ ବଜେଟ। ପୁନଶ୍ଚ ଏହି ବୃଦ୍ଧି ହାର ଗତ ୬ ବର୍ଷରେ ସର୍ବନିମ୍ନ। ୨୦୧୯-୨୦ରେ ୧୬%, ୨୦୨୦-୨୧ରେ କରୋନା ମହାମାରୀ ଯୋଗୁ ୩୦.୭%, ୨୦୨୧-୨୨ରେ ୮.୧%, ୨୦୨୨-୨୩ରେ ୧୦.୫% ଏବଂ ୨୦୨୩ -୨୪ରେ ୭.୧%ବୃଦ୍ଧି ପାଇଥିଲା।

ଅତ୍ୟନ୍ତ ଚିନ୍ତାଜନକ ହେଉଛି ଜିଡିପି ଅନୁସାରେ ଭାରତରେ ମୋଟ ବ୍ୟୟବରାଦ ବହୁତ କମ୍। ୨୦୨୦-୨୧ରେ ମୋଟ ବ୍ୟୟବରାଦ ଜିଡିପିର ୧୭.୭% ଥିଲାବେଳେ ୨୦୨୧-୨୨ ରେ ୧୫.୯୩%, ୨୦୨୨-୨୩ରେ ୧୫.୩୪%, ୨୦୨୩-୨୪ରେ ଏହା ୧୫. ୧୩%କୁ ହ୍ରାସ ପାଇଥିଲାବେଳେ ୨୦୨୪-୨୫ରେ ୧୩.୭୦% ହେବ ବୋଲି ଧାର୍ଯ୍ୟ କରାଯାଇଛି। ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି ଅନୁସାରେ ଏହା ଫ୍ରାନ୍ସରେ ୫୮.୩୪%, ଜାପାନ ୪୪.୦୯%, ସୁଇଡେନ୍ ୪୭.୩୨%, ଆମେରିକା ୩୬.୨୬ %, ବ୍ରିଟେନରେ ୪୪.୩%। ୧୯୭୦ରୁ ୨୦୨୩ ମଧ୍ୟରେ ଭାରତରେ ଏହା ହାରାହାରି ୧୫.୧୧% ହୋଇଥିଲା ବେଳେ ୧୯୮୬ରେ ସର୍ବାଧିକ ରେକର୍ଡ ୧୯.୪୨% ଏବଂ ୧୯୭୦ରେ ରେକର୍ଡ ସର୍ବନିମ୍ନ ୧୧.୮୧% ପହଞ୍ଚିଥିଲା।

ଯେତେବେଳେ କେନ୍ଦ୍ର ବଜେଟ ଆକାର ବୃଦ୍ଧିପାଉନାହିଁ, ସେତେବେଳେ କେତେକ କ୍ଷେତ୍ରରେ ବ୍ୟୟ ବୃଦ୍ଧି ପାଇଲାବେଳେ କିଛି କ୍ଷେତ୍ରରେ ହ୍ରାସ ପାଉଛି। ଯଦି ମୁଦ୍ରାସ୍ଫୀତିକୁ ବିଚାରକୁ ନେବା ତେବେ ହ୍ରାସ ବେଶି ଅଧିକ ହେବ। କେନ୍ଦ୍ର ସରକାରଙ୍କ ବ୍ୟୟ ଜିଡିପି ଅନୁସାରେ ସଙ୍କୁଚିତ ହେଉନି ବରଂ ରାଜ୍ୟକୁ ଦେଉଥିବା ତାଙ୍କ ଅଂଶ ମଧ୍ୟ ହ୍ରାସ ପାଉଛି, ଯାହା ସଂଘୀୟ ବ୍ୟବସ୍ଥାର ପରିପନ୍ଥୀ।

ଅର୍ଥ କମିଶନ ଅନୁସାରେ ବିଭାଜିତ ପାଣ୍ଠିରୁ ରାଜ୍ୟଗୁଡ଼ିକ ୪୨% (ଜମ୍ମୁ ଓ କଶ୍ମୀରକୁ ୨ଭାଗ ଯୋଗୁ ପଞ୍ଚଦଶ ଅର୍ଥ କମିଶନ ଅନୁସାରେ ୪୧%) ପାଇବା କଥା। କିନ୍ତୁ ସରଚାର୍ଜ, ସେସ୍ ଯୋଗୁ ଏହା କମ୍ ମିଳୁଛି। କାରଣ ସରଚାର୍ଜ, ସେସ୍ ଦ୍ୱାରା ସଂଗୃହୀତ ସମ୍ବଳରେ ରାଜ୍ୟର କିଛି ଅଂଶ ନ ଥାଏ। ୨୦୧୬-୧୭ରେ ରାଜ୍ୟଗୁଡ଼ିକ କେନ୍ଦ୍ରୀୟ ବିଭାଜନ ପାଣ୍ଠିରୁ ୩୫% ପାଉଥିଲା ବେଳେ ୨୦୨୨-୨୩ ରେ ୩୧.୧୭% ପାଇଥିଲେ। ୨୦୨୩-୨୪ର ସଂଶୋଧିତ ଅଟକଳରେ ଏହା ୩୦.୦%କୁ ହ୍ରାସ ପାଇଛି। ସବୁଠାରୁ ଚିନ୍ତାଜନକ ବିଷୟ ହେଉଛି କିଛି ବର୍ଷ ହେବ ଶିକ୍ଷା,ସ୍ୱାସ୍ଥ୍ୟ ତଥା ଅନ୍ୟାନ୍ୟ ସାମାଜିକ କ୍ଷେତ୍ରରେ ବଜେଟର ମୋଟ ବ୍ୟୟ ଅଟକଳ ଅନୁପାତରେ ବ୍ୟୟ ହ୍ରାସ ପାଉଛି। ବର୍ତ୍ତମାନ ଦରଦାମ ବୃଦ୍ଧି, ବେକାରି, ବୈଷମ୍ୟ, ବଞ୍ଚିବା ଅଧିକ ବ୍ୟୟ ସାପେକ୍ଷ ହେବା ସହ ସାମାଜିକ ଅସ୍ଥିରତା ସୃଷ୍ଟି କରିଛି।

ମୋ: ୯୪୩୭୨୦୮୭୬୨

# ନିଜର ବୋଲି ନ ଥିବେ କେହି



ରାକେଶ ପଣ୍ଡା

ପ୍ରାଚୀନ କାଳରୁ ଲୋକେ ଯୌଥ ପରିବାରରେ ଗୋଟିଏ ଛାତ ତଳେ ରହି ଆସୁଥିଲେ, ଯେଉଁଥିରେ ଜଣେ ଗୁରୁଜନ ପରିବାରର ମୁଖିଆ ହୋଇଥା'ନ୍ତି। ଉକ୍ତ ପରିବାର ଏକ ନୀତି, ନିୟମ ଏବଂ ଆଦର୍ଶ ସହ ଚାଲିଥାଏ। ଏକାଠି ରହିବା ଦ୍ୱାରା ପ୍ରତ୍ୟେକ ସଦସ୍ୟଙ୍କ ମାନସିକ, ଆର୍ଥିକ ଏବଂ ଶାରୀରିକ ସହଯୋଗ ପରସ୍ପର ପ୍ରତି ଅତି ନିବିଡ଼ ଭାବରେ ରହିଥାଏ। ପରିବାରର ପ୍ରତ୍ୟେକ ସଦସ୍ୟ ଘର ଖର୍ଚ୍ଚ ବହନରେ ସହାୟତା କରିଥା'ନ୍ତି ଏବଂ ଜଣଙ୍କ ଉପରେ ଆର୍ଥିକ ଭାର ବା ବୋଝ ପଡ଼ି ନ ଥାଏ। କୌଣସି ଏକ ଅସୁବିଧାକୁ ସମସ୍ତେ ଏକାଠି ହୋଇ ସାମ୍ନା କରନ୍ତି ଏବଂ ମିଳିମିଶି ତା'ର ସମାଧାନର ରାସ୍ତା ବାହାର କରିଥା'ନ୍ତି। ଜଣଙ୍କର ଉପସ୍ଥିତି ଆଉ ଜଣଙ୍କୁ ଏକ ସାହାରା ପରି କାମ ଦେଇଥାଏ। ଗୁରୁଜନମାନଙ୍କଠାରୁ ପିଲାମାନଙ୍କୁ ପ୍ରାଥମିକ ଶିକ୍ଷା ଏବଂ ଉଚିତ୍ ସଂସ୍କାର ମଧ୍ୟ ପ୍ରାପ୍ତି ହୁଏ। ସଦସ୍ୟଙ୍କର ବୃଦ୍ଧାବସ୍ଥା ତଥା ଅନ୍ତିମ ସମୟ ଉପଯୁକ୍ତ ସେବା ଶୁଶ୍ରୂଷା, ଶାନ୍ତି ଏବଂ ଖୁସିରେ କଟିଥାଏ।

କିଛି ଦିନ ତଳେ ଜଣେ ବାଲ୍ୟବନ୍ଧୁଙ୍କ ଘରେ ଉପସ୍ଥିତ ଥିବା ସମୟରେ ତାଙ୍କର ଧର୍ମପତ୍ନୀ ରୋଷେଇ ଘର ମଧ୍ୟରୁ ଡାକ ଛାଡିଲେ, ପୁଅକୁ ଟିକେ ନିଅ। ସେ ବହୁତ ହଇରାଣ କରୁଛି। ତାହା ଶୁଣି ବନ୍ଧୁ ଜଣଙ୍କ ସେଠାକୁ ଧାଇଁଗଲେ। ପୁଅକୁ ସାଙ୍ଗରେ ଧରି ଆଣି ଚାପୁଡାଟାଏ ତା' ଗାଲରେ କଷିଦେଲେ। ସେ ଭେଁ ଭେଁ ହୋଇ କାନ୍ଦିବାରୁ ଉଚ୍ଚ ସରରେ ତାକୁ ଗାଳି କରିବାକୁ ଲାଗିଲେ। ତାହା ଦେଖି ମୁଁ ତାଙ୍କୁ କହିଲି, ଛୋଟ ପିଲାଟାକୁ ଗାଳି କିମ୍ବା ମାଡ଼ ନ ଦେଇ ଭଲରେ ବୁଝେଇ କୁହ। ସେ କହିଲେ, ଓଃ.. ତୁମେ ଜମା ଜାଣିନ ଏ ପିଲା ଏତେ ଦୁଷ୍ଟ ଯେ, ପ୍ରତିଟି ସମୟରେ ମୁଣ୍ଡ ଖରାପ କରିଦେଉଛି। ମୁଁ କହିଲି, ମଉସା, ମାଉସୀଙ୍କୁ ଟିକେ କହନ୍ତୁ ତାକୁ କିଛି ସମୟ ରଖିବେ। ତାହା ଶୁଣି ବନ୍ଧୁ ଜଣଙ୍କ କହିଲେ, ମୁଁ ଏବେ ଅଲଗା ରହୁଛି। ବାପା ଚାହୁଁଥିଲେ, ମୋ' ବଡ଼ଭାଇ ଏବଂ ଦାଦା, ଖୁଡ଼ୀଙ୍କ ସହ ମିଶି ଏକାଠି ରହିବାକୁ। ହେଲେ ଏତେ ବଡ଼ ପରିବାରରେ ମୋତେ ଅଣନିଃଶ୍ୱାସ ଲାଗିଲା। ସେଥିପାଇଁ ମୁଁ ଅଲଗା ହୋଇଗଲି। ମୁଁ କହିଲି, ସାମାନ୍ୟ ଗୋଟିଏ ଛୋଟ ପିଲାକୁ ତୁମେ ଆଜି ସମ୍ଭାଳିବାକୁ ଅକ୍ଷମ। ତେବେ ଚିନ୍ତା କର, ପାଞ୍ଚ ଜଣ ଭାଇ ଭଉଣୀଙ୍କୁ ତୁମର ବାପା, ମା' କେମିତି ଲାଳନପାଳନ କରିଥିବେ? ତାହା କେବଳ ସମ୍ଭବ ହୋଇପାରିଥିଲା ଗୋଟିଏ ଛାତ ତଳେ ଏକାଠି ରହୁଥିବା ପରିବାରର ପ୍ରତ୍ୟେକ ସଦସ୍ୟଙ୍କ ଅବଦାନ ଯୋଗୁ।

ତେବେ ଆଜିର ଆଧୁନିକ ସମାଜରେ ପ୍ରତ୍ୟେକ ବ୍ୟକ୍ତି ନିଜର ବ୍ୟକ୍ତିଗତ ଜୀବନଶୈଳୀକୁ ନେଇ ଆଗକୁ ବଢ଼ିବାକୁ ଚାହାନ୍ତି। ଅପରପକ୍ଷରେ ପରିବାର ନିମନ୍ତେ ରହିଥିବା ଆର୍ଥିକ, ଶାରୀରିକ ଏବଂ ମାନସିକ ଦାୟିତ୍ୱ ମଧ୍ୟରୁ ନିଜକୁ ଦୂରେଇନେବା ଲାଗି ସେମାନେ ନିଜର ପରିବାର ସଦସ୍ୟ ଏମିତିକି ମାତାପିତାଙ୍କ ସହ ରହିବାକୁ ମଧ୍ୟ କୁଣ୍ଠାବୋଧ କରୁଛନ୍ତି। ବିଶେଷକରି ଆଜିର ଯୁବବର୍ଗ ବ୍ୟକ୍ତିଗତ ସ୍ୱାର୍ଥ, ଉନ୍ନତି ଏବଂ ଲାଭକୁ ଦୃଷ୍ଟିରେ ରଖି ତଥା ସେଗୁଡ଼ିକୁ ପ୍ରାଥମିକତା ଦେଇ ନିଜ ପରିବାରଠାରୁ ଦୂରେଇ ଯାଉଛନ୍ତି। ବିଭିନ୍ନ ଗଣମାଧ୍ୟମରେ ଏହିପରି ଅନେକ ଘଟଣା ନଜରକୁ ଆସେ ଯେ, ସମାଜରେ ବୃଦ୍ଧ ମା'ବାପାମାନେ ନିଜର ପ୍ରତିଷ୍ଠିତ ପୁଅ ଏବଂ ଝିଅମାନଙ୍କ ଦ୍ୱାରା ଅବହେଳିତ ତଥା ବିତାଡ଼ିତ ହୋଇ ବୃଦ୍ଧାଶ୍ରମରେ ସମୟ କାଟୁଛନ୍ତି। ଯଦ୍ୱାରା ସାମୟିକ ଖୁସି ପାଇଁ ଆଜିର ଝିଅ ପୁଅମାନେ ଅଜାଣତରେ ଏକ ଖରାପ ଉଦାହରଣ ନିଜର ପିଲା ମାନଙ୍କ ପାଇଁ ମଧ୍ୟ ସୃଷ୍ଟି କରୁଛନ୍ତି ।

ଏହି ପରିପ୍ରେକ୍ଷୀରେ କୁହାଯାଇପାରେ ଯେ, ଉକ୍ତ ଚିନ୍ତାଧାରା ଓ କାର୍ଯ୍ୟକଳାପରେ ଏକ ଦୃଷ୍ଟାନ୍ତମୂଳକ ପରିବର୍ତ୍ତନ ନ ଆସିଲେ ତାହା ହୁଏତ ଆସନ୍ତା ଦିବସଗୁଡ଼ିକରେ ପରିବାରର ଆଗାମୀ ପିଢ଼ି ନିମନ୍ତେ ଏକ ଖରାପ ଉଦାହରଣ ସାଜିବ। ତାହା ଦ୍ୱାରା ସେମାନେ ନିଜର ଚିନ୍ତାଧାରାକୁ ଧର୍ମପତ୍ନୀ ଓ ଜନ୍ମିତ ଝିଅପୁଅଙ୍କ ନିକଟରେ କେନ୍ଦ୍ରୀଭୂତ କରି ରଖିବେ ଏବଂ ପିତା, ମାତା, ଭାଇ, ଭଉଣୀ ଓ ପରିବାରର ଅନ୍ୟ ସଦସ୍ୟଙ୍କଠାରୁ ଅଲଗା ହୋଇ ରହିବାକୁ ପସନ୍ଦ କରିବେ। ଧୀରେ ଧୀରେ ଗୋଟିଏ ଛାତ ତଳେ ରହିବାର ଯେଉଁ ଖୁସି, ଆନନ୍ଦ, ସହଭାଗିତା, ତ୍ୟାଗ ଓ ସୁରକ୍ଷା ସମୟର ଦିଗ୍‌ବଳୟ ମଧ୍ୟରେ ବିଲୀନ ହୋଇଯିବେ। ଦିନ ଆସିବ, ଜଣେ ବ୍ୟକ୍ତି ନିକଟରେ ନିଜର ବୋଲି ମଣିଷ କେହି ନ ଥିବେ!

ବନ୍ଧାଲୋ, ଟାଙ୍ଗୀ, କଟକ
ମୋ: ୯୩୩୭୮୯୭୬୫୦

## ଚିରନ୍ତନୀ

ମାସେ ହେଲେ କାହୁଁ ଦେବ
ନାହିଁ ତାର ଭାବନା ତ
ଦେଖାଯିବ ଏହିନାଗେ
ଚକେ ଗଲେ ବାରହାତ।

–(ଚାଷୀର ଭାଗ୍ୟ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଆପାର୍ଟମେଣ୍ଟ ପଞ୍ଜୀକରଣରେ ଶିଥିଳତା କାହିଁକି

ମହାଶୟ,

ଆମ ରାଜଧାନୀରେ ଗଢ଼ିଉଠିଥିବା ଆପାର୍ଟମେଣ୍ଟଗୁଡ଼ିକରୁ ଅଧୁନା ପ୍ରାୟ ୧୦,୦୦୦ ଆପାର୍ଟମେଣ୍ଟ ପଞ୍ଜୀକରଣ ନ ହୋଇ ପଡ଼ିରହିଛି। ଏହା ଉପଯୁକ୍ତ କ୍ରେତାମାନଙ୍କୁ ହସ୍ତାନ୍ତର ହୋଇପାରୁନାହିଁ। ଆପାର୍ଟମେଣ୍ଟ ପଞ୍ଜୀକରଣ ନ ହୋଇପାରିବାରୁ ମାତ୍ର ହାତଗଣତି କେତୋଟି ଆପାର୍ଟମେଣ୍ଟରେ କ୍ରେତାମାନଙ୍କୁ ଏହାର ପଜେଶନ ମିଳିପାରିଛି। ବିଡ଼ମ୍ବନାର ବିଷୟ, ବିଗତ ୩୮ ବର୍ଷ ହେବ ଏହି ନିୟମ ପଞ୍ଜୀକରଣ ହୋଇପାରୁନାହିଁ। ୧୯୮୨ ମସିହାରୁ ବିନା ପଞ୍ଜୀକରଣରେ କେତେକ ଆପାର୍ଟମେଣ୍ଟ କ୍ରେତାଙ୍କୁ ହସ୍ତାନ୍ତର କରାଯାଇଥିଲା। କିନ୍ତୁ ଅଦ୍ୟାବଧି ଯଥା ପୂର୍ବଂ ତଥା ପର ନୀତିରେ ସେଗୁଡ଼ିକ ସେହିପରି ପଡ଼ିରହିଛି। ଏପଟେ ରାଜସ୍ୱ ବିଭାଗର ଆୟ ବୃଦ୍ଧି ହେବା ପାଇଁ ଆପାର୍ଟମେଣ୍ଟଗୁଡ଼ିକ ଛତୁ ଫୁଟିଲାଭଳି ବଢ଼ି ବଢ଼ି ଚାଲିଛି। ପ୍ରଶ୍ନ ଉଠୁଛି, ଆପାର୍ଟମେଣ୍ଟଗୁଡ଼ିକର ସୁରକ୍ଷା ଯଦି ନିର୍ମାଣ ପୂର୍ବରୁ ପଞ୍ଜୀକରଣ କରାଯାଆନ୍ତା ତା'ହେଲେ ଘଟୁଥିବା ଅଗ୍ନିକାଣ୍ଡ ଓ ଅନ୍ୟାନ୍ୟ ଦୁର୍ଘଟଣାଜନିତ କ୍ଷୟକ୍ଷତିକୁ ବହୁ ପରିମାଣରେ ଏଡ଼ାଇ ଦିଆଯାଇପାରନ୍ତା। ସରକାର ଏ ଦିଗରେ ସଚେତନ ହେବା ନିହାତି ଆବଶ୍ୟକ।

–ଧର୍ମରାଜ ପଟ୍ଟନାୟକ, ଜୟଦୁର୍ଗା ନଗର, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)




# ଖ୍ୟାତନାମା ଆଇନଜୀବୀ ନରିମାନଙ୍କ ପରଲୋକ

ନୂଆଦିଲ୍ଲୀ, ୨୧।୨


ଫଲି ଏସ୍. ନରିମାନ

ପ୍ରଖ୍ୟାତ ନ୍ୟାୟବିଦ୍ ତଥା ବର୍ଷୀୟାନ ଆଇନଜୀବୀ ଫଲି ଏସ୍. ନରିମାନଙ୍କର ବୁଧବାର ପରଲୋକ ହୋଇଯାଇଛି। ତାଙ୍କୁ ୯୫ ବର୍ଷ ହୋଇଥିଲା। ସେ ହୃଦ୍‌ରୋଗ ସମେତ ଏକାଧିକ ରୋଗରେ ପୀଡ଼ିତ ଥିଲେ। ଏହି ଖ୍ୟାତନାମା ସାମ୍ବିଧାନିକ ଆଇନଜୀବୀ ୧୯୫୦ ନଭେମ୍ବରରେ ବମ୍ବେ ହାଇକୋର୍ଟରେ ନିଜକୁ ଜଣେ ଆଡଭୋକେଟ ଭାବେ ପଞ୍ଜୀକୃତ କରିଥିଲେ। ସେ ୭୫ ବର୍ଷ ଧରି ଆଇନ ବ୍ୟବସାୟ କରିବା ସହ ସୁପ୍ରିମକୋର୍ଟରେ ବରିଷ୍ଠ ଆଇନଜୀବୀ ଭାବେ ୫୦ ବର୍ଷ କାମ କରିଛନ୍ତି ଏବଂ ୧୩,୫୬୫ରୁ ଅଧିକ ମାମଲା ପରିଚାଳନା କରିଛନ୍ତି। ଅନେକ ଗୁରୁତ୍ୱପୂର୍ଣ୍ଣ ମାମଲାରେ ସେ ଆଇନ ଓ ପେସାରେ ସ୍ୱତନ୍ତ୍ର ଛାପ ଛାଡ଼ିଯାଇଛନ୍ତି। ସେଥିମଧ୍ୟରେ ରହିଛି ଜାତୀୟ ନ୍ୟାୟିକ ନିଯୁକ୍ତି କମିଶନ ମାମଲା, ଭୋପାଳ ଗ୍ୟାସ୍ ଦୁର୍ଘଟଣା ମାମଲା, ଟିଏମ୍ଏ ପାଇ ମାମଲା ଏବଂ ଜୟଲଳିଥାଙ୍କ ଆୟବହିର୍ଭୂତ ସମ୍ପତ୍ତି ଠୁଳ ମାମଲା। ୧୯୨୯ ଜାନୁଆରୀ ୧୦ରେ ରାଙ୍ଗୁନ୍ (ବର୍ତ୍ତମାନର ୟାଙ୍ଗୁନ୍)ରେ ଜନ୍ମିତ ନରିମାନ ୧୯୫୦ରେ ମୁମ୍ବାଇର ସରକାରୀ ଆଇନ ମହାବିଦ୍ୟାଳୟରୁ ଏଲ୍ଏଲ୍‌ବି କରିବା ପରେ ବମ୍ବେ ହାଇକୋର୍ଟରେ ଆଇନଜୀବୀ ଭାବେ ନିଜକୁ ପଞ୍ଜୀକୃତ କରିଥିଲେ। ୧୯୭୧ରେ ସେ ସୁପ୍ରିମକୋର୍ଟରେ ବରିଷ୍ଠ ଆଇନଜୀବୀ ଭାବେ ନିଯୁକ୍ତ ହେବା ସହ ୧୯୭୨ରେ ଅତିରିକ୍ତ ସଲିସିଟର ଜେନେରାଲ ନିଯୁକ୍ତ ହୋଇଥିଲେ। ଜରୁରୀ ପରିସ୍ଥିତି ବେଳେ ଇସ୍ତଫା ଦେଇଥିଲେ। ନରିମାନ ୧୯୯୧ରେ ପଦ୍ମଭୂଷଣ ଏବଂ ୨୦୦୭ରେ ପଦ୍ମବିଭୂଷଣ ପୁରସ୍କାରରେ ସମ୍ମାନିତ ହୋଇଥିଲେ। ୨୦୦୨ରେ ସେ ନ୍ୟାୟ ପାଇଁ ଗ୍ରୁବର ପ୍ରାଇଜ୍ ପାଇଥିଲେ। ୧୯୯୯ରେ ସେ ରାଜ୍ୟ ସଭାକୁ ମନୋନୀତ ହୋଇଥିଲେ।

# ରେଡିଓ ଉପସ୍ଥାପକ ଅମିନ ସୟାନିଙ୍କ ଦେହାନ୍ତ

ମୁମ୍ବାଇ, ୨୧।୨


ଅମିନ ସୟାନି

ଦୀର୍ଘ ୬୦ ବର୍ଷ ଧରି ରେଡିଓ ଶ୍ରୋତାଙ୍କ ହୃଦୟରେ ରାଜ୍ କରିଥିବା ଲୋକପ୍ରିୟ ରେଡିଓ ଉପସ୍ଥାପକ ଅମିନ ସୟାନିଙ୍କ ୯୧ ବର୍ଷ ବୟସରେ ହୃଦ୍‌ଘାତରେ ପରଲୋକ ଘଟିଛି। ମୁମ୍ବାଇରେ ସେ ଶେଷନିଃଶ୍ୱାସ ତ୍ୟାଗ କରିଥିବା ତାଙ୍କ ପୁଅ ରାଜୀଲ ସୟାନି ସୂଚନା ଦେଇଛନ୍ତି।

୧୯୩୨ରେ ଜନ୍ମିତ ଅମିନ ପ୍ରାୟ ୫୪ ହଜାରରୁ ଅଧିକ ରେଡିଓ ପ୍ରୋଗ୍ରାମର ନିର୍ମାତା ଓ ଉପସ୍ଥାପକ ଭାବେ କାର୍ଯ୍ୟ କରିଥିଲେ। ଏହା ସହ ସେ ପ୍ରାୟ ୧୯ ହଜାର ଜିଙ୍ଗଲ୍ ଓ ବିଜ୍ଞାପନରେ ମଧ୍ୟ ସ୍ୱର ଦେଇଛନ୍ତି। ସେଥିପାଇଁ ଅମିନଙ୍କ ନାମ ଲିମ୍‌କା ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନିତ ହୋଇଛି। ୧୯୫୧ରେ ଜଣେ ରେଡିଓ ଉପସ୍ଥାପକ ଭାବେ ଅଲ୍ ଇଣ୍ଡିଆ ରେଡିଓ ମୁମ୍ବାଇରୁ ସେ କ୍ୟାରିଅର ଆରମ୍ଭ କରିଥିଲେ। ୬୦ ଦଶକରେ ଆରମ୍ଭ ହୋଇଥିବା 'ବିନାକା ଗୀତ୍‌ମାଳା' କାର୍ଯ୍ୟକ୍ରମ ତାଙ୍କୁ ବେଶ୍ ଲୋକପ୍ରିୟ କରାଇଥିଲା। କାର୍ଯ୍ୟକ୍ରମ ଆରମ୍ଭରେ ତାଙ୍କର 'ବେହେନୋ ଔର ଭାଇୟୋ' ସମ୍ବୋଧନକୁ ଦର୍ଶକ ବେଶ୍ ପସନ୍ଦ କରୁଥିଲେ। ୪ ଦଶନ୍ଧି ଧରି ଚାଲିଥିବା ଏହି କାର୍ଯ୍ୟକ୍ରମରେ ନିଜ ନିଆରା ଉପସ୍ଥାପନା ଶୈଳୀ ପାଇଁ ଅମିନ ଲୋକପ୍ରିୟତାର ଶୀର୍ଷରେ ପହଞ୍ଚିଥିଲେ। ସେହିପରି 'ଭୂତ ବଙ୍ଗଲା', 'ତିନ୍ ଦେବୀୟାଁ', 'ବକ୍ସର' ଓ 'କତଲ୍' ଭଳି ବିଭିନ୍ନ ଚଳଚ୍ଚିତ୍ରରେ ସେ ରେଡିଓ ଉଦ୍‌ଘୋଷକ ଭାବେ କାର୍ଯ୍ୟ କରିଥିଲେ। ରେଡିଓ ଜଗତରେ ନିଜ ଅବଦାନ ପାଇଁ ଅମିନ ବହୁ ସମ୍ମାନରେ ସମ୍ମାନିତ ହୋଇଛନ୍ତି। ୧୯୯୨ରେ 'ପର୍ସନ ଅଫ୍ ଦ ଇୟର ଆୱାର୍ଡ', ୧୯୯୩ରେ 'ହଲ୍ ଅଫ୍ ଦ ଫେମ୍ ଆୱାର୍ଡ', ୨୦୦୬ରେ 'ଲିଭିଙ୍ଗ ଲିଜେଣ୍ଡ୍ ଆୱାର୍ଡ' ଆଦି ସମ୍ମାନରେ ସେ ସମ୍ମାନିତ ହୋଇଥିଲେ। ଅଲ୍ ଇଣ୍ଡିଆ ରେଡିଓକୁ ଲୋକପ୍ରିୟ କରାଇବାରେ ଅମିନଙ୍କ ଭୂମିକା ଅତୁଳନୀୟ ବୋଲି ବିବେଚନା କରାଯାଉଛି। ଅମିନଙ୍କ ପରଲୋକରେ ବହୁ ବିଶିଷ୍ଟ ବ୍ୟକ୍ତି ଶୋକପ୍ରକାଶ କରିଛନ୍ତି। ରେଡିଓ ତରଙ୍ଗରେ ଅମିନଙ୍କ ସ୍ୱରର ଆକର୍ଷଣ ବହୁ ପିଢ଼ି ଧରି ତାଙ୍କୁ ଲୋକପ୍ରିୟ କରାଇପାରିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି। ଭାରତର ରେଡିଓ ପ୍ରସାରଣରେ ବୈପ୍ଲବିକ ପରିବର୍ତ୍ତନ ଆଣିବାରେ ତାଙ୍କର କାର୍ଯ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲା ଏବଂ ଶ୍ରୋତାମାନଙ୍କ ସହ ସେ ଏକ ସ୍ୱତନ୍ତ୍ର ବନ୍ଧନରେ ବାନ୍ଧି ହୋଇଥିଲେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

# ଭିକ ପାଇଁ ଭିନ୍ନକ୍ଷମ ଅଭିନୟ: ଉତ୍ତରପ୍ରଦେଶର ୪ ଗିରଫ

ବ୍ରହ୍ମପୁର, ୨୧।୨ (ସୁବାସ ଚନ୍ଦ୍ର ପାଢ଼ୀ)


ଗିରଫ ୪ ଅଭିଯୁକ୍ତ

ବ୍ରହ୍ମପୁର ସହରରେ ଏବେ ଠକଗ୍ୟାଙ୍ଗ ବିଭିନ୍ନ ଉପାୟ ଅବଲମ୍ବନ କରି ଲୋକଙ୍କୁ ଲୁଟିବାରେ ଲାଗିଛନ୍ତି। ଏଭଳି ଏକ ଗ୍ୟାଙ୍ଗକୁ ବୁଧବାର ବୈଦ୍ୟନାଥପୁର ଥାନା ପୋଲିସ କାବୁ କରିଛି। ଶାରୀରିକ ଭାବେ ସମ୍ପୂର୍ଣ୍ଣ ସୁସ୍ଥ ଥିଲେ ମଧ୍ୟ ଭିନ୍ନକ୍ଷମ ଅଭିନୟ କରି ଭିକ୍ଷାବୃତ୍ତି କରୁଥିବା ୪ଜଣ ଠକ ଯୁବକଙ୍କୁ ପୋଲିସ ବାନ୍ଧିଛି। ସେମାନେ ହେଲେ ଉତ୍ତରପ୍ରଦେଶର ଅଜୟ କୁମାର, ଅନିଲ କୁମାର, ମେରୋ ଓ ଯଶବନ୍ତ କୁମାର। ଏହି ଗ୍ୟାଙ୍ଗ କମାପଲ୍ଲୀ ଏବଂ ଟାଟାବେଞ୍ଜ ଛକଠାରେ ଶ୍ରବଣବାଧିତ, ମୂକ ଓ ଆଶାବାଡ଼ି ଧରି ଛୋଟେଇ ଚାଲିବା ଅଭିନୟ କରି ଭିକ୍ଷା ମାଗୁଥିଲେ। ପୋଲିସ ସେମାନଙ୍କଠାରୁ ୮୬୦ଟଙ୍କା ଏବଂ ଆଶାବାଡ଼ି ଜବତ କରିଛି। ବୁଧବାର ଅପରାହ୍ନରେ ବୈଦ୍ୟନାଥପୁର ଥାନା ପୋଲିସ ପାଟ୍ରୋଲିଂ କରୁଥିବା ବେଳେ କମାପଲ୍ଲୀ ଛକରେ ୨ଜଣ ଭିନ୍ନକ୍ଷମ ଭିକ ମାଗୁଥିବା ଦେଖିଥିଲା। ସେମାନଙ୍କ ହାବଭାବକୁ ନେଇ ସନ୍ଦେହ ହେବାରୁ ଥାନାକୁ ଆଣି ପଚରାଉଚରା କରିଥିଲା। ଉଭୟେ ଶାରୀରିକ ଭାବେ ସମ୍ପୂର୍ଣ୍ଣ ସୁସ୍ଥ ଥିବା ସହ ଲୋକଙ୍କ ସହାନୁଭୂତି ପାଇବା ପାଇଁ ଭିନ୍ନକ୍ଷମ ହୋଇଥିବାର ଅଭିନୟ କରି ଭିକ ମାଗୁଥିବା କହିଥିଲେ। ତାଙ୍କର ଅନ୍ୟ ୨ ସହଯୋଗୀ ଟାଟାବେଞ୍ଜ ଛକରେ ସମାନ ଢ଼ଙ୍ଗରେ ଭିକ୍ଷାବୃତ୍ତି କରୁଥିବା କହିବାରୁ ପୋଲିସ ସେମାନଙ୍କୁ ମଧ୍ୟ କାବୁ କରି ଥାନାକୁ ଆଣିଥିଲା। ୪ ଅଭିଯୁକ୍ତ ୧୬ ନଂ, ଜାତୀୟ ରାଜପଥ କଡ଼ରେ ରହୁଥିଲେ ଓ ସମୟ ସୁବିଧା ଦେଖି ସହରର ବିଭିନ୍ନ ଛକକୁ ଯାଇ ଭିକ ମାଗୁଥିଲେ ବୋଲି ସ୍ୱୀକାର କରିଛନ୍ତି। ଏ ନେଇ ଥାନାରେ ନଂ.୧୧୭/୨୪ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଥିବା ବ୍ରହ୍ମପୁର ଏସ୍‌ପି ଡ. ସର୍ବଣା ବିବେକ ଏମ୍. ସୂଚନା ଦେଇଛନ୍ତି।

Azadi Ka Amrit Mahotsav
सेन्ट्रल बैंक ऑफ़ इंडिया
Central Bank of India
CENTRAL TO YOU SINCE 1911
ଚନ୍ଦରମୁଖୀ, ନରିମନ ପଏଣ୍ଟ, ମୁମ୍ବାଇ-୪୦୦୦୨୧,
ଫୋନ୍: ୦୨୨-୬୬୩୮୭୬୮୦, ଫ୍ୟାକ୍ସ:୦୨୨-୨୨୦୪୩୩୬,
ୱେବ୍‌ସାଇଟ୍: www.centralbankofindia.co.in

**ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ନିମନ୍ତେ ୧୨ ମାସର ଅବଧି ପାଇଁ ଆପ୍ରେଣ୍ଟିସ୍‌ମାନଙ୍କ ନିଯୁକ୍ତି**

**ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ,** ଏକ ଅଗ୍ରଣୀ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଯାହାର ସର୍ବଭାରତୀୟ ଶାଖା ନେଟ୍‌ୱର୍କରେ ୪୫୦୦ରୁ ଅଧିକ ଶାଖା ସହିତ ସର୍ବମୋଟ ବ୍ୟବସାୟ ୬,୦୦,୦୦୦ କୋଟି ଟଙ୍କାରୁ ଅଧିକ ଏବଂ ୩୧,୦୦୦ରୁ ଅଧିକ କର୍ମଚାରୀଙ୍କ ପ୍ରତିବଦ୍ଧ ଟିମ୍ ଦ୍ୱାରା ପରିଚାଳିତ। ବ୍ୟାଙ୍କ ଆପ୍ରେଣ୍ଟିସେସ୍ ଆକ୍ଟ, ୧୯୬୧ ଅନ୍ତର୍ଗତ ଏବଂ ବ୍ୟାଙ୍କର ଆପ୍ରେଣ୍ଟିସ୍‌ସିପ୍ ପଲିସି (ନିୟମ) ଅନୁଯାୟୀ ୧୨ ମାସର ଅବଧି ନିମନ୍ତେ ଆପ୍ରେଣ୍ଟିସ୍‌ମାନଙ୍କ ନିଯୁକ୍ତି ପାଇଁ ଇଚ୍ଛା ପ୍ରକାଶ କରୁଅଛି।
ପ୍ରାର୍ଥୀମାନଙ୍କୁ ଅନୁରୋଧ କି, ସବିଶେଷ ବିବରଣୀ ନିମନ୍ତେ ବ୍ୟାଙ୍କର ୱେବ୍‌ସାଇଟ୍ https://www.centralbankofindia.co.in ଦେଖନ୍ତୁ।
ମୁମ୍ବାଇ
ତାରିଖ: ୨୧.୦୨.୨୦୨୪ ମହାପ୍ରବନ୍ଧକ (ଏଚ୍‌ସିଏମ୍)



## ସଂକ୍ଷେପରେ

### ପୂର୍ବ ଲଦାଖ ସୀମାରେ ଶାନ୍ତିରକ୍ଷା ପାଇଁ ଭାରତ-ଚାଇନା ରାଜି

**ନୂଆଦିଲ୍ଲୀ,୨୧।୨(ପି.ଟି.):** ପୂର୍ବ ଲଦାଖ ଅନ୍ତର୍ଗତ ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍ଏସି)ରେ ୩.୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଲାଗି ରହିଥିବା ବିବାଦର ସମାଧାନ ପାଇଁ ଭାରତ ଓ ଚାଇନା ମଧ୍ୟରେ ଉଚ୍ଚସ୍ତରୀୟ ସାମରିକ ଆଲୋଚନା ଅନୁଷ୍ଠିତ ହୋଇଛି। ଉକ୍ତ ଅଞ୍ଚଳରେ ଶାନ୍ତି ଓ ସ୍ଥିରତା ବଜାୟ ରଖିବା ଲାଗି ଉଭୟ ପକ୍ଷ ରାଜି ହୋଇଥିଲେ ମଧ୍ୟ ବିବାଦ ସମାଧାନର କୌଣସି ସୂଚନା ମିଳିନାହିଁ। ସୋମବାର ଚୁଶୁଲ-ମୋଲଡୋ ସୀମାନ୍ତ ମିଟିଂ ପଏଣ୍ଟରେ ୨୧ତମ ଭାରତ-ଚାଇନା କର୍ପସ କମାଣ୍ଡରସ୍ତରୀୟ ଆଲୋଚନା ଅନୁଷ୍ଠିତ ହୋଇଥିଲା। ଡେପ୍ସାଙ୍ଗ ଏବଂ ଡେମ୍ଚୋକ୍ରେ ଦୀର୍ଘଦିନ ଧରି ଲାଗିରହିଥିବା ବିବାଦର ସମାଧାନ ପାଇଁ ଭାରତୀୟ ପକ୍ଷ ଜୋର୍ଦାର ଚାପ ପକାଇଥିଲେ ମଧ୍ୟ ଆଲୋଚନାରେ କୌଣସି ସ୍ଥାୟୀ ଅଗ୍ରଗତି ହୋଇନାହିଁ। ସାମରିକ ଏବଂ କୂଟନୈତିକ ବ୍ୟବସ୍ଥା ଜରିଆରେ ଆଲୋଚନା ଜାରି ରଖିବାକୁ ଉଭୟ ପକ୍ଷ ରାଜି ହୋଇଛନ୍ତି।

### ନାଥୁଲାରୁ ୫୦୦ ପର୍ଯ୍ୟଟକ ଉଦ୍ଧାର

**ଗାଙ୍ଗଟକ୍,୨୧।୨:** ପ୍ରବଳ ତୁଷାରପାତ ଯୋଗୁ ଭାରତ-ଚାଇନା ସୀମାର ସିକିମ୍ ଅନ୍ତର୍ଗତ ନାଥୁଲାରେ ଫସିରହିଥିବା ୫୦୦ରୁ ଊର୍ଦ୍ଧ୍ୱ ପର୍ଯ୍ୟଟକଙ୍କୁ ଭାରତୀୟ ସେନା ବୁଧବାର ଉଦ୍ଧାର କରିଛି। ପୂର୍ବ ସିକିମ୍ରେ ଅଚାନକ ତୁଷାରପାତ ହେବାରୁ ପର୍ଯ୍ୟଟକମାନେ ଫସିରହିଥିଲେ। ସେନାର ତ୍ରିଶକ୍ତି କର୍ପସ୍ର ଯବାନମାନେ ସେଠାରେ ପହଞ୍ଚି ଅଟକି ରହିଥିବା ପର୍ଯ୍ୟଟକଙ୍କୁ ସହାୟତା କରିଥିଲେ। ସେମାନଙ୍କୁ ଗରମ ଖାଦ୍ୟ ଓ ଚିକିତ୍ସା ଯୋଗାଇ ଦିଆଯିବା ସହ ନିରାପଦର ସହ ସେଠାରୁ ଉଦ୍ଧାର ବ୍ୟବସ୍ଥା କରାଯାଇଥିଲା।

### ଥରୁରଙ୍କୁ ମିଳିଲା ଫ୍ରାନ୍ସର ସର୍ବୋଚ୍ଚ ନାଗରିକ ସମ୍ମାନ

**ନୂଆଦିଲ୍ଲୀ, ୨୧।୨:** ବିଶିଷ୍ଟ ଲେଖକ ତଥା କଂଗ୍ରେସ ସାଂସଦ ଶଶି ଥରୁରଙ୍କୁ ଫ୍ରାନ୍ସର ସର୍ବୋଚ୍ଚ ନାଗରିକ ସମ୍ମାନରେ ସମ୍ମାନିତ କରାଯାଇଛି। ନୂଆଦିଲ୍ଲୀ ଠାରେ ଥିବା ଫ୍ରାନ୍ସ ଦୂତାବାସରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ସମାରୋହରେ ଫ୍ରାନ୍ସ ସିନେଟର ଅଧ୍ୟକ୍ଷ ଜେରାର୍ଡ ଲାର୍ଚରଙ୍କଠାରୁ ଥରୁର୍



ଦେଶର ସର୍ବୋଚ୍ଚ ନାଗରିକ ସମ୍ମାନ 'ନାଇଟ ଅଫ ଦ ଲିଜିଅନ ଅଫ୍ ଅନର' ଗ୍ରହଣ କରିଛନ୍ତି। ଏହି ଅବସରରେ ଥିରୁଭାନନ୍ତପୁରମ୍ରୁ ଏମ୍ପି ଥିବା ଥରୁରଙ୍କୁ ଫ୍ରାନ୍ସର ପ୍ରକୃତ ମିତ୍ର ଭାବେ ଜେରାର୍ଡ ସମ୍ବୋଧନ କରିଥିଲେ। ଏହାପୂର୍ବରୁ ଗତବର୍ଷ ଅଗଷ୍ଟ ମାସରେ ତାଙ୍କୁ ଏହି ପୁରସ୍କାର ଦିଆଯିବା ନେଇ ଘୋଷଣା କରାଯାଇଥିଲା। ଭାରତ-ଫ୍ରାନ୍ସ ସମ୍ପର୍କକୁ ମଜଭୁତ କରିବା, ଅନ୍ତର୍ଜାତୀୟ ଶାନ୍ତି ଓ ସହଯୋଗ ପ୍ରତି ଉଦ୍ୟମ କରିବା ଏବଂ ଲମ୍ବା ସମୟ ଧରି ଫ୍ରାନ୍ସର ବନ୍ଧୁ ଭାବେ କାର୍ଯ୍ୟ କରିଥିବାରୁ ଶଶି ଥରୁରଙ୍କୁ ଏହି ସମ୍ମାନ ଦିଆଯାଇଥିବା ଫ୍ରାନ୍ସ ଦୂତାବାସ ପକ୍ଷରୁ କୁହାଯାଇଛି।

# ଲଣ୍ଡନ ହାଇକୋର୍ଟରେ ଝୁଲିଲା ଭାଗ୍ୟ




ଲଣ୍ଡନ ହାଇକୋର୍ଟ ବାହାରେ ବୁଧବାର ଜୁଲିଅନ୍ ଅସାଞ୍ଜଙ୍କ ଜଣେ ସମର୍ଥକ ବିକ୍ଷୋଭ କରୁଛନ୍ତି। (ଫଟୋ: ସୌଜନ୍ୟ ବିବିସି)

## ଜୁଲିଅନ୍ ଅସାଞ୍ଜ ଲୋକଙ୍କ ଜୀବନ ବିପନ୍ନ କରିଛନ୍ତି: ଆମେରିକା

**ଲଣ୍ଡନ,୨୧।୨**

ଅଷ୍ଟ୍ରେଲୀୟ ହୁଇସିଲ ବ୍ଲୋୟର ଜୁଲିଅନ୍ ଅସାଞ୍ଜ। ଅନ୍ତର୍ଜାତୀୟ ଗଣମାଧ୍ୟମ ଜଗତରେ ବିଗତ ଦଶନ୍ଧିର ଏହି ବହୁଚର୍ଚ୍ଚିତ ବ୍ୟକ୍ତିତ୍ୱ ସମ୍ପ୍ରତି ପୁଣି ଚର୍ଚ୍ଚାରେ। ୫୨ ବର୍ଷୀୟ ୱିକିଲିକ୍ସ ପ୍ରତିଷ୍ଠାତା ଅସାଞ୍ଜ ଆମେରିକାର ପ୍ରତିରକ୍ଷା ସମ୍ପର୍କିତ ବହୁ ଚାଞ୍ଚଲ୍ୟକର ତଥ୍ୟ ପ୍ରଘଟ ଅଭିଯୋଗରେ ଗିରଫ ହୋଇ ୨୦୧୯ ଏପ୍ରିଲରୁ ଲଣ୍ଡନସ୍ଥିତ ହାଇସିକ୍ୟୁରିଟି ବେଲମର୍ଶ ଜେଲରେ ବନ୍ଦୀ ଜୀବନ ବିତାଉଛନ୍ତି। ଆମେରିକା ଅସାଞ୍ଜଙ୍କ ପ୍ରତ୍ୟର୍ପଣ ଦାବି କରୁଥିବାବେଳେ ଏ ସମ୍ପର୍କିତ ଦୁଇଦିନିଆ ଚୂଡ଼ାନ୍ତ ଶୁଣାଣି ବୁଧବାର ଲଣ୍ଡନ ହାଇକୋର୍ଟରେ ଶେଷ ହୋଇଛି। ବିଚାରପତି ଭିକ୍ଟୋରିଆ ଶାର୍ପ ବିଚାର ଶେଷକରି ମାମଲାର ସମ୍ବେଦନଶୀଳତା ଦୃଷ୍ଟିରୁ ରାୟ ସଂରକ୍ଷିତ ରଖିଛନ୍ତି। ଗୁପ୍ତଚର ବୃତ୍ତି ଅଭିଯୋଗ ପ୍ରମାଣିତ ହେଲେ ତାଙ୍କୁ ଆଜୀବନ ଜେଲ ଦଣ୍ଡାଦେଶ ହୋଇପାରେ। ଆମେରିକାକୁ ପ୍ରତ୍ୟର୍ପିତ ନ ହେବା ପାଇଁ ଦୀର୍ଘ ବର୍ଷ ଧରି ଅସାଞ୍ଜ ଚଳାଇଥିବା ଆଇନଗତ ଲଢ଼େଇର ପରିଣାମ ଉପରେ ଏବେ ସମସ୍ତଙ୍କ ନଜର ରହିଛି।

ବୁଧବାର ଲଣ୍ଡନ ହାଇକୋର୍ଟରେ ଅସାଞ୍ଜଙ୍କ ମାମଲାର ଶୁଣାଣିର ଅନ୍ତିମ ଦିନରେ ଆମେରିକା ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଇନଜୀବୀମାନେ ଅସାଞ୍ଜଙ୍କୁ ପ୍ରତ୍ୟର୍ପଣ କରିବା ପାଇଁ ଯୁକ୍ତି ବାଢ଼ିଥିଲେ। ଆମେରିକୀୟ ଗୋଇନ୍ଦା ବିଶ୍ଳେଷକ ଚେଲ୍ସା ମାନିଂଙ୍କୁ କୂଟନୈତିକ ଓ ସାମରିକ ତଥ୍ୟ ଚୋରିରେ ଅସାଞ୍ଜ ଉତ୍ସାହିତ କରିଥିଲେ ବୋଲି ଆମେରିକୀୟ ଓକିଲମାନେ କହିଥିଲେ। ଆଇନଜୀବୀ କ୍ଲେୟାର ଡୋବିନ୍ କହିଥିଲେ, ଅସାଞ୍ଜ ଅନେକ ହଜାର ଦସ୍ତାବିଜ ପ୍ରଘଟ କରି ବହୁ ଜୀବନ ପ୍ରତି ବିପଦ ସୃଷ୍ଟି କରିଛନ୍ତି। ତାଙ୍କୁ ସାଧାରଣ ସାମ୍ବାଦିକ କିମ୍ବା ୱିକିଲିକ୍ସର ପ୍ରକାଶକ ରୂପେ ବିବେଚନା କରା ନ ଯାଉ। ଅସାଞ୍ଜଙ୍କ ପ୍ରତ୍ୟର୍ପଣ ବିରୋଧୀ ଅପିଲକୁ ଖାରଜ କରାଯାଉ ବୋଲି ସେ ଅଦାଲତଙ୍କୁ ନିବେଦନ କରିଥିଲେ। ଅନ୍ୟପକ୍ଷେ ଅସାଞ୍ଜଙ୍କ ଓକିଲ ଏଡ୍ୱାର୍ଡ ଫିଜେରାଲ୍ଡ ଦର୍ଶାଇଥିଲେ ଯେ, ତାଙ୍କ ମହକିଲ ଆମେରିକା ସରକାରଙ୍କ ସମ୍ବେଦନଶୀଳ ତଥ୍ୟ ପ୍ରଘଟ କରି ଆପରାଧିକ କାର୍ଯ୍ୟକୁ ଲୋକଲୋଚନକୁ ଆଣିଥିଲେ।



ୱିକିଲିକ୍ସ ପ୍ରତିଷ୍ଠାତା ଅସାଞ୍ଜ

ଏଥିପାଇଁ ୱାଶିଂଟନ୍ ତାଙ୍କୁ ଦଣ୍ଡିତ କରିବାକୁ ଚାହୁଁଛି। ତାଙ୍କୁ ଆମେରିକାକୁ ପ୍ରତ୍ୟର୍ପଣ କରାଗଲେ ସେ ସେଠାରେ ନ୍ୟାୟ ପାଇ ନ ପାରନ୍ତି। ତେଣୁ ଅସାଞ୍ଜଙ୍କୁ ସାନି ଅପିଲ ପାଇଁ ସୁଯୋଗ ଦିଆଯାଉ। ଅସାଞ୍ଜ ଅସୁସ୍ଥ ଥିବା ଦର୍ଶାଇ କୋର୍ଟରେ ବ୍ୟକ୍ତିଗତ କିମ୍ବା ଭିଡିଓ ଲିଙ୍କ୍ ଜରିଆରେ ହାଜର ହୋଇନାହାନ୍ତି। ଶେଷରେ ବିଚାରପତି ଏହି ମାମଲାର ରାୟ ସଂରକ୍ଷିତ ରଖିଛନ୍ତି, ଯାହାକି ମାର୍ଚ୍ଚ ପୂର୍ବରୁ ଆସି ନ ପାରେ ବୋଲି କୁହାଯାଉଛି।

### କଂଗ୍ରେସକୁ ୧୭ ଆସନ ଛାଡ଼ିଲେ ଅଖିଳେଶ

**ନୂଆଦିଲ୍ଲୀ,୨୧।୨**

କଂଗ୍ରେସ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ହସ୍ତକ୍ଷେପ ପରେ ଉତ୍ତରପ୍ରଦେଶରେ ଲୋକ ସଭା ନିର୍ବାଚନ ପାଇଁ କଂଗ୍ରେସ ଏବଂ ସମାଜବାଦୀ ପାର୍ଟି(ଏସ୍ପି) ମଧ୍ୟରେ ଆସନ ବୁଝାମଣା ବୁଧବାର ଚୂଡ଼ାନ୍ତ ହୋଇଛି। ଉତ୍ତରପ୍ରଦେଶର ୮୦ ଲୋକ ସଭା ଆସନ ମଧ୍ୟରୁ କଂଗ୍ରେସ ୧୭ ଆସନରେ ଲଢ଼ିବାକୁ ଥିବାବେଳେ ଏସ୍ପି ଏବଂ ଇଣ୍ଡିଆ ମେଣ୍ଟର ଅନ୍ୟ ସହଯୋଗୀ ଦଳ ୬୩ ଆସନରେ ଲଢ଼ିବେ। ପ୍ରିୟଙ୍କା ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବଙ୍କ ସହ ଫୋନ୍ ଯୋଗେ କଥା ହେବା ପରେ ଆସନ ବୁଝାମଣାରେ କଂଗ୍ରେସ ସହ କୌଣସି ବିବାଦ ନ ଥିବା ଏସ୍ପି ଅଧ୍ୟକ୍ଷ କହିଛନ୍ତି। ସୂଚନାଯୋଗ୍ୟ, ଆସନ ବୁଝାମଣା ସମ୍ପର୍କରେ କଂଗ୍ରେସ ନିଜ ନିଷ୍ପତ୍ତି ନ ଜଣାଇବା ପର୍ଯ୍ୟନ୍ତ ରାହୁଲ ଗାନ୍ଧୀଙ୍କ ଭାରତ ଯୋଡ଼ୋ ନ୍ୟାୟ ଯାତ୍ରାରେ ଯୋଗ ଦେବେନାହିଁ ବୋଲି ପୂର୍ବରୁ ଅଖିଳେଶ କହିଥିଲେ। ବୁଧବାର ସକାଳେ ପ୍ରିୟଙ୍କା ଅଖିଳେଶଙ୍କୁ ଫୋନ୍ କରିବା ପରେ ଦୁଇ ଦଳ ମଧ୍ୟରେ ଆସନ ବୁଝାମଣା ନେଇ କଥାବାର୍ତ୍ତାରେ ସଫଳତା ମିଳିଛି। ବୁଝାମଣା ଚୂଡ଼ାନ୍ତ ହୋଇଥିବାରୁ ଉଭୟ ଦଳର ନେତାମାନେ ଅଖିଳେଶ ଏବଂ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କୁ ଶ୍ରେୟ ଦେଇଛନ୍ତି।

### ମୃତଦେହ ଦାବିରେ ମୋକଦ୍ଦମା ଦାଏର କଲେ ନାଭାଲନିଙ୍କ ମା'

**ମସ୍କୋ,୨୧।୨**

ଜେଲରେ ରହସ୍ୟଜନକ ଭାବେ ପ୍ରାଣ ହରାଇଥିବା ରୁଷିଆର ବିରୋଧୀ ଦଳ ନେତା ଏଲେକ୍ସି ନାଭାଲନିଙ୍କ ମୃତଦେହ ଫେରିପାଇବା ଦାବିରେ ତାଙ୍କ ମା' ଲ୍ୟୁଡ୍ମିଲା ନାଭାଲନି ସାଲେଖାର୍ଡାର ଏକ ଅଦାଲତରେ ମୋକଦ୍ଦମା ଦାଏର କରିଛନ୍ତି। ମାର୍ଚ୍ଚ ୪ରେ ଏହା ଉପରେ ରୁଦ୍ଧଦ୍ୱାର ଶୁଣାଣି ହେବ ବୋଲି ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟରୁ ଜଣାପଡ଼ିଛି। ଗତ ଶୁକ୍ରବାର ନାଭାଲନିଙ୍କ ମୃତ୍ୟୁ ଘଟିଥିଲା। ତାଙ୍କ ମୃତଦେହ ଫେରିପାଇବା ପାଇଁ ଲ୍ୟୁଡ୍ମିଲା ଶନିବାରଠାରୁ ଉଦ୍ୟମ ଚଳାଇଥିଲେ ମଧ୍ୟ କର୍ତ୍ତୃପକ୍ଷ ଅନୁମତି ଦେଉନାହାନ୍ତି। ପୁଅଙ୍କ ମୃତଦେହ କେଉଁଠି ଅଛି, ତାହା ମଧ୍ୟ ସେ ଜାଣିପାରୁ ନାହାନ୍ତି। ଗତ ମଙ୍ଗଳବାର ସେ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ଙ୍କ ଏନେଇ ନିବେଦନ କରିଥିଲେ। ମୃତଦେହ ଫେରିପାଇଲେ, ସେ ତାକୁ ମର୍ଯ୍ୟାଦାର ସହ ସତ୍କାର କରିବେ ବୋଲି କହିଥିଲେ। ୫ମ ଦିନ ପାଇଁ ମଧ୍ୟ ପୁଅର ମୃତଦେହ ଦେଖିପାରିଲି ନାହିଁ। ତାହା କେଉଁଠି ରହିଛି, ତାହା ମଧ୍ୟ କର୍ତ୍ତୃପକ୍ଷ ଜଣାଇଲେ ନାହିଁ ବୋଲି ଏକ ଭିଡିଓରେ ଲ୍ୟୁଡ୍ମିଲା କହିଛନ୍ତି। ପୁଟିନ୍ଙ୍କ ସମାଲୋଚକ ଭାବେ ପରିଚିତ ନାଭାଲନିଙ୍କ ରହସ୍ୟଜନକ ମୃତ୍ୟୁକୁ ନେଇ ସାରା ବିଶ୍ୱରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲାବେଳେ ତାଙ୍କୁ ମାରି ଦିଆଯାଇଥିବା ସନ୍ଦେହ କରାଯାଉଛି।

### ଭାରତ-ଗ୍ରୀସ୍ ସହଯୋଗ ବଢ଼ିବ

**ନୂଆଦିଲ୍ଲୀ,୨୧।୨**

ସାମରିକ ଉପକରଣର ମିଳିତ ବିକାଶ ଓ ଉତ୍ପାଦନ ପାଇଁ ଭାରତ ଓ ଗ୍ରୀସ୍ ରାଜି ହୋଇଛନ୍ତି। ଏହା ବ୍ୟତୀତ ଦୁଇ ଦେଶ ମଧ୍ୟରେ ଯୋଗାଯୋଗ ଏବଂ ପ୍ରବାସନ ସନ୍ଧିକୁ ସୁଦୃଢ଼ କରିବାକୁ ନିଷ୍ପତ୍ତି ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଭାରତ ଗସ୍ତରେ ଆସିଥିବା ଗ୍ରୀସ୍ ପ୍ରଧାନମନ୍ତ୍ରୀ କିରିଆକୋସ୍ ମିଟ୍ସୋଟାକିସ୍ ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗରେ ବୁଧବାର ଆଲୋଚନା କରିଥିଲେ। ଆତଙ୍କବାଦ ବିରୋଧରେ ଲଢ଼େଇକୁ ଉଭୟ ଦେଶ ପ୍ରାଥମିକତା ଦେଉଛନ୍ତି। ଏକ୍ଷେତ୍ରରେ ସହଯୋଗ ବଢ଼ାଇବା ଉପରେ ଆଲୋଚନା ହୋଇଥିଲା। ଏହା ବ୍ୟତୀତ ବିଭିନ୍ନ ଆଞ୍ଚଳିକ ଓ ଅନ୍ତର୍ଜାତୀୟ ପ୍ରସଙ୍ଗ ମଧ୍ୟ ଆଲୋଚନାରେ ସ୍ଥାନ ପାଇଥିଲା। ଆଲୋଚନା ଓ କୂଟନୈତିକ ପର୍ଯ୍ୟାୟରେ ସମସ୍ତ ବିବାଦର ସମାଧାନ ପାଇଁ ଉଭୟ ପକ୍ଷ ରାଜି ହୋଇଥିବା ପ୍ରଧାନମନ୍ତ୍ରୀ କହିଛନ୍ତି।



ଗ୍ରୀସ୍ ପ୍ରଧାନମନ୍ତ୍ରୀ କିରିଆକୋସ୍ ମିଟ୍ସୋଟାକିସ୍ ଓ ତାଙ୍କ ସ୍ତ୍ରୀ ମରେଭା ଗ୍ରବୋସ୍କି ବୁଧବାର ନୂଆଦିଲ୍ଲୀରେ ପହଞ୍ଚିଛନ୍ତି। ଏହି ଅବସରରେ ରାଷ୍ଟ୍ରପତି ଭବନରେ ଉଭୟଙ୍କୁ ରାଜକୀୟ ଅଭ୍ୟର୍ଥନା ଦିଆଯାଇଛି। ମିଟ୍ସୋଟାକିସ୍ ଦମ୍ପତିଙ୍କ ସହ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉପସ୍ଥିତ।

### ରାମସ୍ୱାମୀ ହୋଇପାରନ୍ତି ଟ୍ରମ୍ପଙ୍କ ଉପରାଷ୍ଟ୍ରପତି ପ୍ରାର୍ଥୀ

**ୱାଶିଂଟନ,୨୧।୨**

ଆମେରିକା ରାଷ୍ଟ୍ରପତି ନିର୍ବାଚନ ନିମନ୍ତେ ରିପବ୍ଲିକାନ ପ୍ରାର୍ଥୀ ଦୌଡ଼ରେ ଆଗରେ ଥିବା ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ତାଙ୍କର ସମ୍ଭାବ୍ୟ ଉପରାଷ୍ଟ୍ରପତି ପ୍ରାର୍ଥୀ ତାଲିକା ପ୍ରକାଶ କରିଛନ୍ତି। ଉକ୍ତ ପଦବୀ ପାଇଁ ସେ ରୋନ୍ ଡିସାଣ୍ଟିସ୍, ବିବେକ ରାମସ୍ୱାମୀ, କ୍ରିଷ୍ଟି ନୋଏମ୍ ଏବଂ ତୁଲସୀ ଗାବାର୍ଡଙ୍କ ନାଁକୁ ବିଚାର କରୁଥିବା କହିଛନ୍ତି। ଏହା ବ୍ୟତୀତ ଟିମ୍ ସ୍କଟ୍ ଏବଂ ବାଇରନ୍ ଡୋନାଲ୍ଡଙ୍କ ନାଁ ମଧ୍ୟ ବିଚାରାଧୀନ ଥିବା ଟ୍ରମ୍ପ କହିଛନ୍ତି। ପୂର୍ବରୁ ଡିସାଣ୍ଟିସ୍, ରାମସ୍ୱାମୀ ଏବଂ ସ୍କଟ୍ ରାଷ୍ଟ୍ରପତି ପ୍ରାର୍ଥୀ ପାଇଁ ଟ୍ରମ୍ପଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରିଥିବାବେଳେ ଏବେ ସେମାନଙ୍କୁ ସମ୍ଭାବ୍ୟ ସହଯୋଗୀ ବିଚାର କରାଯାଉଛି। ଅନ୍ୟପକ୍ଷରେ ନୋଏମ୍, ଡୋନାଲ୍ଡ ଏବଂ ଗାବାର୍ଡଙ୍କ ନୀତି ଓ ଚିନ୍ତାଧାରା ଟ୍ରମ୍ପଙ୍କ ସହ ସମାନ ରହିଛି। ତେବେ ନ୍ୟୁ ହମ୍ପଶାୟରରେ ଏକ ଗଣମାଧ୍ୟମ ପକ୍ଷରୁ କରାଯାଇଥିବା ଜନମତ ସର୍ଭେ ଅନୁଯାୟୀ ଉପରାଷ୍ଟ୍ରପତି ପ୍ରାର୍ଥିତ୍ୱ ପାଇଁ ରାମସ୍ୱାମୀଙ୍କ ପ୍ରତି ଅଧିକ ସମର୍ଥନ ଥିବାବେଳେ ତାଙ୍କ ପଛକୁ ସ୍କଟ୍ ରହିଛନ୍ତି। ତେବେ ସମସ୍ତେ ଭଲ ବୋଲି ଟ୍ରମ୍ପ୍ କହିଛନ୍ତି।



ବିବେକ ରାମସ୍ୱାମୀ

### ପାକିସ୍ତାନରେ କ୍ଷମତା ଭାଗବଣ୍ଟା ଛିଣ୍ଡିଲା

## ଶେହବାଜ ପ୍ରଧାନମନ୍ତ୍ରୀ, ଜର୍ଦ୍ଦାରୀ ରାଷ୍ଟ୍ରପତି ହେବେ

**ଇସ୍ଲାମାବାଦ, ୨୧।୨(ପି.ଟି.)**

ପାକିସ୍ତାନରେ ମେଣ୍ଟ ସରକାର ଗଢ଼ିବା ଲାଗି ପିଏମ୍ଏଲ୍-ଏନ୍ ଏବଂ ପିପିପି ମଧ୍ୟରେ କ୍ଷମତା ଭାଗବଣ୍ଟା ବୁଝାମଣା ଚୂଡ଼ାନ୍ତ ହୋଇଛି। ପାକିସ୍ତାନ ମୁସ୍ଲିମ୍ ଲିଗ୍-ନୱାଜ (ପିଏମ୍ଏଲ୍-ଏନ୍) ଅଧ୍ୟକ୍ଷ ଶେହବାଜ ଶରିଫ୍ ପୁଣିଥରେ ପ୍ରଧାନମନ୍ତ୍ରୀ ହେବେ ବୋଲି ପାକିସ୍ତାନ ପିପୁଲ୍ସ ପାର୍ଟି (ପିପିପି) ଅଧ୍ୟକ୍ଷ ବିଲାୱଲ ଭୁଟ୍ଟୋ ଜର୍ଦ୍ଦାରୀ ଏକ ମିଳିତ ଖବରଦାତା ସମ୍ମିଳନୀରେ କହିଛନ୍ତି। ସେହିପରି ପିପିପି ସହଅଧ୍ୟକ୍ଷ ଅସିଫ ଅଲି ଜର୍ଦ୍ଦାରୀ ରାଷ୍ଟ୍ରପତି ହେବେ। ଗତ ୮ ତାରିଖରେ ଅନୁଷ୍ଠିତ ପାକିସ୍ତାନ ସାଧାରଣ ନିର୍ବାଚନରେ ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ଙ୍କ ଦଳ ସମର୍ଥିତ ସ୍ୱାଧୀନ ପ୍ରାର୍ଥୀମାନେ ଅଧିକ ଆସନରେ ଜିତିଥିଲେ ମଧ୍ୟ ତାଙ୍କୁ କ୍ଷମତାଠାରୁ ଦୂରେଇ ରଖିବା ଲାଗି ପିଏମ୍ଏଲ୍-ଏନ୍ ଏବଂ ପିପିପି ଉଦ୍ୟମ ଜାରି ରଖିଥିଲେ। ନ୍ୟାଶନାଲ ଆସେମ୍ବ୍ଲିର ୨୬୬ ଆସନ ମଧ୍ୟରୁ ୨୬୫ ଆସନରେ ନିର୍ବାଚନ ଅନୁଷ୍ଠିତ ହୋଇଥିବାବେଳେ ସରକାର ଗଢ଼ିବା ପାଇଁ ୧୩୩ ଏମ୍ପିଙ୍କ ସମର୍ଥନ ଆବଶ୍ୟକ। ପିଏମ୍ଏଲ୍-ଏନ୍ ୭୫ ଆସନରେ ଜିତିଥିବାବେଳେ ପିପିପି ୫୪ ଏବଂ ମୁତ୍ତାହିଦା କ୍ୱାମି ମୁଭ୍ମେଣ୍ଟ ପାକିସ୍ତାନ (ଏମ୍କ୍ୟୁଏମ୍-ପି) ୧୭ ଆସନ ଜିତିଛି। ସାନି ନର୍ବାଚନ ପାଇଁ ହୋଇଥିବା ଏକ ଆବେଦନକୁ ସୁପ୍ରିମକୋର୍ଟ ବୁଧବାର ଖାରଜ କରିଦେଇଛନ୍ତି। ତେଣୁ ଦେଶରେ ରାଜନୈତିକ ଅନିଶ୍ଚିତତା ଦୂର କରି ମେଣ୍ଟ ସରକାର ଗଠନ ଲାଗି ବାଟ ସଫା ହୋଇଯାଇଛି।




ଶେହବାଜ ଶରିଫ୍ ଅସିଫ ଅଲି ଜର୍ଦ୍ଦାରୀ

### କଂଗ୍ରେସ ଆକାଉଣ୍ଟରୁ ୬୫ କୋଟି ଉଠାଇ ନେଇଛି ଆଇଟି ବିଭାଗ: ମାକେନ

**ନୂଆଦିଲ୍ଲୀ,୨୧।୨(ପି.ଟି.)**

ମାମଲା ବିଚାରାଧୀନ ଥିବାବେଳେ କଂଗ୍ରେସର ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟରୁ ଆୟକର (ଆଇଟି)ବିଭାଗ ଅଗଣତାନ୍ତ୍ରିକ ଭାବେ ୬୫ କୋଟି ଟଙ୍କା ଉଠାଇନେଇଥିବା କୋଷାଧ୍ୟକ୍ଷ ଅଜୟ ମାକେନ ଅଭିଯୋଗ କରିଛନ୍ତି। ସେ କହିଛନ୍ତି ତଦନ୍ତକାରୀ ସଂସ୍ଥାଗୁଡ଼ିକର ଅଗଣତାନ୍ତ୍ରିକ କାର୍ଯ୍ୟାନୁଷ୍ଠାନ ଯୋଗୁ ଗଣତନ୍ତ୍ର ଶେଷ ହୋଇଯିବ। ବିଚାର ବ୍ୟବସ୍ଥା ଉପରେ ଦଳର ପୂର୍ଣ୍ଣ ଆସ୍ଥା ରହିଛି। ଆପିଲେଟ୍ କର୍ତ୍ତୃପକ୍ଷଙ୍କ ନିକଟରେ ମାମଲାର ଶୁଣାଣି ଚାଲିଥିବାବେଳେ କଂଗ୍ରେସ ଏବଂ ଯୁବ କଂଗ୍ରେସର ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟରୁ ୬୫ କୋଟି ଟଙ୍କା ଉଠାଇବା ପାଇଁ ଆୟକର କର୍ତ୍ତୃପକ୍ଷ ବ୍ୟାଙ୍କଗୁଡ଼ିକୁ ପତ୍ର ଲେଖିଛନ୍ତି।

# ସବୁଠୁ ବ୍ୟୟବହୁଳ ହେବ ସାଧାରଣ ନିର୍ବାଚନ

**ନୂଆଦିଲ୍ଲୀ,୨୧।୨**

ସୁପ୍ରିମକୋର୍ଟ ଇଲେକ୍ଟୋରାଲ ବଣ୍ଡକୁ ରଦ୍ଦ କରିଦେବା ପରେ ଆଗାମୀ ସାଧାରଣ ନିର୍ବାଚନରେ ବିପୁଳ ପରିମାଣର ଅସ୍ୱଚ୍ଛ ଟଙ୍କା ଖର୍ଚ୍ଚ ହେବା ଆଶଙ୍କା ବଢ଼ିଯାଇଛି। ଏପରି ହେଲେ ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର ଭାରତର ଲୋକ ସଭା ନିର୍ବାଚନ ପୃଥିବୀର ସବୁଠୁ ବ୍ୟୟବହୁଳ ନିର୍ବାଚନ ହେବ।

ଆସନ୍ତା ଏପ୍ରିଲ ଓ ମେ'ରେ ଲୋକ ସଭା ନିର୍ବାଚନ ଅନୁଷ୍ଠିତ ହେବ। ଏଥିପାଇଁ ରାଜନୈତିକ ଦଳ ଓ ପ୍ରାର୍ଥୀମାନେ ୧.୨ ଟ୍ରିଲିୟନ୍ ଟଙ୍କା (୧୪.୪ ବିଲିୟନ୍ ଡଲାର) ଖର୍ଚ୍ଚ କରିବାକୁ ଯାଉଛନ୍ତି ବୋଲି ନିର୍ବାଚନୀ ବ୍ୟୟ ଉପରେ ନଜର ରଖୁଥିବା ନୂଆଦିଲ୍ଲୀର ସେଣ୍ଟର ଫର୍ ମିଡିଆ ଷ୍ଟଡିଜ୍ ଅଧ୍ୟକ୍ଷ ଏନ୍. ଭାସ୍କର ରାଓ ସୂଚନା ଦେଇଛନ୍ତି। ପୂର୍ବରୁ କୌଣସି ନିର୍ବାଚନରେ ଏତେ ପରିମାଣର ଟଙ୍କା ଖର୍ଚ୍ଚ କରାଯାଇ ନ ଥିଲା। ୨୦୨୦ ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ହୋଇଥିବା ବ୍ୟୟ ତୁଳନାରେ ୧୪.୪ ବିଲିୟନ୍ ଡଲାର ଢେର ଅଧିକ ବୋଲି ଓପନ୍ସିକ୍ରେଟ୍ସ୍ଡଟ୍ଓଆର୍ଜି ପକ୍ଷରୁ କୁହାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାର ୨୦୧୮ରେ ଇଲେକ୍ଟୋରାଲ ବଣ୍ଡ ଆରମ୍ଭ କରିଥିଲେ। ଘରୋଇ ଅନୁଷ୍ଠାନ, ଶିଳ୍ପସଂସ୍ଥାଗୁଡ଼ିକରୁ ରାଜନୈତିକ ଦଳଗୁଡ଼ିକ ଚାନ୍ଦା ଗ୍ରହଣ ନିମନ୍ତେ ଏହି ବ୍ୟବସ୍ଥା କରାଯାଇଥିଲା। ଇଲେକ୍ଟୋରାଲ ବଣ୍ଡ ଜରିଆରେ ଦୁର୍ନୀତି, ମନି ଲଣ୍ଡରିଂ ବୃଦ୍ଧି ପାଇବା ସହ ଲୋକେ ଚାନ୍ଦାର ଉତ୍ସ ଜାଣିବାକୁ ପାଇବେ ନାହିଁ ଦର୍ଶାଇ ଏହାକୁ ସିଭିଲ ସୋସାଇଟି ସଦସ୍ୟ ଓ ବିରୋଧୀ ନେତାମାନେ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ସୁପ୍ରିମକୋର୍ଟ ଏହି ବଣ୍ଡକୁ ଅସାମ୍ବିଧାନିକ କହି ରଦ୍ଦ କରିଦେଇଛନ୍ତି। ନୂଆଦିଲ୍ଲୀସ୍ଥିତ



ଅବ୍ଜର୍ଭର ରିସର୍ଚ୍ଚ ଫାଉଣ୍ଡେଶନ୍ର ବରିଷ୍ଠ ଗବେଷକ ନିରଞ୍ଜନ ସାହୁଙ୍କ ମତରେ ଭାରତୀୟ ନିର୍ବାଚନଗୁଡ଼ିକରେ ଅର୍ଥର ବହୁଳ ପ୍ରଭାବ ରହିଛି। ହିସାବ ବହିର୍ଭୂତ ଟଙ୍କା ଭୋଟ ହାସଲରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥାଏ। ଭାସ୍କର ରାଓଙ୍କ ମତରେ ୨୦୧୯ ନିର୍ବାଚନ ତୁଳନାରେ ୨୦୨୪ ନିର୍ବାଚନରେ ଦୁଇଗୁଣରୁ ଅଧିକ ଟଙ୍କା ଖର୍ଚ୍ଚ ହେବ। ୨୦୧୯ରେ ପ୍ରାୟ ୬୦୦ ପ୍ରାର୍ଥୀ ୭.୨ ବିଲିୟନ୍ ଡଲାର ଖର୍ଚ୍ଚ କରିଥିବା ସେଣ୍ଟର ଫର୍ ମିଡିଆ ଷ୍ଟଡିଜ୍ର ଏକ ରିପୋର୍ଟରୁ ଜଣାପଡ଼ିଛି।

ଭାରତର ନିର୍ବାଚନ କମିଶନ (ଇସିଆଇ) ପ୍ରାର୍ଥୀମାନଙ୍କ ନିର୍ବାଚନୀ ଖର୍ଚ୍ଚକୁ ଜଣ ପିଛା ୭.୫ ନିୟୁତରୁ ୯.୫ ନିୟୁତ ଟଙ୍କା ମଧ୍ୟରେ ସୀମିତ ରଖିବାକୁ ଧାର୍ଯ୍ୟ କରିଛନ୍ତି। ନିର୍ବାଚନ ବେଳେ ଖର୍ଚ୍ଚ ହେଉଥିବା ମୋଟ ଅର୍ଥର ୧୦% କେନ୍ଦ୍ର ସରକାର ବ୍ୟୟ କରିଥାଆନ୍ତି। ଅବଶିଷ୍ଟ ଅର୍ଥ ରାଜନୈତିକ ଦଳ ଓ ପ୍ରାର୍ଥୀ ଖର୍ଚ୍ଚ କରନ୍ତି। ୨୦୧୪ ନିର୍ବାଚନରେ ୩୮.୭୦ ବିଲିୟନ୍ ଟଙ୍କା ଖର୍ଚ୍ଚ ହୋଇଥିବାବେଳେ ଏହି ହିସାବ କରାଯାଇଛି। ରିପୋର୍ଟ ଅନୁସାରେ ଅନେକ ପ୍ରାର୍ଥୀ ପ୍ରଚାର ବେଳେ ଭୋଟରମାନଙ୍କୁ ଟଙ୍କା ଓ ଫୋନ୍, ଛେଳି ଆଦି ଉପହାର ଦେଇଥାଆନ୍ତି। ନିର୍ବାଚନରେ କଳାଧନର ବ୍ୟବହାର ବଢ଼ିଚାଲିଥିବାବେଳେ ଇସିଆଇ ଧାର୍ଯ୍ୟ କରିଥିବା ସୀମା ଫଳପ୍ରଦ ନୁହେଁ। ଏହାକୁ ଉପଯୁକ୍ତ ଢଙ୍ଗରେ ଲାଗୁ ମଧ୍ୟ କରାଯାଉ ନାହିଁ ବୋଲି ନିରଞ୍ଜନ କହିଛନ୍ତି। ହିସାବ ବହିର୍ଭୂତ ଖର୍ଚ୍ଚର ପରିମାଣ ଏତେ ଅଧିକ ଯେ, ଏହା ଭାରତୀୟ ଅର୍ଥନୀତିର ଅଭିବୃଦ୍ଧିକୁ ମଧ୍ୟ ପ୍ରଭାବିତ କରିପାରେ ବୋଲି ବ୍ୟାଙ୍କ ଅଫ୍ ବରୋଦାର ମୁଖ୍ୟ ଅର୍ଥନୀତିଜ୍ଞ ମଦନ ସବନଭିସ୍ ପ୍ରକାଶ କରିଛନ୍ତି। ସର୍ବାଧିକ ଧନୀ ଭାଜପା ୨୦୧୮ରୁ ୨୦୨୨ ମଧ୍ୟରେ ଇଲେକ୍ଟୋରାଲ ବଣ୍ଡ ବିକ୍ରି ଜରିଆରେ ସଂଗୃହୀତ ୯୨ ବିଲିୟନ୍ ଟଙ୍କା (୧.୧ ବିଲିୟନ୍ ଡଲାର)ର ୫୭% ଅର୍ଥାତ୍ ୫୨.୭ ବିଲିୟନ୍ ଟଙ୍କା ପାଇଥିଲା। ମୁଖ୍ୟ ବିରୋଧୀ ଦଳ କଂଗ୍ରେସ ଏହାର ୧୦% ଅର୍ଥାତ୍ ୯.୬ ବିଲିୟନ୍ ଟଙ୍କା ଲାଭ କରିଥିଲା। ୨୦୧୯ ସାଧାରଣ ନିର୍ବାଚନରେ ଭାଜପା ୧୧.୪ ବିଲିୟନ୍ ଟଙ୍କା ଖର୍ଚ୍ଚ କରିଥିଲା, ଯାହାକି କଂଗ୍ରେସର ଖର୍ଚ୍ଚ ତୁଳନାରେ ପ୍ରାୟ ଦୁଇଗୁଣ ଅଧିକ।

### ସନ୍ଦେଶଖାଲି ଯିବ ଏନ୍ଏଚ୍ଆର୍ସି ଟିମ୍

**ନୂଆଦିଲ୍ଲୀ,୨୧।୨**

ପଶ୍ଚିମବଙ୍ଗର ସନ୍ଦେଶଖାଲିରେ କେତେଜଣ ମହିଳା ତୃଣମୂଳ କଂଗ୍ରେସ ନେତାଙ୍କ ବିରୋଧରେ ବଳାତ୍କାର ଅଭିଯୋଗ ଆଣିଥିବାବେଳେ ଏହାକୁ ନେଇ ରାଜନୀତି ଜୋର୍ ଧରିଛି। ଜାତୀୟ ମାନବାଧିକାର କମିଶନ (ଏନ୍ଏଚ୍ଆର୍ସି) ନିଜଆଡୁ ଉକ୍ତ ମାମଲାକୁ ଗ୍ରହଣ କରିବା ରାଜ୍ୟ ମୁଖ୍ୟ ଶାସନ ସଚିବ ଏବଂ ପୋଲିସ ମୁଖ୍ୟଙ୍କୁ ନୋଟିସ୍ ଜାରି କରିଛି। ଘଟଣାସ୍ଥଳର ତଦନ୍ତ ପାଇଁ କମିଶନ ସନ୍ଦେଶଖାଲିକୁ ଏକ ଟିମ୍ ପଠାଇବେ। ବଳାତ୍କାରୀ ତୃଣମୂଳ କଂଗ୍ରେସ ନେତା ଶେଖ୍ ଶାହଜାହାନଙ୍କ ବିରୋଧରେ ବିକ୍ଷୋଭ ଜାରି ରହିଛି। ଏହି ମାମଲାରେ ମାନବାଧିକାରର ଉଲ୍ଲଂଘନ ହୋଇଥିବାର ସୂଚନା ମିଳୁଛି, ଯାହା ବିବେକକୁ ଆଘାତ ଦେଇଛି ବୋଲି କମିଶନ କହିଛନ୍ତି।

# ସବୁ ଜିଲାରେ ପହଞ୍ଚିଲା ଲକ୍ଷ୍ମୀ ବସ୍ ସେବା

- ଆଉ ୫ ଜିଲାରେ ଲକ୍ଷ୍ମୀ ବସ୍ ଯୋଜନାର ଶୁଭାରମ୍ଭ
- ଗ୍ରାମାଞ୍ଚଳରେ ବ୍ୟାପକ ଅର୍ଥନୈତିକ ଅଭିବୃଦ୍ଧି ଆଣିବ ଲକ୍ଷ୍ମୀ: ମୁଖ୍ୟମନ୍ତ୍ରୀ
- ଲକ୍ଷ୍ମୀ ବସ୍ ଆମ ନିଜର ସମ୍ପତ୍ତି, ଏହାର ରକ୍ଷଣାବେକ୍ଷଣ କରିବାକୁ ଜନସାଧାରଣଙ୍କୁ ଅନୁରୋଧ କଲେ ପାଣ୍ଡିଆନ






ଭୁବନେଶ୍ୱର,୨୧।୨(ଅନିଲ ଦାସ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଭିଡିଓ କନ୍‌ଫରେନ୍ସ ଜରିଆରେ ବାଲେଶ୍ୱର, ଜଗତ୍‌ସିଂହପୁର, ଗଞ୍ଜାମ, ନୂଆପଡ଼ା ଓ ବୌଦ୍ଧ ଜିଲାରେ ଲକ୍ଷ୍ମୀ ବସ୍ ଯୋଜନାର ଶୁଭାରମ୍ଭ କରିଛନ୍ତି। ୫ଟି ଜିଲାର ୧୦୫୭ ପଞ୍ଚାୟତରେ ୨୫୫ ବସ୍ ଚଳାଚଳ ଆରମ୍ଭ କରିଛି। ଏହା ଦ୍ୱାରା ୭୧ ଲକ୍ଷରୁ ଅଧିକ ଲୋକ ଉପକୃତ ହୋଇଛନ୍ତି। ବାଲେଶ୍ୱର ଜିଲାର ୩୧୫ ପଞ୍ଚାୟତରେ ୪୮ବସ୍ ଚାଲିବା ଦ୍ୱାରା ୨୦ଲକ୍ଷ ୪୨ ହଜାର ଲୋକ ଉପକୃତ ହୋଇଥିବା ବେଳେ ନୂଆପଡ଼ାର ୧୨୩ ପଞ୍ଚାୟତରେ ୨୫ ବସ୍ ଚଳାଚଳ କରିବା ଯୋଗୁ ୫ ଲକ୍ଷ ୭୪ ହଜାର ଲୋକ ଉପକୃତ ହୋଇଛନ୍ତି। ସେହିପରି ବୌଦ୍ଧର ୫୫ ପଞ୍ଚାୟତରେ ୧୦ଟି ବସ୍ ଚାଲିବା ଦ୍ୱାରା ୩ ଲକ୍ଷ ୫୩ ହଜାର ଲୋକ ଉପକୃତ ହୋଇଥିବା ବେଳେ ଗଞ୍ଜାମର ୪୩୩ଟି ପଞ୍ଚାୟତରେ ୧୩୦ ବସ୍ ଚାଲିବା ଯୋଗୁ ୩୪ ଲକ୍ଷ ୪୭ ହଜାର ଲୋକ ଏବଂ ଜଗତ୍‌ସିଂହପୁର ଜିଲାର ୧୩୧ ପଞ୍ଚାୟତରେ ୪୨ ବସ୍ ଚାଲିବା ସହିତ ୭ ଲକ୍ଷ ୫୦ ହଜାର ଲୋକ ଉପକୃତ ହୋଇଛନ୍ତି। ଏଥିସହିତ ଓଡ଼ିଶାର ସମସ୍ତ ୩୦ ଜିଲାରେ ଲକ୍ଷ୍ମୀ ବସ୍ ଚଳାଚଳ ଆରମ୍ଭ କରିଛି। ସମୁଦାୟ ୩୦ ଜିଲାରେ ୧୩୫୪ ବସ୍ ଚାଲିବା ଆରମ୍ଭ କରିଛି। ଏହାଦ୍ୱାରା ୬୦୩୧ଟି ପଞ୍ଚାୟତର ୩.୬୪ କୋଟି ଲୋକ ଉପକୃତ ହୋଇଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଲକ୍ଷ୍ମୀ ବସ୍ ରାଜ୍ୟର ସବୁ ଗାଁରେ ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଅଧିକ କ୍ରିୟାଶୀଳ କରିବା ସହିତ ବ୍ୟାପକ ଅର୍ଥନୈତିକ ଅଭିବୃଦ୍ଧି ଆଣିବ। ଗାଁ ଲୋକମାନେ ଲକ୍ଷ୍ମୀ ବସ୍ ଜରିଆରେ ସୁବିଧାରେ ଏବଂ କମ୍ ଖର୍ଚ୍ଚରେ ସେମାନଙ୍କର ଦୈନନ୍ଦିନ କାର୍ଯ୍ୟ କରିପାରିବେ। ଲକ୍ଷ୍ମୀ ବସ୍ ଆମର ଜୀବନ ଯାତ୍ରାକୁ ସହଜ କରିବ। ୫-ଟି ଯୋଜନାରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ମିଶନ ଶକ୍ତି ସଦସ୍ୟମାନଙ୍କୁ ବସ୍ ପରିଚାଳନା ଦାୟିତ୍ୱ ଦିଆଯାଇଛି। ପଞ୍ଚାୟତକୁ ବିକାଶର କେନ୍ଦ୍ର କରିବା ଓ ଗାଁର ଅର୍ଥନୀତିକୁ ମଜଭୁତ କରିବା ଆମର ଲକ୍ଷ୍ୟ। ଲକ୍ଷ୍ମୀ ବସ୍ ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଲକ୍ଷ୍ମୀ ବସ୍ ସହିତ ସମ୍ପୃକ୍ତ ସମସ୍ତ ବିଭାଗ, ଜନପ୍ରତିନିଧି ଓ ସାଧାରଣ ଲୋକଙ୍କୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଦେଇଛନ୍ତି।

ଏହି କାର୍ଯ୍ୟକ୍ରମରେ ବୌଦ୍ଧଠାରେ ଉପସ୍ଥିତ ପରିବହନ ମନ୍ତ୍ରୀ ଟୁକୁନି ସାହୁ କହିଛନ୍ତି ଯେ ଲକ୍ଷ୍ମୀ ବସ୍ ପ୍ରତି ଘରେ ସମୃଦ୍ଧି ଆଣିବ। ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ତାଙ୍କ ଜିଲା ଗସ୍ତ ବେଳେ ଗ୍ରାମାଞ୍ଚଳରେ ଲୋକଙ୍କ ଗମନାଗମନର ସୁବିଧା ପାଇଁ ମିଳିଥିଲା ମତାମତ। ସେହି ଅନୁଯାୟୀ ସେ ୨୦୨୩ ମେ' ୯ ତାରିଖରେ ଜିଲାପାଳମାନଙ୍କ ସହିତ ଆଲୋଚନା କରିଥିଲେ। ଏହା ପରେ ଅକ୍ଟୋବର ୧୨ରେ ପ୍ରଥମେ ମାଲକାନଗିରିରେ ଆରମ୍ଭ ହୋଇଥିଲା ଲକ୍ଷ୍ମୀ ବସ୍। ଏ ପର୍ଯ୍ୟନ୍ତ ୩୦ ଜିଲାର ୯୫ ପ୍ରତିଶତ ପଞ୍ଚାୟତ ଏଥିରେ ଅନ୍ତର୍ଭୁକ୍ତ। ଲକ୍ଷ୍ମୀ ବସ୍ ଆମ ନିଜର ସମ୍ପତ୍ତି। ଏହାର ଉପଯୁକ୍ତ ରକ୍ଷଣାବେକ୍ଷଣ କରିବାକୁ ପାଣ୍ଡିଆନ କହିଛନ୍ତି। ଲକ୍ଷ୍ମୀ ବସ୍‌ରେ ମୁଖ୍ୟମନ୍ତ୍ରୀ ମା'ମାନଙ୍କ ପାଇଁ ଟିକେଟର ମୂଲ୍ୟ ୫ ଟଙ୍କା ରଖିଛନ୍ତି। ମିଶନ ଶକ୍ତି ସଦସ୍ୟମାନଙ୍କ ୟୁନିଫର୍ମ ପାଇଁ ୧୦୦୦ ଟଙ୍କା ପ୍ରଦାନ କରିଛନ୍ତି। ମମତା ଯୋଜନା ରାଶି ୧୦ ହଜାର ଟଙ୍କାକୁ ବୃଦ୍ଧି କରିଛନ୍ତି। ନୂଆ-ଓ ଛାତ୍ରବୃତ୍ତିରେ ପରିବାରର ସ୍ନାତକ ଓ ସ୍ନାତକୋତ୍ତର ଶ୍ରେଣୀର ଝିଅମାନଙ୍କ ପାଇଁ ୧୦ ହଜାର ଟଙ୍କା ବ୍ୟବସ୍ଥା କରିଛନ୍ତି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ମହିଳାଙ୍କ ପାଇଁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧା କରିଛନ୍ତି। ମିଶନ ଶକ୍ତି ସଦସ୍ୟଙ୍କ ପାଇଁ ବିନା ସୁଧରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ବ୍ୟବସ୍ଥା ଖୁବ୍ ଶୀଘ୍ର କାର୍ଯ୍ୟକାରୀ ହେବ ବୋଲି ସେ କହିଛନ୍ତି।

କାର୍ଯ୍ୟକ୍ରମରେ ବାଲେଶ୍ୱରରେ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, ବିଧାୟକ ସ୍ୱରୂପ କୁମାର ଦାସ, ନୂଆପଡ଼ାରେ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ, ଜିଲା ପରିଷଦ ସଭାପତି ଡଲି ମାଝି, ବୌଦ୍ଧରେ ମନ୍ତ୍ରୀ ପଦ୍ମନାଭ ପଦୀପ କୁମାର ଅମାତ, ବିଧାୟକ ମହୀଧର ରଣା, ଗଞ୍ଜାମରେ ବିଧାୟିକା ଲତିକା ପ୍ରଧାନ, ବିଧାୟକ ବିକ୍ରମ କୁମାର ପଣ୍ଡା, ଜଗତ୍‌ସିଂହପୁରରେ ସରକାରୀ ଦଳ ମୁଖ୍ୟ ସଚେତକ ପ୍ରଶାନ୍ତ କୁମାର ମୁଦୁଲି ଓ ଏମ୍‌ପି ରାଜଶ୍ରୀ ମଲ୍ଲିକ ପ୍ରମୁଖ ଯୋଗ ଦେଇ କହିଛନ୍ତି ଲକ୍ଷ୍ମୀ ବସ୍ ଜରିଆରେ ଗ୍ରାମାଞ୍ଚଳବାସୀଙ୍କ ଗମନାଗମନ ଅସୁବିଧାକୁ ମୁଖ୍ୟମନ୍ତ୍ରୀ ଦୂର କରିଦେଇଛନ୍ତି। କାର୍ଯ୍ୟକ୍ରମରେ ଜଗତ୍‌ସିଂହପୁରଠାରେ ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ସ୍ୱାଗତ ଭାଷଣ ଦେଇଥିଲେ।

# ସ୍ୱଦେଶୀ ଷ୍ଟାର୍ଟଅପ୍ ଉପରେ ନିବେଶ ପାଇଁ ଧର୍ମେନ୍ଦ୍ରଙ୍କ ଆହ୍ୱାନ




ଭୁବନେଶ୍ୱର,୨୧।୨(ସୁନିତ୍ ମିଶ୍ର)

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବୁଧବାର ନୂଆଦିଲ୍ଲୀ ଠାରେ ଅଲ୍ ଇଣ୍ଡିଆ ମ୍ୟାନେଜମେଣ୍ଟ ଆସୋସିଏସନ (ଆଇମା)ର ୬୮ତମ ପ୍ରତିଷ୍ଠା ଦିବସ ଏବଂ ୧୮ତମ ଜାତୀୟ ମ୍ୟାନେଜମେଣ୍ଟ ଦିବସ ଅବସରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ସ୍ୱଦେଶୀ ଷ୍ଟାର୍ଟଅପ୍‌ଗୁଡ଼ିକ ଉପରେ ନିବେଶ କରିବା ପାଇଁ ଶିଳ୍ପ ସମାଜକୁ ଆହ୍ୱାନ କରିଛନ୍ତି। ଧର୍ମେନ୍ଦ୍ର କହିଛନ୍ତି, ଆଗାମୀ ୨୫ ବର୍ଷରେ ଭାରତ ହେବ ଅନ୍‌ଷ୍ଟପେବୁଲ। ଶିକ୍ଷାଠାରୁ ଆରମ୍ଭକରି ଅର୍ଥନୀତି ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ଭାରତ ଉତ୍କର୍ଷ ହାସଲ କରିବ। ଭାରତର ଷ୍ଟାର୍ଟଅପ୍ ଇକୋସିଷ୍ଟମକୁ ଆହୁରି ସମ୍ପ୍ରସାରଣ କରିବା ପାଇଁ ସ୍ୱଦେଶୀ ଷ୍ଟାର୍ଟଅପ୍‌ଗୁଡ଼ିକ ଉପରେ ଅଧିକ ଭରସା କରିବା ଏବଂ ପୁଞ୍ଜିନିବେଶ କରିବା ଆବଶ୍ୟକ। ଅଲ୍ ଇଣ୍ଡିଆ ମ୍ୟାନେଜମେଣ୍ଟ ଆସୋସିଏସନ ପରି ଅନୁଷ୍ଠାନଗୁଡ଼ିକ ଏ ଦିଗରେ ନିଜର ଦାୟିତ୍ୱ ନିର୍ବାହ କରିବା ଜରୁରୀ। ଲୋକଙ୍କୁ ସେମାନଙ୍କ ଲକ୍ଷ୍ୟ ପୂରଣ କରିବା ପାଇଁ ମାର୍ଗଦର୍ଶନ ଦେବା ସହ ଭାରତର ସମ୍ପୂର୍ଣ୍ଣ ସମ୍ଭାବନାକୁ ଉପଯୋଗ କରିବା ଦିଗରେ ଥିବା ସମସ୍ତ ପ୍ରତିବନ୍ଧକ ଦୂରକରିବା ପାଇଁ ସେମାନଙ୍କ ଭୂମିକା ପ୍ରତିପାଦିତ କରିବା ଦରକାର। ଆମର ସାମୂହିକ ବୁଦ୍ଧିମତ୍ତାକୁ ରାଷ୍ଟ୍ର ନିର୍ମାଣରେ ବ୍ୟବହାର କରାଯିବା ଉଚିତ। ଏହି କଥାକୁ ଆମ ଭିତରେ ସୀମିତ ନ ରଖି ପରବର୍ତ୍ତୀ ପିଢ଼ି ପାଖରେ ମଧ୍ୟ ପହଞ୍ଚାଇବା ଦରକାର। ୨୦୨୭ ସୁଦ୍ଧା ଭାରତ ବିଶ୍ୱର ୩ୟ ବୃହତ୍ତମ ଅର୍ଥନୀତିରେ ପରିଣତ ହେବାକୁ ଯାଉଛି। ଏହାଦ୍ୱାରା ବିପୁଳ ସୁଯୋଗ ସୃଷ୍ଟି ହେବ। ଏହି ସୁଯୋଗର ବ୍ୟବହାର କରିବା ସହ ବିକଶିତ ଭାରତର ଲକ୍ଷ୍ୟକୁ ସାକାର କରିବା ପାଇଁ ଏକ ସାମୂହିକ ରୋଡ୍ ମ୍ୟାପ୍ ପ୍ରସ୍ତୁତ କରିବା ଆମ ଆଗରେ ଚ୍ୟାଲେଞ୍ଜ ରହିଛି। ଏହି ଚ୍ୟାଲେଞ୍ଜକୁ ସାମ୍ନା କରିବା ପାଇଁ ବିଚାରବିମର୍ଶ କରିବାକୁ ଧର୍ମେନ୍ଦ୍ର ଶିଳ୍ପ ସମାଜକୁ ପରାମର୍ଶ ଦେଇଛନ୍ତି। ଅଲ୍ ଇଣ୍ଡିଆ ମ୍ୟାନେଜମେଣ୍ଟ ଆସୋସିଏସନର ପ୍ରତିଷ୍ଠା ଦିବସ ପାଇଁ ଅନୁଷ୍ଠାନକୁ ଶୁଭେଚ୍ଛା ଜଣାଇବା ସହ ମ୍ୟାନେଜମେଣ୍ଟ, ସମାଜସେବା ଏବଂ ଥଟ୍ ଲିଡରଶିପ୍ ନେତୃତ୍ୱ ପାଇଁ ପୁରସ୍କୃତ ହୋଇଥିବା ସମସ୍ତ ବିଶିଷ୍ଟ ଶିଳ୍ପପତିଙ୍କୁ କେନ୍ଦ୍ରମନ୍ତ୍ରୀ ଅଭିନନ୍ଦନ ଜଣାଇଛନ୍ତି।

# ଘରୋଇ ବିଶ୍ୱବିଦ୍ୟାଳୟରେ ଆଇନ ଛାତ୍ରୀଙ୍କୁ ସିନିୟରଙ୍କ ମାଡ଼

ଭୁବନେଶ୍ୱର,୨୧।୨(ସୂର୍ଯ୍ୟକାନ୍ତ ବେହେରା)

**ରାଗିଂ ଚର୍ଚ୍ଚା**

ଭୁବନେଶ୍ୱରର ଏକ ଘରୋଇ ବିଶ୍ୱବିଦ୍ୟାଳୟରେ ଜଣେ ଆଇନ ଛାତ୍ରୀ ରାଗିଂର ଶିକାର ହୋଇଥିବା ଚର୍ଚ୍ଚା ଚାଲିଛି। ସମ୍ପୃକ୍ତ ପ୍ରଥମ ବର୍ଷର ଛାତ୍ରୀଙ୍କୁ ହଷ୍ଟେଲରେ ୩ ସିନିୟର ଛାତ୍ରୀ ମାଡ ମାରିଥିବା ନେଇ ସେ ଭରତପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତେବେ ଆକ୍ରମଣ ପଛର ପ୍ରକୃତ କାରଣ ଜଣାପଡି ନ ଥିବାବେଳେ ଆକ୍ରମଣରେ ଆଇନ ଛାତ୍ରୀ ଜଣକ ଆହତ ହୋଇଛନ୍ତି। ସୂଚନାନୁସାରେ, ଆକ୍ରମଣର ଶିକାର ହୋଇଥିବା ଛାତ୍ରୀ ଜଣକ ପ୍ରଥମେ ବିଶ୍ୱବିଦ୍ୟାଳୟ ଶୃଙ୍ଖଳା କମିଟି ପାଖରେ ଅଭିଯୋଗ କରିଥିଲେ। ମାତ୍ର ଆକ୍ରମଣକାରୀ ୩ଜଣ ସିନିୟର ଛାତ୍ରୀ କମିଟିରେ ହାଜର ହୋଇ ନ ଥିଲେ। ଫଳରେ ପୀଡିତା ଛାତ୍ରୀ ନ୍ୟାୟ ପାଇଁ ଥାନାର ଦ୍ୱାରସ୍ଥ ହୋଇଥିଲେ। ଏନେଇ ଭରତପୁର ଥାନା ଅଧିକାରୀ ଦିନକୃଷ୍ଣ ମିଶ୍ର କହିଛନ୍ତି, ଆକ୍ରମଣ ପଛର ପ୍ରକୃତ କାରଣ ସ୍ପଷ୍ଟ ହୋଇନାହିଁ। ପ୍ରଥମ ବର୍ଷର ଛାତ୍ରୀଙ୍କୁ କିଛି ସିନିୟର ଛାତ୍ରୀ ହଷ୍ଟେଲରେ ମିଳିତ ଭାବେ ମାଡ ମାରିଥିବା ନେଇ ଥାନାରେ ପୀଡିତା ଜଣକ ଅଭିଯୋଗ କରିଛନ୍ତି। ଏହି ଆଧାରରେ ଆଇପିସି ଦଫା ୩୪୧,୩୨୩,୩୪ରେ ମାମଲା (ନଂ ୧୧୦/୨୪) ରୁଜୁ କରାଯାଇ ଘଟଣାର ତଦନ୍ତ ଚାଲିଛି। ତଦନ୍ତ ପରେ ଆକ୍ରମଣର କାରଣ ଜଣାପଡିବ। ଅପରପକ୍ଷେ ତନ୍ତ୍ରମନ୍ତ୍ରକୁ ନେଇ ଏହି ଆକ୍ରମଣର ଶିକାର ହୋଇଥିବା ଶୁଣିବାକୁ ମିଳୁଛି। ପୀଡିତା ଛାତ୍ରୀ ଜଣକ ତନ୍ତ୍ରବିଦ୍ୟା କରି ଜଣେ ସିନିୟର ଛାତ୍ରୀଙ୍କ ପ୍ରେମକୁ ଭାଙ୍ଗି ଦେଇଥିବା ସନ୍ଦେହରେ ସେମାନେ ଏଭଳି କାଣ୍ଡ ଘଟାଇଥିବା କୁହାଯାଉଛି। ତେବେ ଏନେଇ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

# ଗଠନ ହେବ ଆଡ୍‌ଭୋକେଟ୍ ଏକାଡେମୀ

କଟକ,୨୧।୨ (କାର୍ତ୍ତିକ ସାହୁ)

**ରାଜ୍ୟ ଆଇନଜୀବୀ ପରିଷଦର ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି**
- ବାର୍ ଆସୋସିଏଶନ୍‌କୁ ନିର୍ବାଚନୀ ଖର୍ଚ୍ଚ ବନ୍ଦ
- କର୍ପସ ଫଣ୍ଡ ଦ୍ୱାରା ୧୦୦ ଟଙ୍କିଆ ଷ୍ଟାମ୍ପ ସ୍ଥଗିତ

ବହୁ ପ୍ରତୀକ୍ଷିତ ଆଡ୍‌ଭୋକେଟ୍ ଏକାଡେମୀ ଗଠନ ନିମନ୍ତେ ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ତତ୍‌ସଂକ୍ରାନ୍ତୀୟ ଆବଶ୍ୟକ ଭିତ୍ତିଭୂମି ପାଇଁ ଭୂମି ଓ ଅର୍ଥ ପ୍ରଦାନ ନିମନ୍ତେ ରାଜ୍ୟ ସରକାରଙ୍କ ନିକଟରେ ତୁରନ୍ତ ଅନୁରୋଧପତ୍ର ଦାଖଲ କରାଯିବ। ଏନେଇ କଟକସ୍ଥିତ ପରିଷଦର ମୁଖ୍ୟାଳୟରେ ଅନୁଷ୍ଠିତ ପରିଷଦର ସାଧାରଣ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏଥିସହ ରାଜ୍ୟର ସମସ୍ତ ଆଇନଜୀବୀଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବା ନିମନ୍ତେ ମଧୁବାବୁ ସ୍ୱାସ୍ଥ୍ୟବୀମା ଯୋଜନା ଲାଗୁ କରିବାକୁ ରାଜ୍ୟ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଇତିମଧ୍ୟରେ ଭାରତରେ ଅନେକ ରାଜ୍ୟର ସରକାର ଆଇନଜୀବୀ ସୁରକ୍ଷା ଆଇନ ପ୍ରଣୟନ କରିସାରିଛନ୍ତି। ଓଡ଼ିଶାରେ ମଧ୍ୟ ଏହି ଆଇନ ପ୍ରଣୀତ କରିବା ପାଇଁ ରାଜ୍ୟ ସରକାରଙ୍କ ନିକଟରେ ପ୍ରସ୍ତାବ ଉପସ୍ଥାପନ ନିମନ୍ତେ ବୈଠକରେ ସ୍ଥିର ହୋଇଛି। ପରିଷଦର ସଦସ୍ୟ ଦୀନେଶ ଚନ୍ଦ୍ର ରାୟ ଓ ଅକ୍ଷୟ କୁମାର ପତି ଉପରୋକ୍ତ ପ୍ରସଙ୍ଗ ବୈଠକରେ ଉପସ୍ଥାପନ କରିଥିଲେ। ଆଡ୍‌ଭୋକେଟ୍ ୱେଲ୍‌ଫେୟାର କର୍ପସ ଫଣ୍ଡକୁ ସ୍ଥଗିତ ରଖାଯିବା ଓ ସମସ୍ତ ବାର୍ ଆସୋସିଏଶନକୁ ଦିଆଯାଉଥିବା ନିର୍ବାଚନୀ ଖର୍ଚ୍ଚ ତୁରନ୍ତ ବନ୍ଦ କରିବା ପାଇଁ ମଧ୍ୟ ପରିଷଦର ଦୃଷ୍ଟିଆକର୍ଷଣ କରିଥିଲେ। ଏ ସମ୍ପର୍କରେ ଆଲୋଚନା କରାଯାଇ ଆଡ୍‌ଭୋକେଟ୍ ୱେଲ୍‌ଫେୟାର କର୍ପସ ଫଣ୍ଡ ଦ୍ୱାରା କରାଯାଉଥିବା ୧୦୦ ଟଙ୍କିଆ ଷ୍ଟାମ୍ପକୁ ସ୍ଥଗିତ ରଖିବା ପାଇଁ ନିଷ୍ପତ୍ତି ନିଆଯାଇଛି। ସେହିପରି ବାର୍ ଆସୋସିଏଶନ୍‌ଗୁଡ଼ିକୁ ଦିଆଯାଉଥିବା ନିର୍ବାଚନୀ ଖର୍ଚ୍ଚ ବନ୍ଦ ରଖିବାକୁ ନିଷ୍ପତ୍ତି ଗୃହୀତ ହୋଇଛି। ପରିଷଦର ଅଧ୍ୟକ୍ଷ ସିତାଂଶୁ ମୋହନ ଦ୍ୱିବେଦୀ ସଦସ୍ୟମାନଙ୍କୁ କୃତଜ୍ଞତା ଜଣାଇ ଭବିଷ୍ୟତରେ ଯଥାସମ୍ଭବ ଆଇନଜୀବୀଙ୍କ କଲ୍ୟାଣ ପାଇଁ ପଦକ୍ଷେପ ନେବାକୁ ଆହ୍ୱାନ ଦେଇଛନ୍ତି। ଆଇନଜୀବୀମାନଙ୍କ କଲ୍ୟାଣ ନିମନ୍ତେ ନିଆଯାଇଥିବା ପଦକ୍ଷେପଗୁଡ଼ିକୁ ରାଜ୍ୟର ସମସ୍ତ ଆଇନଜୀବୀ ଓ ବୁଦ୍ଧିଜୀବୀ ମହଲରୁ ସ୍ୱାଗତ କରାଯାଇଛି।

# ସଂରକ୍ଷିତ ଜଙ୍ଗଲରେ ଲାଗିଲା ନିଆଁ



ହୁତୁହୁତୁ ହୋଇ ଜଳୁଥିବା ସଂରକ୍ଷିତ ଜଙ୍ଗଲ।

ଉଦଳା,୨୧।୨
(ସନ୍ତୋଷ କୁମାର ବାଛିନୀ)

ମୟୂରଭଞ୍ଜ ଜିଲା ଉଦଳା ବନାଞ୍ଚଳ ଅଧୀନ ନୂଆସାହି ସଂରକ୍ଷିତ ଜଙ୍ଗଲରେ ବୁଧବାର ମଧ୍ୟାହ୍ନରେ ନିଆଁ ଲାଗି ବ୍ୟାପକ କ୍ଷତି ହୋଇଛି। ବଡ଼ ବଡ଼ ଗଛ ସାଙ୍ଗକୁ ଗୁଳ୍ମଲତା ପୋଡ଼ି ଛାରଖାର ହୋଇଯାଇଛି। ଗ୍ରୀଷ୍ମ ଆରମ୍ଭ ନ ହେଉଣୁ ଜଙ୍ଗଲର ୩ ଦିଗରୁ ନିଆଁ ଲାଗିଥିବାରୁ ଏହାକୁ ଆୟତ୍ତ କରିବାକୁ ବନ ବିଭାଗ ନାକେଦମ ହୋଇଛି। ନିଆଁ ଧୀରେ ଧୀରେ ବ୍ୟାପିବା ସହ ଭୟଙ୍କର ରୂପ ନେବାରେ ଲାଗିଛି। ନିଆଁ ଲାଗିବାର କାରଣ ଅସ୍ପଷ୍ଟ ରହିଥିବା ବେଳେ କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିବା ଅନୁମାନ କରାଯାଉଛି। ତେବେ ବଡ଼ ଗଛ ନଷ୍ଟ ହୋଇନାହିଁ ଏବଂ ନିୟନ୍ତ୍ରଣ ପାଇଁ ଚେଷ୍ଟା ଜାରି ରହିଥିବା ଉଦଳା ରେଞ୍ଜର ଜଗଦୀଶ ଦାସ କହିଛନ୍ତି।

# ୫ ଜିଲା ଶିକ୍ଷାଧିକାରୀଙ୍କୁ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

**ଏଆଇ ସର୍ଭିଲାନ୍ସରେ ମାଟ୍ରିକ ପରୀକ୍ଷା ଅବ୍ୟବସ୍ଥା**
ଶିକ୍ଷକ, ପୋଲିସ କର୍ମଚାରୀ ସାମିଲ

କଟକ,୨୧।୨ (କାର୍ତ୍ତିକ ସାହୁ)

ଚଳିତବର୍ଷ ମାଟ୍ରିକ ପରୀକ୍ଷାର ମଙ୍ଗଳବାର ପ୍ରଥମ ଦିନରେ କେତେକ ପରୀକ୍ଷାକେନ୍ଦ୍ରର ଅବ୍ୟବସ୍ଥା ସମ୍ପର୍କରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ସର୍ଭିଲାନ୍ସ ଅବଗତ କରାଇଛି। ପରୀକ୍ଷା ଡ୍ୟୁଟିରେ ଥିବା ଶିକ୍ଷକ ଓ ପୋଲିସ ଏଥିରେ ସମ୍ପୃକ୍ତ ଅଛନ୍ତି। ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ମୁଖ୍ୟାଳୟର କଣ୍ଟ୍ରୋଲ ରୁମ୍‌ରେ ସିସିଟିଭି କ୍ୟାମେରା ଦ୍ୱାରା ଅବ୍ୟବସ୍ଥା ସୂଚିତ ହେବା ପରେ ବୋର୍ଡ ପକ୍ଷରୁ କଡ଼ା ଆଭିମୁଖ୍ୟ ଗ୍ରହଣ କରାଯାଇଛି। ୫ ଜିଲାର ୮ ପରୀକ୍ଷା କେନ୍ଦ୍ରରେ ହୋଇଥିବା ଅବ୍ୟବସ୍ଥା ଓ ଅନିୟମିତତାକୁ ବୋର୍ଡ ରେକର୍ଡ କରିଛି। ସେଥିମଧ୍ୟରେ କଟକ ଜିଲାର ନରସିଂହପୁରସ୍ଥିତ ଏ.ଏନ୍. ହାଇସ୍କୁଲ, କାନପୁର ବାଳିକା ହାଇସ୍କୁଲ, ଜନାର୍ଦ୍ଦନପୁରସ୍ଥିତ ଚିତ୍ରୋତ୍ପଳା ନୋଡାଲ ହାଇସ୍କୁଲ, ଅଡ଼ଶପୁରସ୍ଥିତ ପ୍ରାଚୀ ଏକାଡେମୀ, କଳାହାଣ୍ଡି ଜିଲା କୋକସରାସ୍ଥିତ ଜବାହର ଉଚ୍ଚ ବିଦ୍ୟାପୀଠ, ଢେଙ୍କାନାଳ ଜିଲା ମେରାମୁଣ୍ଡଳିସ୍ଥିତ ଅରବିନ୍ଦ ବିଦ୍ୟାମନ୍ଦିର, ପୁରୀ ଜିଲା ପିପିଲି ନୋଡାଲ ହାଇସ୍କୁଲ ଓ ନୟାଗଡ଼ ଜିଲା ରଣପୁରସ୍ଥିତ ବି.ସି. ହାଇସ୍କୁଲ ଅନିୟମିତତା ତାଲିକାଭୁକ୍ତ ହୋଇଛି। ଏନେଇ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଓ କଟକ ଏସ୍‌ପିଙ୍କୁ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ବୋର୍ଡ ପକ୍ଷରୁ ଲିଖିତ ଭାବେ ଅବଗତ କରାଯାଇଛି।

ବୋର୍ଡ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଏ. ଏନ୍. ହାଇସ୍କୁଲରେ ଜଣେ ନିରୀକ୍ଷକ ପରୀକ୍ଷା ପରିଚାଳନା କ୍ଷେତ୍ରରେ ସକ୍ରିୟ ନାହାନ୍ତି। ଏପରି କି ପରୀକ୍ଷାର୍ଥୀମାନେ ପରସ୍ପର ମଧ୍ୟରେ କଥା ହେଉଥିଲେ ବି ସେ କାହାରିକୁ ବାରଣ କରୁନାହାନ୍ତି। ପୁଣି ଜଣେ ମହିଳା ପୋଲିସ କୌଣସି କାରଣ ନ ଥାଇ ପରୀକ୍ଷା କେନ୍ଦ୍ରକୁ ପ୍ରବେଶ କରୁଛନ୍ତି। କାନପୁର ବାଳିକା ହାଇସ୍କୁଲରେ ଦେଖାଯାଇଛି ପରୀକ୍ଷା ଚାଲିଥିବା ଏକ କୋଠରିର ଝରକା ବାହାର ପଟରେ ଅନାଧିକୃତ ଭାବେ ଜଣେ ବ୍ୟକ୍ତି ଅଛନ୍ତି। ଜନାର୍ଦ୍ଦନପୁରସ୍ଥିତ ଚିତ୍ରୋତ୍ପଳା ନୋଡାଲ ହାଇସ୍କୁଲରେ ପରୀକ୍ଷାର୍ଥୀମାନଙ୍କୁ ପରସ୍ପର ମଧ୍ୟରେ କଥା ହେବାରୁ ନିବୃତ୍ତ ରଖିବାକୁ ବାରଣ କରିବା ନିମନ୍ତେ ସେତେ ସକ୍ରିୟ ନାହାନ୍ତି। ଅଡ଼ଶପୁରସ୍ଥିତ ପ୍ରାଚୀ ଏକାଡେମୀରେ ବୋର୍ଡ ଗାଇଡ୍ ଲାଇନ ଅନୁସାରେ ପରୀକ୍ଷା ପରିଚାଳନା ହେଉନାହିଁ। ବିଶେଷକରି ବୋର୍ଡ ଦ୍ୱାରା ନିର୍ଦ୍ଧାରିତ ସମୟ ଅନୁସାରେ ପ୍ରଶ୍ନପତ୍ର ପଠାଇବା କାର୍ଯ୍ୟ କରାଯାଇନାହିଁ। ସେହିପରି ଜବାହର ଉଚ୍ଚ ବିଦ୍ୟାପୀଠରେ ଜଣେ ଶିକ୍ଷୟିତ୍ରୀ ପୂର୍ବାହ୍ନ ୯ଟା ୧୭ରେ ମୋବାଇଲ ଫୋନ୍ ବ୍ୟବହାର କରୁଥିବା ଦେଖିବାକୁ ମିଳିଛି। ଅରବିନ୍ଦ ବିଦ୍ୟାମନ୍ଦିରର ୨ ନମ୍ବର କୋଠରିରେ ପୂର୍ବାହ୍ନ ୧୦ଟା ୪ ମିନିଟ୍‌ରେ କେହି ନିରୀକ୍ଷକ ନାହାନ୍ତି। ପିପିଲି ନୋଡାଲ ହାଇସ୍କୁଲ ଏବଂ ବି.ସି. ହାଇସ୍କୁଲରେ ପ୍ରଶ୍ନପତ୍ର ପଠାଇବା କାର୍ଯ୍ୟ ସମୟାନୁସାରେ କରାଯାଇନାହିଁ। ସମ୍ପୃକ୍ତ ପରୀକ୍ଷା ନିରୀକ୍ଷକ ଓ ସୁପରିଣ୍ଟେଣ୍ଡେଣ୍ଟଙ୍କ ଉପରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ପକ୍ଷରୁ ଉପରୋକ୍ତ ୫ ଜିଲାର ଜିଲା ଶିକ୍ଷାଧିକାରୀ(ଡିଇଓ)ଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ଜଙ୍ଗଲ ରାସ୍ତାରେ ମହାବଳ-ମଣିଷ





ଜଙ୍ଗଲ ରାସ୍ତାରେ ମହାବଳ ଯାଉଛି। ମହାବଳ ବାଘ ଚଳପ୍ରଚଳ କରୁଥିବା ରାସ୍ତାରେ ଛୋଟପିଲା ଓ ଜଣେ ବ୍ୟକ୍ତି ଯାଉଛନ୍ତି।

ବାରିପଦା,୨୧।୨
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଏକ ରାସ୍ତାରେ ଉଭୟ ମହାବଳ ବାଘ ଓ ମଣିଷ ଚଳପ୍ରଚଳ କରିବାର ଏକ ଭିଡିଓ ଟ୍ରାପ୍ କ୍ୟାମେରାରେ କଏଦ ହୋଇଛି। ଏହାକୁ ପ୍ରମୁଖ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ସୁଶାନ୍ତ ନନ୍ଦ ସୋସିଆଲ ମିଡିଆ (ଏକ୍ସ)ରେ ଶେୟାର କରିଛନ୍ତି। ଆଗାମୀ ଦିନରେ ଶିମିଳିପାଳ ଅଭୟାରଣ୍ୟରେ ମହାବଳ ଓ ମଣିଷ ଏକା ସାଙ୍ଗରେ ମିଳିମିଶି ରହିବେ ବୋଲି ସେ ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି। ଭିଡିଓଟି ଭାଇରାଲ ହେବା ପରେ ଲୋକେ ଏହାକୁ ଦେଖି ଚକିତ ହୋଇଥିବା ବେଳେ ମହାବଳଙ୍କ ସଂଖ୍ୟା ବୃଦ୍ଧି ହୋଇଥିବା ନେଇ ପ୍ରାଣୀ ପ୍ରେମୀମାନେ ଖୁସିବ୍ୟକ୍ତ କରିଛନ୍ତି।

ସୂଚନା ଅନୁଯାୟୀ, ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଅଧୀନରେ ରହୁଥିବା ଗ୍ରାମର ଲୋକମାନଙ୍କ ଚଲାପଥରେ ଏକ ମହାବଳ ବାଘ ଚଳପ୍ରଚଳ କରିଥିଲା। ମହାବଳ ଯିବାର କିଛି ସମୟ ପରେ ଏକ ଛୋଟ ପିଲା ସହିତ ଜଣେ ଲୋକ ସେହି ରାସ୍ତାରେ ଯାଉଥିବା ଦେଖିବାକୁ ମିଳିଛି। ତେବେ କୋର୍ ଏରିଆରେ ରହୁଥିବା ଲୋକଙ୍କୁ ମହାବଳ ବାଘ ଆକ୍ରମଣ ନ କରିବା ଭଳି ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରଛି। ମହାବଳ ବାଘଙ୍କ ପାଇଁ ଶିମିଳିପାଳ ଅଭୟାରଣ୍ୟ ଉପଯୁକ୍ତ ବାସସ୍ଥଳୀ ଭାବେ ଏନ୍‌ଟିସିଏ ପ୍ରକାଶ କରିଛି। ବାଘର ଖାଦ୍ୟ ଶୃଙ୍ଖଳ, ବାସସ୍ଥଳୀ ଓ ବଂଶବୃଦ୍ଧି ନିମନ୍ତେ ଶିମିଳିପାଳ ପ୍ରକୃଷ୍ଟ ସ୍ଥାନ। ଖାଦ୍ୟାଭାବ ନ ଥିବାରୁ ମହାବଳ ଲୋକଙ୍କୁ ଆକ୍ରମଣ କରୁନାହିଁ ବୋଲି ପୂର୍ବତନ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଭାନୁମିତ୍ର ଆଚାର୍ଯ୍ୟ କହିଛନ୍ତି। ତେବେ ବାଘ ଓ ମଣିଷ ମୁହାଁମୁହିଁ ହେବା ଶିମିଳିପାଳ ଅଭୟାରଣ୍ୟରେ ଏକ ନିତିଦିନିଆ ଘଟଣା ବୋଲି ସେ କହିଛନ୍ତି।



## ସଂକ୍ଷେପରେ

### ମାତୃଭାଷା ପରିପ୍ରେକ୍ଷୀରେ ଓଡ଼ିଶାର ସ୍ଥାନ ମହନୀୟ

**ବିଶ୍ୱ ଓଡ଼ିଆ ଭାଷା ଦିବସ**

ଭୁବନେଶ୍ୱର,୨୧।୨(ଶର୍ମିଷ୍ଠା ପାଣିଗ୍ରାହୀ)

ବିଶ୍ୱ ମାତୃଭାଷା ଦିବସ ବୁଧବାର ସଂସ୍କୃତି ଭବନ ସମ୍ମିଳନୀ କକ୍ଷରେ ପାଳିତ ହୋଇଯାଇଛି। ଓଡ଼ିଆ ଭାଷା ପ୍ରତିଷ୍ଠାନର ନିର୍ଦ୍ଦେଶକ ଦିଲୀପ ରାଉତରାଏ କାର୍ଯ୍ୟକ୍ରମରେ ସଭାପତିତ୍ୱ କରି କହିଲେ, ମାତୃଋଣ କେତେବେଳେ ବି ପରିଶୋଧ କରାଯାଇ ପାରେନାହିଁ। ମା', ମାତୃଭୂମି ଓ ମାତୃଭାଷା ଚିର ବନ୍ଦନୀୟା। ମାତୃଭାଷା ପରିପ୍ରେକ୍ଷୀରେ ଓଡ଼ିଶାର ସ୍ଥାନ ମହନୀୟ। ମାତୃଭାଷା ଦିବସ ଘୋଷଣା ହେବାର ୧୦୦ ବର୍ଷ ପୂର୍ବରୁ ଓଡ଼ିଆ ଭାଷାକୁ ନେଇ ଓଡ଼ିଶାରେ ଆନ୍ଦୋଳନ ମୁଣ୍ଡ ଟେକିଥିଲା। ଓଡ଼ିଶା ସର୍ବଭାରତୀୟ କ୍ଷେତ୍ରରେ ପ୍ରଥମ ଭାଷାଭିତ୍ତିକ ପ୍ରଦେଶ ଭାବରେ ମାନ୍ୟତା ପାଇଛି ଏବଂ ଓଡ଼ିଆ ଷଷ୍ଠ ଭାଷା ଭାବରେ ଶାସ୍ତ୍ରୀୟ ମାନ୍ୟତା ଲାଭକରିଛି ବୋଲି ସେ ଉଲ୍ଲେଖ କରିଥିଲେ। ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ ଓଡ଼ିଆ ଭାଷାର ଐତିହ୍ୟ ଓ ପରମ୍ପରା ସମ୍ପର୍କରେ ଉଲ୍ଲେଖ କରିବା ସହ ବିଶ୍ୱ ସାହିତ୍ୟରେ ଦେଖାଦେଇଥିବା ବହୁଭାଷିକତା କିପରି ଆମର ସମାଜ ଓ ସଂସ୍କୃତିକୁ ଋଦ୍ଧିମନ୍ତ କରେ ତାହା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଡ. ପ୍ରମୋଦ କୁମାର ଦ୍ୱିବେଦୀ ଆଲୋଚକ ଭାବେ ଯୋଗଦେଇଥିବାବେଳେ ଡ. ରମେଶ ଚନ୍ଦ୍ର ମଲ୍ଲିକ ବହୁଭାଷୀ ଶିକ୍ଷା ବ୍ୟବସ୍ଥା ସମ୍ପର୍କରେ କହିଥିଲେ । ଡ. ମିହିର କୁମାର ସାହୁ ଓଡ଼ିଆ ଭାଷା ଓ ସାହିତ୍ୟର ଉନ୍ନତି କାମନା କରିଥିଲେ । କାର୍ଯ୍ୟକ୍ରମରେ ସୁଶ୍ରୀ ରାଧାରାଣୀ ସରକାର ନବରଙ୍ଗପୁରର ଭାଷିକ ବୈଚିତ୍ର୍ୟ ବର୍ଣ୍ଣନା କରିବା ସହିତ ଓଡ଼ିଆ ଭାଷାର ମହାନତା ସ୍ୱୀକାର କରିଥିଲେ। ଏହି ଉତ୍ସବରେ ସୋନାଲି ଓ ସୁପ୍ରିୟା ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଡ. ଫଣୀନ୍ଦ୍ର ଭୂଷଣ ନନ୍ଦ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଫେସର ପ୍ରେମାନନ୍ଦ ମହାପାତ୍ର ମଞ୍ଚ ସଞ୍ଚାଳନ ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

### ଖବରକାଗଜ ବିତରକଙ୍କ ପରଲୋକ

ଭୁବନେଶ୍ୱର, ୨୧।୨ (ଶର୍ମିଷ୍ଠା ପାଣିଗ୍ରାହୀ)

ପୁରୁଣା ଭୁବନେଶ୍ୱରର ଖବରକାଗଜ ବିତରକ ସତ୍ୟ ନାରାୟଣ ସାହୁ (୫୮)ଙ୍କର ବାରିକ ସାହିସ୍ଥିତ ବାସଭବନରେ ମଙ୍ଗଳବାର ପରଲୋକ ଘଟିଛି। ସେ ୩୫ବର୍ଷ ଧରି ସ୍ଥାନୀୟ ଅଞ୍ଚଳରେ



ଖବରକାଗଜ ବିତରଣ କରି ଆସୁଥିଲେ। କିଛିଦିନ ଧରି ସେ ଛାତିରେ ଯନ୍ତ୍ରଣା ଅନୁଭବ କରିବା ସହ ଚିକିତ୍ସିତ ହେଉଥିଲେ। ମଙ୍ଗଳବାର ରାତିରେ ଗୁରୁତର ହୋଇପଡିବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଗରାବନ୍ଧୁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପୁଅ ସଞ୍ଜୀବ କୁମାର ସାହୁ ମୁଖାଗ୍ନି ଦେଇଥିଲେ। ମୃତ୍ୟୁ ସମୟରେ ଝିଅ, ଜ୍ୱାଇଁ, ସ୍ତ୍ରୀ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବୁଧବାର ଓଲ୍ଡ ଟାଉନ୍ ମାର୍କେଟ କମ୍ପ୍ଲେକ୍ସସ୍ଥିତ ବିତରକ କେନ୍ଦ୍ର ପକ୍ଷରୁ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି।

# 'ଜଙ୍ଗଲ ଅଧିକାର ଆଇନ କାର୍ଯ୍ୟକାରୀ କରାଯାଉ'

ଭୁବନେଶ୍ୱର,୨୧।୨ (ଅନୁରାଧା ମହାରଣା)

**ସାଲିଆସାହିରେ ଜନସମାବେଶ**

ସାଲିଆସାହି ଆଞ୍ଚଳିକ କମିଟି ତରଫରୁ ସ୍ଥାନୀୟ ଆଦିବାସୀଗାଁ ଫୁଟ୍‌ବଲ ପଡିଆଠାରେ ଜଙ୍ଗଲ ଅଧିକାର ଆଇନ ତୁରନ୍ତ କାର୍ଯ୍ୟକାରୀ କରିବା ଦାବିରେ ଏକ ବଡ଼ ଜନସମାବେଶ ଅନୁଷ୍ଠିତ ହୋଇଛି। ସିପିଆଇଏମ୍‌ର ରାଜ୍ୟ ସଂପାଦକ ମଣ୍ଡଳୀ ସଦସ୍ୟ ସୁରେଶ ପାଣିଗ୍ରାହୀ, ଭାଜପା ନେତା ଦିଲୀପ ମହାନ୍ତି, କଂଗ୍ରେସ ନେତା ଶିବାନନ୍ଦ ରାୟ, ସିପିଆଇର ରାଜ୍ୟ ନେତା ଜୟନ୍ତ ଦାସ, ସିପିଆଇଏମ୍ଏ ରେଡ ଷ୍ଟାର୍‌ର ରାଜ୍ୟ ସଂପାଦିକା ପ୍ରମିଳା, ବସ୍ତି ସୁରକ୍ଷା ମଞ୍ଚର ହେନା ବାରିକ ପ୍ରମୁଖ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି। ସାଲିଆସାହିରେ ୫୦ ବର୍ଷରୁ ଅଧିକ ସମୟ ଧରି ଆଦିବାସୀ ଏବଂ ପାରମ୍ପରିକ ଜଙ୍ଗଲ ଅଧିବାସୀମାନେ ବସବାସ କରି ଆସୁଛନ୍ତି। ଭରତପୁର, ଶିଖରଚଣ୍ଡୀ, ନୀଳାଦ୍ରିବିହାର ଆଦି ସ୍ଥାନରେ ଜାଗାରେ ଜମିପଟା ଦେଇ ବସ୍ତିବାସିନ୍ଦାଙ୍କୁ ସରକାର ଥଇଥାନ କରିଛନ୍ତି।

ଏହାପରେ ବାଲ୍ମିକୀ ଆମ୍ବେଦକର ଯୋଜନା, ଧରାଭୀ ମଡେଲ, ଜବାହରଲାଲ ନେହେରୁ ସହରାଞ୍ଚଳ ନବୀକରଣ ଯୋଜନା, ରାଜୀବ ଆବାସ ଯୋଜନା ଜାଗା ନାମରେ ଯୋଜନା ପରେ ଯୋଜନା କରାଯାଇଥିଲେ ମଧ୍ୟ ସାଲିଆସାହିରେ କିଛି ବି କାର୍ଯ୍ୟକାରୀ କରାଗଲା ନାହିଁ। ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ଜାଗା ମିଶନ କାର୍ଯ୍ୟକାରୀ କରିବା ନାମରେ ମିଛ ଡ୍ରୋନ ଉଡାଇ ଜାଗା ମିଶନରେ ଜମିପଟା ଦିଆଯିବ ବୋଲି ଗୁଜବ ସୃଷ୍ଟି କରାଗଲା। ବାସ୍ତବରେ ସାଲିଆସାହି ଜଙ୍ଗଲ ଜମିରେ ରହିଥିବା ହେତୁ କୌଣସି ଯୋଜନାରେ ଥଇଥାନ କରାଯାଇ ପାରିବ ନାହିଁ ବୋଲି ମେୟର ଗଣମାଧ୍ୟମରେ କହିଛନ୍ତି। ମାତ୍ର ଜଙ୍ଗଲ ଅଧିକାର ଆଇନ ଲାଗୁ କରି ଜମି ଅଧିକାର ଦେବା ପାଇଁ ସରକାର ପଛଘୁଞ୍ଚା କାହିଁକି ଦେଉଛନ୍ତି ବୋଲି ସେମାନେ ପ୍ରଶ୍ନ କରିଛନ୍ତି।

ଜଙ୍ଗଲ ଅଧିକାର ଆଇନର ଧାରା ୪(୫)ର ପ୍ରାବଧାନ ଅନୁସାରେ, ଜଙ୍ଗଲ ଅଧିକାରରେ ବ୍ୟକ୍ତିଗତ ଏବଂ ଗୋଷ୍ଠୀଗତ ଅଧିକାର ତଥା ପାରମ୍ପରିକ ଗୋଷ୍ଠୀ ସମ୍ବଳ ପ୍ରଦାନ କାର୍ଯ୍ୟ ଶେଷ ନ ହେବା ପର୍ଯ୍ୟନ୍ତ ଆଦିବାସୀ ଏବଂ ପାରମ୍ପରିକ ଜଙ୍ଗଲ ଅଧିବାସୀଙ୍କୁ ଉଚ୍ଛେଦ କମ୍ବା ବିତାଡିତ କରାଯାଇ ପାରିବ ନାହିଁ। ତାହା ମଧ୍ୟ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଅପରାଧ ନିବାରଣ ଧାରା ୩-୧(ଜି) ଅନୁସାରେ ଦଣ୍ଡନୀୟ ଅପରାଧ ଅଟେ। ତେଣୁ ଜଙ୍ଗଲ ଅଧିକାର ଆଇନକୁ ସମ୍ମାନ ଜଣାଇ ସମସ୍ତ ଉଚ୍ଛେଦ କାର୍ଯ୍ୟ ଓ ବେଆଇନ ନିର୍ମାଣକୁ ବନ୍ଦ କରିବା ପାଇଁ ସାଲିଆସାହି ଆଞ୍ଚଳିକ କମିଟି ତରଫରୁ ଦାବି କରାଯାଇଛି। ଏହି ସମାବେଶକୁ ଆଞ୍ଚଳିକ କମିଟି ସଭାପତି ଜୟଦେବ ନାୟକ, ସଦସ୍ୟ ରଘୁନାଥ ନାଥ, ଶିବଶଙ୍କର ସୋରେନଙ୍କ ଦ୍ୱାରା ଗଠିତ ସଭାପତି ମଣ୍ଡଳୀ ପରିଚାଳନା କରିଥିଲେ। ଦାବି ପୂରଣ ନ ହେଲେ ଜୋରଦାର ଲଢେଇ କରାଯିବ ବୋଲି ସାଲିଆସାହି ଆଞ୍ଚଳିକ କମିଟିର ଆବାହକ ମଣ୍ଡଳି ସଭ୍ୟମାନେ ଚେତାବନୀ ଦେଇଛନ୍ତି।

# ଛାତ୍ରୀଛାତ୍ରଙ୍କ ଭିତରେ ମୂଲ୍ୟ ଭିତ୍ତିକ ଶିକ୍ଷା ରହିବା ଦରକାର




ଆସ୍ଥା ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ ପକ୍ଷରୁ ବାଗ୍ମୀତା ପ୍ରତିଯୋଗିତାର ଉଦ୍‌ଘାଟନ କରାଯାଉଛି।

ବାଲିଅନ୍ତା,୨୧।୨(ନୀଳମାଧବ ସାହୁ)

ଶ୍ରୀମାଙ୍କ ଜନ୍ମ ଦିବସ ଅବସରରେ ରାଜଧାନୀ ଉପକଣ୍ଠ ବାଲିଅନ୍ତାସ୍ଥିତ ଆସ୍ଥା ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ ପକ୍ଷରୁ ବୁଧବାର ଏକ ଜାତୀୟସ୍ତରୀୟ ବାଗ୍ମୀତା ପ୍ରତିଯୋଗିତାର ୮ମ ସଂସ୍କରଣ 'ଯୁଗ୍ମ' ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଜୁ ପଟ୍ଟନାୟକ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜିର କୁଳପତି ଡ. ଅମୀୟ ରଥ ଯୋଗଦେଇ ମୂଲ୍ୟଭିତ୍ତିକ ଶିକ୍ଷା ଛାତ୍ରୀଛାତ୍ରଙ୍କ ଭିତରେ ରହିବା ଦରକାର ବୋଲି କହିଥିଲେ। ବୟସ୍କ ବ୍ୟକ୍ତି ଓ ଅଭିଭାବକଙ୍କୁ ସମ୍ମାନ ଦେବା ଉଚିତ୍। ଏହି ଶିକ୍ଷା ବିଦ୍ୟାଳୟସ୍ତରରୁ ହିଁ ଛାତ୍ରୀଛାତ୍ରଙ୍କୁ ଶିଖା ଯିବାର ଆବଶ୍ୟକତା ରହିଛି। ମୁଖ୍ୟ ଉପଦେଷ୍ଟା ଭାଗୀରଥି ମହାପାତ୍ର ଯୋଗଦେଇ ଶ୍ରୀମା ଓ ଅରବିନ୍ଦଙ୍କ ଦୃଷ୍ଟିଭଙ୍ଗୀରେ ଶିକ୍ଷାର ଉପାଦେୟତା ଉପରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ଆସ୍ଥା ସ୍କୁଲ ଅଫ ମ୍ୟାନେଜମେଣ୍ଟର ଏକଜ୍ୟୁକେଟିଭ ଡାଇରେକ୍ଟର ଓ ସମ୍ପାଦକ ଡ. ବଙ୍କିମ ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ପ୍ରତିଯୋଗିତାରେ ରାଜ୍ୟ ଓ ରାଜ୍ୟ ବାହାରରୁ ୫୦ ଶିକ୍ଷାନୁଷ୍ଠାନର ଶତାଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଛନ୍ତି। ପ୍ରତିଯୋଗୀ ନିଜ ନିଜର ବକ୍ତବ୍ୟ ଜୁରୀ ମେମ୍ବର ପ୍ରଫେସର ଡ. ଶର୍ମିଳା ସୁବ୍ରମନିୟନ, ଡ. ଅଶୋକ ମଙ୍ଗରାଜ ଓ ଉପଦେଷ୍ଟା ମହାପାତ୍ରଙ୍କ ନିକଟରେ ଉପସ୍ଥାପିତ କରିଥିଲେ। ଉତ୍ସବକୁ ପ୍ରଫେସର ଅନନ୍ୟା ସ୍ୱାଇଁ ପରିଚାଳନା କରିଥିଲେ। ପ୍ରଫେସର ଜୀନାଶିଷ ମହାନ୍ତି, ପ୍ରଫେସର ମନୋରଞ୍ଜନ ନାୟକ, ପ୍ରଫେସର ସୁଭଶ୍ୱିତା ନାୟକ ଓ ଅଶୋକ ମିଶ୍ର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ପଟିଆ ପାର୍କର ଭୂମିପୂଜା, ନେଚର୍ସ ଟ୍ରେଲ୍ ଉଦ୍‌ଘାଟିତ

ଭୁବନେଶ୍ୱର,୨୧।୨
(ଅନୁରାଧା ମହାରଣା)




ପଟିଆ ପାର୍କର ଭୂମି ପୂଜନ ଅବସରରେ ବିଡିଏ ଉପାଧ୍ୟକ୍ଷ ବଲୱନ୍ତ ସିଂହଙ୍କ ସହ ଅନ୍ୟମାନେ।

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ)ର 'ଗ୍ରୀନ୍ ଭୁବନେଶ୍ୱର ଭିଜନ'ରେ ବିଭିନ୍ନ ପାର୍କର ରକ୍ଷଣାବେକ୍ଷଣା ଓ ଖାଲିପଡ଼ିଥିବା ଜମିରେ ବୃକ୍ଷରୋପଣ କରାଯାଉଛି। ଏହି କ୍ରମରେ ଭୁବନେଶ୍ୱର(ଉତ୍ତର) ବିଧାୟକ ସୁଶାନ୍ତ କୁମାର ରାଉତ ରାଜଗଡ଼ସ୍ଥିତ ପଟିଆ ପାର୍କର ଭୂମିପୂଜା କରିଛନ୍ତି। ଏଥିସହିତ ବିଧାୟକ, ଗାଡ଼କଣଠାରେ ଅବସ୍ଥିତ ଗୁରୁ କେଲୁ ଚରଣ ମହାପାତ୍ର ପାର୍କର ନିର୍ଦ୍ଧାରିତ ପାର୍କିଂ ପ୍ଲାଜା ଓ ୯୦୦ ମିଟର ଦୀର୍ଘ ନେଚର୍ସ ଟ୍ରେଲ୍ (ପ୍ରକୃତି ପଥ)କୁ ଉଦ୍‌ଘାଟନ କରିଛନ୍ତି। କାର୍ଯ୍ୟକ୍ରମରେ ବିଏମ୍‌ସି ମେୟର ସୁଲୋଚନା ଦାସ, ବିଡିଏ ଉପାଧ୍ୟକ୍ଷ ବଲୱନ୍ତ ସିଂହ, ସିଟି ଡିଭିଜନର ଡିଏଫ୍ଓ ଅଜିତ କୁମାର ଶତପଥୀ, କର୍ପୋରେଟର ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଶ୍ମଶାନ ନିକଟରେ ଥିବା ୧୧ ଏକର ପରିମିତ ରାଜଗଡ଼ ପଟିଆ ପାର୍କକୁ ଘଞ୍ଚଜଙ୍ଗଲରେ ପରିଣତ କରିବାକୁ ଯୋଜନା ରହିଛି। ଏଥିରେ ପ୍ରକୃତି ଟ୍ରେଲ, ରିଫ୍ଲେକ୍ସୋଲୋଜି ପଥ, ବର୍ଷା ଆଶ୍ରୟସ୍ଥଳ, ଜଳାଶୟ ଏବଂ ପାର୍କିଂ ପାଇଁ ପର୍ଯ୍ୟାପ୍ତ ସ୍ଥାନ ସମେତ ବିଭିନ୍ନ

**ବିଡିଏର ଗ୍ରୀନ୍ ଭୁବନେଶ୍ୱର ଭିଜନ**

ସୁବିଧା ଉପଲବ୍ଧ ରହିବ। ଏହାବ୍ୟତୀତ ଓପନ ଏୟାର ଜିମ୍, ପିଲାଙ୍କ ଖେଳ ପଡ଼ିଆ ଓ ଯୋଗ ସ୍ଥାନର ବ୍ୟବସ୍ଥା କରାଯାଇଛି। ପାର୍କରେ ବସିବା ପାଇଁ ପର୍ଯ୍ୟାପ୍ତ ସୁବିଧା କରାଯିବା ସହିତ ଏଠାରେ ପର୍ଯ୍ୟଟକଙ୍କ ପାଇଁ ଖୋଲା ସ୍ଥାନ ରହିବ। ଏଥିସହ ପ୍ରକୃତି ଶିକ୍ଷା କାର୍ଯ୍ୟକ୍ରମ ପରି ମନୋରଞ୍ଜନ କାର୍ଯ୍ୟକଳାପକୁ ମଧ୍ୟ ଏହି ସ୍ଥାନରେ ପରବର୍ତ୍ତୀ ସମୟରେ ଆରମ୍ଭ କରାଯିବ। ଏହା ସ୍ଥାନୀୟ ବାସିନ୍ଦା ଏବଂ ପ୍ରକୃତି ମଧ୍ୟରେ ଏକ ନିର୍ଭରଯୋଗ୍ୟ ବନ୍ଧନକୁ ପ୍ରୋତ୍ସାହିତ କରିବାରେ ସହାୟକ ହେବ ବୋଲି ଆଶା କରାଯାଉଛି। ସେହିପରି ଗାଡ଼କଣସ୍ଥିତ ଗୁରୁ କେଲୁ ଚରଣ ମହାପାତ୍ର ପାର୍କରେ ପାର୍କିଂ ସ୍ଥଳ ଓ ପ୍ରକୃତି ଟ୍ରେଲ ଗଢ଼ି ତୋଳିବା ବିଡିଏର ଗ୍ରୀନ ଭୁବନେଶ୍ୱର ଭିଜନର ଏକ ଅଂଶ ବିଶେଷ। ୧.୧ ଏକର ପରିମିତ ଏହି ପାର୍କିଂରେ ୧୦୦ରୁ ଅଧିକ ଚାରି ଚକିଆ ଓ ୨୨୦ରୁ ଅଧିକ ଦୁଇ ଚକିଆ ଯାନ ରହିପାରିବ। ଆସନ୍ତା ୬ ମାସ ମଧ୍ୟରେ ପଟିଆ ପାର୍କ ସମ୍ବନ୍ଧୀୟ ସମସ୍ତ କାର୍ଯ୍ୟ ଶେଷ ହେବ ବୋଲି ବିଡିଏ ଉପାଧ୍ୟକ୍ଷ ସିଂହ ସୂଚନା ଦେଇଛନ୍ତି।

# ବାୟୋଫ୍ ଉତ୍ସବ ଉଦ୍‌ଘାଟିତ

ପୁରୀ,୨୧।୨(ଅଜିତ୍ ମହାନ୍ତି)

ପୁରୀର ଏକ ହୋଟେଲ ପରିସରରେ ବୁଧବାର ୨୧ତମ ବାୟୋଫ୍ (ବ୍ରିଙ୍ଗ ୟୋର ଓ୍ୱନ୍ ଫିଲ୍ମ ଫେଷ୍ଟିଭାଲ) ଉତ୍ସବର ଶୁଭାରମ୍ଭ ହୋଇଛି। ଏହା ୫ଦିନ ଧରି ଚାଲିବ। ଇରାନ୍‌ରୁ ଆସିଥିବା ନାଜ୍‌ନୀ ଫିଲ୍ମ ଫେଷ୍ଟିଭାଲର ଶୁଭାରମ୍ଭ କରିଥିଲେ। ଏଠାରେ ପ୍ରଦର୍ଶିତ ହେବାକୁ ଥିବା ଫିଲ୍ମକୁ ଦେଖି ସେ ଭାରତୀୟ କଳା ସଂସ୍କୃତି ସମ୍ପର୍କରେ ଅଧିକ ଜ୍ଞାନ ହାସଲ କରିପାରିବେ ବୋଲି ସେ କହିଛନ୍ତି। ଉତ୍ସବ ପ୍ରାରମ୍ଭରେ ଜାତୀୟ ପୁରସ୍କାରପ୍ରାପ୍ତ ନିର୍ଦ୍ଦେଶକ ଆଶୁତୋଷ ପଟ୍ଟନାୟକଙ୍କ ଫିଲ୍ମ 'ଜାଗା ଆଖଡ଼ା' ପ୍ରଦର୍ଶିତ ହୋଇଥିଲା। ଏହି ଫିଲ୍ମରେ ପୁରୀର ଜାଗା ଆଖଡ଼ା ସଂସ୍କୃତିକୁ ବର୍ଣ୍ଣନା କରାଯାଇଛି। ପରେ ଫିଲ୍ମ ହିଟ୍, ଦିଲ୍ଲୀ ଏନ୍‌ସିଆ ଫୋକ୍‌ଲୋର୍, ତାକତ୍ କି ଫୋକ୍‌ଲୋର, ପାଓ୍ୱାର ଫର୍ ଅଲ୍ ଏବଂ ସାଙ୍କି ଦାରୋଗା ପ୍ରଦର୍ଶନ କରାଯାଇଥିଲା। ଏଥିରେ ଦେଶ ଓ ବିଦେଶର ୬୦ଟି ଚଳଚ୍ଚିତ୍ର ସ୍କ୍ରିନିଂ ହେବ। ଏଥିସହ ଦେଶ ବିଦେଶରୁ ୩୦୦ରୁ ଅଧିକ ପ୍ରତିନିଧି ଯୋଗ ଦେବେ। ଅଭିଜ୍ଞ ଓ ଯୁବ ଫିଲ୍ମ ନିର୍ମାତା ଏବଂ ପ୍ରଯୋଜକଙ୍କ ସମାହାର ଏହି ଫିଲ୍ମ ମହୋତ୍ସବରେ ଦେଖିବାକୁ ମିଳିବ।

# ସ୍ୱର୍ଣ୍ଣ ଚତୁର୍ଭୁଜର ୨୫ତମ ପୂର୍ତ୍ତି ଉତ୍ସବ




ଭୁବନେଶ୍ୱର,୨୧।୨

ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଦୂରଦୃଷ୍ଟିସମ୍ପନ୍ନ ପ୍ରକଳ୍ପ 'ସ୍ୱର୍ଣ୍ଣ ଚତୁର୍ଭୁଜ' (ମୁମ୍ବାଇ,ଦିଲ୍ଲୀ, କୋଲାକତା ଏବଂ ଚେନ୍ନାଇ ଜାତୀୟ ରାଜପଥର ସଂଯୋଗ)ର ବାର୍ଷିକ ଉତ୍ସବ ସହ ୨୫ତମ ପୂର୍ତ୍ତି ଉତ୍ସବ ମଧ୍ୟ ନିକଟରେ ପାଳିତ ହୋଇଯାଇଛି। ଏହି ଅବସରରେ ଜଣାଶୁଣା ଭାରତୀୟ ୟୁଟ୍ୟୁବର ତଥା ଅଟୋମୋବାଇଲ ସାମ୍ବାଦିକ ନିଶିମାନ୍ୟ ବାହାଦୁର ଏକ ସ୍ୱତନ୍ତ୍ର କାର୍ ଯୋଗେ ଏହି ସ୍ୱର୍ଣ୍ଣ ଚତୁର୍ଭୁଜ ପରିଭ୍ରମଣରେ ବାହାରିଛନ୍ତି। ସେ ଫେବୃଆରୀ ୧୨ରେ ମୁମ୍ବାଇରୁ ଏହି ଭ୍ରମଣର ଶୁଭାରମ୍ଭ କରିଥିଲେ। ଉଲ୍ଲେଖଯୋଗ୍ୟ, ମୁମ୍ବାଇରୁ ଆରମ୍ଭ ହୋଇଥିବା ପରିଭ୍ରମଣର ଯାତ୍ରା ଯଥାକ୍ରମେ ମୁମ୍ବାଇ, ଅହମଦାବାଦ, ଆଜମେର, ନୂଆଦିଲ୍ଲୀ,କାନପୁର, ବନାରସ, ବୁଦ୍ଧଗୟା ଏବଂ କୋଲକାତା ଅତିକ୍ରମ ପରେ ନିଶିମାନ୍ୟ ଭୁବନେଶ୍ୱରରେ ଆସି ପହଞ୍ଚିଛନ୍ତି। ଏହି ପରିପ୍ରେକ୍ଷୀରେ ଓଡ଼ିଶାର ବିଭିନ୍ନ ରାଷ୍ଟ୍ରାୟତ୍ତ କମ୍ପାନୀ ଏବଂ କେନ୍ଦ୍ରୀୟ ସଂସ୍ଥାର ମିଳିତ ସହଯୋଗରେ ଏକ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା। ଭୁବନେଶ୍ୱରଠାରେ ଆୟୋଜିତ ଉକ୍ତ ସମ୍ବର୍ଦ୍ଧନା ସଭାରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆଞ୍ଚଳିକ ଜିଏସ୍‌ଟି ଏବଂ ସିବିଡିଟି ଓ ଆୟକର କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀ ନିଶିମାନ୍ୟଙ୍କ ସମେତ ରାଜ୍ୟର ଜଣାଶୁଣା ଅଲିମ୍ପିଆନ ତଥା ଅର୍ଜୁନ ପୁରସ୍କାର ବିଜେତା କେ. ରବିକୁମାର ଏବଂ ଦୂତୀ ଚାନ୍ଦଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସବୁ ବର୍ଗର ଲୋକ ଓ ରାଇଡରମାନେ ଯୋଗଦେଇଥିଲେ। ଅପରପକ୍ଷରେ ଭୁବନେଶ୍ୱରର ପାହାଲଠାରୁ 'ଅଟଳ ଯାତ୍ରା: ଗୋଲ୍‌ଡେନ କ୍ୟାଡ୍ରିଲେଟରାଲ ଡ୍ରାଇଭ'ର ଆୟୋଜନ କରାଯାଇଥିଲା। ଏ ସମ୍ପର୍କରେ ନିଶିମାନ୍ୟ ଭାରତୀୟ ରାଜପଥର ସ୍ଥିତି ଓ ସ୍ୱର୍ଣ୍ଣ ଚତୁର୍ଭୁଜ ଜାତୀୟ ରାଜପଥର ସଂଯୋଗ ରାସ୍ତା ନିର୍ମାଣରେ ଭାରତର ଭୂମିକା ଆଦି ବିଷୟରେ ସେ ବିସ୍ତୃତ ଭାବେ ମତପ୍ରକାଶ କରିଥିଲେ।

# ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନକୁ 'ଉତ୍ର' ଗୌରବ ସମ୍ମାନ

ଭୁବନେଶ୍ୱର,୨୧।୨(ଶର୍ମିଷ୍ଠା ପାଣିଗ୍ରାହୀ)

'ଉତ୍ର' ଚାରିଟେବୁଲ ଟ୍ରଷ୍ଟର ସପ୍ତମ ବାର୍ଷିକ ଉତ୍ସବ ଗୁରୁ କେଲୁଚରଣ ମହାପାତ୍ର ଓଡିଶୀ ଗବେଷଣା କେନ୍ଦ୍ରଠାରେ ପାଳନ କରାଯାଇଥିଲା। କାର୍ଯ୍ୟକ୍ରମରେ ଉଦଘାଟକ ମନ୍ତ୍ରୀ ଅଶୋକ କୁମାର ପଣ୍ଡା, ମୁଖ୍ୟ ଅତିଥି ମୋ ସ୍କୁଲ ଅଭିଯାନର ଅଧ୍ୟକ୍ଷା ସୁସ୍ମିତା ବାଗଚୀ, ମୁଖ୍ୟବକ୍ତା ଏସ୍‌ଏସ୍‌ଇପିଇଡିର ସଚିବ ବିଷ୍ଣୁପଦ ସେଠୀ, ସମ୍ମାନିତ ଅତିଥି ସାହିତ୍ୟିକ ମାୟାଧର ନାୟକ, ଟ୍ରଷ୍ଟର ମୁଖ୍ୟ ପରାମର୍ଶଦାତା ଆକାଶ ଦାସନାୟକ, ଟ୍ରଷ୍ଟର ସମ୍ପାଦିକା ଶୁଭ୍ରାଜ୍ୟୋତି ଦାସନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ବାର୍ଷିକ ଉତ୍ସବରେ ଅନେକ ସାମାଜିକ ସ୍ୱେଚ୍ଛାସେବୀ



'ଉତ୍ର' ଚାରିଟେବୁଲ ଟ୍ରଷ୍ଟର ସପ୍ତମ ବାର୍ଷିକ ଉତ୍ସବରେ ସମ୍ମାନିତ ଅନୁଷ୍ଠାନର କର୍ମକର୍ତ୍ତାଙ୍କ ସହ ଅତିଥିମାନେ।

ସଂଗଠନ ଯଥା କ୍ଲବ ଦି ୟୁଥ ମାସ, ଆମେ ବିପଦର ସାଥି, ସ୍ମାଇଲ ଫାଉଣ୍ଡେସନ, ଆମେ ଆପଣଙ୍କ ପାଇଁ ହେଲ୍ପିଙ୍ଗ ଗ୍ରୁପ ଓ ପ୍ରଦୀପ ସେବା ଟ୍ରଷ୍ଟକୁ 'ଉତ୍ର' ଗୌରବ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ଡା. ସୂର୍ଯ୍ୟପ୍ରକାଶ ଏସ. ଚୌଧୁରୀ, ଶୁଭଶ୍ରୀ ମଙ୍ଗରାଜ, ଦେବୀପ୍ରସାଦ ମଙ୍ଗରାଜ, ଅସିତ୍ ସାହୁ, ବୈଷ୍ଣବ ଚରଣ ଭୋଳ, ପଓ୍ୱନ ପାତ୍ରୋ, ଭବାନୀଶଙ୍କର ଜେନା, କିଶୋର ଚନ୍ଦ୍ର ଦାସ, ତିତିକ୍ଷା ରାୟ, ଜୋଷିକା ବୋଷ ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ିଆ ଭାଷାର ଶାସ୍ତ୍ରୀୟ ମାନ୍ୟତା ଗୌରବର କଥା




'ବୌଦ୍ଧିକ ବିକାଶରେ ମାତୃଭାଷା' ଶୀର୍ଷକ ରାଜ୍ୟସ୍ତରୀୟ ଆଲୋଚନାଚକ୍ରରେ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଦିଲୀପ ରାଉତରାଏ ଅଭିଭାଷଣ ରଖୁଛନ୍ତି।

ଭୁବନେଶ୍ୱର,୨୧।୨(ଶର୍ମିଷ୍ଠା ପାଣିଗ୍ରାହୀ)

ଆମ ଦେଶ ଏକ ବହୁଭାଷୀୟ ରାଷ୍ଟ୍ର ଓ ସଂସ୍କୃତି ଗୋଟିଏ। ସବୁ ଭାଷା ହେଉଛି ମାତୃଭାଷା। ଏ ଦୃଷ୍ଟିରୁ ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତାପ୍ରାପ୍ତ ହେବା ଆମ ପାଇଁ ଗୌରବର କଥା ବୋଲି ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ ମତବ୍ୟକ୍ତ କରିଛନ୍ତି। ବୁଧବାର ଅନ୍ତର୍ଜାତୀୟ ଭାଷା ଦିବସ ଅବସରରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଓ ସାହିତ୍ୟ ଅନୁଷ୍ଠାନ 'ଝୁମୁକା' ପକ୍ଷରୁ ଗୀତଗୋବିନ୍ଦ ସଦନଠାରେ ଆୟୋଜିତ 'ବୌଦ୍ଧିକ ବିକାଶରେ ମାତୃଭାଷା' ଶୀର୍ଷକ ରାଜ୍ୟସ୍ତରୀୟ ଆଲୋଚନାଚକ୍ରକୁ ଉଦ୍‌ଘାଟନ କରି ପଟ୍ଟନାୟକ ଏହା କହିଛନ୍ତି। ମୁଖ୍ୟ ଅତିଥି ଭାବେ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଦିଲୀପ ରାଉତରାଏ ଯୋଗଦେଇ କହିଲେ, ମାତୃଭାଷାକୁ ଭଲ ପାଇବା ଶିଖିଲେ ନିଜ ମାଆ ଓ ମାଟିକୁ ଭଲ ପାଇବା ସହ ସମାନ ହେବ। ସମ୍ମାନିତ ଅତିଥି ଭାବେ ଓଡ଼ିଆ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସବିତା ପ୍ରଧାନ କହିଲେ, ଭାଷା କେବଳ ଶବ୍ଦାର୍ଥକୁ ବହନ କରେ ନାହିଁ। ଏହା ସଂସ୍କୃତିର ଅର୍ଥକୁ ପ୍ରସାରିତ କରେ । ଅନ୍ୟତମ ବକ୍ତା ସାହିତ୍ୟିକ ଦାଶ ବେନହୁର କହିଲେ, ମାତୃଭାଷା ଜ୍ଞାନ ଓ ରୋଜଗାରର ଭାଷା ହେବା ଆବଶ୍ୟକ। 'ଝୁମୁକା'ର ସମ୍ପାଦକ ମାନସରଞ୍ଜନ ସାମଲ ସ୍ୱାଗତ ଭାଷଣ ଦେଇ କହିଲେ, ଲିଖନ, ପଠନ ଓ ବ୍ୟବହାର ନ ହେଲେ ଭାଷା ମରିଯାଏ। ଓଡ଼ିଆ ଶାସ୍ତ୍ରୀୟ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ରର ନିର୍ଦ୍ଦେଶକ ପ୍ରଫେସର ବସନ୍ତ କୁମାର ପଣ୍ଡା ଅଧ୍ୟକ୍ଷତା କରି କହିଲେ, ପ୍ରାଥମିକ ଶିକ୍ଷା ସ୍ତରରେ ମାତୃଭାଷା ବାଧ୍ୟତାମୂଳକ ଓ ବହୁଭାଷୀ ଶିକ୍ଷା ଆଧାରିତ ହେବା ଜରୁରୀ। ଡ.ଅମ୍ବରୀଶ ଶତପଥୀ ଧନ୍ୟବାଦ ଦେଇଥିବାବେଳେ ଶ୍ରୁତକୀର୍ତ୍ତି ତ୍ରିପାଠୀ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

# ଚନ୍ଦ୍ରମାପାଟପୁରରେ ଅଭିଲେଖଯୁକ୍ତ ବୀରଶିଳା ଚିହ୍ନଟ

ଖୋର୍ଦ୍ଧା,୨୧।୨ (ପ୍ରଭାତ ପାଣିଗ୍ରାହୀ)

ଯୁଦ୍ଧରେ ଉଲ୍ଲେଖନୀୟ ବୀରତ୍ୱ ପ୍ରଦର୍ଶନ କରିଥିବା ଅଥବା ଯୁଦ୍ଧ କରି ପ୍ରାଣବଳି ଦେଇଥିବା ମହାନ ବୀରମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ମଧ୍ୟଯୁଗୀୟ ସମୟରେ ବୀରଶିଳା (ହିରୋଷ୍ଟୋନ) ସ୍ଥାପନ କରାଯାଉଥିଲା। ଭାରତର ବିଭିନ୍ନ ସ୍ଥାନରେ ଏପରି ବୀରଶିଳା ଦେଖିବାକୁ ମିଳୁଥିବାବେଳେ ଓଡ଼ିଶାରେ ପ୍ରାୟ ଭୌମ ବଂଶର ରାଜତ୍ୱ ସମୟ (୯ମ ଶତାବ୍ଦୀ) ଠାରୁ ଆରମ୍ଭ କରି ବ୍ରିଟିଶ ଶାସନ କାଳ (୧୯ଶ ଶତାବ୍ଦୀ) ପର୍ଯ୍ୟନ୍ତ ପ୍ରତିଷ୍ଠିତ ଅନେକ ବୀରଶିଳା ପରିଲକ୍ଷିତ ହୋଇଥାଏ। ଏସବୁ ଓଡ଼ିଶା ସାମରିକ ଇତିହାସର ଗୌରବମୟ ଅଧ୍ୟାୟର ପରିଚୟ ବହନ କରେ। ବୀରଶିଳା ସାଧାରଣତଃ କୌଣସି ଅସ୍ତ୍ରଶସ୍ତ୍ରଧାରୀ ବୀରଙ୍କୁ ଯୁଦ୍ଧ କରୁଥିବା ଭଙ୍ଗୀ ଅଥବା ନିଜ ଆରାଧ୍ୟ ଦେବତାଙ୍କୁ ପୂଜା କରୁଥିବା ଦୃଶ୍ୟରେ ଦେଖିବାକୁ ମିଳିଥାଏ। କେତେକ ବୀରଶିଳା ଅଭିଲେଖଯୁକ୍ତ ହୋଇଥାନ୍ତି, ଏପରି କ୍ଷେତ୍ରରେ ବୀରଙ୍କ ସମ୍ପର୍କରେ ସମ୍ୟକ ପରିଚୟ ମିଳିପାରିଥାଏ। ନିକଟରେ

**ଗୌରବମୟ ସାମରିକ ଐତିହ୍ୟର ମୂକସାକ୍ଷୀ**



'କଳିଙ୍ଗ ଏପିଗ୍ରାଫିକାଲ ରିସର୍ଚ୍ଚ ଗ୍ରୁପ୍' ପକ୍ଷରୁ ଚାଲିଥିବା ଓଡ଼ିଶାର ପ୍ରାଚୀନ ଅଭିଲେଖ ସମ୍ପର୍କିତ ଅନୁସନ୍ଧାନ ସମୟରେ ଐତିହ୍ୟ ଗବେଷକ ଦୀପକ କୁମାର ନାୟକ ଏବଂ ମିହିର ବାହିନୀପତି ଖୋର୍ଦ୍ଧା ଜିଲା ସଦର ବ୍ଲକ ଅନ୍ତର୍ଗତ ଚନ୍ଦ୍ରମାପାଟପୁର ଶାସନ ଗ୍ରାମରେ ପ୍ରାଚୀନ ଐତିହାସିକ କୀର୍ତ୍ତିରାଜି ଅଭିଲେଖଯୁକ୍ତ ବୀରଶିଳା ଚିହ୍ନଟ କରିଛନ୍ତି।

କଳିଙ୍ଗ ଏପିଗ୍ରାଫିକାଲ ରିସର୍ଚ୍ଚ ଗ୍ରୁପ୍‌ର ସଦସ୍ୟ ଦୀପକ କୁମାର ନାୟକ କହିଛନ୍ତି, ଚନ୍ଦ୍ରମାପାଟପୁର ଗ୍ରାମର ଭୈରବୀ ମନ୍ଦିର ନିକଟରେ ଏହି ବୀରଶିଳା ଅବହେଳିତ ଅବସ୍ଥାରେ ଦେଖିବାକୁ ମିଳିଥିଲା। ସେଥିରେ ଗଜାରୋହୀ ବୀରଙ୍କ ଚିତ୍ର ଅଙ୍କିତ ହୋଇଛି। ଏହି ବୀରଙ୍କ ଧନୁରୁ ପ୍ରେରିତ ତୀର ଏକ ଶତ୍ରୁ ସୈନ୍ୟଙ୍କୁ ବିଦ୍ଧ କରୁଛି। ମୂର୍ତ୍ତି ନିମ୍ନଭାଗରେ କେତେଜଣ ଅଶ୍ୱାରୋହୀ ସୈନିକଙ୍କ ଯୁଦ୍ଧଯାତ୍ରାର ଛବି ରହିଛି। ବୀରଶିଳା ଉପରି ଭାଗରେ ତିନି ଧାଡ଼ିର ଅଭିଲେଖ ଦେଖିବାକୁ ମିଳୁଛି। ଏହି ଅଭିଲେଖ ପ୍ରାୟ ୧୧ଶହ କିମ୍ବା ୧୨ଶହ ଶତାବ୍ଦୀରେ କଳିଙ୍ଗୋତ୍କଳରେ ବ୍ୟବହୃତ ଓଡ୍ର ନାଗରୀ ଲିପି ଓ ସଂସ୍କୃତ ଭାଷାରେ ଉତ୍କୀର୍ଣ୍ଣ ହୋଇଛି ବୋଲି ନାୟକ କହିଛନ୍ତି। ଅଭିଲେଖର କିଛି ଅଂଶ ଖରାବର୍ଷା ମାଡ଼ ଓ ଚୂନ ପ୍ରଲେପ ଯୋଗୁ ନଷ୍ଟ ହୋଇଯାଇଥିଲେ ମଧ୍ୟ କେତେକ ଶବ୍ଦ ବାରି ହୋଇଥିଲା। କଳିଙ୍ଗ ଏପିଗ୍ରାଫିକାଲ ରିସର୍ଚ୍ଚ ଗ୍ରୁପ୍‌ର ସଦସ୍ୟ ମିହିର ବାହିନୀପତିଙ୍କ ମତରେ ନିରାକାରପୁର ଓ ଏହାର ଆଖପାଖ ଅଞ୍ଚଳ ଯଥା- ମାଳିସାହି, ଗଡ଼ଖୋରଧା ତିପୁରୀ, ମୁଗପଦର ଆଦି ସ୍ଥାନରେ ଏପରି ଅନେକ ବୀରଶିଳା ସବୁ ବିକ୍ଷିପ୍ତ ଭାବରେ ପଡ଼ିରହିଛି।

## ସଂକ୍ଷେପରେ

### କାଠଫାଳିଆ ମାଡ଼ରେ ଜଣେ ଆହତ: ବାପ-ପୁଅ ଗିରଫ

ନିରାକାରପୁର,୨୧ା୨(ମାନସ ଚନ୍ଦ୍ର ପଟ୍ଟନାୟକ)

ପୂର୍ବଶତ୍ରୁତାକୁ କେନ୍ଦ୍ରକରି ବାପ-ପୁଅଙ୍କ କାଠ ଫାଳିଆ ମାଡ଼ରେ ଜଣେ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ନିରାକାରପୁର ଥାନା ଅଧୀନ ବଡ଼ପୋଖରୀଆ ଗ୍ରାମର କପିଳ ମାର୍ଥା। ତାଙ୍କ ମୁଣ୍ଡ ଓ ମୁହଁରେ ଆଘାତ ଲାଗିଥିବା ବେଳେ ଚିକିତ୍ସା ପାଇଁ ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରାଯାଇଛି। ଏନେଇ ଅଭିଯୋଗ ପରେ ପୋଲିସ ବାପ-ପୁଅଙ୍କୁ ଗିରଫ କରିଛି। ସେମାନେ ହେଲେ ଏହି ଗ୍ରାମର ନୀଳକଣ୍ଠ ମାର୍ଥା ଓ ତାଙ୍କ ପୁଅ ପ୍ରକାଶ ମାର୍ଥା। ଏନେଇ ଥାନାରେ ଏକ ମାମଲା (ନଂ. ୪୮/୨୪)ରୁଜୁ ହୋଇଛି ବୋଲି ତଦନ୍ତକାରୀ ଅଧିକାରିଣୀ ଦୀପାଳିଶା ନାୟକ ସୂଚନା ଦେଇଛନ୍ତି।

### ପୂର୍ବତନ ସରପଞ୍ଚ ଅଜୟଙ୍କ ସ୍ମୃତିସଭା

ଟାଙ୍ଗୀ,୨୧ା୨(ରଘୁନାଥ ସାହୁ)

ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କର ପୂର୍ବତନ ନିର୍ଦ୍ଦେଶକ ତଥା ଛଣଗିରି ପଞ୍ଚାୟତର ପୂର୍ବତନ ସରପଞ୍ଚ ଅଜୟ କୁମାର ମହାନ୍ତିଙ୍କ ସ୍ମୃତିଚାରଣ ସଭା ଛଣଗିରି ବାସଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟାପକ ଅରବିନ୍ଦ ଗଜେନ୍ଦ୍ର ସଭାପତିତ୍ୱରେ ଆୟୋଜିତ ସଭାରେ ଚିଲିକା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ପୂର୍ବତନ ବିଧାୟକ ଦିଲୀପ ଶ୍ରୀଚନ୍ଦନ, ବରିଷ୍ଠ ନେତା ବିପିନ କୁମାର ଜୟସିଂହ, ଶିକ୍ଷକ ନେତା ରମାକାନ୍ତ ମହାପାତ୍ର, ସମାଜସେବୀ ବିଶ୍ୱଭୂଷଣ ଛୋଟରାୟ, ଗୋଦାବରୀ ସାହୁ, ତୋଫାନ ବାରିସଲ, ନିତ୍ୟାନନ୍ଦ ମଙ୍ଗରାଜ, ବିଜୟ ମହାପାତ୍ର ପ୍ରମୁଖ ଯୋଗଦେଇ ସର୍ଗତ ମହାନ୍ତିଙ୍କ ବହୁବିଧ ଗୁଣ ଉପରେ ଆଲୋକପାତ କରିଥିଲେ। ଏଥିସହ ଅତିଥି ଓ ଅନ୍ୟମାନେ ସ୍ମୃତିଚାରଣ କରିଥିଲେ।

### ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

ଜଟଣୀ,୨୧ା୨(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ଗାଁ ହାଟବଜାର ଗ୍ରାମରେ ନୀଳକଣ୍ଠେଶ୍ୱର ଦେବଙ୍କ ଅଷ୍ଟାଦଶ ସ୍ୱଜନ୍ମ ନକ୍ଷତ୍ରାଦି ପୂଜା ଓ ସାର୍ବଜନୀନ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ଯଜ୍ଞ ଉତ୍ସବର ଶୁକ୍ରବାର ପ୍ରଥମ ଦିବସରେ ଅଙ୍କୁରାରୋପଣ ହୋଇଥିଲା। ଦ୍ୱିତୀୟ ଦିବସରେ ଶ୍ରଦ୍ଧାଳୁ କଳସ ଶୋଭାଯାତ୍ରାରେ ସାମିଲ ହୋଇଥିବା ବେଳେ ଶାଳା ମଣ୍ଡନ, ଅଗ୍ନିସ୍ଥାପନ ହୋଇଥିଲା। ସେହିପରି ତୃତୀୟ ଦିବସରେ ସୂର୍ଯ୍ୟପୂଜା, ଗୋପୂଜା, ରୁଦ୍ରାଭିଶେଷକ, ଆଳତି ଏବଂ ପୁଷ୍ପାଞ୍ଜଳି ପ୍ରଦାନ କରାଯାଇଥିଲା। ଚତୁର୍ଥ ଦିବସରେ ସୂର୍ଯ୍ୟ ପୂଜା, ଗୋପୂଜା, ସର୍ବଦେବଦେବୀ ଉପଚାର ପୂଜା, ହୋମ ଆଳତି ଏବଂ ପୁଷ୍ପାଞ୍ଜଳି ଅର୍ପଣ କରାଯାଇଥିଲା। ମଙ୍ଗଳବାର ଅନ୍ତିମ ଦିବସରେ ସୂର୍ଯ୍ୟ ପୂଜା ଗୋପୂଜା ସହିତ ପୂଜାର୍ଚ୍ଚନା ପରେ ଗୋଧୂଳି ବେଳାରେ ପୂର୍ଣ୍ଣାହୁତି ହୋଇଥିଲା। ମୁଖ୍ୟ ପୂଜକ ମୃତ୍ୟୁଞ୍ଜୟ ନନ୍ଦଙ୍କ ତତ୍ତ୍ୱାବଧାନରେ ଯଜ୍ଞ କାର୍ଯ୍ୟ ସମାପନ ହୋଇଛି। ପୂର୍ଣ୍ଣାହୁତି କାର୍ଯ୍ୟକ୍ରମରେ ପାଖଆଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଯୋଗଦେଇ ଜଗତ କଲ୍ୟାଣ ପାଇଁ ପ୍ରାର୍ଥନା କରିବା ସହିତ ଠାକୁରଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ।

# ନିଦ ହଜାଇଲା 'ବାଦାମବାଡ଼ିର ରିକ୍ସାବାଲା'

ଭୁବନେଶ୍ୱର, ୨୧ା୨(ଶର୍ମିଷ୍ଠା ପାଣିଗ୍ରାହୀ)

ଖଣ୍ଡଗିରି ଯାତ୍ରା ମହାସମରକୁ ନେଇ ସବୁଠି ପଡ଼ିଛି ଚହଳ। ଖଣ୍ଡଗିରି ମେଳା ବୁଲା ସହ ଯାତ୍ରା ଦେଖିବାକୁ ଲୋକଙ୍କ ଭିଡ଼ ଜମୁଛି। ଭୁବନେଶ୍ୱର ସମେତ ବାହାର ଅଞ୍ଚଳରୁ ମଧ୍ୟ ଲୋକେ ଏଠାକୁ ଆସୁଛନ୍ତି। ବିଶେଷକରି ଅଭିନେତ୍ରୀ ରାଣୀ ପଣ୍ଡା ଓ ଅଭିନେତା ଦୈତାରୀ ପଣ୍ଡାଙ୍କ ନାଟକ ଭିତରେ ଚାଲିଛି ଲଢ଼େଇ। ଅଧିକାଂଶ ନାଟକ ରିପିଟ୍ ହେଉଛି। ରାଣୀ ପଣ୍ଡାଙ୍କ 'ରାଣୀ ପଣ୍ଡାକୁ ଖଣ୍ଡିଗିର ମନା' ଓ ଦୈତାରୀଙ୍କ 'ସେଇ ଗୋଟିଏ ଭୁଲ ପାଇଁ' ନାଟକ ଦେଖିବାକୁ ଆରମ୍ଭ ଦିନରୁ ଲୋକଙ୍କ ମନରେ ଉତ୍ସାହ ଭରି ରହିଛି। ଏଥିସହ ଆଇଗଣିଆ ମହତାବ ପେଣ୍ଡାଲରେ ବୁଧବାର ରାତିରେ ଦେଖିବାକୁ ମିଳିଥିଲା ନାଟକ 'ବାଦାମ ବାଡ଼ିର ରିକ୍ସାବାଲା'। ପେଣ୍ଡାଲରେ ୩ଦିନ ହେବ ସାଇ ସମ୍ରାଟ ଚାଲିଥିବାବେଳେ ଏବେ ଅଶୋକ ସମ୍ରାଟ ମଇଦାନକୁ ଓହ୍ଲାଇଛି। ପ୍ରଦୀପ ବେହେରାଙ୍କ ରଚିତ ତଥା ନିର୍ଦ୍ଦେଶିତ ଏହି ନାଟକରେ ପ୍ରତାପ, ଲିଟୁ, ଅମନ, ଚନ୍ଦନ, ବର୍ଷା, ରୀନା, ନୀର ସ୍ୱାଇଁଙ୍କ ଅଭିନୟ ଦେଖିବାକୁ ମିଳିଥିଲା। କମେଡ଼ିଆନ ଗଣେଶଙ୍କ ଚରିତ୍ର କାହାଣୀରେ ହସର ଛୁଙ୍କ ଦେଇଥିଲା। ଏଭର ଗ୍ରୀନ୍ ନାୟକ ପ୍ରତାପ ସାଜିଛନ୍ତି ବାଦାମବାଡ଼ିର ରିକ୍ସାବାଲା। ପ୍ରତାପଙ୍କ ଚମତ୍କାର ଅଭିନୟ ଦର୍ଶକଙ୍କ ଆଖିରୁ ନିଦ ହଜାଇ ଲୁହ ଭରି ଦେଇଥିଲା। ଫେରିବାବେଳେ ଦର୍ଶକ କହୁଥିଲେ, ଏ ନାଟକ ଦେଖି ପଇସା ଉଠିଗଲା।




## ୪ ନାଟକ ରିପିଟ୍

ଚାରିଦିନ ପରେ ମଧ୍ୟ ଦର୍ଶକଙ୍କ ଗ୍ୟାଲେରୀ ଫୁଲ୍ ରହୁଛି। ସନାତନ ସେବା ସମିତି (ଖଣ୍ଡଗିରି-ଘାଟିକିଆ) ପେଣ୍ଡାଲରେ କୋଣାର୍କ ଗଣନାଟ୍ୟ 'ସେଇ ଗୋଟିଏ ଭୁଲ ପାଇଁ', ଜୟଦୁର୍ଗା ସାଂସ୍କୃତିକ ପରିଷଦ ମଞ୍ଚରେ ଗୌରୀ ଗଣନାଟ୍ୟର 'ରାଣୀ ପଣ୍ଡାକୁ ଖଣ୍ଡଗିରି ମନା', ଇନ୍ଦିରା ସାଂସ୍କୃତିକ ପରିଷଦ (ଖଣ୍ଡଗିରି-ଜାଗମରା) ରେ ଯାତ୍ରା ମହାରଥୀ କଳିଙ୍ଗ ଗଣନାଟ୍ୟ ନାଟକ ପକ୍ଷରୁ 'କାନ୍ଦେନାରେ ବାଇଆ ମନ'', ମା ମଙ୍ଗଳା ଯୁବ ପରିଷଦ ମଞ୍ଚରେ ମା ଦୁର୍ଗା ମନ୍ଦିର ପକ୍ଷରୁ 'କାନ୍ଦେନାରେ ଲୁହ ସରିଯିବ' ନାଟକ ମଞ୍ଚସ୍ଥ ହୋଇଛି।

## ସବୁଠି ଚର୍ଚ୍ଚା ରାଣୀ ପଣ୍ଡାକୁ ଖଣ୍ଡଗିରି ମନା

ରାଣୀ ପଣ୍ଡାଙ୍କୁ ନେଇ ହୋଇଥିବା ନାଟକ 'ରାଣୀ ପଣ୍ଡାକୁ ଖଣ୍ଡଗିରି ମନା' ଦେଖିବାକୁ ସମସ୍ତଙ୍କ ମନରେ ଉତ୍ସାହ ରହିଛି। ଏମିତିକି ନାଟକ ଦେଖି ସମସ୍ତେ ରାଣୀଙ୍କୁ ପ୍ରଚୁର ଭଲ ପାଇବା ଦେଉଛନ୍ତି। ନାଟକଟି ରିପିଟ ହେଲେ ମଧ୍ୟ ଦର୍ଶକଙ୍କ ସଂଖ୍ୟା କମୁନି। ତେଣୁ ଏଥର ଖଣ୍ଡଗିରି ମେଳାରେ ରାଣୀଙ୍କ ନାଟକ ଡିମାଣ୍ଡରେ ରହିଛି।

## ଧୁମ୍ ମଚାଉଛନ୍ତି ଓମ୍ କୁମାର

ଛତିଶଗଡ଼ି ଗାୟକ ଓମ୍ କୁମାର କୋଣାର୍କ ଗଣନାଟ୍ୟରେ ଧୁମ୍ ମଚାଇଛନ୍ତି। ଓଡ଼ିଆ ହେଉ କି ହିନ୍ଦୀ ଗୀତରେ ସେ ଶ୍ରୋତାଙ୍କୁ ମତୁଆଲା କରିଥିଲେ। ଶ୍ରୋତାଙ୍କ ଅନୁରୋଧକ୍ରମେ ଗୋଟିଏ ପରେ ଗୋଟିଏ ଗୀତ ସେ ଗାଇ ଶୁଣାଇଥିଲେ। ମା ପରି କିଏ ହେବ..., ବାଳିକା ବଧୂ... ଗୀତ ବେଶ୍ ପ୍ରଶଂସା ସାଉଁଠି ଥିଲା।





# ଗେଡ଼ିଆପଲ୍ଲୀ ପଞ୍ଚାୟତରେ ନୂଆ-ଓ କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

କଳାପଥର,୨୧ା୨(ଗଙ୍ଗାଧର ସାହୁ)

ବୋଲଗଡ଼ ବ୍ଲକ ଗେଡିଆପଲ୍ଲୀ ପଞ୍ଚାୟତ ହାଇସ୍କୁଲ ଖେଳପଡ଼ିଆରେ ନୂଆ-ଓ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ଏହି କାର୍ଯ୍ୟକ୍ରମକୁ ଆୟୋଜନ କରିଥିଲେ। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସଭାରେ ସ୍ଥାନୀୟ ସରପଞ୍ଚ କବିତା ମଞ୍ଜରୀ ତ୍ରିପାଠୀ, ସମିତିସଭ୍ୟ ରଞ୍ଜନ ପଣ୍ଡା, ଅଙ୍ଗନୱାଡି ସୁପରଭାଇଜର ଲିଲି ଗ୍ରେଶ ଲାକରା, ବି.ପି.ଶି ବିଶ୍ୱଜିତ୍ ବେହେରା, ସ୍ଥାନୀୟ ନାଏବ ସରପଞ୍ଚ ଲକ୍ଷ୍ମୀଧର ସ୍ୱାଇଁ, ପୂର୍ବତନ ସମିତି ସଭ୍ୟ ବଂଶୀଧର ପ୍ରଧାନ, ଅବସରପ୍ରାପ୍ତ ସ୍ୱାସ୍ଥ୍ୟ ଅଧିକାରୀ ଭାଗବତ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ସଭା ପ୍ରାରମ୍ଭରୁ ଜଗନ୍ନାଥଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ପରେ ସ୍ଥାନୀୟ ଅଞ୍ଚଳର କୁନିକୁନି କଳାକାର ନିଜ ନିଜର ନୃତ୍ୟ ପରିବେଷଣ କରିଥିଲେ। ପରେ ସଭାକାର୍ଯ୍ୟ ଆରମ୍ଭ କରାଯାଇ ଅତିଥିମାନେ ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନତିମୂଳକ ଯୋଜନା ଓ ବିକାଶମୂଳକ କାର୍ଯ୍ୟ ଉପରେ ମନ୍ତବ୍ୟ ରଖିଥିଲେ। ଶିବିରରେ ପଞ୍ଚାୟତର ବହୁ ବରିଷ୍ଠ ନାଗରିକଙ୍କ ସହିତ ବ୍ଲକ ଓ ପଞ୍ଚାୟତସ୍ତରୀୟ ସ୍ୱୟଂ ସହାୟିକା ଗୋଷ୍ଠୀ ସଭାନେତ୍ରୀ, ସମ୍ପାଦିକା ଓ ପଞ୍ଚାୟତର ସମସ୍ତ ୱାର୍ଡମେମ୍ବରଙ୍କୁ ଫୁଲତୋଡ଼ା, ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶିବିରରେ ଆମ ପଞ୍ଚାୟତ ବିକାଶ ପୁସ୍ତିକା ଉନ୍ମୋଚନ ହୋଇଥିଲା। ଶିବିରରେ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ଏବଂ ୧୦୦ଟି ଗ୍ରୁପର ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା ଉପସ୍ଥିତ ଥିଲେ।

# ଚେକିଂବେଳେ ଦଣ୍ଡ ଗଣିଲେ ଅମାନିଆ ଚାଳକ

ନିରାକାରପୁର,୨୧ା୨ (ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ଜଙ୍କିଆ ପୋଲିସ ପକ୍ଷରୁ ୧୬ନଂ. ଜାତୀୟ ରାଜପଥର ମୋଟା ଛକ ଓ ନିରାକାରପୁର ଥାନା ପକ୍ଷରୁ ନୂଆଜଗନ୍ନାଥ ସଡ଼କ ସ୍ଥାନୀୟ ପେଟ୍ରୋଲ ପମ୍ପ ନିକଟରେ ବୁଧବାର ଚେକିଂ କରାଯାଇଥିଲା। ବିଭିନ୍ନ କ୍ରମରେ ଜଙ୍କିଆ ପୋଲିସ ଅମାନିଆଙ୍କଠାରୁ ୧୦ ହଜାର ଜରିମାନା ଆଦାୟ କରିଥିବା ଥାନା ଅଧିକାରୀ ବିଶ୍ୱଜିତ୍ ରାଉତରାୟ ସୂଚନା ଦେଇଛନ୍ତି। ଅନୁରୂପ ଭାବେ ନିରାକାରପୁର ପୋଲିସ ପକ୍ଷରୁ ବିନା ହେଲମେଟଧାରୀଙ୍କଠାରୁ ମଧ୍ୟ ୧୦ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ଥାନା ଅଧିକାରିଣୀ ପ୍ରଜ୍ଞାରତ୍ନମ୍ବରା କର ସୂଚନା ଦେଇଛନ୍ତି।

## ଆନ୍ତର୍ଜାତିକ ମାତୃଭାଷା ଦିବସ

ବେଗୁନିଆ,୨୧ା୨(ହରି ପ୍ରସନ୍ନ ପଣ୍ଡା)

ବେଗୁନିଆ ସଦର ମହକୁମାରେ ଥିବା ଆଦର୍ଶ କ୍ଲବ ସଭାଗୃହ ପରିସରରେ ବୁଧବାର ଆନ୍ତର୍ଜାତିକ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ସୁଧାକର ସାମନ୍ତରାୟ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଡାକ୍ତର ଅମରେନ୍ଦ୍ର ନାଥ ମହାପାତ୍ର ଯୋଗଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। କବି କେତନ ଗୌର ଚରଣ ସାମନ୍ତସିଂହାର ବକ୍ତା ଭାବେ ଉପସ୍ଥିତ ଥିଲେ। ପଣ୍ଡିତ ବ୍ରହ୍ମାନନ୍ଦ ରାଜଗୁରୁ ମଙ୍ଗଳା ଚରଣ ପାଠ କରିବା ପରେ ପ୍ରକୃତି କବି ଗଙ୍ଗାଧର ମେହେରଙ୍କ ତୈଳ ଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମ ଆବାହକ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେବାସହ ଆବାହନୀ ସଙ୍ଗୀତ ଗାନ କରିଥିଲେ। ପ୍ରକୃତି କବି ମେହେରଙ୍କ ଲିଖନ 'ଉଚ୍ଚ ହେବା ପାଇଁ କର ଯେବେ ଆଶା,ଉଚ୍ଚ କର ଆଗେ ନିଜ ମାତୃଭାଷା' ଉକ୍ତିକୁ ସଭିଏଁ ଆମେ ପାଳନ କରିବା। ମାତୃଭାଷା ଯୋଗୁ ଓଡ଼ିଶା ମାଟି ଆଜି ବିଶ୍ୱ ଦରବାରରେ ଖ୍ୟାତି ଅର୍ଜନ କରିଛି। ତେଣୁ ସମସ୍ତ କ୍ଷେତ୍ରରେ ମାତୃଭାଷାକୁ କହିବା, କୁହାଇବା ଏବଂ ଲେଖାଇବା ପାଇଁ ଆମେ ସଂକଳ୍ପ କରିବା। ମାତୃଭାଷାର ବିନାରେ ଜାତିର ପ୍ରଗତି ଅସମ୍ଭବ ବୋଲି ବକ୍ତା ସାମନ୍ତସିଂହାର ଅଭିଭାଷଣ ଦେଇଥିଲେ। ବସନ୍ତ ହୋତା, ଗାୟକ ବସନ୍ତ ଦାସ, କବି ବସନ୍ତ ସାହୁ, କୈଳାସ ନାଥ ପଟ୍ଟନାୟକ, ଅଶ୍ୱିନୀ ପଟ୍ଟନାୟକ, ସୋମନାଥ ସାହୁ, ପ୍ରସନ୍ନ ବାରିକ ଓ ମାନସୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଦୀପ କିଶୋର ତ୍ରିପାଠୀ ଉଦ୍‌ଯାପନୀ ସଙ୍ଗୀତ ଗାନ କରିଥିଲେ। ପ୍ରତିମା ପ୍ରଧାନ ଧନ୍ୟବାଦ ଦେଇଥିଲେ।

## ପ୍ରକଳ୍ପ ନିର୍ଦ୍ଦେଶକଙ୍କ ମତଦାନ କେନ୍ଦ୍ର ପରିଦର୍ଶନ

କୃଷ୍ଣପ୍ରସାଦ,୨୧ା୨(କୈଳାସଚନ୍ଦ୍ର ପଟ୍ଟନାୟକ)

ଓଡ଼ିଶାରେ ନିର୍ବାଚନ ନେଇ ପ୍ରାଥମିକ କାର୍ଯ୍ୟ ଆରମ୍ଭ ହୋଇଛି। ବିଭିନ୍ନ ଗ୍ରାମରେ ଲୋକଙ୍କୁ ସଚେତନ କରାଇବାକୁ ଇଭିଏମ୍‌ରେ କିଭଳି ଭୋଟ ଦିଆଯିବ ଶିଖାଇବା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକରେ ପ୍ରକଳ୍ପ ନିର୍ଦ୍ଦେଶକ ଦେବାଶିଷ ପଟ୍ଟନାୟକ ବୁଧବାର ମତଦାନ କେନ୍ଦ୍ରଗୁଡ଼ିକ ବୁଲି ଯାଞ୍ଚ କରିଥିବା ଜଣାପଡ଼ିଛି। ବୈଷୟିକ ମ୍ୟାନେଜର ସନ୍ଦୀପ ମହାନ୍ତି, ପ୍ରକଳ୍ପ ମ୍ୟାନେଜର ମାନସ ନନ୍ଦ, କୃଷ୍ଣପ୍ରସାଦ ବିଡିଓ ବିଜୟ ବେହେରା, ତହସିଲଦାର ଅଭିଷେକ ସାହୁ, ସହକାରୀ ନିର୍ବାହୀ ଯନ୍ତ୍ରୀ ତୀର୍ଥ ତଥାଗତ ଆଇଚ, ସହକାରୀ ଯନ୍ତ୍ରୀ ବିନୋଦ ବିହାରୀ ପୁହାଣ, ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଦିଲୀପ ତରାଇ ପ୍ରମୁଖ ସାମିଲ ହୋଇ ଚିଲିକା, ନୂଆପଡ଼ା, ବଡ଼ଖାଡ଼, ଗୋମୁଣ୍ଡିଆ, ତିତିପ ଆଦି ପଞ୍ଚାୟତର ବିଭିନ୍ନ ବୁଥ୍ ପରିଦର୍ଶନ କରିଥିଲେ। ମତଦାନ କେନ୍ଦ୍ରଗୁଡ଼ିକରେ ମତଦାତାଙ୍କ ପାଇଁ ଆବଶ୍ୟକୀୟ ସମସ୍ତ ସୁବିଧା ସୁଯୋଗ ବୁଲି ଦେଖିବା ସହିତ ଠିକ୍ ସମୟରେ ସମସ୍ତ ବ୍ୟବସ୍ଥା କରିବାକୁ ପରାମର୍ଶ ଦେଇଥିଲେ।

## ଖୋରଧାର ଭାଷା ଶୁଦ୍ଧ, ସମୃଦ୍ଧ

ଖୋର୍ଦ୍ଧା,୨୧ା୨(ପ୍ରଭାତ ପାଣିଗ୍ରାହୀ)

ଉନବିଂଶ ଶତାବ୍ଦୀର ବିଶ୍ୱର ସ୍ୱନାମଧନ୍ୟ ଭାଷାବିତ୍ ଜର୍ଜ ଗ୍ରୀୟରସନ୍ ସ୍ୱପ୍ରଣିତ 'ଲିଙ୍ଗୁଇଷ୍ଟିକ୍ ସର୍ଭେ ଅଫ୍ ଇଣ୍ଡିଆ' ଗ୍ରନ୍ଥରେ ଭାରତରେ ବିଭିନ୍ନ ଭାଷା ସମେତ ଓଡ଼ିଆ ଭାଷାର ତୁଳନାତ୍ମକ ଅଧ୍ୟୟନ କରି ଖୋରଧାର ଭାଷାକୁ ମାନକ ଭାଷା ରୂପେ ଅଭିହିତ କରିଛନ୍ତି । ଏହି ଭାଷାର ସୁରକ୍ଷା ସମୃଦ୍ଧି ଓ ବିଶ୍ୱ ପ୍ରସାର ଆମର ଧ୍ୟେୟ ହେଉ ବୋଲି ଖୋରଧା ସାହିତ୍ୟ ସଂସଦ ଦ୍ୱାରା ଆୟୋଜିତ ସଭାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି ।

ସଂସଦର ସଭାପତି ଗବେଷକ ଗୋପାଳକୃଷ୍ଣ ଦାସଙ୍କ ପୌରୋହିତ୍ୟରେ ସଂସଦ ସଦନଠାରେ ଆୟୋଜିତ ଉତ୍ସବରେ ସାହିତ୍ୟିକ ବୈକୁଣ୍ଠନାଥ ରାଜଗୁରୁ ଭିତ୍ତିପ୍ରବନ୍ଧ ଉପସ୍ଥାପନ କରିଥିଲେ। ମୁଖ୍ୟ ଅତିଥି ଭାବେ ଆଇନଜ୍ଞ ଶିବସୁନ୍ଦର ପଟ୍ଟନାୟକ ଯୋଗଦେଇ ସଂସ୍କୃତ ଭାଷାର ଭିତ୍ତି ଓ ପ୍ରାଚୀନ ଓଡ଼ିଆ ଭାଷାର ବୈଶିଷ୍ଟ୍ୟ ସମ୍ପର୍କରେ ଅଭିଭାଷଣ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ସତ୍ୟବାଦୀ ବଳିୟାରସିଂହ ଓଡ଼ିଆ ଭାଷାର ସୁରକ୍ଷା ଏକ ଜାତୀୟ ଆହ୍ୱାନ ବୋଲି କହିଥିଲେ। ଅଧ୍ୟାପକ ଡ. ଭଗବାନ ଖ୍ଲାର, ଡ. ପ୍ରମୋଦ ଚନ୍ଦ୍ର ଦାଶ, ଡ. ନିରଞ୍ଜନ ମହାନ୍ତି, ଡା. ଯୋଗେଶ ଚନ୍ଦ୍ର ରଥ, ଡ. ତପନ ମହାପାତ୍ର, ଡ. ଗୁରୁପ୍ରସାଦ ମହାପାତ୍ର, ସ୍ୱାଗତିକା ସୁନ୍ଦରାୟ ପ୍ରମୁଖ ମାତୃଭାଷାର ବିକାଶରେ ଆମର କର୍ତ୍ତବ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ପାଦକ ବିଭୂ ପ୍ରସାଦ ହରିଚନ୍ଦନ ସ୍ୱାଗତ ଭାଷଣ ଦେଇଥିଲେ । ଉପସଭାପତି ଇତିଶ୍ରୀ ସାହୁ ଓ ନିଳାଦ୍ରୀନାଥ ଜଗଦେବଙ୍କ ସଂଯୋଜନାରେ ଡ. ଚପଳା ପଣ୍ଡା, ଆରତି ମଞ୍ଜରୀ ଦାସ, ଡ. ପ୍ରଫୁଲ୍ଲ ସାମନ୍ତରାୟ, ଡ. ବୃନ୍ଦାବନ ପଣ୍ଡା ପ୍ରମୁଖ କବିତା ଆବୃତ୍ତି କରିଥିଲେ । ଗବେଷକ ଲକ୍ଷ୍ମୀଧର ବଡ଼ଜେନା ଧନ୍ୟବାଦ ଦେଇଥିଲେ।

## ଶାଳଝରିଆ ୟଙ୍ଗଷ୍ଟାର କ୍ଲବ୍ ଚାମ୍ପିୟନ



ବୋଲଗଡ଼,୨୧ା୨(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଖଙ୍ଗୁରିଆ ଗ୍ରାମ ମା'ମଙ୍ଗଳା କ୍ରିକେଟ କ୍ଲବ ଆନୁକୂଲ୍ୟରେ ବଡତୋଟା ଖେଳପଡିଆରେ ଚାଲିଥିବା ମଙ୍ଗଳା କପ କ୍ରିକେଟ ଟୁର୍ନାମେଣ୍ଟରେ ଶାଳଝରିଆ ୟଙ୍ଗଷ୍ଟାର କ୍ଲବ ଚାମ୍ପିୟନ ହୋଇଛି। ମଙ୍ଗଳବାର ଶାଳଝରିଆ ୟଙ୍ଗଷ୍ଟାର କ୍ଲବ ଓ ବୋଲଗଡ଼ର ଇଲେଭେନ ଷ୍ଟାର କ୍ରିକେଟ କ୍ଲବ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଟସ୍ ଜିତି ଶାଳଝରିଆ ଟିମ୍ ବୋଲିଂ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ବୋଲଗଡ ଇଲେଭେନ ଷ୍ଟାର ଟିମ୍ ନିର୍ଦ୍ଧାରିତ ୧୦ଓଭରରେ ୫ ଉଇକେଟ ବିନିମୟରେ ୧୧୪ ରନ ସଂଗ୍ରହ କରିଥିଲା। ଜବାବରେ ଶାଳଝରିଆ ୟଙ୍ଗଷ୍ଟାର କ୍ରିକେଟ କ୍ଲବ ୮.୫ ଓଭରରେ ୫ ଉଇକେଟ ବିନିମୟରେ ୧୧୫ ରନ ସଂଗ୍ରହ କରି ବିଜୟୀ ହେବା ସହ ଚାମ୍ପିୟନ ହୋଇଥିଲା। ବବୁଲ ମହାନ୍ତି ଓ ରାଜ କିଶୋର ମହାପାତ୍ର ମ୍ୟାଚ ପରିଚାଳନା କରିଥିଲେ। ଅତିଥିଭାବେ ସାମାଜିକ କର୍ମୀ ଜୟନ୍ତ କୁମାର ତ୍ରିପାଠୀ, ଏମ୍‌ପିଙ୍କ ପ୍ରତିନିଧି ରଘୁନାଥ ଷଡ଼ଙ୍ଗୀ, ଶରତ କୁମାର ବେହେରା ଯୋଗଦେଇ ଚାମ୍ପିୟନ ଟିମକୁ ୬ହଜାର ଟଙ୍କା ସହ ଟ୍ରଫି ଏବଂ ରନର୍ସ ଅପ୍ ଟିମକୁ ୪ ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରିଥିଲେ। ପ୍ରଭଞ୍ଜନ ପରିଡ଼ା, ରଶ୍ମୀ ରଞ୍ଜନ ମହାରଣା, ମାନସ ରଞ୍ଜନ ଉତ୍ତର କବାଟ, ସୁବାସ ଚନ୍ଦ୍ର ବେହେରା, କାଳିଆ ଦଳବେହେରା, ଚିନ୍ମୟ ଉତ୍ତର କବାଟ, ଦିଲୀପ ସାହୁ , ବିପୁଳ ରାଉତରାୟ, ଦିଲୀପ ସ୍ୱାଇଁ ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

## ଚାରିଛକରେ କାନାରା ବ୍ୟାଙ୍କ ଶାଖା ଉଦ୍‌ଘାଟିତ

କୃଷ୍ଣପ୍ରସାଦ,୨୧ା୨(କୈଳାସ ଚନ୍ଦ୍ର ପଟ୍ଟନାୟକ)

କୃଷ୍ଣପ୍ରସାଦ ବ୍ଲକ ଚାରିଛକଠାରେ କାନାରା ବ୍ୟାଙ୍କର ଏକ ନୂତନ ଶାଖା ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ବ୍ୟାଙ୍କ ନିର୍ଦ୍ଦେଶକ ଦିବାକର ପ୍ରସାଦ ହରିଚନ୍ଦନ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଉତ୍ସବରେ ବ୍ୟାଙ୍କର ଡିଜିଏମ୍- ଜିଏନ୍ ମୂର୍ତ୍ତି, ଏଜିଏମ୍- ମହାମାୟୀ ପ୍ରସାଦ ରୟ, ଶାଖା ପରିଚାଳକ ସିଏଚ୍‌ସମ୍ପିତ ସୁବୁଦ୍ଧି, ସାମାଜିକ କର୍ମୀ ଫାଲ୍‌ଗୁନୀ ଜାଲି, ନାରୀନେତ୍ରୀ ବିଷ୍ଣୁପ୍ରିୟା ଦେବୀ ଏବଂ ଅଞ୍ଚଳର ବହୁ ଶିକ୍ଷାବିତ୍ ଯୋଗଦେଇଥିଲେ। ନିକଟରେ କୌଣସି ଜାତୀୟ ବ୍ୟାଙ୍କ ନ ଥିବାରୁ ୮ ଗ୍ରାମ ପଞ୍ଚାୟତର ଜନ ସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଚାରିଛକରେ ଏକ ଜାତୀୟ ଶାଖା ଖୋଲାଯିବାରୁ ଆସିଥିବା ବ୍ୟାଙ୍କ କର୍ମଚାରୀଙ୍କୁ ଜନସାଧାରଣ ସାଧୁବାଦ ଜଣାଇଛନ୍ତି। ଉଦ୍‌ଘାଟନୀ ଦିବସରେ ବ୍ୟାଙ୍କ ପକ୍ଷରୁ ୨୦୦ ଲୋକଙ୍କ ମାଗଣା ଚକ୍ଷୁ ପରୀକ୍ଷା କରାଯାଇଥିଲା। ଏଥିସହ ୧୨ଟି ବିଦ୍ୟାଳୟକୁ ପାନୀୟ ଜଳ ପାଇଁ ଆକ୍ୱା ଗାର୍ଡ ପ୍ରଦାନ କରାଯାଇଥିଲା।

# ଜେଲରୁ ଚାଲିଛି ବ୍ରାଉନସୁଗାର ଡିଲ୍

ଖୋର୍ଦ୍ଧା,୨୧ା୨(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜେଲ ଭିତରୁ ଚାଲିଛି ବ୍ରାଉନସୁଗାର କାରବାରର ନେଟ୍‌ୱର୍କ। ମଙ୍ଗଳବାର ଖୋର୍ଦ୍ଧା ପୋଲିସ ୨୬ ଲକ୍ଷ ଟଙ୍କାର ବ୍ରାଉନ୍‌ସୁଗାର ଜବତ କରିବା ସହ ୬ଜଣଙ୍କୁ ଗିରଫ କରିବା ପରେ ଏହି ଘଟଣା ପଦାକୁ ଆସିଛି।

### ମୋବାଇଲ ଫିଂଟାଇଲା ଗୁମର

ଜେଲ ଭିତରୁ ମୋବାଇଲ ଜବତ ପରେ ପରେ ଫିଟିଲା ଗୁମର ବୋଲି ମଙ୍ଗଳବାର ଜିଲା ପୋଲିସ ମୁଖ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲା ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ କହିଛନ୍ତି। ଜେଲ ଅଧୀକ୍ଷକ ଜେଲ ଭିତରୁ ଏକ ମୋବାଇଲ ପାଇବା ପରେ ଥାନାରେ ଦାଖଲ କରିଥିଲେ। ପରେ ଖୋର୍ଦ୍ଧା ଜେଲ ଅଧୀକ୍ଷକଙ୍କ ରିପୋର୍ଟକୁ ଆଧାର କରି ଜାଲ ବିଛାଇଥିଲା ପୋଲିସ। ତଦନ୍ତ ବେଳେ ଉପରୋକ୍ତ ଅଭିଯୁକ୍ତମାନେ ସ୍ଥାନରେ ଆସିଥିଲେ।

### ଡିଲ୍ ବେଳେ ମାଡ଼ିବସିଲା ପୋଲିସ

ସୋମବାର ଗୁରୁଜଙ୍ଗ ମେଲଣ ପଡିଆରେ ବ୍ରାଉନସୁଗାର ଡିଲ୍ ହେଉଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଡିପିଓ ଦିଲୀପ ଦାସ, ଥାନାଧିକାରୀ ସଞ୍ଜୟ ନାୟକ, ଏସ୍‌ଆଇ ଏସ୍. ପାଣିଗ୍ରାହୀ, ଏଏସ୍‌ଆଇ ଏସ୍.କେ. ସାହୁ ପ୍ରମୁଖଙ୍କୁ ନେଇ ଗଠିତ ସ୍ୱତନ୍ତ୍ର ଟିମ ଚଢ଼ାଉ କରିଥିଲା। ଅଭିଯୁକ୍ତମାନେ ଖସିଯିବାକୁ ଉଦ୍ୟମ କରିବା ବେଳେ ମାଡି ବସିଥିଲା ଏହି ଟିମ୍। ସେମାନଙ୍କଠାରୁ ବ୍ରାଉନସୁଗାର ଓ ସ୍କର୍ପିଓ ଜବତ କରିଥିଲା। ଏମାନଙ୍କ ତଥ୍ୟ ଆଧାରରେ ସସ୍ମିତାଙ୍କୁ ଗିରଫ କରାଯାଇଥିବା ଏସ୍‌ପି କହିଛନ୍ତି।

### ରିମାଣ୍ଡରେ ଆସିବେ ୨ ବେପାରୀ

ଜେଲ ଭିତରେ ମୋବାଇଲ ଅପରେଟିଂ କରୁଥିବା ଅନ୍ତେବାସୀ ଦୁଇ ବେପାରୀଙ୍କୁ ରିମାଣ୍ଡରେ ଅଣାଯାଇ ଅଧିକ ପଚରାଉଚୁରା କରାଯିବ। ଏମାନଙ୍କ ସହ ଆଉ କେଉଁମାନଙ୍କ ସମ୍ପୃକ୍ତି ରହିଛି, ତାହାର ଖୋଳତାଡ଼ କରାଯିବ। ଜେଲ ଭିତରକୁ ମୋବାଇଲ କିପରି ଯାଉଛି, ଏ ସମ୍ପର୍କରେ ଜେଲ ଅଧୀକ୍ଷକଙ୍କ ସହ ଆଲୋଚନା କରାଯିବା ସହ ସିସିଟିଭି ଯାଞ୍ଚ କରାଯିବ। ଏଥିରେ ଯାହାର ସମ୍ପୃକ୍ତି ବାହାରିବ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ।

### ଘଟଣାର ଯାଞ୍ଚ କରାଯିବ: ଜେଲ୍ ଡିଜି

ଜେଲ ଭିତରକୁ ମୋବାଇଲ ଯିବା ଘଟଣାରେ ପ୍ରତିକ୍ରିୟା ରଖିଛନ୍ତି ଜେଲ ଅଧୀକ୍ଷକ କୃଷ୍ଣଚନ୍ଦ୍ର ରାଉତ। ଏଠାରେ ଏନ୍‌ଡିପିଏସ୍ କେସ୍‌ରେ ଡ୍ରଗ୍‌ସ ମାଫିଆ ସଞ୍ଜୟ ପ୍ରଧାନ, ମନୋରଞ୍ଜନ ସାହୁଙ୍କ ସମେତ ୯୫ଜଣ କଏଦୀ ରହିଛନ୍ତି। ଜେଲ ଭିତରେ କଡ଼ା ସୁରକ୍ଷା ସହ ସିସିଟିଭି ସର୍ଭେଲାନ୍ସରେ ରହିଛି। ନିୟମିତ ଯାଞ୍ଚ କରାଯାଉଛି। ଯାଞ୍ଚ ବେଳେ ଏକ ଛୋଟ ମୋବାଇଲ ବାହାରିବା ପରେ ଫେବୃଆରୀ ୯ରେ ଟାଉନ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଏନେଇ ଜେଲ ଡିଜି ଅମ୍ରିତ ପ୍ରସାଦ କହିଛନ୍ତି, ଏହା ଏକ ସମ୍ବେଦନଶୀଳ ପ୍ରସଙ୍ଗ। ଏହାର ବିଧିବଦ୍ଧ ଯାଞ୍ଚ କରାଯିବ।

### ନିଶା ବେପାରୀଙ୍କୁ ସୁହାଉଛି ମୁକୁଳା ଜେଲ

ଖୋର୍ଦ୍ଧା ସହରର ମଧ୍ୟବର୍ତ୍ତୀ ଅଞ୍ଚଳରେ ରହିଛି ଜେଲ। ଏହାର ଚାରିପଟ ମୁକୁଳା ପଡିଛି। ଫଳରେ ନିଶା କାରବାରରେ ଲିପ୍ତ ରହୁଥିବା ବ୍ୟକ୍ତିଙ୍କୁ ଏହା ସୁହାଉଛି। ଅନେକ ସମୟରେ ବ୍ରାଉନ ସୁଗାର ସମେତ ମୋବାଇଲ ଆଦି ବାହାରୁ ଭିତରକୁ ଆସୁଥିବା ନଜିର ରହିଛି। ଦୁଇବର୍ଷ ତଳେ ଜେଲ ଭିତରୁ ବ୍ରାଉନସୁଗାର କାରବାର ଚାଲିଥିବା ଖବର ପ୍ରଚାରିତ ହେବା ପରେ ଜିଲା ପ୍ରଶାସନ ପକ୍ଷରୁ ଉପଜିଲାପାଳଙ୍କ ନେତୃତ୍ୱରେ ଏକ ଟିମ୍ ଯାଞ୍ଚ କରିଥିଲା। ନିୟମିତ ବ୍ୟବଧାନରେ ଏଭଳି ଘଟଣା ଘଟୁଥିବା ବେଳେ ଜେଲ ସୁରକ୍ଷିତ ନୁହଁ ବୋଲି ସାଧାରଣ ଚର୍ଚ୍ଚା ହେଉଛି। ଏ ସମ୍ପର୍କରେ ଜେଲ ଡିଜି ଅମ୍ରିତ ପ୍ରସାଦ କହିଛନ୍ତି, ଏ ସଂକ୍ରାନ୍ତରେ ଆଲୋଚନା କରାଯାଇ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ।

## ସଂକ୍ଷେପରେ

### ଗଛରେ ପିଟିହେଲା ବସ୍



ଅସ୍ତରଙ୍ଗ,୨୧।୨ (ମମତା ଜେନା/ପ୍ରଦୀପ୍ତ ଦୀକ୍ଷିତ): ଅସ୍ତରଙ୍ଗ କୁହୁଡି ଛକ ପେଟ୍ରୋଲ ପମ୍ପ ନିକଟରେ ମଙ୍ଗଳବାର ବିଳମ୍ବିତ ରାତିରେ ଏକ ଘରୋଇ ଯାତ୍ରୀବାହୀ ବସ୍ ଗଛରେ ପିଟି ହୋଇଛି। ବସ୍‌ରେ କେହି ଯାତ୍ରୀ ନ ଥିବାବେଳେ ଏଥିରେ ବସ୍ ହେଲ୍ପର ଆହତ ହୋଇ ପ୍ରଥମେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର ହୋଇଛନ୍ତି। ବୁଧବାର ସକାଳେ ଅସ୍ତରଙ୍ଗ ଥାନା ସବ୍‌ଇନ୍ସପେକ୍ଟର ଦୀପକ ସାମନ୍ତସିଂହାର ଘଟଣାସ୍ଥଳରେ ପହଞ୍ଚି ବସ୍‌କୁ ଜବତ କରିବା ସହ ଚାଳକଙ୍କୁ ଥାନାକୁ ଆଣି ତଦନ୍ତ କରୁଛନ୍ତି। ସୂଚନା ମୁତାବକ, ପୁରୀରୁ ଅସ୍ତରଙ୍ଗ ଅଭିମୁଖେ ବସ୍‌ଟି ଆସୁଥିଲା। ବସ୍‌ଟି ଗଛରେ ପିଟି ହେବାରୁ ବସ୍‌ର ସମ୍ମୁଖ ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି।

### ବୃଦ୍ଧଙ୍କ ଗଳିତ ଝୁଲନ୍ତା ମୃତଦେହ ଜବତ

କାକଟପୁର,୨୧।୨(ଶୁଭଦର୍ଶନ ମିଶ୍ର): କାକଟପୁର ବ୍ଲକ ଅଧୀନ ବାଙ୍ଗୁରିଗାଁ ଗ୍ରାମପଞ୍ଚାୟତ ଶ୍ରୀଚନ୍ଦନପୁର ଗ୍ରାମର ଏକ ଘରୁ ବୃଦ୍ଧଙ୍କ ଗଳିତ ଝୁଲନ୍ତା ମୃତଦେହ ପୋଲିସ ବୁଧବାର ଜବତ କରିଛି। ମୃତକ ହେଲେ ଯୋଗେନ୍ଦ୍ର ଜେନା(୭୫)। ପୋଲିସ ଏନେଇ ୨/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ନିମନ୍ତେ ପୁରୀ ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ସୂଚନା ମୁତାବକ, ଘର ପାଖରେ ଦୁର୍ଗନ୍ଧ ହେବାରୁ ସ୍ଥାନୀୟ ଲୋକେ ସନ୍ଦେହ କରି ଘରକୁ ଯାଇ ଝୁଲନ୍ତା ମୃତଦେହ ଦେଖି ପୋଲିସକୁ ଖବର ଦେଇଥିଲେ। ଗ୍ରାମବାସୀଙ୍କଠାରୁ ଜଣାଯାଏ, ବୃଦ୍ଧ ଦମ୍ପତି ଏହି ଘରେ ବାସ କରନ୍ତି। ସେମାନଙ୍କ ପୁଅ-ବୋହୂ ଅଲଗା ରହୁଥିବାରୁ ବୃଦ୍ଧ ଜଣକ ମାନସିକ ଭାରସାମ୍ୟ ହରାଇ ଏଭଳି ନିଷ୍ପତ୍ତି ନେଇଥିବା ଅନୁମାନ କରାଯାଉଛି। ୪/୫ ଦିନ ହେବ ମୃତଦେହ ଝୁଲି ରହିଥିବା ଜଣାପଡୁଥିବାବେଳେ ତାଙ୍କ ସ୍ତ୍ରୀ ମାନସିକ ବିକୃତଥିବାରୁ ସେ ଜାଣି ନ ପାରିବା ସହ କାହାରିକୁ ଜଣାଇ ନ ଥିବା ଜଣାପଡ଼ିଛି।

### ନାବାଳିକା ଆତ୍ମହତ୍ୟା ମାମଲା: ବାପା ଗିରଫ

କୋଣାର୍କ,୨୧।୨(ଜ୍ୟୋତିରାଜ ମହାନ୍ତି): ବାପା ବଳାତ୍କାର କରିବା ପରେ ଝିଅ ଲଜ୍ଜାରେ ଆତ୍ମହତ୍ୟା କରିଥିବା ଘଟଣାରେ କୋଣାର୍କ ପୋଲିସ ଅଭିଯୁକ୍ତ ବାପାଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ମଳୟ ରଞ୍ଜନ ମହାନ୍ତି। ଝିଅର ଆତ୍ମହତ୍ୟା ନେଇ ତାଙ୍କ ମା' ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୨୯/୨୪ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। କୋଣାର୍କ ମାଧିପୁର ଛକ ନିକଟରେ ମଳୟ ବୁଲୁଥିବା ସୂଚନା ପାଇ ପୋଲିସ ତାଙ୍କୁ ଗିରଫ କରିଥିଲା।

# ମାତୃଭାଷା ଆମ ପରିଚୟ, ମୂଳଦୁଆ

## ସଚେତନତା ଶୋଭାଯାତ୍ରା, ବିଭିନ୍ନ ପ୍ରତିଯୋଗିତା





ଘୋଡ଼ାବଜାର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ଅନ୍ତର୍ଜାତୀୟ ମାତୃଭାଷା ଦିବସରେ ପିଲାମାନେ ଶୋଭାଯାତ୍ରାରେ ଯାଉଛନ୍ତି ।

ପୁରୀ,୨୧।୨(ଅଜିତ୍ ମହାନ୍ତି)

ବିଭିନ୍ନ ବିଦ୍ୟାଳୟ ପକ୍ଷରୁ ବୁଧବାର ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଛି। ଘୋଡ଼ାବଜାର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ଅଶୋକ କୁମାର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ଆମ ମାତୃଭାଷା ହିଁ ଆମ ପରିଚୟ ଓ ମୂଳଦୂଆ। ସେଥିପାଇଁ ମାତୃଭାଷାକୁ ଗୁରୁତ୍ୱ ଓ ସୁରକ୍ଷା ଦେବାକୁ ହେବ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା, ଗଳ୍ପ କଥନ, ଲୋକଗୀତ ଗାନ, ଆଶୁ ଭାଷଣ, ଶୁଦ୍ଧ ଲିଖନ ପ୍ରତିଯୋଗିତା ଆୟୋଜନ ହୋଇଥିଲା। ଶୋଭାଯାତ୍ରାରେ ପିଲାମାନେ ପ୍ଲାକାର୍ଡ ଧରି ଆମ ମାତୃଭାଷା ଓଡ଼ିଆର ମାଧୁର୍ଯ୍ୟ ସୁରକ୍ଷା ଓ ପ୍ରସାରର ବାର୍ତ୍ତା ଦେଇଥିଲେ। ପ୍ରଧାନାଚାର୍ଯ୍ୟ ଅରବିନ୍ଦ ଦାସଙ୍କ ତତ୍ତ୍ୱାବଧାନ ଏବଂ ଆଚାର୍ଯ୍ୟ ଡ. ଶ୍ରୀକାନ୍ତ ମିଶ୍ରଙ୍କ ପରିଚାଳନାରେ ସମସ୍ତ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା। ସେହିପରି ମାରୁତିନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ୨ଟି ପର୍ଯ୍ୟାୟରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସାହିତ୍ୟିକ ସାରଙ୍ଗଧର ଷଡ଼ଙ୍ଗୀ, କାମଦେବ ମହାରଣା ଏବଂ ମୁଖ୍ୟ ବକ୍ତା ଭାବେ ଶିକ୍ଷକ ଆଲୋକ କୁମାର ପ୍ରଧାନ ଓ ସୌଦାମିନୀ ପ୍ରଧାନ ଯୋଗଦେଇ କହିଥିଲେ, ୨୦୦୮ରୁ ମିଳିତ ଜାତିସଂଘର ସାଧାରଣ ସଭାରେ ପ୍ରତିବର୍ଷ ଫେବୃଆରୀ ୨୧ରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳନ କରିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ମାଆ ଓ ମାତୃଭାଷା ପ୍ରତି ପ୍ରତ୍ୟେକ ନାଗରିକ ନିଜକୁ ସର୍ମପଣ ଭାବ ରଖିଲେ ଦେଶ ଓ ଜାତିର ଉନ୍ନତି ଘଟିବ ବୋଲି ଅତିଥି କହିଥିଲେ। ଆଚାର୍ଯ୍ୟା ରଜନୀ ମହାପାତ୍ରଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ପ୍ରଧାନାଚାର୍ଯ୍ୟ ବିନୋଦ କୁମାର ସେନାପତି ଅତିଥି ପରିଚୟ ପ୍ରଦାନ, ଆଚାର୍ଯ୍ୟା ଅନିତା ଜେନା ଓ ଲକ୍ଷ୍ମୀପ୍ରିୟା ରଥ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଆଚାର୍ଯ୍ୟା ପ୍ରଶାନ୍ତି ତ୍ରିପାଠୀ ଓ ସ୍ନେହଲତା ଦାସ ଧନ୍ୟବାଦ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ଶିଶୁ କଳିକାମାନଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ବେଟ୍ରିକ୍ସ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଫାଦର ବୁଲୁ ବୀରେନ୍ଦ୍ର କୁଜୁରଙ୍କ ଅଧ୍ୟକ୍ଷତାରେ ମାତୃଭାଷା ଦିବସ ପାଳନ ହୋଇଛି। ଡ. ଶଶିକାନ୍ତ ରଥ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ସାହିତ୍ୟିକ ଶଙ୍କର୍ଷଣ ମଙ୍ଗରାଜ ଯୋଗଦେଇ ମାତୃଭାଷା ହିଁ ବ୍ୟକ୍ତିତ୍ୱର ବିକାଶ ସହ ବ୍ୟକ୍ତିକୁ ଜାତୀୟତା ସ୍ରୋତରେ ଉଜ୍ଜୀବିତ କରିଥାଏ ବୋଲି କହିଥିଲେ। ମୁଖ୍ୟ ବକ୍ତାରୂପେ ଜଗନ୍ନାଥ ସଂସ୍କୃତି ଗବେଷକ ଅଧ୍ୟାପକ ଡ. ବଳରାମ ଦାଶ ଓଡ଼ିଆ ଭାଷାର ରୂପରେଖ ଓ ଏହାର ବିକାଶ ଉପରେ ଆଲୋକପାତ କରିଥିଲେ। ଆଲୋଚନା ଚକ୍ରରେ ଶିକ୍ଷୟିତ୍ରୀ ଅଞ୍ଜଳି ପଣ୍ଡା, ନିବେଦିତା ଖୁଣ୍ଟିଆ, ମୋନାଲିସା ରାଉଳ, ବିକାଶ ରଞ୍ଜନ ସେଠୀ, ସୌମ୍ୟ ରଞ୍ଜନ ସାହୁ ପ୍ରମୁଖ ଭାଗନେଇ ଓଡ଼ିଆ ଏକ ସମୃଦ୍ଧ ଭାଷା ଏବଂ ଏହା ଶାସ୍ତ୍ରୀୟ ମାନ୍ୟତା ଲାଭ କରି ବିଶ୍ୱର ୧୭ହଜାର ଭାଷା ମଧ୍ୟରେ ୩୭ତମ ସ୍ଥାନ ଗ୍ରହଣ କରି ଶ୍ରେଷ୍ଠ ଭାଷା ରୂପେ ପରିଗଣିତ ହୋଇଛି ବୋଲି ମତବ୍ୟକ୍ତ କରିଥିଲେ।



ବିଭିନ୍ନ ଦାବି ନେଇ ଅଗ୍ନିଶମ କର୍ମଚାରୀମାନେ ବୁଧବାର ପୁରୀ ଅଗ୍ନିଶମ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଛନ୍ତି ।

## ପଞ୍ଚାୟତସ୍ତରୀୟ ସଚେତନତା ଶିବିର

ଅସ୍ତରଙ୍ଗ,୨୧।୨(ପ୍ରଦୀପ୍ତ ଦୀକ୍ଷିତ): ଅସ୍ତରଙ୍ଗ ବ୍ଲକ ମାଣ୍ଡୁକି ଗ୍ରାମ ପଞ୍ଚାୟତ ଅଧୀନ ଚକରପଡ଼ା ପଡ଼ିଆରେ ନୂଆ-ଓ ସଚେତନତା ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ରୋଜିନା ଜେନା ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, ମୁଖ୍ୟବକ୍ତା ଭାବେ ବ୍ଲକ ଅଧକ୍ଷା ଆରତି ନାୟକ, ସମ୍ମାନିତ ଅତିଥି ଭାବେ ଏମ୍‌ପିଙ୍କ ପ୍ରତିନିଧି ଚମ୍ପକ ବାରିକ୍, ୧ ନଂ. ଜୋନ ଜିଲା ପରିଷଦ ସଭ୍ୟା ସରସ୍ୱତୀ ସ୍ୱାଇଁ, ବ୍ଲକ ଉପାଧକ୍ଷ ଦୃଜୟ ମିଶ୍ର, ବିଡିଓ ସୁଶ୍ରୀ ସସ୍ମିତା ବେହେରା, ମାଣ୍ଡୁକି ସମିତି ସଭ୍ୟ ଗଗନ କାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଆଳଙ୍ଗପୁର ପଞ୍ଚାୟତରେ ସରପଞ୍ଚ ଭାନୁପ୍ରିୟା ଭୋଳଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ବେହେରା, ମୁଖ୍ୟବକ୍ତା ବ୍ଲକ ଅଧକ୍ଷା ନାୟକ, ସମ୍ମାନୀତ ଅତିଥି ୨ନଂ. ଜୋନ ଜିଲା ପରିଷଦ ସଭ୍ୟା ବନିତା ବେହେରା, ସମିତି ସଭ୍ୟା କୌଶଲ୍ୟା ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ। ମାଣ୍ଡୁକିରେ ଜିଆର୍‌ଏସ୍ ସୁକାନ୍ତ ପ୍ରଧାନ, ଆଳଙ୍ଗପୁରରେ କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ ମୁଦୁଲି ସଭା ପରିଚାଳନା କରିଥିଲେ। ମାଣ୍ଡୁକି ପଞ୍ଚାୟତ କାର୍ଯ୍ୟକ୍ରମରେ ନୂତନ ଭତ୍ତା ବଣ୍ଟା ଯାଇଥିଲା। କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ଉନ୍ନତି ମୂଳକ ଯୋଜନା ସମ୍ପର୍କରେ ପାଲା ଓ ବିଭିନ୍ନ ଷ୍ଟଲ ମାଧ୍ୟମରେ ସଚେତନ କରାଯାଇଥିଲା।

# ଦାବି ପୂରଣ ନ ହେଲେ କାର୍ଯ୍ୟ ବନ୍ଦ: ପାଚିକା ସଂଘ

ପୁରୀ, ୨୧।୨(ଅଜିତ୍ ମହାନ୍ତି)

ପୁରୀ ଜିଲା ମଧ୍ୟାହ୍ନ ଭୋଜନ ପାଚିକା ସଂଘ ପକ୍ଷରୁ ପାଚିକାଙ୍କ ପାରିଶ୍ରମିକ ବୃଦ୍ଧି ସହ ଅନ୍ୟାନ୍ୟ ଦାବି ନେଇ ବୁଧବାର ଭକ୍ତ ସାଲବେଗ ସଭା ଗୃହରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସଂଘ ପକ୍ଷରୁ କୁହାଯାଇଛି ଯେ, ରାଜ୍ୟ ସରକାର ଗତ ୧୭ ତାରିଖରେ ପାଚିକାମାନଙ୍କ ଦରମା ୬୦୦ ଟଙ୍କା ବୃଦ୍ଧି କରିଛନ୍ତି, ଯାହା ସମୁଦ୍ରକୁ ଶଙ୍ଖେ ସଦୃଶ। ମାତ୍ର ସର୍ବନିମ୍ନ ମଜୁରି ଲାଗୁ କରାଗଲା ନାହିଁ। ରାଜ୍ୟ ସରକାରଙ୍କ ସର୍ବନିମ୍ନ ମଜୁରି ଦୈନିକ ୩୫୯ ଟଙ୍କା ଥିବା ବେଳେ ପାଚିକାମାନେ ଦୈନିକ ୫୪ ଟଙ୍କା ୭୦ ପଇସା ପାଇବେ। ଏତେ କମ ଟଙ୍କାରେ ଜଣେ ପାଚିକା କିପରି ପରିବାର ପ୍ରତିପୋଷଣ କରିବେ ବୋଲି ସଂଘ ପକ୍ଷରୁ ପ୍ରଶ୍ନ କରାଯାଇଛି। ଏପରି ନିଷ୍ପତ୍ତି ପାଚିକାମାନଙ୍କ ପ୍ରତି ପ୍ରତାରଣା। ସେହିପରି ଅବସର ପରେ ପାଚିକାଙ୍କ ପାଇଁ କୌଣସି ପ୍ରୋତ୍ସାହନ ରାଶି ନାହିଁ। ପାଚିକାଙ୍କ ଅବସର ବୟସ ସୀମା ବୃଦ୍ଧି କରାଯାଇନାହିଁ। ପେନ୍‌ସନ କି ଭବିଷ୍ୟ ନିଧି ପାଣ୍ଠି ନାହିଁ। ସରକାର ତୁରନ୍ତ ପାଚିକାମାନଙ୍କ ଏହି ସବୁ ଦାବି ପୂରଣ କରନ୍ତୁ। ନଚେତ ଆଗାମୀ ଦିନରେ ବିଦ୍ୟାଳୟଗୁଡ଼ିକରେ ମଧ୍ୟାହ୍ନ ଭୋଜନ କାମ ବନ୍ଦ ହେବା ସହ ଅନିର୍ଦ୍ଦିଷ୍ଟ କାଳ ଯାଏ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରାଯିବ। ସେହିପରି ଆଗାମୀ ନିର୍ବାଚନରେ ସଂଘ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିରୋଧରେ ଭୋଟ ଦେବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଖବରଦାତା ସମ୍ମିଳନୀରେ ସଂଘ ସଭାପତି ପୀତବାସ ବେହେରା, ତରୁଲତା ମିଶ୍ର, କୃଷ୍ଣପ୍ରିୟା ବରାଳ, ଲକ୍ଷ୍ମୀପ୍ରିୟା ପ୍ରଧାନ, ନିରୁପମା ନାୟକ, ପ୍ରଶାନ୍ତ ପ୍ରଧାନ, କବିତା ତ୍ରିପାଠୀ, ପୂଜାରାଣୀ ପାଣ୍ଡି, ଟିଙ୍କିନା ପାଲ, ସଚଳା ପ୍ରଧାନ, ଶୁଭଲକ୍ଷ୍ମୀ ସାହୁ, ମଞ୍ଜୁଲତା ବାରିକ୍, ସଂଯୁକ୍ତା ଯାଦବ ଏବଂ ସଂଯୁକ୍ତା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଆତ୍ମ ବିକାଶର ମାର୍ଗ ଦେଇଛନ୍ତି ଶ୍ରୀମା

ପିପିଲି,୨୧।୨(ପ୍ରଭାତ ମହାପାତ୍ର): ଶ୍ରୀମାଙ୍କ ୧୪୬ତମ ଜୟନ୍ତୀ ପିପିଲି ଶ୍ରୀମା ଓ ଶ୍ରୀଅରବିନ୍ଦ ଆଶ୍ରମ ମାତୃ ସଦନରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମାତୃ ସଦନରେ ଶତାଧିକ ଆଧ୍ୟାତ୍ମିକ ଶ୍ରଦ୍ଧାଳୁ ସକାଳ ସମୟରୁ ଉପସ୍ଥିତ ହୋଇ ଆଧ୍ୟାତ୍ମିକ ପତାକା ଉତ୍ତୋଳନ ସହିତ ଶ୍ରୀମା ଓ ଅରବିନ୍ଦଙ୍କ ନିକଟରେ ଦୀପ ପ୍ରଜ୍ୱଳନ କରି ପୂଜାର୍ଚ୍ଚନା କରିଥିଲେ। ପରେ ସାଧନା ଗୃହରେ ଏକ ଦିବ୍ୟ ଆଧ୍ୟାତ୍ମିକ ପାଠ୍ୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଆଲୋଚକମାନେ ଶ୍ରୀମାଙ୍କ ଅଦ୍ଭୁତ ଅଲୌକିକ ଜୀବନ ଚରିତ୍ର ଉପରେ ଆଲୋକପାତ କରିଥିଲେ। ଶ୍ରୀମାଙ୍କ ମୁଖନିଃସୃତ ବାର୍ତ୍ତା ପଠନ କରାଯାଇ ତା'ର ଗଭୀର ସାରମର୍ମକୁ ବିଶ୍ଲେଷଣ କରାଯାଇ ଶ୍ରୀମା ଆତ୍ମ ବିକାଶର ମାର୍ଗ ଦେଇଛନ୍ତି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ବକ୍ତା ସୁକାନ୍ତ ଜେନା ତାତ୍ତ୍ୱିକ ଶ୍ରୀମାଙ୍କ ଜୀବନଚର୍ଯ୍ୟା ଓ ଐଶ୍ୱରୀୟ ଶକ୍ତିର ପରାକାଷ୍ଠା ଉପରେ ଉପସ୍ଥାପନା କରିଥିଲେ। ଇଂ ରମେଶ ଶଠପଥୀ, ସଚ୍ଚିକାନ୍ତ ଜେନା, ଖବରଦାତା ପ୍ରଭାତ ମହାପାତ୍ର ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଗୋବିନ୍ଦ ପ୍ରଧାନ, ଅଶୋକ ସ୍ୱାଇଁ, ରୂପେଶ ଅଗ୍ରୱାଲ ପ୍ରମୁଖ ପରିଚାଳନା କରିଥିଲେ।

## ସ୍ୱର୍ଗରଥ ଲୋକାର୍ପିତ



ପୁରୀ,୨୧।୨(ଅଜିତ୍ ମହାନ୍ତ): ସର୍କିଟ ହାଉସଠାରେ ବୁଧବାର ସାମାଜିକ ସୁରକ୍ଷା, ଭିନ୍ନକ୍ଷମ କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଏକ ସ୍ୱର୍ଗରଥକୁ ଲୋକାର୍ପଣ କରିଛନ୍ତି। ପୁରୀ ପୁରୁଣା ସଦର ଥାନା ଅଞ୍ଚଳ ନିବାସୀ ସ୍ୱର୍ଗତ ପ୍ରଫେସର ସୁବୋଧ ନନ୍ଦଙ୍କ ସହଧର୍ମିଣୀ ତଥା ସାହିତ୍ୟିକା ସ୍ୱର୍ଗତ ତିଳୋତ୍ତମା ନନ୍ଦଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏହି ସ୍ୱର୍ଗରଥକୁ ତାଙ୍କ ପରିବାର ପକ୍ଷରୁ ସ୍ୱର୍ଗଦ୍ୱାର ସେବା ସମିତିକୁ ପ୍ରଦାନ କରାଯାଇଥିଲା। ନନ୍ଦ ପରିବାର ପକ୍ଷରୁ ଅବସରପ୍ରାପ୍ତ ଆଇଏଏସ୍ ଡ. ସୁଦୀପ କୁମାର ନନ୍ଦ, ନୀଳିମା କର, ଇଲିମା କର, ଡ. ସିଲିମା ନନ୍ଦ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ହସ୍ତାନ୍ତର ସମୟରେ ନୀଳିମା କର ଓ ଉଦ୍ୟୋଗପତି ତଥା ସମାଜସେବୀ ବଦ୍ରୀ ମହାପାତ୍ର ଉପସ୍ଥିତ ଥିଲେ। ଏହି ସ୍ୱର୍ଗରଥ ପୁରୀବାସୀଙ୍କ ସେବାରେ ଉପଲବ୍ଧ ହେବ ଓ ଏହାର ସଦୁପଯୋଗ କରିବାକୁ ସେମାନେ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ, ଜିଲାପାଳ ବିଜୟ କୁମାର ଦାଶ, ଉପଜିଲାପାଳ ଗୋପୀନାଥ କୁଅଁର, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଶୁଭ୍ରାଂଶୁ କୁମାର ମହାରଣା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ସ୍ୱର୍ଗଦ୍ୱାର ସେବା ସମିତି ପରିଚାଳନା କମିଟି ସଦସ୍ୟ ସିଦ୍ଧାର୍ଥ ରାୟ, ସ୍ୱର୍ଗଦ୍ୱାର ମୁଖ୍ୟ ସେବକ ବ୍ରଜ କିଶୋର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ନ୍ୟାୟ ମାଗିଲେ ଦଳିତ ପରିବାର

ପିପିଲି,୨୧।୨(ପ୍ରଭାତ ମହାପାତ୍ର): ପିପିଲି ତାରା ମଣ୍ଡପଠାରେ ଜାତୀୟ ଦଳିତ, ଆଦିବାସୀ ଓ ସଂଖ୍ୟାଲଘୁ ମହାସଂଘ କଙ୍ଗାରୁ ଆଇନର ଶିକାର ହୋଇଥିବା ଅସ୍ତରଙ୍ଗର ୨୩ଟି ପରିବାରକୁ ନ୍ୟାୟ ଦେବାକୁ ଖବରଦାତା ସମ୍ମିଳନୀରେ ମାଧ୍ୟମରେ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରାଯାଇଛି। ପ୍ରକାଶ ଥାଉକି, ଅସ୍ତରଙ୍ଗ ଆଳସାହି ପଞ୍ଚାୟତ ବରାଙ୍ଗ ଅଞ୍ଚଳର ୨୩ଟି ଦଳିତ ଭୂମିହୀନ ପରିବାର ବହୁ ଆବେଦନ ପ୍ରୟାସ କଲା ପରେ ସରକାରଙ୍କଠାରୁ ଆଳସାହି ନିକଟରେ ଚାଷ ଜମି ପାଇବା ସହିତ ନିଜ ନିଜ ନାମରେ ଜମିର ପଟ୍ଟା ପାଇଥିଲେ। ପ୍ରତ୍ୟେକ ତଫସିଲଭୁକ୍ତ ପରିବାରକୁ ୧ ଏକର ଲେଖାଏଁ ଜମି ମିଳିଲା ପରେ ସେମାନେ ଚାଷ କରି ଅଭାବୀ ପରିବାରକୁ ଚଳାଉଥିବା ଚେଷ୍ଟାକୁ ଆଳସାହିର କେତେକ ମୁଷ୍ଟିମେୟ ଲୋକ ପ୍ରତିବନ୍ଧକ ସୃଷ୍ଟି କରୁଛନ୍ତି। ଜମିରେ ଶସ୍ୟ ଉତ୍ପାଦନ ସମୟରେ ସମସ୍ତ ଶସ୍ୟକୁ ବାରମ୍ବାର ଜୋରଜବରଦସ୍ତ କାଟି ନେଉଛନ୍ତି ଏବଂ ମାର୍‌ପିଟ କରୁଛନ୍ତି। ଅସ୍ତରଙ୍ଗ ଥାନାରେ ଏନେଇ ଅଭିଯୋଗ କରିବାରୁ ଦୁର୍ବୃତ୍ତମାନେ ହିଂସ୍ରକ ହୋଇ ଘରେ ପଶି ମାର୍‌ପିଟ୍, ଭଙ୍ଗାରୁଜା ସହିତ ମହିଳାଙ୍କୁ ଦୁର୍ବ୍ୟବହାର ଦେଖାଉଛନ୍ତି। ପ୍ରଶାସନିକ ସ୍ତରରେ ଏମାନଙ୍କୁ କୌଣସି ସହାୟତା ମିଳି ପାରୁନାହିଁ। ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାବେଳେ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ମଧ ଖାତିର କରୁ ନ ଥିବା ଦଳିତ ଲୋକେ ଏହି ଖବରଦାତା ସମ୍ମିଳନୀରେ ଜରିଆରେ ଅଭିଯୋଗ ଆଣିଛନ୍ତି। ପ୍ରଶାସନିକ ନିଷ୍କ୍ରିୟତା କାରଣରୁ ଅତ୍ୟାଚାର ଦିନକୁ ଦିନ ବଢ଼ି ଚାଲିଛି ବୋଲି ଅଭିଯୋଗ ହେଉଛି। ଏଥିନେଇ ପ୍ରଶାସନ ଓ ସରକାର ତଦନ୍ତ କରି ନ୍ୟାୟ ପ୍ରଦାନ କରନ୍ତୁ ବୋଲି ଦଳିତ ମହାସଂଘ ସଭାପତି ବିଜୟ ସେଠୀ ଦାବି କରିଛନ୍ତି। ଦାବି ପୂରଣ କରି ସରକାର ଓ ଜିଲା ପ୍ରଶାସନ ସମସ୍ୟା ସମାଧାନ ନ କଲେ ଭୋଟ ବର୍ଜନ କରିବା ସହ ବ୍ୟାପକ ଆନ୍ଦୋଳନ କରିବେ ବୋଲି ଦଳିତ ପରିବାର ପ୍ରକାଶ କରିଛନ୍ତି।

## ତେଇଶିପୁରରେ ନୂଆ-ଓ ସଚେତନତା ଶିବିର

ପିପିଲି,୨୧।୨ (ଦୁର୍ଗା ମାଧବ ମିଶ୍ର/ପ୍ରଭାତ ମହାପାତ୍ର): ପିପିଲି ବ୍ଲକ ତେଇଶିପୁର ଗ୍ରାମପଞ୍ଚାୟତ ପକ୍ଷରୁ ପୋଡଙ୍ଗଠାରେ ବୁଧବାର ନୂଆ-ଓ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ରଶ୍ମିତା ସେନାପତିଙ୍କ ପୌରୋହିତ୍ୟରେ ଏକ ସଭା ଆୟୋଜିତ ହୋଇଥିଲା। ଜିଲା ପରିଷଦ ଧରଣୀଧର ସାହୁ ସଭା ପରିଚାଳନା କରିବା ସହ ରାଜ୍ୟ ସରକାରଙ୍କ ସମସ୍ତ ଜନହିତକର ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଶିବିରରେ ପିପିଲି ବିଧାୟକ ରୁଦ୍ର ପ୍ରତାପ ମହାରଥୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମିଶନଶକ୍ତି ଜରିଆରେ ମହିଳାମାନେ ସ୍ୱାବଲମ୍ବୀ ହୋଇପାରିଥିବା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପିପିଲି ବ୍ଲକ ଅଧକ୍ଷା ଦେବସ୍ୱିନୀ ନନ୍ଦ, ଉପାଧକ୍ଷ ପ୍ରଫୁଲ୍ଲ ସ୍ୱାଇଁ, ପୁରୀ -ନିମାପଡ଼ା କେନ୍ଦ୍ର ସମବାୟ ବ୍ୟାଙ୍କ ଜିଲା ସଭାପତି କିଶୋର ଛୋଟରାୟ, ଏମ୍‌ପିଙ୍କ ପ୍ରତିନିଧି ନାରାୟଣ ସ୍ୱାଇଁ, ବିଧାୟକଙ୍କ ପ୍ରତିନିଧି ଆର୍ତ୍ତବନ୍ଧୁ ସାମନ୍ତରାୟ, ଆମ୍ବା କମିଟି ସଭାପତି ପ୍ରକାଶ ଧଳ, ପୂର୍ବତନ ଯୁବ ବିଜେଡି ସଭାପତି ମନୋଜ ଦାଶ, ଦୁର୍ଗାଦାଶପୁର ସମବାୟ ବ୍ୟାଙ୍କ ସଭାପତି ବିଶ୍ୱଜିତ୍ ଦାଶ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ବିଧାୟକ ଉପସ୍ଥିତ ମଧୁବାବୁ ପ୍ରେନସନ ହିତାଧିକାରୀଙ୍କୁ ରାଜ୍ୟ ସରକାରଙ୍କ ଦ୍ୱାରା ବୃଦ୍ଧି ପାଇଥିବା ୧ ହଜାର ଅର୍ଥ ରାଶିକୁ ପ୍ରଦାନ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ପଞ୍ଚାୟତ ନିର୍ବାହୀ ଅଧିକାରୀ କାଳନ୍ଦୀ ଚରଣ ଭୋଇ ଓ ଗ୍ରାମ୍ୟ ରୋଜଗାର ସେବକ ଆଶ୍ରିତ ଦୀକ୍ଷିତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ବିଶ୍ୱଜିତ୍ ଦାଶ ଧନ୍ୟବାଦ ଦେଇଥିଲେ।



ନୂଆ -ଓ ସଚେତନତା କାର୍ଯ୍ୟକ୍ରମରେ ବିଧାୟକ ରୁଦ୍ର ପ୍ରତାପ ମହାରଥୀ ଭତ୍ତା ପ୍ରଦାନ କରୁଛନ୍ତି।

# ଚନ୍ଦ୍ରମାପାଟପୁରରେ ଅଭିଲେଖଯୁକ୍ତ ବୀରଶିଳା ଚିହ୍ନଟ

ଖୋର୍ଦ୍ଧା,୨୧।୨ (ପ୍ରଭାତ ପାଣିଗ୍ରାହୀ):

ଯୁଦ୍ଧରେ ଉଲ୍ଲେଖନୀୟ ବୀରତ୍ୱ ପ୍ରଦର୍ଶନ କରିଥିବା ଅଥବା ଯୁଦ୍ଧ କରି ପ୍ରାଣବଳି ଦେଇଥିବା ମହାନ ବୀରମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ମଧ୍ୟଯୁଗୀୟ ସମୟରେ ବୀରଶିଳା (ହିରୋଷ୍ଟୋନ) ସ୍ଥାପନ କରାଯାଉଥିଲା। ଭାରତର ବିଭିନ୍ନ ସ୍ଥାନରେ ଏପରି ବୀରଶିଳା ଦେଖିବାକୁ ମିଳୁଥିବାବେଳେ ଓଡ଼ିଶାରେ ପ୍ରାୟ ଭୌମ ବଂଶର ରାଜତ୍ୱ ସମୟ (୯ମ ଶତାବ୍ଦୀ) ଠାରୁ ଆରମ୍ଭ କରି ବ୍ରିଟିଶ ଶାସନ କାଳ (୧୯ଶ ଶତାବ୍ଦୀ) ପର୍ଯ୍ୟନ୍ତ ପ୍ରତିଷ୍ଠିତ ଅନେକ ବୀରଶିଳା ପରିଲକ୍ଷିତ ହୋଇଥାଏ। ଏସବୁ ଓଡ଼ିଶା ସାମରିକ ଇତିହାସର ଗୌରବମୟ ଅଧ୍ୟାୟର ପରିଚୟ ବହନ କରେ। ବୀରଶିଳା ସାଧାରଣତଃ କୌଣସି ଅସ୍ତ୍ରଶସ୍ତ୍ରଧାରୀ ବୀରଙ୍କୁ ଯୁଦ୍ଧ କରୁଥିବା ଭଙ୍ଗୀ ଅଥବା ନିଜ ଆରାଧ୍ୟ ଦେବତାଙ୍କୁ ପୂଜା କରୁଥିବା ଦୃଶ୍ୟରେ ଦେଖିବାକୁ ମିଳିଥାଏ। କେତେକ ବୀରଶିଳା ଅଭିଲେଖଯୁକ୍ତ ହୋଇଥାନ୍ତି, ଏପରି କ୍ଷେତ୍ରରେ ବୀରଙ୍କ ସମ୍ପର୍କରେ ସମ୍ୟକ ପରିଚୟ ମିଳିପାରିଥାଏ। ନିକଟରେ 'କଳିଙ୍ଗ ଏପିଗ୍ରାଫିକାଲ ରିସର୍ଚ୍ଚ ଗ୍ରୁପ୍' ପକ୍ଷରୁ ଚାଲିଥିବା ଓଡ଼ିଶାର ପ୍ରାଚୀନ ଅଭିଲେଖ ସମ୍ପର୍କିତ ଅନୁସନ୍ଧାନ ସମୟରେ ଐତିହ୍ୟ ଗବେଷକ ଦୀପକ କୁମାର ନାୟକ ଏବଂ ମିହିର ବାହିନୀପତି ଖୋର୍ଦ୍ଧା ଜିଲା ସଦର ବ୍ଲକ ଅନ୍ତର୍ଗତ ଚନ୍ଦ୍ରମାପାଟପୁର ଶାସନ ଗ୍ରାମରେ ପ୍ରାଚୀନ ଐତିହାସିକ କୀର୍ତ୍ତିରାଜି ଅଭିଲେଖଯୁକ୍ତ ବୀରଶିଳା ଚିହ୍ନଟ କରିଛନ୍ତି।



କଳିଙ୍ଗ ଏପିଗ୍ରାଫିକାଲ ରିସର୍ଚ୍ଚ ଗ୍ରୁପ୍‌ର ସଦସ୍ୟ ଦୀପକ କୁମାର ନାୟକ କହିଛନ୍ତି, ଚନ୍ଦ୍ରମାପାଟପୁର ଗ୍ରାମର ଭୈରବୀ ମନ୍ଦିର ନିକଟରେ ଏହି ବୀରଶିଳା ଅବହେଳିତ ଅବସ୍ଥାରେ ଦେଖିବାକୁ ମିଳିଥିଲା। ସେଥିରେ ଗଜାରୋହୀ ବୀରଙ୍କ ଚିତ୍ର ଅଙ୍କିତ ହୋଇଛି। ଏହି ବୀରଙ୍କ ଧନୁରୁ

### ଗୌରବମୟ ସାମରିକ ଐତିହ୍ୟର ମୂକସାକ୍ଷୀ

ପ୍ରେରିତ ତୀର ଏକ ଶତ୍ରୁ ସୈନ୍ୟଙ୍କୁ ବିଦ୍ଧ କରୁଛି। ମୂର୍ତ୍ତି ନିମ୍ନଭାଗରେ କେତେଜଣ ଅଶ୍ୱାରୋହୀ ସୈନିକଙ୍କ ଯୁଦ୍ଧଯାତ୍ରାର ଛବି ରହିଛି। ବୀରଶିଳା ଉପରି ଭାଗରେ ତିନି ଧାଡ଼ିର ଅଭିଲେଖ ଦେଖିବାକୁ ମିଳୁଛି। ଏହି ଅଭିଲେଖ ପ୍ରାୟ ୧୧ଶହ କିମ୍ବା ୧୨ଶହ ଶତାବ୍ଦୀରେ କଳିଙ୍ଗୋତ୍କଳରେ ବ୍ୟବହୃତ ଓଡ୍ର ନାଗରୀ ଲିପି ଓ ସଂସ୍କୃତ ଭାଷାରେ ଉତ୍କୀର୍ଣ୍ଣ ହୋଇଛି ବୋଲି ନାୟକ କହିଛନ୍ତି। ଅଭିଲେଖର କିଛି ଅଂଶ ଖରାବର୍ଷା ମାଡ଼ ଓ ଚୂନ ପ୍ରଲେପ ଯୋଗୁ ନଷ୍ଟ ହୋଇଯାଇଥିଲେ ମଧ କେତେକ ଶବ୍ଦ ବାରି ହୋଇଥିଲା। ପ୍ରଥମ ଧାଡ଼ିରେ ଶ୍ରୀରାଣକ ଶୀୟ ଦାସଃ, ଦ୍ୱିତୀୟ ଧାଡ଼ିରେ ବ୍ରହ୍ମ ସନ୍ନିପାତାୟାନିଂ ଏବଂ ୩ୟ ଧାଡ଼ିରେ ହସ୍ତିଭାଗତି ଯମଂ ଧର୍ମୋରାହୋ ଉଲ୍ଲେଖ ରହିଛି। ଏଥିରୁ ଏହା ଅନୁମାନ କରାଯାଇପାରେ ଯେ, ରାଣକ (ସେନାପତି) ଶୀୟ ଦାସ ନାମକ ଗଜାରୋହୀ ଯୋଦ୍ଧା ଯୁଦ୍ଧରେ ଅନେକ ଶତ୍ରୁଙ୍କୁ ବିନାଶ କରିଥିଲେ ଓ ସେ ଜଣେ ଧର୍ମଚାରୀ ବୀର ଥିଲେ।

କଳିଙ୍ଗ ଏପିଗ୍ରାଫିକାଲ ରିସର୍ଚ୍ଚ ଗ୍ରୁପ୍‌ର ସଦସ୍ୟ ମିହିର ବାହିନୀପତିଙ୍କ ମତରେ ନିରାକାରପୁର ଓ ଏହାର ଆଖପାଖ ଅଞ୍ଚଳ ଯଥା- ମାଳିସାହି, ଗଡ଼ଖୋରଧା ତିପୁରୀ, ମୁଗପଦର ଆଦି ସ୍ଥାନରେ ଏପରି ଅନେକ ବୀରଶିଳା ସବୁ ବିକ୍ଷିପ୍ତ ଭାବରେ ପଡ଼ିରହିଛି। ଏସବୁ କଳିଙ୍ଗନଗର ଗଙ୍ଗବଂଶର ରାଜା ଦେବେନ୍ଦ୍ର ବର୍ମା ରାଜରାଜ (ଚୋଡ଼ଗଙ୍ଗ ଦେବଙ୍କ ପିତା)ଙ୍କ ଉତ୍କଳ ଅଭିଯାନ ସମୟର ସାମରିକ ସଂଘର୍ଷର ପ୍ରତିଫଳନ ହୋଇପାରେ। ଏଠାରେ ଉଲ୍ଲେଖଯୋଗ୍ୟ, କିଛି ଦଶନ୍ଧି ପୂର୍ବେ ଚନ୍ଦ୍ରମାପାଟପୁର ନିକଟବର୍ତ୍ତୀ ନିରାକାରପୁରରୁ ରାଜରାଜ ଦେବଙ୍କ ପ୍ରଧାନ ରାଜପ୍ରତିନିଧି ଉଦୟ ଖେଦିଙ୍କ ଶାସନର ଏକ ତାମ୍ର ଫଳକ ମିଳିଥିଲା। ତେବେ ଏହି ବୀରଙ୍କ ବିଷୟରେ ଠିକ ଇତିହାସ ଆକଳନ କରିବା ପାଇଁ ଅଧିକ ଗବେଷଣାର ଆବଶ୍ୟକତା ରହିଛି। ପୁରୀ-ଖୋର୍ଦ୍ଧା ଜିଲା ସୀମାନ୍ତ ଅଞ୍ଚଳ ତଥା ଚିଲିକା ହ୍ରଦ ତଟବର୍ତ୍ତୀ ଗ୍ରାମଗୁଡ଼ିକରୁ ମିଳୁଥିବା ଏସବୁ ପୁରାତନ ବୀରଶିଳା ସମୂହ ଓଡ଼ିଶାର ଗୌରବମୟ ସାମରିକ ଐତିହ୍ୟର ମୂକସାକ୍ଷୀ। ସ୍ଥାନୀୟ ଅଞ୍ଚଳରେ ଏକ ସଂଗ୍ରହାଳୟ ପ୍ରତିଷ୍ଠା କରି ଏସବୁ ବୀରଶିଳାଗୁଡ଼ିକ ଏକତ୍ର ରଖାଯାଇପାରିଲେ ଏହାର ଐତିହାସିକ ଗୁରୁତ୍ୱ ଲୋକେ ହୃଦୟଙ୍ଗମ କରିପାରନ୍ତେ ବୋଲି ଗବେଷକମାନେ କହିଛନ୍ତି।

## ଡିଫ୍ କ୍ରିକେଟ ଖେଳାଳି ସମ୍ବର୍ଦ୍ଧିତ

କଟକ,(ଶିଳ୍ପା ପ୍ରିୟଦର୍ଶିନୀ): ବଧିର(ଡିଫ୍) କ୍ରିକେଟ ଆସୋସିଏଶନର ଖେଳାଳୀଙ୍କୁ ବିଧାୟକ ଇଂ. ମହମ୍ମଦ ମୋକିମ ବୁଧବାର ସେଲଟର୍ ଛକସ୍ଥିତ କାର୍ଯ୍ୟାଳୟରେ ସମ୍ବର୍ଦ୍ଧିତ କରିଛନ୍ତି। ଗତ ୫ରୁ ୮ ତାରିଖ ପର୍ଯ୍ୟନ୍ତ ରାଉରକେଲା ଇସ୍ପାତ ଷ୍ଟାଡିୟମରେ ଚାଲିଥିବା ଦ୍ୱିତୀୟ ଟି-୨୦ ଓଡ଼ିଶା ଡିଫ୍ କ୍ରିକେଟ ଚାମ୍ପିୟନସିପ୍‌ରେ କଟକ ଡିଫ୍ କ୍ରିକେଟ୍ ଆସୋସିଏଶନ ବିଜୟୀ ହୋଇଥିଲା। ଏହି ଉପଲକ୍ଷେ ଖେଳାଳିଙ୍କୁ ବିଧାୟକ ମୋକିମ ଭେଟି ବିଭିନ୍ନ ବିଷୟରେ ଆଲୋଚନା କରିବା ସହ ସମ୍ବର୍ଦ୍ଧିତ କରିଥିଲେ। ଭବିଷ୍ୟତରେ ସେମାନେ ଅଧିକ ଉନ୍ନତ ଖେଳ ପ୍ରଦର୍ଶନ କରି ରାଜ୍ୟ ଓ ଦେଶର ସୁନାମ ଆଣିବା ପାଇଁ ବିଧାୟକ କହିଛନ୍ତି।

**ସଂକ୍ଷେପରେ**

## ୩ ରାସ୍ତାର ଶିଳାନ୍ୟାସ

କଟକ ସଦର, ୨୧।୨(ସୁଶାନ୍ତ କୁମାର ଜେନା)

କଟକ ଗ୍ରାମ୍ୟ ଉନ୍ନୟନ ଡିଭିଜନ ଅନ୍ତର୍ଗତ ୩ ରାସ୍ତାର ଶିଳାନ୍ୟାସ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା ଅତିଥି ଭାବେ ଯୋଗଦେଇ ରାସ୍ତାର ଶିଳାନ୍ୟାସ କରିଥିଲେ। ନୁଆପାଟଣା-ନୂଆକୋରୁଆଁ ୩.୩ କିମି ରାସ୍ତା ପାଇଁ ୨ କୋଟି ୪୬ ଲକ୍ଷ ୩୦ ହଜାର ଟଙ୍କା ବ୍ୟୟ ଅଟକଳ ରହିଛି। ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ, ସମବାୟବିତ୍ ସମର ବେହେରା, ଆମ୍ବାର ସଭାପତି ରଜନୀକାନ୍ତ ସାହୁ, ଜିଲାପରିଷଦ ସଭ୍ୟ ପ୍ରଦୀପ୍ତ ମହାଳୀ, ସରପଞ୍ଚ ଜ୍ୟୋସ୍ନାରାଣୀ ରାଉତରାୟ, ସମିତି ସଭ୍ୟା ଉର୍ମିଳା ସାହୁ, ହିମାଂଶୁ ଦାସ ଓ ତ୍ରିଲୋଚନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଦଣ୍ଡୁଆସିପଡ଼ା ରାସ୍ତା ପାଇଁ ଅନୁଷ୍ଠିତ ଶିଳାନ୍ୟାସ କାର୍ଯ୍ୟକ୍ରମରେ ଆୟଡପୁର ସରପଞ୍ଚ ରାକେଶ ବେହେରା, ସମିତି ସଭ୍ୟା ମାନସୀ ମଲ୍ଲିକ, ପୂର୍ବତନ ବ୍ଲକ ଉପାଧକ୍ଷା ସୁଚିତ୍ରା ପାତ୍ର, ରତିକାନ୍ତ ଜେନା, କାଲାମ ଖାଁ ପ୍ରମୁଖ ଉପସ୍ଥିତ ଥିଲେ। ପାରାବିଲ-ସିଦ୍ଧେଶ୍ୱରପୁର ରାସ୍ତା ପାଇଁ ଅନୁଷ୍ଠିତ ଶିଳାନ୍ୟାସ କାର୍ଯ୍ୟକ୍ରମରେ ବିଧାୟକ ଓ ବ୍ଲକ ଅଧକ୍ଷା ରାଉତ, ଧରିଣା ସରପଞ୍ଚ ରତ୍ନାକର ରାଉତ, ତ୍ରିନାଥ ଦାଶ, ଗୋକୁଳାନନ୍ଦ ବୈଶାଖ ପ୍ରମୁଖ ଉପସ୍ଥିତ ଥିଲେ।

## ବରିଷ୍ଠ ତାରକସି କାରିଗରଙ୍କ ପରଲୋକ

କଟକ, ୨୧।୨ (କାର୍ତ୍ତିକ ସାହୁ)

କଟକ ସହରର ବରିଷ୍ଠ ତାରକସି କାରିଗର ଗୋକୁଳାନନ୍ଦ ସାହୁ(୮୪)ଙ୍କର ମାନସିଂହପାଟଣାସ୍ଥିତ ତାଙ୍କ ବାସଭବନରେ ବୁଧବାର ସକାଳେ ପରଲୋକ



ହୋଇଯାଇଛି। ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ସତୀଚୌରା ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଡ଼ପୁଅ ପ୍ରତାପ କୁମାର ସାହୁ ମୁଖାଗ୍ନି ଦେଇଥିଲେ। ରୁପା ତାରକସିରେ ଅତ୍ୟନ୍ତ ଆକର୍ଷଣୀୟ କାରୁକାର୍ଯ୍ୟସମ୍ପନ୍ନ କୋଣାର୍କ ଚକ୍ର, ଉପହାର ସାମଗ୍ରୀ ଓ ଗହଣା ଆଦି ନିର୍ମାଣରେ ଗୋକୁଳାନନ୍ଦ ବେଶ୍ ସୁନାମ ଅର୍ଜନ କରିଥିଲେ। ଏଥିସହ ସହରର ବିଭିନ୍ନ ପୂଜା ମଣ୍ଡପରେ ଶୋଭା ପାଉଥିବା ଚାନ୍ଦିମେଢ଼ ନିର୍ମାଣରେ ତାଙ୍କର ପ୍ରମୁଖ ଭୂମିକା ରହୁଥିଲା।

## 'ଲୋକଙ୍କ ନିକଟରେ ପହଞ୍ଚାଅ ସରକାରୀ ଯୋଜନା'

କଟକ ସଦର, ୨୧।୨(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ ପ୍ରହରାଜପୁର ଓ କିଶୋରନଗର ପଞ୍ଚାୟତରେ ବୁଧବାର ଆମ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉଭୟ ପଞ୍ଚାୟତର ଜନସାଧାରଣଙ୍କୁ ରାଜ୍ୟ ସରକାରଙ୍କ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦିଆଯାଇଥିଲା। ପ୍ରହରାଜପୁର ପଞ୍ଚାୟତରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ବିଧାୟକ ଚନ୍ଦ୍ରସାରଥି ବେହେରା ଉଦ୍‌ଘାଟନ କରି ସରକାରୀ ଯୋଜନା ଲୋକଙ୍କ ନିକଟରେ ପହଞ୍ଚାଇବାକୁ କହିଥିଲେ। ଏଥିରେ ଜିଲା ପରିଷଦ ଉପାଧକ୍ଷା ସୁଭଦ୍ରା ଦାସ, ସରପଞ୍ଚ ଅବ୍ଦୁଲ ୱାହିଦ୍ ଖାଁ, ସମିତି ସଭ୍ୟ ଲିୟାକତ ଅଲ୍ଲୀ ଖାଁ, ପୂର୍ବତନ ସରପଞ୍ଚ ସୋମନାଥ ସାହୁ, ବିଡିଓ ରୁମାନା ଜାଫ୍ରି, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଦେବରାଜ ଦାଶ, ବ୍ଲକ ବିଜେଡି ସଭାପତି ପ୍ରମୋଦ ମହାପାତ୍ର, ଶରତ କୁମାର ରାୟ, ବିଭୂତି ଭୂଷଣ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଜନସାଧାରଣଙ୍କଠାରୁ ବିଭିନ୍ନ ଅଭିଯୋଗପତ୍ର ଗ୍ରହଣ କରାଯାଇଥିଲା। ପରେ ୧୦୦ରୁ ଊର୍ଦ୍ଧ୍ୱ ସାମାଜିକ କର୍ମୀ, ୱାର୍ଡ ସଭ୍ୟାସଭ୍ୟ, ସ୍ୱାସ୍ଥ୍ୟକର୍ମୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବାବେଳେ ବାର୍ଦ୍ଧକ୍ୟ ଭତ୍ତା ବଣ୍ଟନ କରାଯାଇଥିଲା। ସେହିପରି କିଶୋର ନଗରଠାରେ ଆୟୋଜିତ କାର୍ଯ୍ୟକ୍ରମକୁ ଅତିରିକ୍ତ ବିଡିଓ ଝାଡେଶ୍ୱର ଦାସ ଉଦ୍‌ଘାଟନ କରିଥିଲେ। ସୁରେଶ ବିଷୋୟୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସୁଜାତା ସିଂହ, ମିଶନ ଶକ୍ତି ପରିଚାଳିକା ସୋନାଲି ପ୍ରିୟଦର୍ଶିନୀ, ଡ. ଶୁଭାଶିଷ ଶତପଥୀ, ସମିତିସଭ୍ୟା ବାସନ୍ତୀ ଭୋଇ, ଇଲାବତି ବିଶୋୟୀ, ପୂର୍ବତନ ସରପଞ୍ଚ ରମେଶ ଚନ୍ଦ୍ର ସାହୁ, ଗଗନ ମହାପାତ୍ର, ସଞ୍ଜୟ ବେହେରା, ପ୍ରଦୋଷ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବାର୍ଦ୍ଧକ୍ୟ ଭତ୍ତା ବଣ୍ଟନ କରାଯାଇଥିଲା।

# 'ମହୋତ୍ସବ ଭାଇଚାରା ସୃଷ୍ଟିକରେ'

**ନିଆଳି ମହୋତ୍ସବ ଉଦ୍‌ଘାଟିତ**

ନିଆଳି, ୨୧।୨(ସୁକାନ୍ତ କୁମାର ସିଂହ)

ନିଆଳିସ୍ଥିତ ମାଘସପ୍ତମୀ ପଡିଆରେ ନିଆଳି ମହୋତ୍ସବ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ନିଆଳି ମହୋତ୍ସବ ପରିଚାଳନା ସମିତି ସଭାପତି ତଥା ବିଧାୟକ ପ୍ରଫେସର ପ୍ରମୋଦ କୁମାର ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜଗତ୍‌ସିଂହପୁର ଏମ୍‌ପି ରାଜଶ୍ରୀ ମଲ୍ଲିକ ଯୋଗଦେଇ ମହୋତ୍ସବ ଭାଇଚାରା ସୃଷ୍ଟି କରେ ବୋଲି କହିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ଜିଲାପରିଷଦ ଅଧକ୍ଷ କିଶୋର ମିଶ୍ର, ଜିଲାପରିଷଦ ସଭ୍ୟ ଦେବାଶିଷ ଷଡଙ୍ଗୀ, ପୀୟୂଷ ମିଶ୍ର, ନିଆଳି ସରପଞ୍ଚ ବବିତାରାଣୀ ବେହେରା ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆମ୍ବାର ଅଧ୍ୟକ୍ଷ ବିଷ୍ଣୁଚରଣ ସ୍ୱାଇଁ, ଏମ୍‌ପିଙ୍କ ପ୍ରତିନିଧି ଆଦିତ୍ୟ ପାଣି, ପ୍ରଦୀପ ଦାସ, ପିଣ୍ଟୁ ମହାପାତ୍ର ଉପସ୍ଥିତ ଥିଲେ। ଏହି ଅବସରରେ କଳାକାରଙ୍କ ଦ୍ୱାରା ରଣପା ନୃତ୍ୟ ପରିବେଷିତ ହୋଇଥିଲା। ଏଥିସହ ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ସମ୍ବଲପୁରୀ ନୃତ୍ୟ, ହାସ୍ୟ ଅଭିନେତା ବ୍ରଜଭାଇଙ୍କ ପକ୍ଷରୁ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସେହିପରି କଣ୍ଠଶିଳ୍ପୀ ସମ୍ବିତ୍ ଓ ପ୍ରିତୀରେଖାଙ୍କ ସଙ୍ଗୀତ ଦର୍ଶକଙ୍କୁ ମୁଗ୍ଧ କରିଥିଲା।



ନିଆଳି ମହୋତ୍ସବରେ ଏମ୍‌ପି ରାଜଶ୍ରୀ ମଲ୍ଲିକ, ବିଧାୟକ ପ୍ରମୋଦ ମଲ୍ଲିକଙ୍କ ସମେତ ଅନ୍ୟ ଅତିଥିବୃନ୍ଦ।




କଟକସ୍ଥିତ ଜେକେବିକେ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାଳିକା ଆତ୍ମରକ୍ଷା ତାଲିମ ଶିବିରର ଉଦ୍‌ଯାପନୀ ଦିବସରେ ଭାଗ ନେଇଥିବା ଛାତ୍ରୀଙ୍କ ଗହଣରେ ଅତିଥିବୃନ୍ଦ।

## ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ଶିବିର ଉଦ୍‌ଯାପିତ

ଚୌଦ୍ୱାର, ୨୧।୨(ଆଶୁତୋଷ ଦାସ)

ଚୌଦ୍ୱାର ପୌରପାଳିକାର ୮ଟି ୱାର୍ଡରେ ଗତ ୧୭ ତାରିଖରୁ ଆରମ୍ଭ ହୋଇଥିବା ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ଶିବିର ବୁଧବାର ଉଦ୍‌ଯାପିତ ହୋଇଯାଇଛି। ୬, ୮, ୯, ୧୦,୧୧, ୧୩,୧୬ ଓ ୧୯ ନମ୍ବର ୱାର୍ଡରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ବିଧାୟକ ସୌଭିକ୍ ବିଶ୍ୱାଳ ଅତିଥି ଭାବେ ଯୋଗଦେଇ ବସ୍ତିବାସିନ୍ଦାଙ୍କ ବିକାଶ ପାଇଁ ରାଜ୍ୟ ସରକାର ସଂକଳ୍ପବଦ୍ଧ ବୋଲି କହିଥିଲେ। ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧକ୍ଷ ଶୁଭେନ୍ଦୁ ସାମଲ, ନିର୍ବାହୀ ଅଧିକାରୀ ସଞ୍ଜୀବ ମହାପାତ୍ର, ପ୍ରେମ୍‌ଚାନ୍ଦ ନାୟକ, ବିଷ୍ଣୁ ଚରଣ ପରିଡା, ଜାଗା ମିଶନ ଉପଦେଷ୍ଟା ଶାଶ୍ୱତି ମିଶ୍ର, ଅକ୍ଷୟ ମିଶ୍ର ଓ କାଉନ୍‌ସିଲର ଯୋଗଦେଇ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଇଥିଲେ। ଏହି ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପୌରପାଳିକା ନୋଡାଲ ସିଟି ମିଶନ ମ୍ୟାନେଜର ସ୍ନିଗ୍ଧା ମହାନ୍ତି, ଗୋଷ୍ଠୀ ସଂଯୋଜିକା ନିକିତା ଜେନା, ଶୁଚିସ୍ମିତା ମହାନ୍ତି, ପ୍ରତିମା ବେହେରା, ପ୍ରହଲ୍ଲାଦ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଅତିରିକ୍ତ ଏସ୍‌ପି ଶ୍ରୀହର୍ଷ ମିଶ୍ରଙ୍କ ପରଲୋକ

କଟକ, ୨୧।୨ (କାର୍ତ୍ତିକ ସାହୁ)

ରାଜ୍ୟ ପୋଲିସ ମୁଖ୍ୟ କାର୍ଯ୍ୟାଳୟରେ କାର୍ଯ୍ୟରତ ଥିବା ଅତିରିକ୍ତ ଏସ୍‌ପି ଶ୍ରୀହର୍ଷ ମିଶ୍ରଙ୍କ ବୁଧବାର ସକାଳେ ପରଲୋକ ହୋଇଯାଇଛି। ସେ ଦୀର୍ଘଦିନ ଧରି ଅସୁସ୍ଥ ଥାଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ହୋଇଯାଇଛି। ରାଜ୍ୟ ପୋଲିସ ମୁଖ୍ୟାଳୟରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ(ମୁଖ୍ୟାଳୟ) ଆର. କେ. ଶର୍ମାଙ୍କ ଅଧ୍ୟକ୍ଷତାରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ଏଥିରେ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀ ଯୋଗଦେଇ ମିଶ୍ରଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ନିରବ ପ୍ରାର୍ଥନା କରିଥିଲେ।



ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ଶର୍ମା କହିଛନ୍ତି, ଶ୍ରୀହର୍ଷ ଜଣେ ଦକ୍ଷ ପୋଲିସ ଅଧିକାରୀ ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ଚାକିରି କାର୍ଯ୍ୟକାଳ ସମୟରେ ବିଭିନ୍ନ ଜିଲାରେ ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହି ଦକ୍ଷତାର ସହ କାର୍ଯ୍ୟ ନିର୍ବାହ କରିଥିଲେ। ତାଙ୍କ ବିୟୋଗ ପୋଲିସ ବିଭାଗ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ସେ କହିଛନ୍ତି। ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନଶୃଙ୍ଖଳା) ସଞ୍ଜୟ କୁମାର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଧୁନିକୀକରଣ) ଦୟାଲ ଗଙ୍ଗୱାର, ଆଇଜିପି(ପ୍ରୋଭିଜନିଙ୍ଗ) ଯତୀନ୍ଦ୍ର କୋୟଲ, ଆଇଜିପି(ପର୍ସୋନେଲ) ଏସ୍. ପ୍ରବୀଣ କୁମାର ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ଦିବ୍ୟାଙ୍ଗଙ୍କୁ ସ୍ୱାବଲମ୍ବୀ କରିବାକୁ ସରକାର ପ୍ରତିଶ୍ରୁତିବଦ୍ଧ

କଣ୍ଟାପଡା, ୨୧।୨(ସୁରନାରାୟଣ ସାହୁ)

କଟକ ଜିଲା ଓଲଟପୁରଠାରେ ଥିବା ଦିବ୍ୟାଙ୍ଗ ସ୍ୱାସ୍ଥ୍ୟ ଓ ଗବେଷଣା ସ୍ୱାସ୍ଥ୍ୟକେନ୍ଦ୍ର ଏସ୍‌ଭି ନିର୍‌ତାର ପରିସରରେ ଦିବ୍ୟାଙ୍ଗମାନଙ୍କ ପାଇଁ ଧନ୍ଦାମୂଳକ ପ୍ରଶିକ୍ଷଣ କେନ୍ଦ୍ର ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଭର୍ଚୁଆଲରେ ଆୟୋଜିତ ଉଦ୍‌ଘାଟନ ଉତ୍ସବରେ ବିଭାଗୀୟ କେନ୍ଦ୍ରମନ୍ତ୍ରୀ ଡ. ବୀରେନ୍ଦ୍ର କୁମାର ଆଭାସି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉକ୍ତ ତାଲିମ କେନ୍ଦ୍ରକୁ ଉଦ୍‌ଘାଟନ କରିବା ସହ ଦିବ୍ୟାଙ୍ଗମାନଙ୍କୁ ସ୍ୱାବଲମ୍ବୀ କରିବା ଓ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ କେନ୍ଦ୍ରସରକାର ପ୍ରତିଶ୍ରୁତିବଦ୍ଧ ବୋଲି କହିଥିଲେ। ସେହିପରି ବିଭାଗୀୟ ରାଷ୍ଟ୍ରମନ୍ତ୍ରୀ ଏ. ନାରାୟଣ ସ୍ୱାମୀ ଓ ରାମଦାସ ଆଠୱାଲେ ଯୋଗଦେଇ ଏହା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆତ୍ମନିର୍ଭର ଭାରତ କାର୍ଯ୍ୟକ୍ରମର ଏକ ଅଂଶ ବୋଲି କହିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ଜଗତ୍‌ସିଂହପୁର ଏମ୍‌ପି ଡା. ରାଜଶ୍ରୀ ମଲିକ, କେନ୍ଦ୍ର ସରକାରଙ୍କ ବିଭାଗୀୟ ସଚିବ ରାଜେଶ ଅଗ୍ରୱାଲ ଯୋଗଦେଇଥିଲେ। ଏହି ତାଲିମ କେନ୍ଦ୍ରରେ ଦିବ୍ୟାଙ୍ଗମାନଙ୍କୁ ୩ ମାସିଆ ଏଲ୍‌ଇଡି ବଲବ୍ ରିପ୍ୟାରିଂ, ବିଉଟି ଥେରାପିଷ୍ଟ, ମୋବାଇଲ ରିପ୍ୟାରିଂ ଭଳି ତାଲିମ ଦିଆଯିବ। ଏଥିସହିତ ସେମାନଙ୍କୁ ବିଭିନ୍ନ ସଂସ୍ଥାରେ ନିଯୁକ୍ତି ପାଇଁ ପ୍ରୋତ୍ସାହିତ କରାଯିବ ବୋଲି ନିର୍‌ତାରର ନିର୍ଦ୍ଦେଶକ ଡା. ପତିତପାବନ ମହାନ୍ତି କହିଛନ୍ତି। ନିର୍‌ତାରର କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବିଶ୍ୱ ମାତୃଭାଷା ଦିବସ

କଟକ, ୨୧।୨ (କାର୍ତ୍ତିକ ସାହୁ)

ଐକ୍ୟତା ଅନୁଷ୍ଠାନ ପକ୍ଷରୁ ପଟ୍ଟାପୋଲସ୍ଥିତ ଅନୁଷ୍ଠାନ ସଭାଗୃହରେ ବିଶ୍ୱ ମାତୃଭାଷା ଦିବସ ବୁଧବାର ପାଳିତ ହୋଇଯାଇଛି। ସ୍ଥାନୀୟ କର୍ପୋରେଟର ଏ. ଶ୍ରୀଦେବୀ, ଆଇନଜୀବୀ ସର୍ବେଶ୍ୱର ବେହେରା, କଳିଙ୍ଗ ତେଲୁଗୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀମତୀ ଫ୍ଲୋରେସ ଓ ଉପ ପ୍ରଧାନଶିକ୍ଷକ ଟି. ପୁରୁଷୋତ୍ତମ ଅତିଥି ଭାବେ ଯୋଗଦେଇଥିଲେ। ଆବାହକ ଜି. କୈଳାସ ରାଓ, ସଭାପତି କେ. ଦୁର୍ଗାପ୍ରସାଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ୱାର୍ଡବାସୀଙ୍କ ସମସ୍ୟା ବୁଝିଲେ ବିଧାୟକ

କଟକ, ୨୧।୨(ଶିଳ୍ପା ପ୍ରିୟଦର୍ଶିନୀ)

ବିଧାୟକ ଇଂ. ମହମ୍ମଦ ମୋକିମ କଟକ ମହାନଗର ନିଗମ(ସିଏମ୍‌ସି) ଅଧୀନ ୨ନଂ. ୱାର୍ଡର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିଛନ୍ତି। ସେ ସ୍ଥାନୀୟ ମୁରବୀ, ମହିଳା ଓ ଯୁବକଙ୍କୁ ଭେଟି ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିବା ସହ ୱାର୍ଡ ଅଞ୍ଚଳରେ ବିଧାୟକ ପାଣ୍ଠିରୁ ଚାଲୁଥିବା ବିଭିନ୍ନ ନିର୍ମାଣ କାର୍ଯ୍ୟ ତଦାରଖ କରିଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ ନେତା ସନ୍ତୋଷ କୁମାର ଲେଙ୍କା, ରାମସୁନ୍ଦର ମାଟିଆ, ସୁରେନ୍ଦ୍ର ପରିଡା, ଅନାମ ସାମଲ, ଆଦିକନ୍ଦ ସାହୁ, ଲୋକନାଥ ପୃଷ୍ଟି, ସରୋଜ ଶେଠ, କୈବଲ୍ୟ ଦାସ, ଦୀପକ ବେହେରା, ସଦାନନ୍ଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଶୈଳବାଳା କଲେଜରେ କର୍ମଶାଳା



କର୍ମଶାଳାରେ ଅଧକ୍ଷା ପ୍ରଫେସର ଗାୟତ୍ରୀ ବିଶ୍ୱାଳ ଉଦ୍‌ବୋଧନ ଦେଉଛନ୍ତି।

କଟକ, ୨୧।୨(ଶିଳ୍ପା ପ୍ରିୟଦର୍ଶିନୀ)

ଶୈଳବାଳା ମହିଳା ସ୍ୱୟଂଶାସିତ କଲେଜରେ ଏକ କର୍ମଶାଳା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷା ପ୍ରଫେସର ଡ. ଗାୟତ୍ରୀ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ଉଚ୍ଚଶିକ୍ଷା ବିଭାଗର ଉପନିର୍ଦ୍ଦେଶକ ଡ. ରାଜେଶ କୁମାର ସାହୁ ଓ ନାସକମ ପକ୍ଷରୁ ଆକାଶ ଗାଙ୍ଗୁଲି ଯୋଗଦେଇଥିଲେ। କର୍ମଶାଳାରେ ଛାତ୍ରୀମାନେ ସେମାନଙ୍କର ନାମ ଅନୁବନ୍ଧିତ କରାଇଥିଲେ। ଏକ ସମୟରେ ଅନେକଗୁଡ଼ିଏ ପାଠ କିପରି ପଢି ପାରିବେ ଏବଂ ସେ ସମ୍ବନ୍ଧୀୟ କ୍ରେଡିଟ ପାଇପାରିବେ ସେ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ଡ. ଅନିରୁଦ୍ଧ ଖିଲାର, ଡ. ଅଜନ୍ତା ନାୟକ, ଡ. ଆରାଧନା ନାୟକ, ଏବଂ ପଦ୍ମଜା ଜଗତୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ଡ. ପ୍ରଶାନ୍ତ ସାମନ୍ତରାୟ, ମମତାରାଣୀ ସାହୁ, ଡ. ଦୀପ୍ତି ପଣ୍ଡା, ପୁଷ୍ପା ପାଲ, ନରେନ୍ଦ୍ର ନାଥ ନାୟକ, ବନ୍ଦନା ପାଠକ, ପ୍ରିତୀପ୍ରଜ୍ଞା ରାୟ, ଡ. ସୋମାନୀ ଜେଠୀଙ୍କ ସମେତ ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରୀମାନେ ଉପସ୍ଥିତ ଥିଲେ।

## ରାଜ୍ୟର ବିକାଶରେ ମହିଳାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ମଙ୍ଗୁଳି-ଜଗତପୁର, ୨୧।୨(ମାନସ ସାମଲ)

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ବାଣୀପଦା ପଞ୍ଚାୟତସ୍ଥିତ କଲ୍ୟାଣ ମଣ୍ଡପରେ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଅଛି। ୧୧ନଂ. ଜୋନ୍ ଜିଲା ପରିଷଦ ସଦସ୍ୟା ଜ୍ୟୋସ୍ନାରାଣୀ ସୁବୁଦ୍ଧିରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶିବିରରେ ଅତିଥି ଭାବେ ବ୍ଲକ ଉପାଧକ୍ଷା ସୁପ୍ରିୟା ଜେଠୀ, ପୂର୍ବତନ ସମିତି ସଭ୍ୟ ଲକ୍ଷ୍ମଣ ରାଉତ, ସ୍ଥାନୀୟ ସରପଞ୍ଚ ଦିଲ୍ଲୀପ ଭୋଇ, ରଞ୍ଜନ ପରିଡା, ୱାର୍ଡ ମେମ୍ବର ପ୍ରଶାନ୍ତ ରାଉତ, ମାନସୀ ରାଉତ, ଉଲ୍ଲାସ ବେଉରା ପ୍ରମୁଖ ଯୋଗଦେଇଥିଲେ। ରାଜ୍ୟର ବିକାଶରେ ମହିଳାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ମହିଳାଙ୍କ ବିକାଶ ହେଲେ ରାଜ୍ୟର ବିକାଶ ହେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଉପସ୍ଥିତ ଥିବାବେଳେ ୭୮ଜଣ ନୂତନ ହିତାଧିକାରୀଙ୍କୁ ବିଧବା, ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରାଯାଇଥିଲା।



ଶିବିରରେ ଅତିଥି ଓ ହିତାଧିକାରୀମାନେ।

**୨ ପଞ୍ଚାୟତରେ ସଚେତନତା ଶିବିର**

ସେହିପରି କନ୍ହେଇପୁର ପଞ୍ଚାୟତରେ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଆମ୍ବା ଅଧକ୍ଷ ରାଜେଶ ରଞ୍ଜନ ଷଡଙ୍ଗୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶିବିରରେ ମୁଖ୍ୟଅତିଥି ଭାବେ ବିଧାୟକ ପ୍ରଶାନ୍ତ ବେହେରା, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷା ମିନାକ୍ଷୀ ଦାସ, ଜିଲା ପରିଷଦ ସଦସ୍ୟ ଚିତ୍ତରଞ୍ଜନ ସାମଲ, ଧୀରେନ୍ଦ୍ର ଜେଠି, ଜନ୍ମେଜୟ ଖିଲାର, ଭରତ ବେହେରା, ସୁନନ୍ଦା ସାମଲ, କୃଷ୍ଣଚନ୍ଦ୍ର ଦାସ, ନରେନ୍ଦ୍ର ରାଉତରାୟ ଯୋଗଦେଇଥିଲେ। ଏଥିରେ ସ୍ଥାନୀୟ ଅଞ୍ଚଳର ବହୁସଂଖ୍ୟକ ମହିଳା ଉପସ୍ଥିତ ଥିଲେ।




କଟକ ରେଳ ସୁରକ୍ଷା ବଳ ପକ୍ଷରୁ ରେଳଷ୍ଟେଶନରେ ମାନବ ଚାଲାଣ ଉପରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମ।



**ଆସୁଛି ମହାଶିବରାତ୍ରି:** କଟକ ବିଡାନାସୀ କୁମ୍ଭାରସାହି ଅଞ୍ଚଳରେ ଜଣେ ଶିଳ୍ପୀ ମାଟିରେ ଦୀପ ପ୍ରସ୍ତୁତ କରୁଛନ୍ତି।

## ସଂକ୍ଷେପରେ

### ଭିଡିଓ ଜର୍ନାଲିଷ୍ଟ ମନୋରଞ୍ଜନ ସାହୁଙ୍କ ପରଲୋକ



ଭୁବନେଶ୍ୱର,୨୧।୨(ଶର୍ମିଷ୍ଠା ପାଣିଗ୍ରାହୀ)-ଇଟିଭି ଭାରତର ଭିଡିଓ ଜର୍ନାଲିଷ୍ଟ ମନୋରଞ୍ଜନ ସାହୁଙ୍କ ୪୯ବର୍ଷ ବୟସରେ ବୁଧବାର ପରଲୋକ ଘଟିଛି। ଦୁଇଦିନ ହେବ ଅସୁସ୍ଥ ଥିବା ଯୋଗୁ ସେ କାର୍ଯ୍ୟରେ ଯୋଗଦେଇ ନ ଥିଲେ। ବୁଧବାର ହଠାତ୍ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ଚିକିତ୍ସା ପାଇଁ ନିଆଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ହୃଦ୍‌ଘାତ ଯୋଗୁ ଅପରାହ୍ନ ୨ଟା ୩୦ରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ମୃତ୍ୟୁରେ ଓଡ଼ିଶା ଗଣମାଧ୍ୟମ ଜଗତରେ ଶୋକର ଛାୟା ଖେଳିଯାଇଛି।

### ଅତିରିକ୍ତ ଏସ୍‌ପି ଶ୍ରୀହର୍ଷ ମିଶ୍ରଙ୍କ ପରଲୋକ

କଟକ,୨୧।୨ (କାର୍ତ୍ତିକ ସାହୁ)-ରାଜ୍ୟ ପୋଲିସ ମୁଖ୍ୟ କାର୍ଯ୍ୟାଳୟରେ କାର୍ଯ୍ୟରତ ଥିବା ଅତିରିକ୍ତ ଏସ୍‌ପି ଶ୍ରୀହର୍ଷ ମିଶ୍ରଙ୍କ ବୁଧବାର ସକାଳେ ପରଲୋକ ହୋଇଯାଇଛି। ସେ ଦୀର୍ଘଦିନ ଧରି ଅସୁସ୍ଥ ଥାଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ହୋଇଯାଇଛି। ରାଜ୍ୟ ପୋଲିସ ମୁଖ୍ୟାଳୟରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ଆର. କେ. ଶର୍ମାଙ୍କ ଅଧ୍ୟକ୍ଷତାରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ଏଥିରେ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀ ଯୋଗଦେଇ ମିଶ୍ରଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ନିରବ ପ୍ରାର୍ଥନା କରିଥିଲେ। ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ଶର୍ମା କହିଛନ୍ତି, ଶ୍ରୀହର୍ଷ ଜଣେ ଦକ୍ଷ ପୋଲିସ ଅଧିକାରୀ ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ଚାକିରି କାର୍ଯ୍ୟକାଳ ସମୟରେ ବିଭିନ୍ନ ଜିଲାରେ ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହି ଦକ୍ଷତାର ସହ କାର୍ଯ୍ୟ ନିର୍ବାହ କରିଥିଲେ। ତାଙ୍କ ବିୟୋଗ ପୋଲିସ ବିଭାଗ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ସେ କହିଛନ୍ତି। ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନଶୃଙ୍ଖଳା) ସଞ୍ଜୟ କୁମାର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଧୁନିକୀକରଣ) ଦୟାଲ ଗଙ୍ଗୱାର, ଆଇଜିପି (ପ୍ରୋଭିଜନିଙ୍ଗ) ଯତୀନ୍ଦ୍ର କୋୟଲ, ଆଇଜିପି (ପର୍ସୋନେଲ) ଏସ୍. ପ୍ରବୀଣ କୁମାର ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।



# ନିଦ ହଜାଇଲା 'ବାଦାମବାଡ଼ିର ରିକ୍ସାବାଲା'

ଭୁବନେଶ୍ୱର, ୨୧।୨(ଶର୍ମିଷ୍ଠା ପାଣିଗ୍ରାହୀ)

ଖଣ୍ଡଗିରି ଯାତ୍ରା ମହାସମରକୁ ନେଇ ସବୁଠି ପଡ଼ିଛି ଚହଳ। ଖଣ୍ଡଗିରି ମେଳା ବୁଲା ସହ ଯାତ୍ରା ଦେଖିବାକୁ ଲୋକଙ୍କ ଭିଡ଼ ଜମୁଛି। ଭୁବନେଶ୍ୱର ସମେତ ବାହାର ଅଞ୍ଚଳରୁ ମଧ୍ୟ ଲୋକେ ଏଠାକୁ ଆସୁଛନ୍ତି। ବିଶେଷକରି ଅଭିନେତ୍ରୀ ରାଣୀ ପଣ୍ଡା ଓ ଅଭିନେତା ଦୈତାରୀ ପଣ୍ଡାଙ୍କ ନାଟକ ଭିତରେ ଚାଲିଛି ଲଢ଼େଇ। ଅଧିକାଂଶ ନାଟକ ରିପିଟ୍ ହେଉଛି। ରାଣୀ ପଣ୍ଡାଙ୍କ 'ରାଣୀ ପଣ୍ଡାକୁ ଖଣ୍ଡିଗିର ମନା' ଓ ଦୈତାରୀଙ୍କ 'ସେଇ ଗୋଟିଏ ଭୁଲ ପାଇଁ' ନାଟକ ଦେଖିବାକୁ ଆରମ୍ଭ ଦିନରୁ ଲୋକଙ୍କ ମନରେ ଉତ୍ସାହ ଭରି ରହିଛି। ଏଥିସହ ଆଇଗଣିଆ ମହତାବ ପେଣ୍ଡାଲରେ ବୁଧବାର ରାତିରେ ଦେଖିବାକୁ ମିଳିଥିଲା ନାଟକ 'ବାଦାମ ବାଡ଼ିର ରିକ୍ସାବାଲା'। ପେଣ୍ଡାଲରେ ୩ଦିନ ହେବ ସାଇ ସମ୍ରାଟ ଚାଲିଥିବାବେଳେ ଏବେ ଅଶୋକ ସମ୍ରାଟ ମଇଦାନକୁ ଓହ୍ଲାଇଛି। ପ୍ରଦୀପ ବେହେରାଙ୍କ ରଚିତ ତଥା ନିର୍ଦ୍ଦେଶିତ ଏହି ନାଟକରେ ପ୍ରତାପ, ଲିଟୁ, ଅମନ, ଚନ୍ଦନ, ବର୍ଷା, ରୀନା, ନୀର ସ୍ୱାଇଁଙ୍କ ଅଭିନୟ ଦେଖିବାକୁ ମିଳିଥିଲା। କମେଡ଼ିଆନ ଗଣେଶଙ୍କ ଚରିତ୍ର କାହାଣୀରେ ହସର ଛୁଙ୍କ ଦେଇଥିଲା। ଏଭର ଗ୍ରୀନ୍ ନାୟକ ପ୍ରତାପ ସାଜିଛନ୍ତି ବାଦାମବାଡ଼ିର ରିକ୍ସାବାଲା। ପ୍ରତାପଙ୍କ ଚମତ୍କାର ଅଭିନୟ ଦର୍ଶକଙ୍କ ଆଖିରୁ ନିଦ ହଜାଇ ଲୁହ ଭରି ଦେଇଥିଲା। ଫେରିବାବେଳେ ଦର୍ଶକ କହୁଥିଲେ, ଏ ନାଟକ ଦେଖି ପଇସା ଉଠିଗଲା।




## ୪ ନାଟକ ରିପିଟ୍

ଚାରିଦିନ ପରେ ମଧ୍ୟ ଦର୍ଶକଙ୍କ ଗ୍ୟାଲେରି ଫୁଲ୍ ରହୁଛି। ସନାତନ ସେବା ସମିତି (ଖଣ୍ଡଗିରି-ଘାଟିକିଆ) ପେଣ୍ଡାଲରେ କୋଣାର୍କ ଗଣନାଟ୍ୟ 'ସେଇ ଗୋଟିଏ ଭୁଲ ପାଇଁ', ଜୟଦୁର୍ଗା ସାଂସ୍କୃତିକ ପରିଷଦ ମଞ୍ଚରେ ଗୌରୀ ଗଣନାଟ୍ୟର 'ରାଣୀ ପଣ୍ଡାକୁ ଖଣ୍ଡଗିରି ମନା', ଇନ୍ଦିରା ସାଂସ୍କୃତିକ ପରିଷଦ (ଖଣ୍ଡଗିରି-ଜାଗମରା) ରେ ଯାତ୍ରା ମହାରଥୀ କଳିଙ୍ଗ ଗଣନାଟ୍ୟ ନାଟକ ପକ୍ଷରୁ 'କାନ୍ଦେନାରେ ବାଇଆ ମନ'', ମା ମଙ୍ଗଳା ଯୁବ ପରିଷଦ ମଞ୍ଚରେ ମା ଦୁର୍ଗା ମନ୍ଦିର ପକ୍ଷରୁ 'କାନ୍ଦେନାରେ ଲୁହ ସରିଯିବ' ନାଟକ ମଞ୍ଚସ୍ଥ ହୋଇଛି।

## ସବୁଠି ଚର୍ଚ୍ଚା ରାଣୀ ପଣ୍ଡାକୁ ଖଣ୍ଡଗିରି ମନା

ରାଣୀ ପଣ୍ଡାଙ୍କୁ ନେଇ ହୋଇଥିବା ନାଟକ 'ରାଣୀ ପଣ୍ଡାକୁ ଖଣ୍ଡଗିରି ମନା' ଦେଖିବାକୁ ସମସ୍ତଙ୍କ ମନରେ ଉତ୍ସାହ ରହିଛି। ଏମିତିକି ନାଟକ ଦେଖି ସମସ୍ତେ ରାଣୀଙ୍କୁ ପ୍ରଚୁର ଭଲ ପାଇବା ଦେଉଛନ୍ତି। ନାଟକଟି ରିପିଟ ହେଲେ ମଧ୍ୟ ଦର୍ଶକଙ୍କ ସଂଖ୍ୟା କମୁନି। ତେଣୁ ଏଥର ଖଣ୍ଡଗିରି ମେଳାରେ ରାଣୀଙ୍କ ନାଟକ ଡିମାଣ୍ଡରେ ରହିଛି।

## ଧୁମ୍ ମଚାଉଛନ୍ତି ଓମ୍ କୁମାର

ଛତିଶଗଡ଼ୀ ଗାୟକ ଓମ୍ କୁମାର କୋଣାର୍କ ଗଣନାଟ୍ୟରେ ଧୁମ୍ ମଚାଇଛନ୍ତି। ଓଡ଼ିଆ ହେଉ କି ହିନ୍ଦୀ ଗୀତରେ ସେ ଶ୍ରୋତାଙ୍କୁ ମତୁଆଲା କରିଥିଲେ। ଶ୍ରୋତାଙ୍କ ଅନୁରୋଧକ୍ରମେ ଗୋଟିଏ ପରେ ଗୋଟିଏ ଗୀତ ସେ ଗାଇ ଶୁଣାଇଥିଲେ। ମା ପରି କିଏ ହେବ..., ବାଳିକା ବଧୂ... ଗୀତ ବେଶ୍ ପ୍ରଶଂସା ସାଉଁଠି ଥିଲା।







ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କ କବିତା ସଙ୍କଳନ 'ସବ୍ୟସାଚୀର ଶବ୍ଦ'କୁ ବୁଧବାର ଭାରତୀୟ ବିଦ୍ୟାଭବନଠାରେ ଉନ୍ମୋଚନ ଅବସରରେ ମନ୍ତ୍ରୀଙ୍କ ସମେତ ପଦ୍ମ ବିଭୂଷଣ ଡ. ସୀତାକାନ୍ତ ମହାପାତ୍ର ଓ ଅନ୍ୟମାନେ।

# କବିତା ସଙ୍କଳନ 'ସବ୍ୟସାଚୀର ଶବ୍ଦ' ଉନ୍ମୋଚିତ

ଭୁବନେଶ୍ୱର,୨୧।୨(ଶର୍ମିଷ୍ଠା ପାଣିଗ୍ରାହୀ)

ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କ କବିତା ସଙ୍କଳନ 'ସବ୍ୟସାଚୀର ଶବ୍ଦ' ବୁଧବାର ଭାରତୀୟ ବିଦ୍ୟା ଭବନଠାରେ ଉନ୍ମୋଚିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ପଦ୍ମ ବିଭୂଷଣ ଡ. ସୀତାକାନ୍ତ ମହାପାତ୍ର କହିଲେ, ଅତନୁଙ୍କ କବିତାରେ ତିନୋଟି ମୁଖ୍ୟ କଥା ରହିଛି- ତାଙ୍କ ବାପା, ବୋଉ ଏବଂ ଚିତ୍ରୋତ୍ପଳା ନଦୀ। ଗଭୀର ଅନୁଭୂତି ଓ ଅଭିଜ୍ଞତା ନ ଥିଲେ କବିତା ଲେଖିହୁଏ ନାହିଁ। ସମ୍ମାନିତ ଅତିଥି ବିଶିଷ୍ଟ ସାହିତ୍ୟିକା ପ୍ରଫେସର ଡ. ସଂଘମିତ୍ରା ମିଶ୍ର କହିଥିଲେ, ଅତନୁଙ୍କ କବିତାରେ କାରୁଣ୍ୟର ସ୍ୱର ରହିଛି। ତାଙ୍କର ଜୀବନାନୁଭୂତି ପ୍ରଚୁର। ଲେଖକ ସବ୍ୟସାଚୀ ନିଜ କବିତା ରଚନା ଉପରେ କହିଲେ, ମୋ ବୋଉ ମୋ ପ୍ରେରଣା। ମତେ ସେ ହିଁ କଲମ ଧରେଇଛନ୍ତି। ଆଗରୁ କିଛି କିଛି କବିତା ଲେଖିଛି। କିନ୍ତୁ ବିଶେଷ ପ୍ରକାଶ ପାଇନାହିଁ। ପିଲାଦିନେ ମନପବନ ଓ ମୀନାବଜାରରେ ମୋର କିଛି ଲେଖା ପ୍ରକାଶିତ ହୋଇଛି। ମୋ ମନର ଆବେଗ ଓ ଭାବପ୍ରବଣତା କବିତା ଆକାରରେ ବାହାରି ଆସିଥିଲା। ସେସବୁ ଆଜି ସଙ୍କଳିତ ହୋଇଛି। ଉତ୍ସବରେ ସଭାପତିତ୍ୱ କରି ସାହିତ୍ୟିକ ଡ. ଗୌରହରି ଦାସ କହିଲେ, ମାଆ ବାପା ସାହିତ୍ୟର ସେବା କଲେ ତା'ର ପ୍ରଭାବ ପିଲାଙ୍କ ଉପରେ ପଡ଼େ। ଏହାର ପ୍ରକୃଷ୍ଟ ଉଦାହରଣ ଅତନୁ ବାବୁ। ଆଜି କବି ଭାବେ ସେ ନୂଆ ପରିଚୟ ପାଇଲେ। ପୁସ୍ତକର ପ୍ରକାଶକ ବ୍ଲକ ଇଗଲ ବୁକ୍ସ ପକ୍ଷରୁ ଅଶୋକ ପରିଡ଼ା ସ୍ୱାଗତ କରିଥିବାବେଳେ ନିଳୟକାନ୍ତ ମହାପାତ୍ର ଅତିଥି ପରିଚୟ ଓ ସାହିତ୍ୟିକ ଶତ୍ରୁଜିତ୍ ଧନ୍ୟବାଦ ଅର୍ପଣ କରିଥିଲେ।

## 'ତ୍ରିକନ୍ୟା'ରେ ତିନି ମହିଳାଙ୍କ କାହାଣୀ

### ଟ୍ରେଲର ରିଲିଜ

ଭୁବନେଶ୍ୱର,୨୧।୨ (ଶର୍ମିଷ୍ଠା ପାଣିଗ୍ରାହୀ)

ବିଶ୍ୱ ମହିଳା ଦିବସରେ ଚଳଚ୍ଚିତ୍ର 'ତ୍ରିକନ୍ୟା' ପ୍ରେକ୍ଷାଳୟକୁ ଆସିବାକୁ ଯାଉଛି। ଅମିୟ ପଟ୍ଟନାୟକ ପ୍ରଡକ୍ସନ୍ସ ଓ ଟେକ୍ନୋ ଆର୍ଟ୍ସ ବ୍ୟାନରରେ ନିର୍ଦ୍ଦେଶକ ଅନୁପମ ପଟ୍ଟନାୟକଙ୍କ ଦ୍ୱାରା ନିର୍ମିତ ଏହି ନୂଆ ଓଡ଼ିଆ ଚଳଚ୍ଚିତ୍ରର ଟ୍ରେଲର ମଙ୍ଗଳବାର ସ୍ଥାନୀୟ ଏକ ହୋଟେଲରେ ରିଲିଜ ହୋଇଯାଇଛି। ଏହି ଅବସରରେ ଉପଦେଷ୍ଟା ସୀମା ପଟ୍ଟନାୟକ, ପ୍ରଯୋଜକ ତଥା ନିର୍ଦ୍ଦେଶକ ଅନୁପମ ପଟ୍ଟନାୟକ, ସହ ପ୍ରଯୋଜିକା ତଥା ଅଭିନେତ୍ରୀ ବର୍ଷା ପଟ୍ଟନାୟକ, ଲେଖକ ମାନସ ପଡ଼ିଆରୀ, ଗୀତିକାର ସ୍ମିତ ପଟ୍ଟନାୟକ, ଅଭିନେତା ସୁକାନ୍ତ ରଥ, ପାର୍ଥ ସାରଥି, ନିଶାନ୍ତ ମାଜିଥିଆ, ଅମନ, ଶକ୍ତି ବରାଳ, ଅଭିନେତ୍ରୀ ଶ୍ରଦ୍ଧା ପାଣିଗ୍ରାହୀ, ନିଭି ପ୍ରମୁଖ ଉପସ୍ଥିତ ଥିଲେ। ଭିନ୍ନ ଭିନ୍ନ ପରିସ୍ଥିତି ଆଉ ପରିବେଶରୁ ଆସିଥିବା ତିନିଜଣ ମହିଳା କିପରି ବିଭିନ୍ନ ପ୍ରକାରର କଠିନ ସମସ୍ୟାର ସମାଧାନ କରୁଛନ୍ତି ତାହାକୁ ନେଇ ତ୍ରିକନ୍ୟା ଚଳଚ୍ଚିତ୍ରର କାହାଣୀ ଗତିଶୀଳ। କାହାଣୀ ଓ ଲେଖକ ମାନସ ପଡ଼ିଆରୀ ଏବଂ ଗୀତ ରଚନା କପିଳେଶ୍ୱର ରାଉତ, ସ୍ମିତ ପଟ୍ଟନାୟକ ଓ ସୁମିତ ପଣ୍ଡା କରିଛନ୍ତି। ଶ୍ରୀକାନ୍ତ ପଣ୍ଡାଙ୍କ ସହିତ ମିଳିତ ଭାବେ ଅନୁରାଗ ପଟ୍ଟନାୟକ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। ଚିତ୍ରୋତ୍ତୋଳନ କରିଛନ୍ତି ଦୀପକ କୁମାର, ରଶ୍ମି ରଞ୍ଜନ ଦାସ ସମ୍ପାଦନା ଏବଂ ଶକ୍ତି ସ୍ୱରୂପ ଦ୍ୱିବେଦୀ ସାଉଣ୍ଡ ଡିଜାଇନିଂ କରିଛନ୍ତି। ତ୍ରିକନ୍ୟାରେ ୩ଟି ଗୀତ ରହିଛି। କଣ୍ଠଦାନ କରିଛନ୍ତି କୁଲଦୀପ ପଟ୍ଟନାୟକ, ଡି. ଅଭିଷେକ, ସଞ୍ଚିତା, ଅବିନାଶ ଦାଶ ଓ ଅନ୍ତରା ଚକ୍ରବର୍ତ୍ତୀ।

## ବୋନ୍‌ମ୍ୟାରୋ ଚିକିତ୍ସା ପାଇଁ ଅର୍ଥ ବାଧକ

### ସହାୟତା ପାଇଁ ଅସହାୟ ବାପାର ଆକୁଳ ନିବେଦନ

ଭୁବନେଶ୍ୱର,୨୧।୨ (ଅଭୟ ଦାଶ)



ପୁଅ ବୋନ୍‌ମ୍ୟାରୋ କ୍ୟାନ୍‌ସରେ ପୀଡ଼ିତ। ଅଧିକ ଚିକିତ୍ସା ପାଇଁ ଭୁବନେଶ୍ୱର ଏମ୍ସର ଡାକ୍ତର ଦିଲ୍ଲୀ ଏମ୍ସ ନେବାକୁ ପରାମର୍ଶ ଦେଇଛନ୍ତି। ଏଥିପାଇଁ ଅଧିକ ଅର୍ଥ ଆବଶ୍ୟକ। ହେଲେ ପାଖରେ ଫୁଟି କଉଡ଼ିଟିଏ ମଧ୍ୟ ଆଉ ନାହିଁ। ତେଣୁ କୌଣସି ଅନୁଷ୍ଠାନ ବା ବଦାନ୍ୟ ବ୍ୟକ୍ତି ଆର୍ଥିକ ସହଯୋଗ କରିବାକୁ ଆକୁଳ ନିବେଦନ କରିଛନ୍ତି ଜଣେ ବାପା। ସାହିରୁ ସହର ପର୍ଯ୍ୟନ୍ତ ଅସହାୟ ବାପା ବାରଦୁଆର ହେଉଛନ୍ତି।

ଉଲ୍ଲେଖଯୋଗ୍ୟ, ଖୋର୍ଦ୍ଧା ଜିଲାର ଜଟଣୀ ବଜାର ନିକଟସ୍ଥ ଗୋଡ଼ା ଧର୍ମସାଗରର ରମେଶ ଚନ୍ଦ୍ର ଚମ୍ପତି ଅଟୋ ଚଳାଇ ପରିବାର ପ୍ରତିପୋଷଣ କରନ୍ତି। ହେଲେ ତାଙ୍କର ୧୦ବର୍ଷର ପୁଅ ସାଇରାମ ଏବେ ରକ୍ତ କର୍କଟ ରୋଗରେ ପୀଡ଼ିତ ହୋଇ ଭୁବନେଶ୍ୱର ଏମ୍ସରେ ଚିକିତ୍ସିତ ହେଉଛି। ପୁଅର ଜଟିଳ ଚିକିତ୍ସା ବୋନମ୍ୟାରୋ ପ୍ରତିରୋପଣ ପାଇଁ ଲକ୍ଷାଧିକ ଟଙ୍କାର ଆବଶ୍ୟକତା ରହିଛି। ଯଥାଶୀଘ୍ର ଦିଲ୍ଲୀ ଏମ୍ସରେ ବୋନମ୍ୟାରୋ ଚିକିତ୍ସା କରାଗଲେ ସୁଫଳ ମିଳିପାରିବ ବୋଲି ସାଇରାମଙ୍କୁ ଚିକିତ୍ସା କରୁଥିବା ଚିକିତ୍ସକମାନେ ରମେଶଙ୍କୁ କହିଛନ୍ତି। ତେଣୁ ଆଉକିଛି ଉପାୟ ନ ପାଇଁ ରମେଶ ପୁଅର ଚିକିତ୍ସା ପାଇଁ ରାଜ୍ୟବାସୀ ଓ ବଦାନ୍ୟ ବ୍ୟକ୍ତିଙ୍କୁ ଆର୍ଥିକ ସହାୟତା ମାଗିଛନ୍ତି। ଅସହାୟ ରମେଶଙ୍କୁ ସହାୟତା କରିବାକୁ ଇଚ୍ଛୁକ ବ୍ୟକ୍ତି ବିଶେଷ ଫେଡେରାଲର ବ୍ୟାଙ୍କର ଖାତା ନଂ.୨୦୦୧୦୧୦୦୦୪୭୨୪୫, ଆଇଏଫ୍‌ଏସ୍‌ସି କୋଡ୍-ଏଫଡିଆର୍‌ଏଲ୍୦୦୦୨୦୦୧ କିମ୍ବା ଫୋନପେ'ନଂ୯୪୩୮୩୦୮୯୩୨ରେ ଆର୍ଥିକ ସହାୟତା ସହ ମୋବାଇଲ ନଂ. ୮୯୧୭୫୪୦୩୫୨ରେ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି।

# ପ୍ରଯୁକ୍ତିବିଦ୍ୟା ସହ ମାତୃଭାଷାକୁ ବ୍ୟବହାର କରିବା ଆବଶ୍ୟକ

ଭୁବନେଶ୍ୱର,୨୧।୨(ଶର୍ମିଷ୍ଠା ପାଣିଗ୍ରାହୀ)

### ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କାର୍ଯ୍ୟାଳୟରେ ବିଶ୍ୱ ମାତୃଭାଷା ଦିବସ

ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କାର୍ଯ୍ୟାଳୟରେ ବୁଧବାର ବିଶ୍ୱ ମାତୃଭାଷା ଦିବସ ପାଳନ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୂର୍ବତନ ପ୍ରଶାସକ ଡ. ରବି ନାରାୟଣ ସେନାପତି କହିଲେ, ମା, ମାତୃଭୂମି ଓ ମାତୃଭାଷାକୁ ସୁରକ୍ଷା ନ ଯୋଗାଇଲେ ଆମଠାରୁ ହତଭାଗା କେହି ନାହିଁ। ଓଡିଆ ଭାଷାକୁ ପ୍ରଯୁକ୍ତିବିଦ୍ୟାରେ ବ୍ୟବହାର ନ କଲେ ଆମ ଭାଷା ଆଗକୁ ଯାଇପାରିବ ନାହିଁ। ସମ୍ମାନିତ ଅତିଥି ସୀତାବଲ୍ଲଭ ମହାପାତ୍ର କହିଥିଲେ, ମାତୃଭାଷାରେ ଯିଏ ଯେତେ ପ୍ରଗାଢ ସେ ଅନ୍ୟଭାଷାକୁ ସେତେ ଶୀଘ୍ର ଗ୍ରହଣ କରିପାରିବ। ରାଜ୍ୟ ସଭାପତି ଅଧିବକ୍ତା ଅନନ୍ତ ପ୍ରସାଦ ଜେନା ସଭାପତିତ୍ୱ କରିଥିବାବେଳେ ସମ୍ମିଳନୀର ସାଧାରଣ ସମ୍ପାଦକ ଦିଲ୍ଲୀପ ଦାଶଶର୍ମା ପରିଚାଳନା କରିଥିଲେ। ଉପ-ସଭାପତି ଡ. ସୁରେନ୍ଦ୍ର ମୋହନ ମିଶ୍ର ସ୍ୱାଗତ ଭାଷଣ ଓ ଗୋବିନ୍ଦ ଚନ୍ଦ୍ର ସୁବୁଦ୍ଧି ଧନ୍ୟବାଦ ପ୍ରଦାନ କରିଥିଲେ।



## ତହସିଲ ସମ୍ମୁଖରେ ଆର୍‌ଆଇଙ୍କ ଶାନ୍ତିପୂର୍ଣ୍ଣ ଧାରଣା

ବାରଙ୍ଗ,୨୧।୨(ଲିଙ୍ଗରାଜ ରାଉତ)

ଓଡ଼ିଶା ରାଜ୍ୟ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘର ଆହ୍ୱାନକ୍ରମେ ବୁଧବାର ୬ ଦଫା ଦାବି ନେଇ ବାରଙ୍ଗ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବାରଙ୍ଗ ତହସିଲ ଅଧୀନ ସମସ୍ତ ଆର୍‌ଆଇ କାର୍ଯ୍ୟ ବନ୍ଦ କରି ଶାନ୍ତିପୂର୍ଣ୍ଣ ଧାରଣା ଦେଇଥିଲେ। ସଂଘ ପକ୍ଷରୁ ବିଭିନ୍ନ ସମୟରେ ସରକାରଙ୍କ ସହିତ ଆଲୋଚନା କରାଯାଇଥିଲେ ମଧ୍ୟ କିଛି ସୁଫଳ ମିଳିପାରିନାହିଁ। ମୁଖ୍ୟ ଦାବି କ୍ୟାଡର ପୁନଃ ସଂରଚନା କରି ବିଜ୍ଞପ୍ତି ପ୍ରକାଶ କରା ନ ଯାଇଛି, ସେତେଦିନ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ଜିଲାର ଭୂ-ଅର୍ଜନ ଅଧିକାରୀଙ୍କ କାର୍ଯ୍ୟାଳୟ, ରାଜସ୍ୱ ସୁପରଭାଇଜର, ରାଜସ୍ୱ ନିରୀକ୍ଷକ ଏବଂ ଅତିରିକ୍ତ ରାଜସ୍ୱ ନିରୀକ୍ଷକ କାର୍ଯ୍ୟ ବନ୍ଦ କରି ଧାରଣା ଦେବାକୁ ନିଷ୍ପତ୍ତି ହୋଇଛି।




ଓଏସ୍‌ଏପି ୭ତମ ବାଟାଲିୟନଠାରେ ବୁଧବାର ଭୁବନେଶ୍ୱର କଟକ କମିଶନରେଟ ପୋଲିସ ପକ୍ଷରୁ ଅନୁଷ୍ଠିତ ନବନିଯୁକ୍ତ ୨୬ତମ ବ୍ୟାଚ୍ କନ୍‌ଷ୍ଟେବଲଙ୍କ ପାସିଂଆଉଟ୍ ପରେଡରେ ଡିଜିପି ଅରୁଣ ଷଡ଼ଙ୍ଗୀ ଅଭିବାଦନ ଗ୍ରହଣ କରୁଛନ୍ତି।

# ବିଦେଶିନୀଙ୍କୁ ଅସଦାଚରଣ, ଲିଙ୍ଗରାଜ ମନ୍ଦିର ସେବାୟତ ଗିରଫ

ଭୁବନେଶ୍ୱର,୨୧।୨ (ସୂର୍ଯ୍ୟକାନ୍ତ ବେହେରା)

ଶ୍ରୀଲିଙ୍ଗରାଜ ମନ୍ଦିର ଦେଖିବାକୁ ଆସିଥିବା ଜଣେ ବିଦେଶିନୀ ଅସଦାଚରଣର ଶିକାର ହୋଇଛନ୍ତି। ଏହି ଘଟଣାରେ ଲିଙ୍ଗରାଜ ଥାନା ପୋଲିସ ଜଣେ ସେବାୟତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେ ହେଲେ ଶ୍ରୀଲିଙ୍ଗରାଜ ମନ୍ଦିରର ସେବାୟତ କୁନ୍ଦନ ମହାପାତ୍ର ଓରଫ କୁଣ୍ଡୁ। ପୋଲିସ ଆଇପିସି ଦଫା ୩୪୧,୩୫୪,୩୫୪(ଏ)ରେ ମାମଲା ନଂ. (୩୫/୨୪) ରୁଜୁ କରିବା ସହ ମାଜିଷ୍ଟ୍ରେଟଙ୍କ ନିକଟରେ ପୀଡିତାଙ୍କ ବୟାନ ରେକର୍ଡ କରିଛି। ଏଥିସହ ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତ ସେବାୟତ କୁଣ୍ଡୁଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏପଟେ ଏହା ଏକ ସମ୍ବେଦନଶୀଳ ଘଟଣା ହୋଇଥିବାରୁ କମିଶନରେଟ ପୋଲିସ ଗୁରୁତ୍ୱର ସହ ନେଇଛି। ଘଟଣା ସମ୍ପର୍କରେ ପୂଜକ ସଂଘ ଓ ମନ୍ଦିର ପ୍ରଶାସନ ସହ ଆଲୋଚନା କରିବେ ବୋଲି ଭୁବନେଶ୍ୱର ଡିସିପି ସୂଚନା ଦେଇଛନ୍ତି। ଏଥିସହ ବିଭିନ୍ନ ମନ୍ଦିର ତଥା ଐତିହ୍ୟ ପୀଠରେ ପର୍ଯ୍ୟଟକଙ୍କ ସୁରକ୍ଷା ପ୍ରତି ଅଧିକ ଧ୍ୟାନ ଦିଆଯିବ ବୋଲି ଡିସିପି କହିଛନ୍ତି।

### ପର୍ଯ୍ୟଟକଙ୍କ ସୁରକ୍ଷାକୁ ଗୁରୁତ୍ୱ ଦିଆଯିବ : ଡିସିପି



ସୂଚନାନୁସାରେ, ଓଡ଼ିଶା ଭ୍ରମଣରେ ଆସିଥିବା ବିଦେଶିନୀ ଜଣକ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କୁ ଦର୍ଶନ ପାଇଁ ଯାଇଥିଲେ। ସେଠାରେ ଅଭିଯୁକ୍ତ ସେବାୟତ କୁଣ୍ଡୁ ମହାପାତ୍ରଙ୍କ ସହ ତାଙ୍କର ଭେଟ ହୋଇଥିଲା। ବିଦେଶୀଙ୍କୁ ମନ୍ଦିର ପ୍ରବେଶ ନିଷେଧ ଥିବା ସମ୍ପର୍କରେ କୁଣ୍ଡୁ ତାଙ୍କୁ ଜଣାଇବା ସହ ପାର୍ଶ୍ୱ ମନ୍ଦିର ବୁଲାଇ ଦେବାକୁ କହି ଉତ୍ତରଦ୍ୱାର ନିକଟରେ ଥିବା ଏକ ଟାୱାର ପାଖକୁ ନେଇଥିଲେ। ଏହି ସମୟରେ ସେଠାରେ ଅନ୍ୟ କେହି ନ ଥିବାର ସୁଯୋଗ ନେଇ ସେବାୟତ ଜଣକ ତାଙ୍କୁ ଅସଦାଚରଣ କରିଥିଲେ। ବିଦେଶିନୀଜଣକ ଏହାର ପ୍ରତିବାଦ କରିବାରୁ ଏହା ଆମ ସଂସ୍କୃତି, ପରମ୍ପରା ବୋଲି କୁଣ୍ଡୁ ତାଙ୍କୁ କହିଥିଲେ। ତେବେ ସେଠାରୁ ମୁକୁଳିବା ପରେ ଏନେଇ ବିଦେଶୀ ପର୍ଯ୍ୟଟକ ଜଣକ ଲିଙ୍ଗରାଜ ଥାନାରେ ସୋମବାର ଅଭିଯୋଗ କରିଥିଲେ। ତେବେ ପୂର୍ବରୁ ମଧ୍ୟ ଅଭିଯୁକ୍ତ କୁଣ୍ଡୁ ଏପରି କାଣ୍ଡ ଘଟାଇଥିବା ଜଣାପଡିଛି। ରାଜ୍ୟ ବାହାରର ଜଣେ ମହିଳା ପର୍ଯ୍ୟଟକ ତାଙ୍କ ନାମରେ ସମାନ ଅଭିଯୋଗ କରିଥିଲେ।

## ଓକିଲ ସଂଘ ସାଧାରଣ ପରିଷଦ ବୈଠକ

ବାଙ୍କୀ,(ଜ୍ଞାନେନ୍ଦ୍ର ମୋହନ ମିଶ୍ର):ବାଙ୍କୀ ଓକିଲ ସଂଘ କାର୍ଯ୍ୟାଳୟରେ ଓକିଲ ସଂଘ ସାଧାରଣ ପରିଷଦ ବୈଠକ ସଂଘ ସଭାପତି ଆଇନଜୀବୀ ଶ୍ରୀନିବାସ ମହାପାତ୍ରଙ୍କ ଅଧକ୍ଷତାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବରିଷ୍ଠ ଆଇନଜୀବୀ ବ୍ରଜକିଶୋର ମହାପାତ୍ର, ଧର୍ମପ୍ରସାଦ ମଙ୍ଗରାଜ, ମୃତ୍ୟୁଞ୍ଜୟ କରଙ୍କୁ ଓକିଲ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେମାନଙ୍କୁ ସାଲ୍ ଓ ପୁଷ୍ପଗୁଚ୍ଛ ଦିଆଯାଇ ଦୀର୍ଘମୟ ଜୀବନ କାମନା କରାଯାଇଥିଲା। ବୈଠକରେ ଓକିଲ ସଂଘ ସମ୍ପାଦକ ଅଜୟ କୁମାର ପଟ୍ଟନାୟକ, ଆଇନଜୀବୀ ସୁବାଷ ଚନ୍ଦ୍ର ମିଶ୍ର, ବକ୍ସି ସୁଧାଂଶୁ ରଞ୍ଜନ ପଟ୍ଟନାୟକ, ସନ୍ତୋଷ କୁମାର ନାୟକ, ଭବାନୀ ପ୍ରସାଦ ଧଳ ପ୍ରମୁଖ ଯୋଗଦେଇଥିଲେ।

## ସଂକ୍ଷେପରେ

### ଏଟିଏମ୍ ଭ୍ୟାନ୍‌ରୁ ଟଙ୍କା ଲୁଟ ଘଟଣାରେ ଆଉ ୨ ଗିରଫ

#### ୧ ଲକ୍ଷ ଟଙ୍କା, ୨ ମୋବାଇଲ ଜବତ

ଡିଗିରିଆ,୨୧।୨(ଜାଫର ଖାଁ)

ଡିଗିରିଆ ଥାନା ଅନ୍ତର୍ଗତ ଗୋଡ଼ିଝରିଆ ନିକଟସ୍ଥ ରାଇସ୍ ମିଲ୍ ନିକଟରୁ ୨୦୨୩ ନଭେମ୍ବର ୧୦ରେ ଏଟିଏମ୍ ଭ୍ୟାନରୁ ୧ କୋଟି ୭୩ ଲକ୍ଷ ଟଙ୍କା ଲୁଟ୍ ଘଟଣାରେ ଡିଗିରିଆ ପୋଲିସ ବୁଧବାର ଆଉ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ, ପଙ୍କାଳ ଗ୍ରାମର ନାସିରୁଦ୍ଦିନ ଖାଁ (୩୦) ଓ ମାଣିଆବନ୍ଧ ଥାନା ଅନ୍ତର୍ଗତ ବୀରବରପୁର ଗ୍ରାମର ଧର୍ମାନନ୍ଦ ନାଏକ (୨୫)। ଏହି ଅବସରରେ ନାସିରୁଦ୍ଦିନଙ୍କଠାରୁ ୧ ଲକ୍ଷ ଟଙ୍କା ଓ ୨ ମୋବାଇଲ୍ ଜବତ କରାଯାଇଛି। ଅପରପକ୍ଷେ ଟଙ୍କା ଲୁଟ ପରେ ଯେଉଁ ସ୍କୋର୍ପିଓ ଗାଡ଼ିରେ ଟଙ୍କା ବାକ୍ସ ଯାଇଥିଲା ସେହି ଗାଡିକୁ ଗ୍ୟାସ୍ କଟର ସାହାଯ୍ୟରେ କାଟି ପ୍ରମାଣ ନଷ୍ଟ କରିବା ସହ ବିକ୍ରି କରିବାରେ ଧର୍ମନନ୍ଦ ସହଯୋଗ କରିଥିବା ପୋଲିସ କହିଛି। ସୂଚନାଯୋଗ୍ୟ, ନଭେମ୍ବର ୧୦ରେ ଆଠଗଡରୁ ନରସିଂହପୁର ଏଟିଏମ୍ ଟଙ୍କା ଭର୍ତ୍ତି ଭ୍ୟାନ ଆସୁଥିବାବେଳେ ଅପରାହ୍ନ ପ୍ରାୟ ୨ଟା ୩୦ରେ ଆସୁଥିବାବେଳେ ୭ରୁ ୮ ଜଣ ଦୁର୍ବୃତ୍ତ କଳା ମୁଖା ପିନ୍ଧି ଭ୍ୟାନକୁ ପଥର ମାରି କର୍ମଚାରୀଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଟଙ୍କା ଭର୍ତ୍ତି ବାକ୍ସ ନେଇଯାଇଥିଲେ। ଏହି ଘଟଣାରେ ପୋଲିସ ପୂର୍ବରୁ ୭ ଜଣଙ୍କୁ ଗିରଫ କରି ୬୪ ଲକ୍ଷ ୪୫,୪୦୦ ଜବତ କରିଥିଲା। ଏନେଇ ଡିଗିରିଆ ଥାନାରେ ମାମଲା (ନଂ. ୨୨୬/୨୦୨୪) ରୁଜୁ ହୋଇଛି।

### ଗୋପୀନାଥପୁର ଷ୍ଟେଟ୍ ବ୍ୟାଙ୍କ ପରିଚାଳକଙ୍କ ଅକାଳ ବିୟୋଗ

ସାଲେପୁର,୨୧।୨(ଅରବିନ୍ଦ ଭୂୟାଁ)

ଗୋପିନାଥପୁର ଷ୍ଟେଟ୍ ବ୍ୟାଙ୍କ୍ ପରିଚାଳକ ଅଭିଷେକ ପଢ଼ିଆରୀ(୩୬)ଙ୍କ ସୋମବାର ପରଲୋକ ଘଟିଛି। ସକାଳେ ସାଲେପୁର ମାଛୁଆଟିସ୍ଥିତ ବାସଭବନରେ ଥିବାବେଳେ ହଠାତ୍ ଅସୁସ୍ଥ ଅନୁଭବ କରିଥିଲେ। ତୁରନ୍ତ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଅଭିଷେକଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ତାଙ୍କ ମୃତ୍ୟୁରେ ଗୋପୀନାଥପୁର ଷ୍ଟେଟ୍ ବ୍ୟାଙ୍କ କର୍ମଚାରୀଙ୍କ ସମେତ ପୈତୃକ ଅଞ୍ଚଳ ଭୁବନେଶ୍ୱରସ୍ଥିତ ଚକେଇସିଆଣିରେ ଶୋକର ଛାୟା ଖେଳିଯାଇଛି। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

### ପିକୋଳରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ

ସାଲେପୁର,୨୧।୨(ଅରବିନ୍ଦ ଭୂୟାଁ)

ପିକୋଳ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଆନୁକୂଲ୍ୟରେ ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପିକୋଳ ସରପଞ୍ଚ ମାଣିକ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ଜନହିତକର ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ସାଲେପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ରାମଚନ୍ଦ୍ର ଭୋଇ, ମିଶନଶକ୍ତି ଅଧ୍ୟକ୍ଷା ତୃପ୍ତିରେଖା ପରିଡ଼ା, ସାମାଜିକ କର୍ମୀ ନାରାୟଣ ପତି, ଯୁବନେତା ବିରଞ୍ଚି ନାରାୟଣ କର, ମଧ୍ୟକଚ୍ଛ ସରପଞ୍ଚ ସଞ୍ଜୟ ବେହୁରା, ବ୍ଲକ୍ ବିଜେଡି ସଂଖ୍ୟାଲଘୁ ସେଲ୍ ସଭାପତି ସମିମ୍ ଅକ୍ତର, ମିଶନ୍ ଶକ୍ତି ସମ୍ପାଦିକା ନଳିନୀପ୍ରଭା ସାହୁ, ମିଶନ୍ ଶକ୍ତି ସଭାନେତ୍ରୀ ବୈଜୟନ୍ତୀ ସାହୁ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ମୁଖ୍ୟଅତିଥି ବିଧାୟକ ବେହେରା ରାଶନ୍ କାର୍ଡ ହିତାଧିକାରୀମାନଙ୍କୁ ଟଙ୍କା ଓ ବ୍ୟାଗ୍ ବଣ୍ଟନ କରିଥିଲେ।

### ଭାଜପା ନେତାଙ୍କ ବିୟୋଗରେ ଶୋକ

ସାଲେପୁର,୨୧।୨(ଅରବିନ୍ଦ ଭୂୟାଁ)

ସାଲେପୁର ଭାଜପା ପକ୍ଷରୁ ସାହେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ଟାଙ୍ଗୀ ମଣ୍ଡଳ ସଭାପତି ବିରଜା ପ୍ରସାଦ ରାଉତଙ୍କ ଅକାଳ ବିୟୋଗରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ସାଲେପୁର ମଣ୍ଡଳ ସଭାପତି ସରୋଜ କୁମାର କର ଏଥିରେ ସଭାପତିତ୍ୱ କରିଥିଲେ। ରାଉତ ପୂର୍ବତନ ସରପଞ୍ଚ ହୋଇଥିବାବେଳ ଭାଜପାର ମଣ୍ଡଳ ସଭାପତି ଭାବେ କାର୍ଯ୍ୟ କରି କମ୍ ବୟସରେ ଲୋକପ୍ରିୟତା ହାସଲ କରିଥିଲେ।

# ନିଦ ହଜାଇଲା 'ବାଦାମବାଡ଼ିର ରିକ୍ସାବାଲା'

ଭୁବନେଶ୍ୱର, ୨୧।୨(ଶର୍ମିଷ୍ଠା ପାଣିଗ୍ରାହୀ)

ଖଣ୍ଡଗିରି ଯାତ୍ରା ମହାସମରକୁ ନେଇ ସବୁଠି ପଡ଼ିଛି ଚହଳ। ଖଣ୍ଡଗିରି ମେଳା ବୁଲା ସହ ଯାତ୍ରା ଦେଖିବାକୁ ଲୋକଙ୍କ ଭିଡ଼ ଜମୁଛି। ଭୁବନେଶ୍ୱର ସମେତ ବାହାର ଅଞ୍ଚଳରୁ ମଧ୍ୟ ଲୋକେ ଏଠାକୁ ଆସୁଛନ୍ତି। ବିଶେଷକରି ଅଭିନେତ୍ରୀ ରାଣୀ ପଣ୍ଡା ଓ ଅଭିନେତା ଦୈତାରୀ ପଣ୍ଡାଙ୍କ ନାଟକ ଭିତରେ ଚାଲିଛି ଲଢ଼େଇ। ଅଧିକାଂଶ ନାଟକ ରିପିଟ୍ ହେଉଛି। ରାଣୀ ପଣ୍ଡାଙ୍କ 'ରାଣୀ ପଣ୍ଡାକୁ ଖଣ୍ଡିଗିର ମନା' ଓ ଦୈତାରୀଙ୍କ 'ସେଇ ଗୋଟିଏ ଭୁଲ ପାଇଁ' ନାଟକ ଦେଖିବାକୁ ଆରମ୍ଭ ଦିନରୁ ଲୋକଙ୍କ ମନରେ ଉତ୍ସାହ ଭରି ରହିଛି। ଏଥିସହ ଆଇଗଣିଆ ମହତାବ ପେଣ୍ଡାଲରେ ବୁଧବାର ରାତିରେ ଦେଖିବାକୁ ମିଳିଥିଲା ନାଟକ 'ବାଦାମ ବାଡ଼ିର ରିକ୍ସାବାଲା'। ପେଣ୍ଡାଲରେ ୩ଦିନ ହେବ ସାଇ ସମ୍ରାଟ ଚାଲିଥିବାବେଳେ ଏବେ ଅଶୋକ ସମ୍ରାଟ ମଇଦାନକୁ ଓହ୍ଲାଇଛି। ପ୍ରଦୀପ ବେହେରାଙ୍କ ରଚିତ ତଥା ନିର୍ଦ୍ଦେଶିତ ଏହି ନାଟକରେ ପ୍ରତାପ, ଲିଟୁ, ଅମନ, ଚନ୍ଦନ, ବର୍ଷା, ରୀନା, ନୀର ସ୍ୱାଇଁଙ୍କ ଅଭିନୟ ଦେଖିବାକୁ ମିଳିଥିଲା। କମେଡ଼ିଆନ ଗଣେଶଙ୍କ ଚରିତ୍ର କାହାଣୀରେ ହସର ଛୁଙ୍କ ଦେଇଥିଲା। ଏଭର ଗ୍ରୀନ୍ ନାୟକ ପ୍ରତାପ ସାଜିଛନ୍ତି ବାଦାମବାଡ଼ିର ରିକ୍ସାବାଲା। ପ୍ରତାପଙ୍କ ଚମତ୍କାର ଅଭିନୟ ଦର୍ଶକଙ୍କ ଆଖିରୁ ନିଦ ହଜାଇ ଲୁହ ଭରି ଦେଇଥିଲା। ଫେରିବାବେଳେ ଦର୍ଶକ କହୁଥିଲେ, ଏ ନାଟକ ଦେଖି ପଇସା ଉଠିଗଲା।




## ୪ ନାଟକ ରିପିଟ୍

ଚାରିଦିନ ପରେ ମଧ୍ୟ ଦର୍ଶକଙ୍କ ଗ୍ୟାଲେରୀ ଫୁଲ୍ ରହୁଛି। ସନାତନ ସେବା ସମିତି (ଖଣ୍ଡଗିରି-ଘାଟିକିଆ) ପେଣ୍ଡାଲରେ କୋଣାର୍କ ଗଣନାଟ୍ୟ 'ସେଇ ଗୋଟିଏ ଭୁଲ ପାଇଁ', ଜୟଦୁର୍ଗା ସାଂସ୍କୃତିକ ପରିଷଦ ମଞ୍ଚରେ ଗୌରୀ ଗଣନାଟ୍ୟର 'ରାଣୀ ପଣ୍ଡାକୁ ଖଣ୍ଡଗିରି ମନା', ଇନ୍ଦିରା ସାଂସ୍କୃତିକ ପରିଷଦ (ଖଣ୍ଡଗିରି-ଜାଗମରା) ରେ ଯାତ୍ରା ମହାରଥୀ କଳିଙ୍ଗ ଗଣନାଟ୍ୟ ନାଟକ ପକ୍ଷରୁ 'କାନ୍ଦେନାରେ ବାଇଆ ମନ'', ମା ମଙ୍ଗଳା ଯୁବ ପରିଷଦ ମଞ୍ଚରେ ମା ଦୁର୍ଗା ମନ୍ଦିର ପକ୍ଷରୁ 'କାନ୍ଦେନାରେ ଲୁହ ସରିଯିବ' ନାଟକ ମଞ୍ଚସ୍ଥ ହୋଇଛି।

## ଧୁମ୍ ମଚାଉଛନ୍ତି ଓମ୍ କୁମାର

ଛତିଶଗଡ଼ି ଗାୟକ ଓମ୍ କୁମାର କୋଣାର୍କ ଗଣନାଟ୍ୟରେ ଧୁମ୍ ମଚାଇଛନ୍ତି। ଓଡ଼ିଆ ହେଉ କି ହିନ୍ଦୀ ଗୀତରେ ସେ ଶ୍ରୋତାଙ୍କୁ ମତୁଆଲା କରିଥିଲେ। ଶ୍ରୋତାଙ୍କ ଅନୁରୋଧକ୍ରମେ ଗୋଟିଏ ପରେ ଗୋଟିଏ ଗୀତ ସେ ଗାଇ ଶୁଣାଇଥିଲେ। ମା ପରି କିଏ ହେବ..., ବାଳିକା ବଧୂ... ଗୀତ ବେଶ୍ ପ୍ରଶଂସା ସାଉଁଠି ଥିଲା।



## ସବୁଠି ଚର୍ଚ୍ଚା ରାଣୀ ପଣ୍ଡାକୁ ଖଣ୍ଡଗିରି ମନା

ରାଣୀ ପଣ୍ଡାଙ୍କୁ ନେଇ ହୋଇଥିବା ନାଟକ 'ରାଣୀ ପଣ୍ଡାକୁ ଖଣ୍ଡଗିରି ମନା' ଦେଖିବାକୁ ସମସ୍ତଙ୍କ ମନରେ ଉତ୍ସାହ ରହିଛି। ଏମିତିକି ନାଟକ ଦେଖି ସମସ୍ତେ ରାଣୀଙ୍କୁ ପ୍ରଚୁର ଭଲ ପାଇବା ଦେଉଛନ୍ତି। ନାଟକଟି ରିପିଟ ହେଲେ ମଧ୍ୟ ଦର୍ଶକଙ୍କ ସଂଖ୍ୟା କମୁନି। ତେଣୁ ଏଥର ଖଣ୍ଡଗିରି ମେଳାରେ ରାଣୀଙ୍କ ନାଟକ ଡିମାଣ୍ଡରେ ରହିଛି।



# ମାଟ୍ରିକ୍ ପରୀକ୍ଷାରେ ସ୍ୱଚ୍ଛତା ପାଇଁ ଜିଲା ଶିକ୍ଷାଧିକାରୀଙ୍କ ସମୀକ୍ଷା



ସମୀକ୍ଷା ବୈଠକରେ ଉପସ୍ଥିତ ଜିଲା ଶିକ୍ଷାଧିକାରୀ କୃଷ୍ଣଚନ୍ଦ୍ର ନାୟକ, ଅଧିକାରୀ ଓ କର୍ମଚାରୀମାନେ।

ବଡ଼ମ୍ବା,୨୧।୨(ମାୟାଧର ମଲ୍ଲିକ):

ମାଟ୍ରିକ ପରୀକ୍ଷାରେ ବଡ଼ମ୍ବାର କିଛି ପରୀକ୍ଷା କେନ୍ଦ୍ରରେ ବିଭ୍ରାଟ ଘଟିବା ପରେ ବୋର୍ଡ ତରଫରୁ ଜିଲା ଶିକ୍ଷାଧିକାରୀ କୃଷ୍ଣଚନ୍ଦ୍ର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବୁଧବାର ଏକ ସ୍ୱତନ୍ତ୍ର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବଡ଼ମ୍ବା ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ ପରିସରରେ ଆୟୋଜିତ ଏହି ବୈଠକରେ ବଡ଼ମ୍ବାର ୯ ପରୀକ୍ଷା କେନ୍ଦ୍ରର ସମସ୍ତ ସୁପରିଟେଣ୍ଡେଣ୍ଟ, ଅବଜରଭର, ଡେସପାଚ ଟିମ ମେମ୍ବର ପ୍ରମୁଖ ଉପସ୍ଥିତ ଥିଲେ। ପରୀକ୍ଷା ପରିଚାଳନାକୁ ସଂପୂର୍ଣ୍ଣ ସ୍ୱଚ୍ଛ ଓ ତୃଟି ଶୂନ୍ୟ କରିବା ପାଇଁ ଶିକ୍ଷାଧିକାରୀ ତାଗିଦ କରିଛନ୍ତି। ପ୍ରତ୍ୟେକ କେନ୍ଦ୍ରରେ ପୋଲିସ ମୁତୟନ କରାଯାଇଛି। ଜିଲାପାଳ, ତହସିଲଦାର ଓ ଉପଜିଲାପାଳ ଏହାକୁ ପ୍ରତ୍ୟକ୍ଷ ଭାବେ ମନିଟରିଂ କରିବେ ବୋଲି ନାୟକ ସୂଚନା ଦେଇଛନ୍ତି। ଦ୍ୱିତୀୟ ପର୍ଯ୍ୟାୟ ବୈଠକରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଡ. ସନ୍ତୋଷ କୁମାର ରାଉତ ଓ ବିଜ୍ଞାନ ସୁପରଭାଇଜର ଅକ୍ଷୟ ନନ୍ଦ ଯୋଗଦେଇ ବିଶୃଙ୍ଖଳାରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଆଇନ ଅନୁଯାୟୀ ଦଣ୍ଡିତ କରାଯିବ ବୋଲି ସୂଚନା ଦେଇଥିଲେ। ସ୍ଥାନୀୟ ପୋଲିସ ପକ୍ଷରୁ ଏସଆଇ ସୁଚିତ୍ରା ଜୟ ସିଂହ ଉପସ୍ଥିତ ରହି ସମସ୍ତ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯିବ ବୋଲି କହିଥିଲେ। ବ୍ଲକ ଶିକ୍ଷାଧିକାରୀ ପ୍ରକାଶ ଚନ୍ଦ୍ର ମଉଗଜ ସିଂହ ଧନ୍ୟବାଦ ଦେଇଥିଲେ।

## ପୂର୍ବତନ ବିଧାୟକଙ୍କ ଜୟନ୍ତୀରେ ରକ୍ତଦାନ ଶିବିର

### ୩୮ ୟୁନିଟ୍ ରକ୍ତ ସଂଗ୍ରହ

ଆଠଗଡ଼,୨୧।୨(ସତ୍ୟ ପ୍ରସାଦ ରଥ):

ପୂର୍ବତନ ବିଧାୟକ ସ୍ୱର୍ଗତ ଲଲାଟେନ୍ଦୁ ବିଦ୍ୟାଧର ମହାପାତ୍ରଙ୍କ ଜୟନ୍ତୀରେ ଆଠଗଡରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଆଠଗଡ ଯୁବ ଓ ଛାତ୍ର କଂଗ୍ରେସ ସହଯୋଗରେ ସ୍ଥାନୀୟ ଶୁଭଦୀପା କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ଶିବିରକୁ ପ୍ରଦେଶ କଂଗ୍ରେସ କମିଟି ମିଡିଆ ସେଲ୍ ଅଧ୍ୟକ୍ଷ ବିଶ୍ୱରଞ୍ଜନ ମହାନ୍ତି, ପ୍ରଦେଶ କଂଗ୍ରେସ କମିଟି ଉପସଭାପତି ବିଭୂତିଭୂଷଣ ମିଶ୍ର, ପ୍ରଦେଶ କଂଗ୍ରେସ କମିଟି ସଭ୍ୟ ଅକ୍ଷୟ ତୁଙ୍ଗସାମନ୍ତ, ପ୍ରଦେଶ ଯୁବ କଂଗ୍ରେସ ପୂର୍ବତନ ରାଜ୍ୟ ସଭାପତି ସ୍ମୃତିରଞ୍ଜନ ଲେଙ୍କା ପ୍ରମୁଖ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଆଠଗଡ଼ ଏନଏସିର କଂଗ୍ରେସ କାଉନସିଲର ମନୋରଞ୍ଜନ ପଟ୍ଟନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ଶିବିରରେ କଟକ ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡିକାଲ ସହଯୋଗରେ ମୋଟ ୩୮ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ବିକ୍ରମ ରାୟସାମନ୍ତ, ପ୍ରଶାନ୍ତ ବେହେରା, ଅଭିନାଶ ପ୍ରଧାନ, ସିଲୁ ପ୍ରଧାନ, ସମ୍ବିତ ଦଳାଇ, ଦେବବ୍ରତ ଦାସ, ଶ୍ରୀତମ ଦାସ, ଗୁରୁବାରୀ ନାଥ, ବଳଭଦ୍ର ପ୍ରହରାଜ, ଜ୍ଞାନରଞ୍ଜନ ପଟ୍ଟନାୟକ ଓ ପ୍ରିୟବ୍ରତ ଦାସ ପ୍ରମୁଖ ସହଯୋଗ କରିଥିଲେ।

# ଟାଟା ପାୱାର କର୍ମଚାରୀଙ୍କୁ ଘେରିଲେ ଉତ୍ତ୍ୟକ୍ତ ସ୍ଥାନୀୟ ଜନତା

ନିଶ୍ଚିନ୍ତକୋଇଲି,୨୧।୨
(ଅଶୋକ କୁମାର ମହାପାତ୍ର)

ମାଟ୍ରିକ ପରୀକ୍ଷା ଓ ଯୁକ୍ତ ୨ ପରୀକ୍ଷା ଚାଲିଥିବା ବେଳେ ରୌଦ୍ରତାପ ମଧ୍ୟ ବଢି ଚାଲିଛି। ଏପରିସ୍ଥଳେ ନିଶ୍ଚିନ୍ତକୋଇଲି ବିଦ୍ୟୁତ୍ ବିଭାଗ ମନଇଚ୍ଛା ଅଘୋଷିତ ବିଦ୍ୟୁତ୍‌କାଟ କରୁଥିବା ଯୋଗୁ ଅସନ୍ତୋଷ ପ୍ରକାଶ ପାଇଛି। ଛାତ୍ରାଭିଭାବକ ଓ ସ୍ଥାନୀୟ ଲୋକେ ଉତ୍ତ୍ୟକ୍ତ ହୋଇ ଟାଟାପାୱାର କର୍ମଚାରୀଙ୍କୁ ମାଡ଼ ମାରିବା ସହ କାର୍ଯ୍ୟାଳୟରେ ତାଲା ପକାଇ ଦେଇଥିଲେ। ଏ ସମ୍ପର୍କରେ ଅସୁରେଶ୍ୱର ଟାଟା ପାୱାର କନିଷ୍ଠ ଯନ୍ତ୍ରୀ ସ୍ମୃତିରଞ୍ଜନ ସାମନ୍ତରାୟ ନିଶ୍ଚିନ୍ତକୋଇଲି ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଅପରପକ୍ଷେ ଲୋକଙ୍କ କହିବାନୁଯାୟୀ, ଗତ କିଛିଦିନ ହେଲା, ଟାଟା ପାୱାର ପକ୍ଷରୁ ସ୍ଥାନୀୟ ନିଶ୍ଚିନ୍ତକୋଇଲି, ଅସୁରେଶ୍ୱର ଏବଂ ଓରିକଣ୍ଟା ସେକ୍ସନରେ ଘନଘନ ବିଦ୍ୟୁତକାଟ ହେଉଛି। ମାଟ୍ରିକ ଓ ଯୁକ୍ତ ୨ ପରୀକ୍ଷା ଚାଲିଥିଲା ବେଳେ ପିଲାମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏବେ ଅସହ୍ୟ ଗୁଳୁଗୁଳି ଓ ଗରମ ଯୋଗୁ ଲୋକ ଛଟପଟ ହେଉଥିବାବେଳେ ବିଦ୍ୟୁତ୍ କାଟ ସେମାନଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ଟାଟା ପାୱାର ଲୋକଙ୍କଠାରୁ ବକେୟା ବିଦ୍ୟୁତ ବିଲ୍ ଆଦାୟ କରୁଥିଲା ବେଳେ ବିଲ୍ ନ ଦେଲେ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିବାକୁ ପଛାଉନାହାନ୍ତି। ଟାଟା ପାୱାରର ଏପରି ମନମୁଖି ଓ ଏକଛତ୍ରବାଦୀ ପ୍ରତିବାଦରେ ଉପଭୋକ୍ତା ମହଲରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ଅସନ୍ତୋଷର ପ୍ରତିବାଦ ସ୍ୱରୂପ ମଙ୍ଗଳବାର ରାତିରେ ଅସୁରେଶ୍ୱର ଗ୍ରୀଡ ମଧ୍ୟରେ କାର୍ଯ୍ୟରତ କେତେଜଣ କର୍ମଚାରୀଙ୍କୁ ସ୍ଥାନୀୟ ଲୋକେ ନିସ୍ତୁକ ମାଡ ମାରିବା ସହ ଗ୍ରୀଡରେ ତାଲା ପକାଇ ଦେଇଥିଲେ। ଏପରିକି କର୍ମଚାରୀମାନଙ୍କୁ ଗାଳିଗୁଲଜ କରିବାକୁ ପଛାଇ ନ ଥିଲେ। ଖବରପାଇ ଅନ୍ୟ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ମାଡ ଖାଇଥିବା କର୍ମଚାରୀଙ୍କୁ ଉଦ୍ଧାର କରିଥିଲେ।

## ଅଘୋଷିତ ବିଦ୍ୟୁତ୍‌କାଟରେ ପ୍ରତିବାଦ

# ଗଙ୍ଗାଧର ସ୍ମାରକୀ କ୍ରିକେଟ: କିଆଝର ସେମିରେ

ଡିଗିରିଆ,୨୧।୨(ଜାଫର ଖାଁ):

ଡିଗିରିଆ ବ୍ଲକ ସୋମପଡ଼ାସ୍ଥିତ ଖେଳ ପଡ଼ିଆଠାରେ ଲିଟିଲ ଷ୍ଟାର କ୍ରିକେଟ କ୍ଲବ ଦ୍ୱାରା ଆୟୋଜିତ ୧ମ ଗଙ୍ଗାଧର ସ୍ମାରକୀ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟର ବୁଧବାର ଅନ୍ତିମ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଛି। ଏଥିରେ ଷ୍ଟାର କ୍ରିକେଟ କ୍ଲବ ଆଠଗଡ଼କୁ ୨୮ ରନରେ ପରାସ୍ତ କରି କିଆଝର କ୍ଲବ ଢେଙ୍କାନାଳ ସେମିଫାଇନାଲରେ ପ୍ରବେଶ କରିଛି।

ଟସ ଜିତି କିଆଝର ଦଳ ବ୍ୟାଟିଂ କରି ୨୦ ଓଭରରେ ୯ ଉଇକେଟ ହରାଇ ୨୭୮ ରନ କରିଥିଲା। ଦଳ ତରଫରୁ ରିଣ୍ଟୁ ବିଶ୍ୱାଳ ୩୨ ବଲରେ ୭୨ ରନ ଓ ସୂର୍ଯ୍ୟକାନ୍ତ ମଲ୍ଲିକ ୨୬ ବଲରେ ସର୍ବାଧିକ ୬୫ ରନ କରିଥିଲେ। ବୋଲିଂରେ ଷ୍ଟାର ଦଳର ଦୀପ୍ତି ରାଉତ ୩ ଓଭରରେ ୩ ଉଇକେଟ ନେଇଥିଲେ। ଜବାବରେ ଷ୍ଟାର ଦଳ ୨୦ ଓଭରରେ ୭ ଉଇକେଟ ହରାଇ ମାତ୍ର ୨୫୦ ରନ କରି ୨୮ ରନରେ ହାରିଯାଇଥିଲା। ଦଳ ତରଫରୁ ଦୀପ୍ତିରାଉତ ୩୮ ବଲରେ ୯୪ ରନ ଓ ଈଶ୍ୱର ପ୍ରଧାନ ୨୭ ବଲରେ ୫୪ ରନ କରିଥିଲେ। ବୋଲିଂରେ କିଆଝର ଦଳର ନନ୍ଦୁ ପାଇକରାୟ ୪ ଓଭରରେ ୪ ଉଇକେଟ ନେଇଥିଲେ। ମୁଖ୍ୟ ଅତିଥିଭାବେ ସାମାଜିକ କର୍ମୀ ସନାତନ ପଣ୍ଡା ଯୋଗଦେଇ ଉଭୟ ଦଳ ଖେଳାଳିଙ୍କୁ ଉତ୍ସାହିତ କରିବା ସହିତ ମ୍ୟାନ ଅଫ ଦି ମ୍ୟାଚ ରିଣ୍ଟୁ ବିଶ୍ୱାଳଙ୍କୁ ପୁରସ୍କୃତ କରିଥିଲେ। ଖେଳକୁ ଅମ୍ପାୟାର ସଲିପ ସାମନ୍ତରାୟ ଓ ଦୁର୍ଯ୍ୟୋଧନ ପ୍ରଧାନ ପରିଚାଳନା କରିଥିଲେ। ଗୁରୁବାର ୧ମ ସେମିଫାଇନାଲ ମ୍ୟାଚ୍ ବାଙ୍କୀ ଆଥଲେଟିକ ଆସୋସିଏଶନ ସହିତ ଜାକୋବିନ ଚୌଦ୍ୱାର ମଧ୍ୟରେ ଅନୁଷ୍ଠିତ ହେବ।



ରିଣ୍ଟୁ ବିଶ୍ୱାଳଙ୍କୁ ଅତିଥି ଟ୍ରଫି ପ୍ରଦାନ କରୁଛନ୍ତି।

# ବିକାଶର ଅନ୍ୟ ନାମ ଲକ୍ଷ୍ମୀବସ୍ ଯୋଜନା

## ଉଦ୍‌ଯାପିତ ହେଲା ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ

ନିଶ୍ଚିନ୍ତକୋଇଲି,୨୧।୨
(ଅଶୋକ କୁମାର ମହାପାତ୍ର)

ରାଜ୍ୟର ବିକାଶ ତଥା ଗ୍ରାମାଞ୍ଚଳ ଅର୍ଥନୀତିରେ ଲକ୍ଷ୍ମୀ ବସ୍ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଏହା ଗ୍ରାମାଞ୍ଚଳକୁ ସହର ସହ ଯୋଡି ଗମନାଗମନ ବ୍ୟବସ୍ଥାରେ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିଛି। ବିଶେଷ କରି ଆର୍ଥିକ ବିକାଶ ସହ ପର୍ଯ୍ୟଟନର ବିକାଶରେ ଏହା ସହାୟକ ହୋଇଛି। ଲକ୍ଷ୍ମୀ ବସ୍ ଯୋଜନାରେ ମହିଳା, ସ୍କୁଲ, କଲେଜ ଛାତ୍ରୀଛାତ୍ର ଓ ଚାଷୀ ଓ କ୍ଷୁଦ୍ର ବ୍ୟବସାୟୀଙ୍କ ପାଇଁ ଯାତାୟତରେ ସୁବିଧା ହୋଇଛି। ୫-ଟି କେବଳ ଗମନାଗମନ ନୁହେଁ ସ୍ୱାସ୍ଥ୍ୟ ଶିକ୍ଷା ଓ ଭିତ୍ତିଭୂମି ସବୁକ୍ଷେତ୍ରରେ ଅଭୂତପୂର୍ବ ପରିବର୍ତ୍ତନ ଆଣିଛି। ଏହା ଏକ ମନ୍ତ୍ର ନୁହେଁ ମ୍ୟାଜିକ ଭାବେ ଓଡ଼ିଶାରେ ରୂପାନ୍ତରଣରେ କାମ କରୁଛି ବୋଲି ନିଶ୍ଚିନ୍ତକୋଇଲି ବ୍ଲକର ୪୧ ପଞ୍ଚାୟାତରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବରେ ଅତିଥିମାନେ କହିଛନ୍ତି। ନିଶ୍ଚିନ୍ତକୋଇଲି, ବନ୍ଧୁପୁର, ସାନ୍ତପୁର ଓ ଉତ୍ତରକୂଳ ପଞ୍ଚାୟତରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅତିଥିଭାବେ ବ୍ଲକ ଅଧ୍ୟକ୍ଷା ରୋଜି ସେଠୀ, ଉପାଧ୍ୟକ୍ଷ ଅଶୋକ ଓଝା, ଜିଲା ପରିଷଦ ସଭ୍ୟ ବିଳାସ ଭୋଇ, ଶୁଭଶ୍ରୀ ମହାନ୍ତି, ବିପ୍ଲବ କାପ, ବିଡିଓ ଧର୍ମରଞ୍ଜନ ପଣ୍ଡା, ସିଡିପିଓ ସତ୍ୟଭାମା ବିଶୋଇ, ଜୀବିକା ମିଶନର ସଂଯୋଜିକା ତନୁଜା ସାହୁ, ପ୍ରମୋଦ ନାୟକ ପ୍ରମୁଖ ଯୋଗଦେଇ ସରକାରଙ୍କ ଜନ କଲ୍ୟାଣ ଯୋଜନା ଓ ଏହାର ଉପଯୋଗ ଉପରେ ଆଲୋକପାତ କରିଥିଲେ। ନିଶ୍ଚିନ୍ତକୋଇଲି ପଞ୍ଚାୟତରେ ପୂର୍ବତନ ସରପଞ୍ଚ କ୍ଷୀରୋଦ ଚନ୍ଦ୍ର ପଣ୍ଡା, ରବୀନ୍ଦ୍ର ସେଠୀ, ଅଶୋକ ବେହେରା, ନାଏବ ସରପଞ୍ଚ ଜ୍ୟୋତିର୍ମୟୀ ସ୍ୱାଇଁ, ବିଜୟ ମଲିକ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି ଅବସରରେ ବରିଷ୍ଠ ନାଗରିକମାନଙ୍କୁ ପଞ୍ଚାୟତ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ତରକୂଳ ପଞ୍ଚାୟତରେ ଦିଲିପ ବିଶ୍ୱାଳ ସଭାପତିତ୍ୱ କରିଥିଲେ। କିଶୋର ସାହାଣୀ, ଦୁର୍ଗାପ୍ରସାଦ ଦାସ, ସଂଗ୍ରାମ କିଶୋର ସାହାଣୀ, ପ୍ରଦିପ୍ତ ଚନ୍ଦ୍ର ଦାସ, ଜ୍ଞାନରଞ୍ଜନ ରଥ ପ୍ରମୁଖ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ସାଆନ୍ତପୁର ପଞ୍ଚାୟତରେ ସାମାଜିକ କର୍ମୀ ନୃସିଂହଚରଣ ମୁଦୁଲିଙ୍କ ସଭାପତିତ୍ୱରେ ସରପଞ୍ଚ ଅନନ୍ତ କର, ବିଶ୍ୱଭୂଷଣ ନାୟକ, ରମାକାନ୍ତ ବେହେରା,ଭୈରବ ଚନ୍ଦ୍ର ଜେନା ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଧନେଶ୍ୱର ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ବନ୍ଧୁପୁର ପଞ୍ଚାୟତରେ ସରପଞ୍ଚ ଜୟନ୍ତୀ ଗୋଛାୟତ ,ସମିତି ସଭ୍ୟ ବିଶ୍ୱଜିତ ସ୍ୱାଇଁ, ନାରାୟଣ ସ୍ୱାଇଁ, ମାନଗୋବିନ୍ଦ ଦାସ, ଶରତ ସାମଲ, କାଳନ୍ଦୀ ଭୋଇ, ଚନ୍ଦ୍ରକାନ୍ତ ପରିଡା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ସ୍ଥାନରେ ଅଙ୍ଗନୱାଡି ଓ ମିଶନ ଶକ୍ତି ପକ୍ଷରୁ ସ୍ୱତନ୍ତ୍ର ପ୍ରଦର୍ଶନୀ କରାଯାଇଥିଲା। ବିଭିନ୍ନ ପଞ୍ଚାୟତ ଶିକ୍ଷାବିତ୍, ସାମରିକ କର୍ମଚାରୀ, ବରିଷ୍ଠ ନାଗରିକ,ସାହିତ୍ୟିକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। କଳା ସଂସ୍କୃତି ପରିଷଦ ପକ୍ଷରୁ ସରକାରଙ୍କ ଯୋଜନା ଆଧାରିତ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ଏଥିସହ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରସ୍ତୁତ ବିକାଶ ପୁସ୍ତିକା ଓ ପଞ୍ଚାୟତ ବିକାଶର ଝଲକ ବଣ୍ଟନ କରାଯାଇଥିଲା। ଉକ୍ତ ପୁସ୍ତିକାରେ ରାଜ୍ୟ ସରକାରଙ୍କ ଯୋଜନା ସହ ସମ୍ପୃକ୍ତ ପଞ୍ଚାୟତର ବିକାଶର ଝଲକ ସ୍ଥାନ ପାଇଥିଲା।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ମହିଳାମାନେ ବିକାଶ ପୁସ୍ତିକା ପ୍ରଦର୍ଶନ କରୁଛନ୍ତି।

## ସଂକ୍ଷେପରେ

### ସଡ଼କ ଦୁର୍ଘଟଣାରେ ଜଣେ ମୃତ, ଜଣେ ଗୁରୁତର

ବୋଲଗଡ଼,୨୧।୨(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଠଣାପଲ୍ଲୀ ଗ୍ରାମ ନିକଟରେ ମଙ୍ଗଳବାର ରାତିରେ କାର୍-ବାଇକ୍ ଧକ୍କାରେ ଜଣଙ୍କର ବୁଧବାର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ମୃତକ ହେଲେ ଅରିକିମା ଗ୍ରାମର ଯୁଗଳ ବେହେରା (୫୦)। ଉକ୍ତ ଗ୍ରାମର ମଥୁରା ପଲେଇ (୩୮) ଗୁରୁତର ଥିବା ଜଣାପଡ଼ିଛି। ଦୁର୍ଘଟଣା ସ୍ଥଳରେ ଥିବା ସେହି ଗ୍ରାମର ଦେବ ପଲେଇ ଆହତ ହୋଇ ଚିକିତ୍ସାଧୀନ ଅଛନ୍ତି। ଯୁଗଳ ଏବଂ ମଥୁରା କଳାପଥର ଆଡୁ ଏକ ବାଇକ୍‌ରେ ଗ୍ରାମକୁ ପୂର୍ତ୍ତ ରାସ୍ତାରେ ଫେରୁଥିଲେ। ବିପରୀତ ଦିଗରୁ ଆସୁଥିବା ଏକ କାର ତାଙ୍କୁ ଧକ୍କା ଦେଇ ପଳାଇ ଯାଇଥିବା ମୃତକ ଯୁଗଳଙ୍କ ପୁତୁରା ସୁଦର୍ଶନ ବେହେରା ବାଙ୍କୋଇ ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ। ଦୁର୍ଘଟଣା ପରେ ଯୁଗଳ ଏବଂ ମଥୁରାଙ୍କୁ ବାଙ୍କୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା।

### ୧୦୦ ଲିଟର ଦେଶୀ ମଦ ଜବତ, ୨ ଗିରଫ
#### ବିପୁଳ ପୋଚ ନଷ୍ଟ କରାଗଲା

ବାଲୁଗାଁ, ୨୧।୨(ସଂଗ୍ରାମ ପାଇକରାୟ)

ଖୋର୍ଦ୍ଧା ଅବକାରୀ ଫ୍ଲାଇଙ୍ଗ ସ୍କ୍ୱାର୍ଡ଼, ଟାଙ୍ଗୀ ଓ ବାଲୁଗାଁ ଅବକାରୀ ଅଧିକାରୀଙ୍କ ମିଳିତ ବାହିନୀ ବୁଧବାର ସକାଳେ ଚଢ଼ାଉ କରି ବାଣପୁର ନିକଟ ଦାଶରଥିପୁର ପୋଡ଼ସାହିରୁ ୧୦୦ ଲିଟର ଦେଶୀ ମଦ ଜବତ କରିବା ସହ ସମ୍ପୃକ୍ତ ଦୁଇ ବ୍ୟବସାୟୀଙ୍କୁ ଗିରଫ କରିଛନ୍ତି। ସେମାନେ ହେଲେ ବାପି ନାୟକ ଏବଂ ସୁକାନ୍ତି ନାୟକ । ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ସେହିପରି ଶାଳିଆଡ୍ୟାମ ନିକଟସ୍ଥ ଜଙ୍ଗଲରେ ବେଆଇନ ଭାବେ ଦେଶୀ ମଦ ପ୍ରସ୍ତୁତି ଚାଲିଥିବା ବେଳେ ସେଠାରେ ମଧ୍ୟ ଚଢ଼ାଉ କରି ୧୦ ହଜାର ଲିଟର ମହୁଲ ପୋଚ ଏବଂ ମଦ ପ୍ରସ୍ତୁତି ସାମଗ୍ରୀକୁ ନଷ୍ଟ କରିଥିଲେ। ତେବେ ଘଟଣାସ୍ଥଳରୁ ମଦ ପ୍ରସ୍ତୁତ କାରୀମାନେ ଖସି ପଳାଇବାରେ ସକ୍ଷମ ହୋଇଛନ୍ତି। ଚଢ଼ାଉରେ ଖୋର୍ଦ୍ଧା ଅବକାରୀ ନିରୀକ୍ଷକ ତପସ୍ୱିନୀ ବରାଳ, ଟାଙ୍ଗୀ ଅବକାରୀ ନିରୀକ୍ଷକ ନାରାୟଣ ଜେନା, ବାଲୁଗାଁ ଅବକାରୀ ଅଧିକାରୀ ସ୍ମିତା ପଣ୍ଡା, ଖୋର୍ଦ୍ଧା ଉପନିରୀକ୍ଷକ ରୋହିତ ଦଣ୍ଡସେଣ, ଏଏସ୍‌ଆଇ ତପନ ସ୍ୱାଇଁ, ସୁମତି ମହାନ୍ତି, ଜିତେନ୍ଦ୍ର ହେମ୍ବ୍ରମ ପ୍ରମୁଖଙ୍କ ସମେତ ବହୁ କର୍ମଚାରୀ ସାମିଲ ହୋଇଥିଲେ।

### ମଇଁଷି ବୋଝେଇ ଗାଡ଼ି ଜବତ: ୨ ଗିରଫ

ନିରାକାରପୁର,୨୧।୨(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ନିରାକାରପୁର ପୋଲିସ ବୁଧବାର ୧୬ନଂ. ଜାତୀୟ ରାଜପଥରେ ସୁନେଇ ରୁପେଇ ଛକ ସନ୍ନିକଟରୁ ଏକ ମଇଁଷି ବୋଝେଇ ମ୍ୟାକ୍ସ ପିକ୍‌ଅପ୍ ଭ୍ୟାନ ଜବତ କରିଛି। ଜବତ ମଇଁଷିଗୁଡ଼ିକୁ ବୋଲଗଡସ୍ଥିତ ଗୋଶାଳାକୁ ପଠାଇ ଦିଆଯାଇଛି। ଏ ସଂକ୍ରାନ୍ତରେ ଉଭୟ ଡ୍ରାଇଭର ଓ ହେଲ୍ପରକୁ ଗିରଫ କରାଯାଇଛି। ଉକ୍ତ ଗାଡ଼ିଟି ଚଣ୍ଡିଖୋଲରୁ ବ୍ରହ୍ମପୁର ଯାଉଥିବାବେଳେ ସେଥିରେ ୬ଟି ମଇଁଷି ଥିଲେ।

# ଗୁଣାତ୍ମକ ଶିକ୍ଷାର ବିକାଶ ଲକ୍ଷ୍ୟ

ଖୋର୍ଦ୍ଧା,୨୧।୨ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ବିତରଣ ସମାରୋହ ଭୁବନେଶ୍ୱର ୟୁନିଟ-୩ସ୍ଥିତ କ୍ୟାପିଟାଲ ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଚଞ୍ଚଳ ରାଣା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଓଡ଼ିଶା ସରକାରଙ୍କ ଏକ ଅଭିନବ କାର୍ଯ୍ୟକ୍ରମ। ଶିକ୍ଷା କ୍ଷେତ୍ରରେ ଉତ୍କର୍ଷତା ହାସଲ କରିଥିବା ଶିକ୍ଷାର୍ଥୀ, ଶିକ୍ଷକ, ବିଦ୍ୟାଳୟ, ଗ୍ରାମପଞ୍ଚାୟତ, ବ୍ଲକ, ଆଲୁମିନ୍, ଏସ୍‌ଏମ୍‌ସି, ବିଇଓ, ଜିଲାକୁ ପୁରସ୍କୃତ କରାଯାଇ ଅନ୍ୟମାନଙ୍କୁ ଅଭିପ୍ରେରିତ କରିବା ଏହାର ଲକ୍ଷ୍ୟ। ଗୁଣାତ୍ମକ ଶିକ୍ଷାର ଲକ୍ଷ୍ୟ ହାସଲ ନିମନ୍ତେ ଦେଶରେ ଏହା ଅଦ୍ୱିତୀୟ କାର୍ଯ୍ୟକ୍ରମ। ବିଦ୍ୟାଳୟ ଏବଂ ଶିକ୍ଷାର୍ଥୀଙ୍କ ସର୍ବାଙ୍ଗୀନ ବିକାଶ ସହ



ପୁରସ୍କାର ବିତରଣ ସମାରୋହରେ ଉପସ୍ଥିତ ଅତିଥି।

**ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ବିତରଣ ସମାରୋହ**

ସେମାନଙ୍କୁ ଭବିଷ୍ୟତ ମାର୍ଗଦର୍ଶନ କରିବା ତଥା ପ୍ରେରଣା ଦେବା ପାଇଁ ଏହି ପୁରସ୍କାର ପ୍ରଚଳନ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଦିଗ୍‌ଦର୍ଶନ ଓ ସ୍ୱପ୍ନକୁ ସଫଳ ରୂପାୟନ କରିବା ପାଇଁ ଏହି ପୁରସ୍କାର ସହାୟକ ହେବ। ମୁଖ୍ୟମନ୍ତ୍ରୀ ଗତ ଜାନୁଆରୀ ୩୧ରେ ରାଜ୍ୟସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହରେ ଅନେକ ଅନୁଷ୍ଠାନ ଓ ସଫଳ ଶିକ୍ଷାର୍ଥୀଙ୍କୁ ପୁରସ୍କୃତ କରିଛନ୍ତି। ବୁଧବାର ଖୋର୍ଦ୍ଧା ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହରେ ୧୭୯୮ଟି ପୁରସ୍କାର ପ୍ରଦାନ କରାଯାଇଛି। ଖୋର୍ଦ୍ଧା ଜିଲା ଶିକ୍ଷା ବିଭାଗ ଦ୍ୱାରା ଆୟୋଜିତ ଏହି ପୁରସ୍କାର ବିତରଣ ଉତ୍ସବରେ ଜିଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ତରାଇ ସ୍ୱାଗତ ଭାଷଣ ଦେଇଥିଲେ। ସମସ୍ତ ପୁରସ୍କାରଧାରୀଙ୍କୁ ଜିଲାପାଳ, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ଜିଲାପରିଷଦ ସଭାପତି ରୂପଶ୍ରୀ ଗୁମାନସିଂହ, ବେଗୁନିଆ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ, ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ଖୋର୍ଦ୍ଧା ବିଧାୟକ ଜିତେନ୍ଦ୍ରନାଥ ମିତ୍ର, ଜୟଦେବ ବିଧାୟକ ଅରବିନ୍ଦ ଢ଼ାଲି ମାର୍ଗଦର୍ଶନ କରିବା ସହ ମାନପତ୍ର, ଟ୍ରଫି ପ୍ରଦାନ କରିଥିଲେ। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସ୍ନିଗ୍ଧା ମିଶ୍ର ଧନ୍ୟବାଦ ଦେଇଥିଲେ।



ସଂକୀର୍ତ୍ତନ କଳାକାର ଚିହ୍ନଟ, ଆବେଦନ ପ୍ରକ୍ରିୟାରେ ସ୍ୱଚ୍ଛତା ଦାବିରେ ବୋଲଗଡ ବିଡ଼ିଓଙ୍କୁ ଦାବିପତ୍ର ଦେବାକୁ ଆସିଥିବା କଳାକାରମାନେ।

### ସଂକୀର୍ତ୍ତନ କଳାକାର ଚିହ୍ନଟ, ଆବେଦନ ପ୍ରକ୍ରିୟାରେ ସ୍ୱଚ୍ଛତା ଦାବି

ବୋଲଗଡ଼/ବେଗୁନିଆ,୨୧।୨
(ଦେବବ୍ରତ ହୋତା/ହରପ୍ରସନ୍ନ ପଣ୍ଡା)

ସଂକୀର୍ତ୍ତନ କଳାକାର ଚିହ୍ନଟ ଓ ଆବେଦନ ପ୍ରକ୍ରିୟାରେ ସ୍ୱଚ୍ଛତା ଦାବିରେ ଶ୍ରୀ ଶ୍ରୀ ଜଗନ୍ନାଥ ନାମ ସଂକୀର୍ତ୍ତନ ଲୋକକଳା ପରିଷଦ ପକ୍ଷରୁ ବୁଧବାର ବିଡିଓଙ୍କ ଉଦ୍ଦେଶ୍ୟରେ ମୁଖ୍ୟ କିରାଣି ଆଲୋକ ଜେନାଙ୍କୁ ଦାବିପତ୍ର ଦିଆଯାଇଛି। ସମସ୍ତ ସଂକୀର୍ତ୍ତନ କଳାକାରଙ୍କୁ ସରକାର କଳାକାର ମାନ୍ୟତା ଦେବା ସହ ପରିଚୟପତ୍ର ପ୍ରଦାନ କରିବାକୁ ସଂଘ ଦାବି କରିଛି। ସଂକୀର୍ତ୍ତନ କଳାକାର ଚିହ୍ନଟରେ ବ୍ଲକ ପ୍ରଶାସନ ଟାଳଟୁଳ ନୀତି ଅବଲମ୍ବନ କରୁଛି। ଏପରିକି କେତେଜଣ ବ୍ୟକ୍ତି ଫର୍ମ ଚିରିଦେବା ସହିତ ପଞ୍ଜୀକରଣ କରାଇବାରେ ହଇରାଣ କରୁଛନ୍ତି। ଜାଲିଆତି ରୋକାଯିବା ସହ ବିଭିନ୍ନ ଦାବି ଉପରେ ଆଲୋଚନା କରାଯାଇଥିଲା। ଆଲୋଚନାରେ ମୁଖ୍ୟ ସଂଯୋଜକ ପ୍ରସନ୍ନ ବିଶୋୟୀ, ସମ୍ପାଦକ ସୁଦର୍ଶନ ଚମ୍ପତି, କୋଷାଧକ୍ଷ ପ୍ରସନ୍ନ ବଡ଼ଜେନା, ଖୋର୍ଦ୍ଧା ଜିଲା ସଭାପତି ପ୍ରଶାନ୍ତ କୁମାର ସ୍ୱାଇଁ, ସଂଯୋଜକ ସୁଶାନ୍ତ ସାହୁ ଉପସ୍ଥିତ ଥିଲେ। ବୋଲଗଡ଼ ବ୍ଲକର ୩୦୦ରୁ ଉର୍ଦ୍ଧ୍ୱ କଳାକାର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଏକାଠି ହୋଇଥିଲେ।

# ଖୋର୍ଦ୍ଧା ଜେଲରେ ପୋଲିସର ଖୋଳତାଡ଼

**ମୋବାଇଲ ଫୋନ୍ ଜବତ ଘଟଣା**

ଖୋର୍ଦ୍ଧା,୨୧।୨(ପ୍ରଭାତ ପାଣିଗ୍ରାହୀ)

ଜେଲ ଭିତରେ ଚାଲିଛି ନିଶା କାରବାରର ବ୍ଲୁପ୍ରିଣ୍ଟ। ଜେଲ ଭିତରୁ ମୋବାଇଲ ଫୋନ୍ ଜବତ ହେବା ପରେ ଟାଉନ ପୋଲିସ ଜଣେ ମହିଳାଙ୍କ ସମେତ ୬ଜଣଙ୍କୁ ଗିରଫ କରିଥିଲା। ତେବେ ଜେଲ କଡ଼ା ସୁରକ୍ଷା ବଳୟ ଭିତରେ ଥିବାବେଳେ ମୋବାଇଲ କିପରି ଗଲା ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ନିଶା ବେପାରୀ ଏବଂ ଜେଲ କର୍ତ୍ତୃପକ୍ଷଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ନେଇ ଚର୍ଚ୍ଚା ହେଉଛି। ଜେଲ ଅଧୀକ୍ଷକଙ୍କ ରିପୋର୍ଟ ଆଧାରରେ ପୋଲିସ ୬ଜଣ ବେପାରୀଙ୍କୁ ଗିରଫ କରିଥିବା ଏସ୍‌ପି ସୂଚନା ଦେଇଥିଲେ। ବୁଧବାର ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ସଦର ଏସଡିପିଓ ଦିଲୀପ ଦାସ, ଥାନା ଅତିରିକ୍ତ ଥାନାଧିକାରୀ ସସ୍ମିତା ଜେନା ଜେଲ୍‌ରେ ସରଜମିନ ତଦନ୍ତ କରିଛନ୍ତି। ସେମାନେ ଜେଲ ଅଧୀକ୍ଷକ କୃଷ୍ଣଚନ୍ଦ୍ର ରାଉତଙ୍କ ସହ ଆଲୋଚନା କରିଥିଲେ। ଜେଲରେ ବିଚାରାଧୀନ କଏଦୀ ସଞ୍ଜୟ ପ୍ରଧାନ ଓରଫ ସଞ୍ଜୁ ଏବଂ ମନୋରଞ୍ଜନ ସାହୁ ଓରଫ ମିକିଙ୍କୁ ଜେରା କରାଯାଇଥିବା ଜଣାପଡିଛି। ଏମାନଙ୍କ ନେଟୱର୍କରେ ଆଉ କିଏ ରହିଛନ୍ତି, କେଉଁଠୁ ବ୍ରାଉନସୁଗାର ଆସୁଛି ପ୍ରଭୃତି ବିଭିନ୍ନ ପ୍ରଶ୍ନ ନେଇ ପଚରାଉଚରା କରିଛନ୍ତି। ସବୁଠାରୁ




ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି ଜେଲରୁ ଜବତ ମୋବାଇଲ ଏକ ପୁରୁଣା, ଚାଇନା ମଡେଲ ହୋଇଥିବା ମିକି ଏହା ବ୍ୟବହାର କରୁଥିବା କୁହାଯାଉଛି। ଏ ନେଇ ପୋଲିସ ଯାଞ୍ଚ କରୁଛି। ନିୟମିତ ଭାବେ ଏମାନଙ୍କୁ କିଏ ଭେଟିବାକୁ ଆସିଛନ୍ତି। କେଉଁମାନେ ଏମାନଙ୍କ ସଂସ୍ପର୍ଶରେ ରହିଛନ୍ତି ଇତ୍ୟାଦି ବିଭିନ୍ନ ପ୍ରଶ୍ନର ଉତ୍ତର ଖୋଜୁଛି ପୋଲିସ। ଏନେଇ ଏସ୍‌ଡିପିଓ ଦାସ କହିଛନ୍ତି, ମଙ୍ଗଳବାର ଗୁରୁଜଙ୍ଗ ମେଳଣ ପଡ଼ିଆରୁ ୨୬୨ ଗ୍ରାମ ବ୍ରାଉନସୁଗାର ଜବତ ଘଟଣାରେ ୬ଜଣଙ୍କୁ ଗିରଫ କରାଯାଇଥିଲା। ଏହି ଘଟଣାର ତଦନ୍ତ ଚାଲିଛି। ଅଧିକ ତଥ୍ୟ ହାସଲ ଲାଗି ଜେଲ୍ ଅଧୀକ୍ଷକଙ୍କ ସହ ଆଲୋଚନା କରାଯାଇଛି।

### ଗିରଫ ପୂର୍ବରୁ ଏଫ୍‌ଆଇଆର୍ କପି ଲିକ୍ ଚର୍ଚ୍ଚା

ଖୋର୍ଦ୍ଧା,୨୧।୨(ପ୍ରଭାତ ପାଣିଗ୍ରାହୀ)

■ ପୋଲିସର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ
■ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ

ଗୁରୁଜଙ୍ଗ ମେଳଣ ପଡ଼ିଆରେ ବ୍ରାଉନସୁଗାର ଡିଲ୍ ଚାଲିଥିବା ବେଳେ ଟାଉନ ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ଚଢାଉ କରି ୨୬୨ ଗ୍ରାମ ବ୍ରାଉନସୁଗାର ସହ ୬ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଥିଲା। ଏହି ଘଟଣାରେ ଥାନା ଏସ୍‌ଆଇ ସୌମ୍ୟରଞ୍ଜନ ପାଣିଗ୍ରାହୀଙ୍କ ସୂଚନା ଆଧାରରେ ପୋଲିସ ଚଢାଉ କରିଥିଲା। ତେବେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି ପୋଲିସ ଅଭିଯୁକ୍ତଙ୍କୁ ଗିରଫ ପୂର୍ବରୁ ଖୋଦ୍ ଏସ୍‌ଆଇ ପାଣିଗ୍ରାହୀ ଦେଇଥିବା ଏଫ୍‌ଆଇଆର୍ କପି ଥାନାରୁ ଲିକ୍ ହୋଇଥିବା ନେଇ ଚର୍ଚ୍ଚା ଚାଲିଛି। ଫଳରେ ଅଭିଯୁକ୍ତମାନଙ୍କୁ ଗିରଫ ପୂର୍ବରୁ ଲୋକଙ୍କ ନିକଟରେ ଖବର ପହଞ୍ଚିଯାଇଥିଲା। ଏନେଇ ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚା ହେବା ପରେ ପୋଲିସର ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠିଛି। ଏସ୍‌ପି ଏହି ଘଟଣାକୁ ଗୁରୁତ୍ୱର ସହିତ ନେଇ ସଦର ଏସ୍‌ଡିପିଓ ଦିଲୀପ ଦାସଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ଏସ୍‌ଡିପିଓ ବୁଧବାର ଟାଉନ ଥାନାରେ ଦୀର୍ଘ ସମୟ ଧରି ଏ ସମ୍ପର୍କରେ ଅନୁସନ୍ଧାନ କରିଥିବା ସୂଚନା ମିଳିଛି। ଥାନାରେ କାର୍ଯ୍ୟରତ ଅଧିକାରୀ, କର୍ମଚାରୀଙ୍କ ମୋବାଇଲ କଲ ରେକର୍ଡ ଯାଞ୍ଚ କରାଯାଉଛି। ଏଥିରେ ଯେକେହି ସମ୍ପୃକ୍ତ ରହିଛନ୍ତି, ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଏସ୍‌ଡିପିଓ କହିଛନ୍ତି।

# ଶାସ୍ତ୍ରୀୟ ମାନ୍ୟତା ସତ୍ତ୍ୱେ ଓଡ଼ିଆ ଭାଷାକୁ ଅଣଦେଖା

ଖୋର୍ଦ୍ଧା,୨୧।୨(ପ୍ରଭାତ ପାଣିଗ୍ରାହୀ)

କୋଣାର୍କ ସାହିତ୍ୟ ସଂସଦ ପକ୍ଷରୁ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। ସଭାରେ ଗବେଷକ ସତ୍ୟବାଦୀ ବଳିଆରସିଂହ ସଭାପତିତ୍ୱ କରିଥିଲେ। ସଂସଦ ସମ୍ପାଦକ କବି ନାରାୟଣ ଦାସ ସ୍ୱାଗତ ଭାଷଣ ଦେଇ କହିଲେ, ଓଡ଼ିଆ ଭାଷା ପ୍ରତି ପ୍ରତ୍ୟେକ ସ୍ତରରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ। ଭାଷା ଭିତ୍ତିରେ ପ୍ରଦେଶ ଗଠନକୁ ଇତିମଧ୍ୟରେ ୮୯ବର୍ଷ ବିତିଲାଣି। ବାରମ୍ବାର ଦାବି ସତ୍ତ୍ୱେ ସରକାରୀ ସ୍ତରରେ ଏହାର ପ୍ରଚଳନ ହୋଇପାରିନାହିଁ। ଭାଷା ସୁରକ୍ଷା ସମ୍ମିଳନୀର ଜିଲା କାର୍ଯ୍ୟକାରୀ ସଭାପତି ରାଜ କିଶୋର ପାଣିଗ୍ରାହୀ କହିଲେ, ଗାନ୍ଧିଜୀ ମାତୃଭାଷା ମାଧ୍ୟମରେ ଶିକ୍ଷାଦାନ ପାଇଁ ଗୁରୁତ୍ୱ ଦେଉଥିଲେ। ବୈଜ୍ଞାନିକ ସତ୍ୟେନ୍ ବୋଷ ବିଜ୍ଞାନ ବିଷୟକୁ ମାତୃଭାଷା ମାଧ୍ୟମରେ ପଢ଼ାଯିବା ଉପରେ ଗୁରୁତ୍ୱ ଦେଇଥିଲେ। ଶାସ୍ତ୍ରୀୟ ମାନ୍ୟତା ସତ୍ତ୍ୱେ ଓଡ଼ିଶାରେ ସରକାରୀ ସ୍ତରରେ ଏ ଭାଷା ପ୍ରତି ଆଦର ନାହିଁ ବୋଲି ମତ ପ୍ରକାଶ ପାଇଛି।

ଅନ୍ୟମାନଙ୍କ ମଧ୍ୟରେ ଡ. ଶରତଚନ୍ଦ୍ର ମହାପାତ୍ର, ଡ. ପ୍ରମୋଦ ଚନ୍ଦ୍ର ଦାଶ, ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସ, ଡ.ବୃନ୍ଦାବନ ପଣ୍ଡା, ଡ.ସୁରେଶ ଚନ୍ଦ୍ର ଛୋଟରାୟ, ସୁନୀଲ ବୋଷ, ସମରେନ୍ଦ୍ର ବଳିଆରସିଂହ, ଶିକ୍ଷାବିତ୍ ଜବାହାରଲାଲ ସୁବୁଦ୍ଧି, ସମରଜିତ୍ ପଟ୍ଟନାୟକ, ବିଦ୍ୟାଧର ଲେଙ୍କା, ଜ୍ଞାନରଞ୍ଜନ ଦାଶ, ଶାନ୍ତିଲତା ଦେବୀ, ଡ. ନିଳାଦ୍ରୀ ନାଥ ଜଗଦ୍ଦେବ, ସୌଦାମିନି ପଟ୍ଟନାୟକ, ବଂଶୀଧର ଦାସ, ନଳିନୀ ଦାସ, ଜ୍ୟୋସ୍ନାରାଣୀ ମହାରଣା ପ୍ରମୁଖ ବିଶ୍ୱ ମାତୃଭାଷାର ଦିବସ ପାଳନ ସମ୍ପର୍କରେ ଆଲୋକପାତ କରିଥିଲେ। କବି ଗୋବିନ୍ଦ ଚନ୍ଦ୍ର ମହାରଣାଙ୍କ ଅଧ୍ୟକ୍ଷତା ଏବଂ ଦିବ୍ୟଲୋଚନ ଭାରିମଲ୍ଲ, ଡ. ଚପଳା କୁମାରୀ ପଣ୍ଡା ଓ ଜ୍ୟୋତିପ୍ରଭା ପଟ୍ଟନାୟକଙ୍କ ସଂଯୋଜନାରେ କବିତା ପାଠୋତ୍ସବ ହୋଇଥିଲା । ଗୋବିନ୍ଦ ଚନ୍ଦ୍ର ମହାରଣାଙ୍କ ୧୬ଟି ଭିନ୍ନ ସ୍ୱାଦର କ୍ଷୁଦ୍ର ଗଳ୍ପକୁ ନେଇ 'ଭିନ୍ନ ପଥରେ ଯାତ୍ରୀ' ଶୀର୍ଷକ ଏକ ପୁସ୍ତକ ଉନ୍ମୋଚିତ ହୋଇଥିଲା । କୈଳାସ ଚନ୍ଦ୍ର ପୃଷ୍ଟି ଅତିଥି ପରିଚୟ, ପ୍ରଫୁଲ୍ଲ ଦାସ, ଇତିଶ୍ରୀ ସାହୁ, ଜ୍ୟୋତିରଞ୍ଜନ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




କୋଣାର୍କ ସାହିତ୍ୟ ସଂସଦ ପକ୍ଷରୁ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳନ ଅବସରରେ ଉପସ୍ଥିତ ଅତିଥି।

# ବୋନ୍‌ମ୍ୟାରୋ ଚିକିତ୍ସା ପାଇଁ ଅର୍ଥ ବାଧକ

**ସହାୟତା ପାଇଁ ଅସହାୟ ବାପାର ଆକୁଳ ନିବେଦନ**

ଭୁବନେଶ୍ୱର,୨୧।୨ (ଅଭୟ ଦାଶ)

ପୁଅ ବୋନ୍‌ମ୍ୟାରୋ କ୍ୟାନ୍‌ସରେ ପୀଡ଼ିତ। ଅଧିକ ଚିକିତ୍ସା ପାଇଁ ଭୁବନେଶ୍ୱର ଏମ୍‌ସର ଡାକ୍ତର ଦିଲ୍ଲୀ ଏମ୍‌ସ ନେବାକୁ ପରାମର୍ଶ ଦେଇଛନ୍ତି। ଏଥିପାଇଁ ଅଧିକ ଅର୍ଥ ଆବଶ୍ୟକ। ହେଲେ ପାଖରେ ଫୁଟି କଉଡ଼ିଟିଏ ମଧ୍ୟ ଆଉ ନାହିଁ। ତେଣୁ କୌଣସି ଅନୁଷ୍ଠାନ ବା ବଦାନ୍ୟ ବ୍ୟକ୍ତି ଆର୍ଥିକ ସହଯୋଗ କରିବାକୁ ଆକୁଳ ନିବେଦନ କରିଛନ୍ତି ଜଣେ ବାପା। ସାହିରୁ ସହର ପର୍ଯ୍ୟନ୍ତ ଅସହାୟ ବାପା ବାରଦୁଆର ହେଉଛନ୍ତି।

ଉଲ୍ଲେଖଯୋଗ୍ୟ, ଖୋର୍ଦ୍ଧା ଜିଲାର ଜଟଣୀ ବଜାର ନିକଟସ୍ଥ ଗୋଡ଼ା ଧର୍ମସାଗରର ରମେଶ ଚନ୍ଦ୍ର ଚମ୍ପତି ଅଟୋ ଚଳାଇ ପରିବାର ପ୍ରତିପୋଷଣ କରନ୍ତି। ହେଲେ ତାଙ୍କର ୧୦ବର୍ଷର ପୁଅ ସାଇରାମ ଏବେ ରକ୍ତ କର୍କଟ ରୋଗରେ ପୀଡ଼ିତ ହୋଇ ଭୁବନେଶ୍ୱର ଏମ୍ସରେ ଚିକିତ୍ସିତ ହେଉଛି। ପୁଅର ଜଟିଳ ଚିକିତ୍ସା ବୋନମ୍ୟାରୋ ପ୍ରତିରୋପଣ ପାଇଁ ଲକ୍ଷାଧିକ ଟଙ୍କାର ଆବଶ୍ୟକତା ରହିଛି। ଯଥାଶୀଘ୍ର ଦିଲ୍ଲୀ ଏମ୍ସରେ ବୋନମ୍ୟାରୋ ଚିକିତ୍ସା କରାଗଲେ ସୁଫଳ ମିଳିପାରିବ




ବୋଲି ସାଇରାମଙ୍କୁ ଚିକିତ୍ସା କରୁଥିବା ଚିକିତ୍ସକମାନେ ରମେଶଙ୍କୁ କହିଛନ୍ତି। ତେଣୁ ଆଉକିଛି ଉପାୟ ନ ପାଇଁ ରମେଶ ପୁଅର ଚିକିତ୍ସା ପାଇଁ ରାଜ୍ୟବାସୀ ଓ ବଦାନ୍ୟ ବ୍ୟକ୍ତିଙ୍କୁ ଆର୍ଥିକ ସହାୟତା ମାଗିଛନ୍ତି। ଅସହାୟ ରମେଶଙ୍କୁ ସହାୟତା କରିବାକୁ ଇଚ୍ଛୁକ ବ୍ୟକ୍ତି ବିଶେଷ ଫେଡେରାଲର ବ୍ୟାଙ୍କର ଖାତା ନଂ.୨୦୦୧୦ ୧୦୦୦୪ ୭୨୪୫, ଆଇଏଫ୍‌ଏସ୍‌ସି କୋଡ୍-ଏଫଡିଆର୍‌ଏଲ୍‌୦୦୦୨୦୦୧ କିମ୍ବା ଫୋନ ପେ' ନଂ ୯୪୩୮୩୦୮୯୩୨ରେ ଆର୍ଥିକ ସହାୟତା ସହ ମୋବାଇଲ ନଂ. ୮୯୧୭୫୪୦୩୫୨ରେ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି।

# ମା' ମଙ୍ଗଳା କ୍ରିକେଟ ଟୁର୍ନାମେଣ୍ଟ: ଜରିପଡ଼ା ଚାମ୍ପିୟନ



ଅତିଥିଙ୍କ ଗହଣରେ ଖେଳାଳିମାନେ।

ଖୋର୍ଦ୍ଧା/ଟାଙ୍ଗୀ/ନିରାକାରପୁର,୨୧।୨( ପ୍ରଭାତ ପାଣିଗ୍ରାହୀ/ ରଘୁନାଥ ସାହୁ/ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଉପକଣ୍ଠ ଉଜଳା ଗୋପୀନାଥପୁର ଖେଳ ପଡ଼ିଆରେ ଚାଲିଥିବା ମା' ମଙ୍ଗଳା କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଉଜଳା ଗୋପୀନାଥପୁର ବନାମ ଜରିପଡା ପରସ୍ପରକୁ ଭେଟିଥିଲେ। ଟସ୍ ଜିତି ଜରିପଡ଼ା ଦଳ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୫ ଉଇକେଟ ହରାଇ ୧୩୭ ରନ ସଂଗ୍ରହ କରିଥିଲା। ଜବାବରେ ଉଜଳା ଗୋପୀନାଥପୁର ଦଳ ୧୪ ଓଭରରେ ସମସ୍ତ ଉଇକେଟ ହରାଇ ୭୫ରନ ସଂଗ୍ରହ କରି ପରାସ୍ତ ହୋଇଥିଲା। ୬୨ ରନ ବ୍ୟବଧାନରେ ଜରିପଡ଼ା ଚାମ୍ପିୟନ ହୋଇଥିଲା। ସାନୁଜ ପରିଡା ମ୍ୟାନ ଅଫ ଦି ସିରିଜ ବିବେଚିତ ହୋଇଥିଲେ। ରଞ୍ଜିତ ପରିଡା ଓ ବିଭୁତି ଭୂଷଣ ସାମନ୍ତରାୟ ଖେଳ ପରିଚାଳନା କରିଥିଲେ। ନିରଞ୍ଜନ ପ୍ରଧାନ, ବିକାଶ ପରିଡା ଓ ସଞ୍ଜୁ ପରିଡା ସହଯୋଗ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ବିଜୁ ମହିଳା ଜନତା ଦଳର ଉପସଭାପତି ବାସନ୍ତୀ ମହାପାତ୍ର ମୁଖ୍ୟ ଅତିଥି, ପ୍ରଭାକର ରଉତରାୟ ଏବଂ ସୂର୍ଯ୍ୟମଣି ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଉଭୟ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ସହ ଅର୍ଥରାଶି ପ୍ରଦାନ କରାଯାଇଥିଲା।

# ଚନ୍ଦ୍ରମାପାଟପୁରରେ ଅଭିଲେଖଯୁକ୍ତ ବୀରଶିଳା ଚିହ୍ନଟ

ଖୋର୍ଦ୍ଧା,୨୧।୨ (ପ୍ରଭାତ ପାଣିଗ୍ରାହୀ)

ଯୁଦ୍ଧରେ ଉଲ୍ଲେଖନୀୟ ବୀରତ୍ୱ ପ୍ରଦର୍ଶନ କରିଥିବା ଅଥବା ଯୁଦ୍ଧ କରି ପ୍ରାଣବଳି ଦେଇଥିବା ମହାନ ବୀରମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ମଧ୍ୟଯୁଗୀୟ ସମୟରେ ବୀରଶିଳା (ହିରୋଷ୍ଟୋନ) ସ୍ଥାପନ କରାଯାଉଥିଲା। ଭାରତର ବିଭିନ୍ନ ସ୍ଥାନରେ ଏପରି ବୀରଶିଳା ଦେଖିବାକୁ ମିଳୁଥିବାବେଳେ ଓଡ଼ିଶାରେ ପ୍ରାୟ ଭୌମ ବଂଶର ରାଜତ୍ୱ ସମୟ (୯ମ ଶତାବ୍ଦୀ) ଠାରୁ ଆରମ୍ଭ କରି ବ୍ରିଟିଶ ଶାସନ କାଳ (୧୯ଶ ଶତାବ୍ଦୀ) ପର୍ଯ୍ୟନ୍ତ ପ୍ରତିଷ୍ଠିତ ଅନେକ ବୀରଶିଳା ପରିଲକ୍ଷିତ ହୋଇଥାଏ। ଏସବୁ ଓଡ଼ିଶା ସାମରିକ ଇତିହାସର ଗୌରବମୟ ଅଧ୍ୟାୟର ପରିଚୟ ବହନ କରେ। ବୀରଶିଳା ସାଧାରଣତଃ କୌଣସି ଅସ୍ତ୍ରଶସ୍ତ୍ରଧାରୀ ବୀରଙ୍କୁ ଯୁଦ୍ଧ କରୁଥିବା ଭଙ୍ଗୀ ଅଥବା ନିଜ ଆରାଧ୍ୟ ଦେବତାଙ୍କୁ ପୂଜା କରୁଥିବା ଦୃଶ୍ୟରେ ଦେଖିବାକୁ ମିଳିଥାଏ। କେତେକ ବୀରଶିଳା ଅଭିଲେଖଯୁକ୍ତ ହୋଇଥାନ୍ତି, ଏପରି କ୍ଷେତ୍ରରେ ବୀରଙ୍କ ସମ୍ପର୍କରେ ସମ୍ୟକ ପରିଚୟ ମିଳିପାରିଥାଏ। ନିକଟରେ 'କଳିଙ୍ଗ ଏପିଗ୍ରାଫିକାଲ ରିସର୍ଚ୍ଚ ଗ୍ରୁପ୍' ପକ୍ଷରୁ ଚାଲିଥିବା ଓଡ଼ିଶାର ପ୍ରାଚୀନ ଅଭିଲେଖ ସମ୍ପର୍କିତ ଅନୁସନ୍ଧାନ ସମୟରେ ଐତିହ୍ୟ ଗବେଷକ ଦୀପକ କୁମାର ନାୟକ ଏବଂ ମିହିର ବାହିନୀପତି ଖୋର୍ଦ୍ଧା ଜିଲା ସଦର ବ୍ଲକ ଅନ୍ତର୍ଗତ ଚନ୍ଦ୍ରମାପାଟପୁର ଶାସନ ଗ୍ରାମରେ ପ୍ରାଚୀନ ଐତିହାସିକ କୀର୍ତ୍ତିରାଜି ଅଭିଲେଖଯୁକ୍ତ ବୀରଶିଳା ଚିହ୍ନଟ କରିଛନ୍ତି।

କଳିଙ୍ଗ ଏପିଗ୍ରାଫିକାଲ ରିସର୍ଚ୍ଚ ଗ୍ରୁପ୍‌ର ସଦସ୍ୟ ଦୀପକ କୁମାର ନାୟକ କହିଛନ୍ତି, ଚନ୍ଦ୍ରମାପାଟପୁର ଗ୍ରାମର ଭୈରବୀ ମନ୍ଦିର ନିକଟରେ ଏହି ବୀରଶିଳା ଅବହେଳିତ ଅବସ୍ଥାରେ ଦେଖିବାକୁ ମିଳିଥିଲା। ସେଥିରେ ଗଜାରୋହୀ ବୀରଙ୍କ ଚିତ୍ର ଅଙ୍କିତ ହୋଇଛି। ଏହି ବୀରଙ୍କ ଧନୁରୁ ପ୍ରେରିତ ତୀର ଏକ ଶତ୍ରୁ ସୈନ୍ୟଙ୍କୁ ବିଦ୍ଧ କରୁଛି। ମୂର୍ତ୍ତି ନିମ୍ନଭାଗରେ କେତେଜଣ ଅଶ୍ୱାରୋହୀ ସୈନିକଙ୍କ ଯୁଦ୍ଧଯାତ୍ରାର ଛବି ରହିଛି। ବୀରଶିଳା ଉପରି ଭାଗରେ ତିନି ଧାଡ଼ିର ଅଭିଲେଖ ଦେଖିବାକୁ ମିଳୁଛି। ଏହି ଅଭିଲେଖ ପ୍ରାୟ ୧୧ଶହ କିମ୍ବା ୧୨ଶହ ଶତାବ୍ଦୀରେ କଳିଙ୍ଗୋତ୍କଳରେ ବ୍ୟବହୃତ ଓଡ୍ର ନାଗରୀ ଲିପି ଓ ସଂସ୍କୃତ ଭାଷାରେ ଉତ୍କୀର୍ଣ୍ଣ ହୋଇଛି ବୋଲି ନାୟକ କହିଛନ୍ତି। ଅଭିଲେଖର କିଛି

**ଗୌରବମୟ ସାମରିକ ଐତିହ୍ୟର ମୂକସାକ୍ଷୀ**



ଅଂଶ ଖରାବର୍ଷା ମାଡ଼ ଓ ଚୂନ ପ୍ରଲେପ ଯୋଗୁ ନଷ୍ଟ ହୋଇଯାଇଥିଲେ ମଧ୍ୟ କେତେକ ଶବ୍ଦ ବାରି ହୋଇଥିଲା। ପ୍ରଥମ ଧାଡ଼ିରେ ଶ୍ରୀରାଣକ ଶୀୟ ଦାସଃ, ଦ୍ୱିତୀୟ ଧାଡ଼ିରେ ବ୍ରହ୍ମ ସନ୍ନିପାତାୟାନିଂ ଏବଂ ୩ୟ ଧାଡ଼ିରେ ହସ୍ତିଭାଗତି ଯମଂ ଧର୍ମୋରାହୋ ଉଲ୍ଲେଖ ରହିଛି। ଏଥିରୁ ଏହା ଅନୁମାନ କରାଯାଇପାରେ ଯେ, ରାଣକ (ସେନାପତି) ଶୀୟ ଦାସ ନାମକ ଗଜାରୋହୀ ଯୋଦ୍ଧା ଯୁଦ୍ଧରେ ଅନେକ ଶତ୍ରୁଙ୍କୁ ବିନାଶ କରିଥିଲେ ଓ ସେ ଜଣେ ଧର୍ମଚାରୀ ବୀର ଥିଲେ।

କଳିଙ୍ଗ ଏପିଗ୍ରାଫିକାଲ ରିସର୍ଚ୍ଚ ଗ୍ରୁପ୍‌ର ସଦସ୍ୟ ମିହିର ବାହିନୀପତିଙ୍କ ମତରେ ନିରାକାରପୁର ଓ ଏହାର ଆଖପାଖ ଅଞ୍ଚଳ ଯଥା- ମାଳିସାହି, ଗଡ଼ଖୋରଧା ତିପୁରୀ, ମୁଗପଦର ଆଦି ସ୍ଥାନରେ ଏପରି ଅନେକ ବୀରଶିଳା ସବୁ ବିକ୍ଷିପ୍ତ ଭାବରେ ପଡ଼ିରହିଛି। ଏସବୁ କଳିଙ୍ଗନଗର ଗଙ୍ଗବଂଶର ରାଜା ଦେବେନ୍ଦ୍ର ବର୍ମା ରାଜରାଜ (ଚୋଡ଼ଗଙ୍ଗ ଦେବଙ୍କ ପିତା)ଙ୍କ ଉତ୍କଳ ଅଭିଯାନ ସମୟର ସାମରିକ ସଂଘର୍ଷର ପ୍ରତିଫଳନ ହୋଇପାରେ। ଏଠାରେ ଉଲ୍ଲେଖଯୋଗ୍ୟ, କିଛି ଦଶନ୍ଧି ପୂର୍ବେ ଚନ୍ଦ୍ରମାପାଟପୁର ନିକଟବର୍ତ୍ତୀ ନିରାକାରପୁରରୁ ରାଜରାଜ ଦେବଙ୍କ ପ୍ରଧାନ ରାଜପ୍ରତିନିଧି ଉଦୟ ଖେଦିଙ୍କ ଶାସନର ଏକ ତାମ୍ର ଫଳକ ମିଳିଥିଲା। ତେବେ ଏହି ବୀରଙ୍କ ବିଷୟରେ ଠିକ ଇତିହାସ ଆକଳନ କରିବା ପାଇଁ ଅଧିକ ଗବେଷଣାର ଆବଶ୍ୟକତା ରହିଛି। ପୁରୀ-ଖୋର୍ଦ୍ଧା ଜିଲା ସୀମାନ୍ତ ଅଞ୍ଚଳ ତଥା ଚିଲିକା ହ୍ରଦ ତଟବର୍ତ୍ତୀ ଗ୍ରାମଗୁଡ଼ିକରୁ ମିଳୁଥିବା ଏସବୁ ପୁରାତନ ବୀରଶିଳା ସମୂହ ଓଡ଼ିଶାର ଗୌରବମୟ ସାମରିକ ଐତିହ୍ୟର ମୂକସାକ୍ଷୀ। ସ୍ଥାନୀୟ ଅଞ୍ଚଳରେ ଏକ ସଂଗ୍ରହାଳୟ ପ୍ରତିଷ୍ଠା କରି ଏସବୁ ବୀରଶିଳାଗୁଡ଼ିକ ଏକତ୍ର ରଖାଯାଇପାରିଲେ ଏହାର ଐତିହାସିକ ଗୁରୁତ୍ୱ ଲୋକେ ହୃଦୟଙ୍ଗମ କରିପାରନ୍ତେ ବୋଲି ଗବେଷକମାନେ କହିଛନ୍ତି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୧।୨।୨୦୨୪

| | |
|---|---|
| ୭,୭୦,୯୨୩ ଟଙ୍କା | |
| ସୁନା | ୫.୧୦୦ ଗ୍ରାମ୍ |
| ରୁପା | ୭୨.୭୦୦ ଗ୍ରାମ୍ |

# 'ଜାଗା ଆଖଡ଼ା' ସମେତ ଅନେକ ଫିଲ୍ମ ପ୍ରଦର୍ଶିତ

**ବାୟୋଫ୍ ଉତ୍ସବ ଉଦ୍‌ଘାଟିତ**

- ଦେଶ ବିଦେଶର ୬୦ ଚଳଚ୍ଚିତ୍ର ସ୍କ୍ରିନିଂ ହେବ
- ଯୋଗଦେବେ ୩୦୦ରୁ ଅଧିକ ପ୍ରତିନିଧି

ପୁରୀ,୨୧।୨(ଅଜିତ୍ ମହାନ୍ତି)

ପୁରୀର ଏକ ହୋଟେଲ ପରିସରରେ ବୁଧବାର ୨୧ତମ ବାୟୋଫ୍ (ବ୍ରିଙ୍ଗ ୟୋର ଓ୍ୱନ୍ ଫିଲ୍ମ ଫେଷ୍ଟିଭାଲ) ଉତ୍ସବର ଶୁଭାରମ୍ଭ ହୋଇଛି। ଏହା ୫ଦିନ ଧରି ଚାଲିବ। ଇରାନ୍‌ରୁ ଆସିଥିବା ନାଜ୍‌ନୀ ଫିଲ୍ମ ଫେଷ୍ଟିଭାଲର ଶୁଭାରମ୍ଭ କରିଥିଲେ। ନାଜ୍‌ନୀ କହିଛନ୍ତି, ଓଡ଼ିଶାକୁ ଆସି ଏଭଳି ଏକ କାର୍ଯ୍ୟକ୍ରମରେ ଯୋଗ ଦେବା ତାଙ୍କ ପାଇଁ ଗର୍ବର ବିଷୟ। ଏଠାରେ ପ୍ରଦର୍ଶିତ ହେବାକୁ ଥିବା ଫିଲ୍ମକୁ ଦେଖି ସେ ଭାରତୀୟ କଳା ସଂସ୍କୃତି ସମ୍ପର୍କରେ ଅଧିକ ଜ୍ଞାନ ହାସଲ କରିପାରିବେ। ସବୁବେଳେ ଘରେ କିମ୍ବା ସିନେମା ହଲ୍‌ରେ ଫିଲ୍ମ ଦେଖିଥିବା ବେଳେ ଏଠି ତାଙ୍କୁ ନୂଆ ଅନୁଭୂତି ମିଳିବ ବୋଲି ସେ କହିଛନ୍ତି। ଉତ୍ସବ ପ୍ରାରମ୍ଭରେ ଜାତୀୟ ପୁରସ୍କାରପ୍ରାପ୍ତ ନିର୍ଦ୍ଦେଶକ ଆଶୁତୋଷ ପଟ୍ଟନାୟକଙ୍କ ଫିଲ୍ମ 'ଜାଗା ଆଖଡ଼ା' ପ୍ରଦର୍ଶିତ ହୋଇଥିଲା। ଏହି ଫିଲ୍ମରେ ପୁରୀର ଅଦ୍ୱିତୀୟ ଜାଗା ଆଖଡ଼ା ସଂସ୍କୃତିକୁ ବର୍ଣ୍ଣନା କରାଯାଇଛି।



ବ୍ରିଙ୍ଗ ୟୋର ଓ୍ୱନ୍ ଫିଲ୍ମ ଫେଷ୍ଟିଭାଲ ଉତ୍ସବକୁ ଅତିଥି ଉଦ୍‌ଘାଟନ କରୁଛନ୍ତି ।

ଉପସ୍ଥିତ ଦର୍ଶକ ଫିଲ୍ମକୁ ପ୍ରଶଂସା କରିବା ସହ ଅନେକ ନୂଆ ତଥ୍ୟ ଜାଣିବାକୁ ପାଇଥିବା ସେ କହିଥିଲେ। ପରେ ପରେ ଫିଲ୍ମ ହିଟ୍, ଦିଲ୍ଲୀ ଏନ୍‌ସିଆ ଫୋକ୍‌ଲୋର୍, ତାକତ୍ କି ଫୋକ୍‌ଲୋର, ପାଓ୍ୱାର ଫର୍ ଅଲ୍ ଏବଂ ସାଙ୍କି ଦାରୋଗା ପ୍ରଦର୍ଶନ କରାଯାଇଥିଲା। ଏହି ଉତ୍ସବ ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ଦେଶ ଓ ବିଦେଶର ୬୦ଟି ଚଳଚ୍ଚିତ୍ର ସ୍କ୍ରିନିଂ ହେବ। ଏଥିସହ ଦେଶ ବିଦେଶରୁ ୩୦୦ରୁ ଅଧିକ ପ୍ରତିନିଧି ଯୋଗ ଦେବେ। ଏହି ଫେଷ୍ଟିଭାଲର ବିଶେଷତ୍ୱ ହେଲା ଏଥିରେ କୌଣସି ମନୋନୟନ, ଜୁରି କିମ୍ବା ପୁରସ୍କାର ନାହିଁ। ଅଭିଜ୍ଞ ଓ ଯୁବ ଫିଲ୍ମ ନିର୍ମାତା ଏବଂ ପ୍ରଯୋଜକଙ୍କ ସମାହାର ଏହି ଫିଲ୍ମ ମହୋତ୍ସବରେ ଦେଖିବାକୁ ମିଳିଥାଏ। ନିଜ ଅଞ୍ଚଳର କଳା, ସଂସ୍କୃତି, ପରମ୍ପରା, ଭାଷା, ଚାଲିଚଳଣି, ଉତ୍ସବ ଓ ପର୍ବପର୍ବାଣୀ ତଥା ସମାଜରେ ଘଟୁଥିବା ଘଟଣାବଳୀ ଓ ପ୍ରସଙ୍ଗଙ୍କୁ ନେଇ ପ୍ରସ୍ତୁତ ହୋଇଥିବା କ୍ଷୁଦ୍ର, ପ୍ରାମାଣିକ ଓ ଡକୁମେଣ୍ଟାରି ଏହି ଉତ୍ସବରେ ପ୍ରଦର୍ଶନ ହେବ। ବିଶେଷକରି ଯୁବ ନିର୍ମାତା, ପ୍ରଯୋଜକ ଓ ଚଳଚ୍ଚିତ୍ର ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ରଙ୍କୁ ଖୋଲା ମଞ୍ଚରେ ସୁଯୋଗ ଦେବା ପାଇଁ ୨୧ ବର୍ଷ ତଳେ ବାୟୋଫ୍ ବା ବ୍ରିଙ୍ଗ ୟୋର୍ ଓ୍ୱନ୍ ଫିଲ୍ମ ଫେଷ୍ଟିଭାଲ ପରିକଳ୍ପନା କରାଯାଇଥିଲା।

ଉତ୍ସବ ଆରମ୍ଭ ପୂର୍ବରୁ ଆୟୋଜକ ମାନଙ୍କ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ବାୟୋଫ୍ କନ୍‌ଭେନର ସୁଶାନ୍ତ ମିଶ୍ର, ଆୟୋଜକ ରବିନ୍ଦ୍ର କିଶୋର ସାହୁ, ବାୟୋଫ୍‌ର ହେଡ୍ ଆଡ୍‌ମିନ୍ ରବିନ୍ଦ୍ର କିଶୋର ସାହୁ ଏବଂ ଓଟିଭି ଡିଜିଟାଲ ଗ୍ରୁପ୍ ମୁଖ୍ୟ ଲିପିସା ମଙ୍ଗତ ପଣ୍ଡା ପ୍ରମୁଖ ସୂଚନା ଦେଇ କହିଥିଲେ ଯେ, ୨୦ ବର୍ଷ ଧରି ସଫଳତାର ସହ ବାୟୋଫ ଅନୁଷ୍ଠିତ ହୋଇଆସୁଛି। ପ୍ରତ୍ୟେକ ଥର ନବାଗତ ଓ ଅଭିଜ୍ଞ ସିନେ ନିର୍ମାତା ଏଠାରେ ଚଳଚ୍ଚିତ୍ର ପ୍ରଦର୍ଶନ କରିବାର ସୁଯୋଗ ପାଉଛନ୍ତି। ଫିଲ୍ମ ନିର୍ମାତା ପରସ୍ପରକୁ ଭେଟି ନିଜ ଅନୁଭୂତି ଓ ଅଭିଜ୍ଞତା ପରସ୍ପର ସହ ବାଣ୍ଟିପାରୁଛନ୍ତି। ଚଳିତ ବର୍ଷ ବାୟୋଫ୍ ସହ ରାଜ୍ୟର ପ୍ରଥମ ଓଟିଟି ପ୍ଲାଟଫର୍ମ ତରଙ୍ଗ ପ୍ଲସ୍ ଯୋଡ଼ି ହୋଇଛି। ଏଣୁ ଫିଲ୍ମ ନିର୍ମାତାଙ୍କୁ ଏହା ଅଧିକରୁ ଅଧିକ ସୁଯୋଗ ମିଳିବ ବୋଲି ଆଶା କରାଯାଉଛି। ତେବେ ସନ୍, ସ୍ୟାଣ୍ଡ ଆଣ୍ଡ ସ୍କ୍ରିନ ଏଭଳି ଏକ ଅଭିନବ ପ୍ରୟାସ ଜାରି ରଖିଛି ବାୟୋଫ୍ କମିଟି।

## ସଂକ୍ଷେପରେ

### ଜୀବେ ନିଷ୍ଠୁରତା ନିରୋଧ ଆଇନରେ ଜରିମାନା ଆଦାୟ

ନିମାପଡ଼ା,୨୧।୨(ରଞ୍ଜନ ପଟ୍ଟନାୟକ):

ନିମାପଡ଼ାଠାରେ ପୁରୀ ଜିଲା ଜୀବେ ନିରୋଧ ସମିତି ପକ୍ଷରୁ ଏକ ଭ୍ରାମ୍ୟମାଣ ଅଦାଲତ ବୁଧବାର ଅନୁଷ୍ଠିତ ହୋଇଯାଇଛି। କାକଟପୁର, ଅସ୍ତରଙ୍ଗ, ଗୋପ ଏବଂ ନିମାପଡ଼ା ବ୍ଲକର ୬୬ଜଣ ବ୍ୟକ୍ତିବିଶେଷଙ୍କୁ ନିମାପଡ଼ା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ବ୍ରିଜେଶ ମିଶ୍ର ଅଦାଲତ ଜୀବ ନିଷ୍ଠୁରତା ନିରୋଧ ଆଇନ ବଳରେ ଦୋଷୀ ସାବ୍ୟସ୍ତ କରି ୧୦ ହଜାର ୩୫୦ ଟଙ୍କା ଜରିମାନା ଆଦାୟ କରିଛନ୍ତି। ଜୀବ ନିଷ୍ଠୁରତା ନିରୋଧ ସମିତି ଜିଲା ସମ୍ପାଦକ ବେହେରାଙ୍କ ପରାମର୍ଶକ୍ରମେ ଇନ୍ସପେକ୍ଟର ନୀହାର ରଞ୍ଜନ ମାନସିଂ ଦୋଷୀଙ୍କ ବିରୋଧରେ ମାମଲା ରୁଜୁ କରିଥିଲେ।

### ପ୍ରଫେସର ସୁଦର୍ଶନ ପୋଥାଲଙ୍କୁ ମୁଖ୍ୟମନ୍ତ୍ରୀ ପୁରସ୍କାର

ପୁରୀ,୨୧।୨(ଅଜିତ୍ ମହାନ୍ତି)

ରାଜ୍ୟବାସୀଙ୍କୁ ଉତ୍କୃଷ୍ଟ ସ୍ୱାସ୍ଥ୍ୟସେବା ପ୍ରଦାନ ନିମନ୍ତେ ପୁରୀରେ କାର୍ଯ୍ୟରତ ବିଶିଷ୍ଟ ଯକ୍ଷ୍ମା ଓ ଶ୍ୱାସରୋଗ ବିଶେଷଜ୍ଞ ପ୍ରଫେସର ସୁଦର୍ଶନ ପୋଥାଲଙ୍କୁ ୨୦୨୦-୨୧ ଓ ୨୧-୨୨ ବର୍ଷ ପାଇଁ ସମ୍ମାନଜନକ ମୁଖ୍ୟମନ୍ତ୍ରୀ ପୁରସ୍କାର ପ୍ରଦାନ କରାଯାଇଛି। ଗତ ୧୩ତାରିଖରେ ଭୁବନେଶ୍ୱରରେ ଆୟୋଜିତ ଏକ ସମାରୋହରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଫେସର ପୋଥାଲଙ୍କ ସମେତ ଅନ୍ୟାନ୍ୟ ବିଭାଗର ବରିଷ୍ଠ ଚିକିତ୍ସକମାନଙ୍କୁ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ଡାକ୍ତର ପୋଥାଲ ସମ୍ପ୍ରତି ଶ୍ରୀଜଗନ୍ନାଥ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟର ଶ୍ୱାସରୋଗ ବିଭାଗ ମୁଖ୍ୟ ଭାବେ ଦାୟିତ୍ୱ ନିର୍ବାହ କରୁଥିବା ସହ ରେଡକ୍ରସ ରୋଡ୍‌ସ୍ଥିତ ଯକ୍ଷ୍ମା ଓ ସଂକ୍ରାମକ ରୋଗ ଚିକିତ୍ସାଳୟଠାରେ ରୋଗୀସେବା କରୁଛନ୍ତି। ଏଥିପୂର୍ବରୁ ସେ ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ଭେଷଜ ବିଜ୍ଞାନ ଗବେଷଣା ପ୍ରତିଷ୍ଠାନ ସହିତ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଉଚ୍ଚମାନର ସ୍ୱାସ୍ଥ୍ୟସେବା ପ୍ରଦାନ କରି ପ୍ରଶଂସିତ ହୋଇଛନ୍ତି। କୋଭିଡ୍ ମହାମାରୀ ସମୟରେ ପ୍ରଫେସର ପୋଥାଲ ସେବା ଦ୍ୱାରା ଅନେକ ଜୀବନ ବଞ୍ଚାଇବାରେ ସହାୟକ ହୋଇଥିଲେ। ନିଜର ବ୍ୟକ୍ତିତ୍ୱ, ଗବେଷଣାଲବ୍ଧ ଜ୍ଞାନ ଏବଂ ରୋଗୀଙ୍କ ପ୍ରତି ଦରଦି ମନୋଭାବ ଯୋଗୁ ସମଗ୍ର ଓଡ଼ିଶାରେ ତାଙ୍କର ଆଦର ଓ ପ୍ରଶଂସା ରହିଛି। ଡାକ୍ତର ପୋଥାଲଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

### ମାଟ୍ରିକ୍ ପରୀକ୍ଷା ସମୟରେ ବିଶୃଙ୍ଖଳା ସୃଷ୍ଟି ଅଭିଯୋଗ

ପ୍ରଧାନଶିକ୍ଷୟିତ୍ରୀ ଥାନାର ଦ୍ୱାରସ୍ଥ

ପୁରୀ, ୨୧।୨(ଅଜିତ୍ ମହାନ୍ତି)

ବିଶ୍ୱମ୍ଭର ବିଦ୍ୟାପୀଠରେ ଚଳିତ ବର୍ଷ ମାଟ୍ରିକ ପରୀକ୍ଷା କେନ୍ଦ୍ର ହୋଇଛି। ଏଠାରେ ପରୀକ୍ଷା ଚାଲିଛି। ତେବେ ପରୀକ୍ଷା ସମୟରେ କେତେକ ଅସାମାଜିକ ବ୍ୟକ୍ତି କ୍ୟାମ୍ପସ ପରିସରରେ ପଶି ବିଶୃଙ୍ଖଳା ସୃଷ୍ଟି କରିବା ସହ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରି ପରୀକ୍ଷାରେ ବାଧା ଦେଉଥିବା ଅଭିଯୋଗ ହେଉଛି। ଏ ନେଇ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଟାଉନ ଥାନାର ଦ୍ୱାରସ୍ଥ ହେବା ସହ ଜିଲାପାଳ ଏବଂ ବିଭାଗୀୟ ଉଚ୍ଚ ଅଧିକାରୀଙ୍କୁ ଜଣାଇଛନ୍ତି। ୨୦ ତାରିଖରେ ପରୀକ୍ଷା ଚାଲିଥିବା ବେଳେ ବିଦ୍ୟାଳୟ ଫାଟକ ବନ୍ଦ ରହିଥିଲା। ତେବେ ପରିବାର ସଦସ୍ୟମାନେ ବାରମ୍ବାର ବାହାରକୁ ଯାଇ କ୍ୟାମ୍ପସକୁ ଆସୁଥିଲେ। ଏହାକୁ ସ୍କୁଲ କର୍ମଚାରୀ ବିରୋଧ କରିବାରୁ ପରିବାର ସଦସ୍ୟମାନେ ଗାଳି ଗୁଲଜ କରିବା ସହ ଧମକ ଦେଇଥିଲେ। ତେଣୁ ଅଭିଯୁକ୍ତମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ପ୍ରଧାନ ଶିକ୍ଷୟିତ୍ରୀ ଦାବି କରିଛନ୍ତି ।



ସାକ୍ଷୀଗୋପାଳଠାରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ଅନ୍ତର୍ଜାତୀୟ ମାତୃଭାଷା ଦିବସ ଅବସରରେ ବାହାରିଥିବା ଶୋଭାଯାତ୍ରା ।

## ମାତୃଭାଷା ପ୍ରତି ସମ୍ମାନ, ଭକ୍ତି ରହିବା ଆବଶ୍ୟକ

ସାକ୍ଷୀଗୋପାଳ,୨୧।୨
(ପ୍ରଶାନ୍ତ ବାରିକ୍/କିଶୋର ମହାପାତ୍ର):

ସତ୍ୟବାଦୀର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବସୁକେରା ପକ୍ଷରୁ ଅନ୍ତର୍ଜାତୀୟ ମାତୃଭାଷା ଦିବସ ବୁଧବାର ମହାସମାରୋହରେ ପାଳନ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ମଧ୍ୟରେ ମାତୃଭାଷା ଉପରେ ବକ୍ତୃତା ପ୍ରତିଯୋଗିତା କରାଯାଇଥିଲା। ପରେ ବିଦ୍ୟାଳୟ ଶତାଧିକ ଛାତ୍ରୀଛାତ୍ରଙ୍କ ସହ ଗୁରୁଜୀ ଗୁରୁମା ହାତରେ ମାତୃଭାଷା ଉପରେ ବିଭିନ୍ନ ସ୍ଲୋଗାନ ଲେଖାଥିବା ପ୍ଲାକାର୍ଡ ଧରି ବିଦ୍ୟାଳୟରୁ ଏକ ପଦଯାତ୍ରାରେ ବାହାରି ସାକ୍ଷୀଗୋପାଳ ବଜାର ପରିକ୍ରମା କରିଥିଲା। ସ୍ଥାନୀୟ ପଞ୍ଚସଖାଙ୍କ ସମାଧି ପୀଠରେ ଥିବା ସମସ୍ତ ମହାପୁରୁଷଙ୍କ ସମାଧିରେ ଛାତ୍ରୀଛାତ୍ର ଓ ଗୁରୁମା ଗୁରୁଜୀ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ପରେ ସାକ୍ଷୀଗୋପାଳ ମନ୍ଦିର ସମ୍ମୁଖରେ ଥିବା ତ୍ରିନାଥ ମଣ୍ଡପରେ ମାତୃଭାଷା ସମ୍ବନ୍ଧୀୟ ଅଭିନୟ ଓ ନୃତ୍ୟ ଛାତ୍ରୀଛାତ୍ର ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଜୟନ୍ତ ତ୍ରିପାଠୀ, କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ନବୀନ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ। ମାତୃଭାଷା ପ୍ରତି ସମ୍ମାନ ଓ ଭକ୍ତି ରହିବା ଆବଶ୍ୟକ ବୋଲି ଅନୁଷ୍ଠାନ ସଭାପତି ତ୍ରିପାଠୀ ପ୍ରଧାନ ଆଚାର୍ଯ୍ୟ ସେନାପତି ପିଲାଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟରେ ସତ୍ୟବାଦୀର ପଞ୍ଚସଖାଙ୍କ ମଧ୍ୟରୁ ମହାପୁରୁଷ ଆଚାର୍ଯ୍ୟ ହରିହର ଓ ଶ୍ରେଷ୍ଠ ଗାଥା କବିତାର ସ୍ରଷ୍ଟା ଭାବେ ପରିଚିତ ରାଧା ମୋହନ ଗଡ଼ନାୟକଙ୍କ ପବିତ୍ର ଶ୍ରାଦ୍ଧ ଦିବସ ବିଦ୍ୟାଳୟରେ ପାଳନ କରାଯାଇଥିଲା।

## ଭାଜପାର ଧାରଣା ପ୍ରତ୍ୟାହୃତ

ଗୋପ,୨୧।୨(ଭାରତୀ ଭୂଷଣ ଉପାଧ୍ୟାୟ):

ବିଜେଡି- ଭାଜପା କର୍ମୀଙ୍କ ମଧ୍ୟରେ ମାରପିଟ୍ ଘଟଣାରେ ଥାନା ନିକଟରେ ଭାଜପା ପକ୍ଷରୁ ୨ ଦିନ ଧରି ଦିଆଯାଇଥିବା ଧାରଣା ବୁଧବାର ପ୍ରତ୍ୟାହୃତ ହୋଇଛି। ସନ୍ଧ୍ୟାରେ ବିଜେଡି ଯୁବ ନେତୃତ୍ୱ ସୁକାନ୍ତ ମହାନ୍ତି, କରୁଣାକର ସାହୁ, ଗୋପ ପଞ୍ଚାୟତ ସଭାପତି ପ୍ରତାପ ପରିଡ଼ାଙ୍କ ନେତୃତ୍ୱରେ ୨୦ରୁ ଉର୍ଦ୍ଧ୍ୱ ବିଜେଡି କର୍ମୀ ଥାନାରେ ପହଞ୍ଚି ୨୨ ତାରିଖରେ ଥାନା ଘେରାଉ କରିବା ଚେତାବନୀ ଦେଇଥିଲେ। ପୋଲିସ ବୁଧବାର ରାତି ୮ଟାରେ ପହଞ୍ଚି ଧାରଣକାରୀଙ୍କୁ ବୁଝାଶୁଝା କରିଥିଲା ।

## ଆଚାର୍ଯ୍ୟ ହରିହରଙ୍କ ଜୀବନୀ ଅନୁସରଣ କରିବାକୁ ଆହ୍ୱାନ

ସାକ୍ଷୀଗୋପାଳ,୨୧।୨(ଭରତ ରାଉତ)

ସାକ୍ଷୀଗୋପାଳସ୍ଥିତ ଆଚାର୍ଯ୍ୟ ହରିହର ଶିଶୁ ଭବନ ପରିସରରେ ବୁଧବାର ୪୫ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଆଚାର୍ଯ୍ୟ ହରିହରଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ମାଲ୍ୟାର୍ପଣ କରିଥିଲେ। ମୁଖ୍ୟ ଅତିଥି ଜିଲା ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ଅଜିତ ମହାପାତ୍ର ଯୋଗ ଦେଇ ପ୍ରତିଟି ପିଲା କଠୋର ପରିଶ୍ରମ କରି ନିଜର ଲକ୍ଷ୍ୟ ହାସଲ ସହ ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ଆଚାର୍ଯ୍ୟ ହରିହରଙ୍କ



ଜୀବନୀକୁ ଅନୁସରଣ କରିବାକୁ ସେ ଆହ୍ୱାନ ଦେଇଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ ସେଠୀ, ଶିଶୁ ସୁରକ୍ଷା ୟୁନିଟ୍‌ର ଆନୁଷ୍ଠାନିକ ଯତ୍ନ ଅଧିକାରୀ ଶୁଭ ନାରାୟଣ ଶତପଥୀ ଓ ସୁନନ୍ଦା ବାହିନୀପତି ଉପସ୍ଥିତ ଥିଲେ। ଅନୁଷ୍ଠାନ ଉପସଭାପତି ବୀରେନ୍ଦ୍ର ଭୂଷଣ ହୋତା ଏଥିରେ ଅଧ୍ୟକ୍ଷତା କରିବା ସହ ଅନୁଷ୍ଠାନ ପ୍ରତିଷ୍ଠା ସମୟର କଥା, ବର୍ତ୍ତମାନର ସ୍ଥିତି ଓ ଭବିଷ୍ୟତର ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଅନୁଷ୍ଠାନରେ ୨୫ ପିଲା ରହୁଥିବାବେଳେ ୫୦ ପିଲା ରହିବା ବ୍ୟବସ୍ଥା କରିବାକୁ ଅଧ୍ୟକ୍ଷ ମହାପାତ୍ର ଆଇନ ଅନୁଯାୟୀ ପଦକ୍ଷେପ ନେବେ ବୋଲି ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନ ଅଧୀକ୍ଷକ ସୁବୋଧ ସ୍ୱାଇଁ, କାର୍ଯ୍ୟକାରୀ କମିଟି ସଦସ୍ୟ ରାଜଲକ୍ଷ୍ମୀ ଦାଶ, ବିଥିକା କର, ଅନୁଷ୍ଠାନର ଅନ୍ୟାନ୍ୟ କର୍ମକର୍ତ୍ତା, କର୍ମଚାରୀ ଓ ଅନ୍ତେବାସୀ ଯୋଗଦେଇଥିଲେ।

## ନୂଆ-ଓ ସଚେତନତା ଶିବିର

କାକଟପୁର,୨୧।୨(ଶୁଭଦର୍ଶନ ମିଶ୍ର):

କାକଟପୁର ବ୍ଲକ ଅଧୀନ କଣ୍ଟାପଡ଼ା ପଞ୍ଚାୟତରେ ନୂଆ-ଓ ସଚେତନତା ଶିବିର କାକଟପୁର ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଷ୍ଣୁ ଗୋବିନ୍ଦଙ୍କ ସଭାପତିତ୍ୱରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୁରୀ ଜିଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ ନାୟକ, ସମ୍ମାନିତ ଅତିଥି ଭାବେ ପୂର୍ବତନ ପୁରୀ ଜିଲା ପରିଷଦ ଅଧ୍ୟକ୍ଷ ଜ୍ୟୋତିର୍ମୟ ଦଳାଇ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଶ୍ରୀଧର ନାୟକ, ସରପଞ୍ଚ ରୀନା ନାୟକ, ଉପାଧ୍ୟକ୍ଷ ସନ୍ଧ୍ୟାରାଣୀ ସାହୁ, ବିଜେଡି ବ୍ଲକ ସଭାପତି ପ୍ରାଣକୃଷ୍ଣ ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ। ନବୀନ ସରକାରର କଲ୍ୟାଣମୂଳକ ଯୋଜନା ଜନହିତକର କାର୍ଯ୍ୟକ୍ରମ ଦ୍ୱାରା ବିଜେଡି କିପରି ଜନସାଧାରଣଙ୍କ ଆସ୍ଥା ଭାଜନ ହୋଇ ପାରିଛି, ତାହା ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ। କାକଟପୁର ବ୍ଲକର ୧୬ ଗୋଟି ପଞ୍ଚାୟତରେ ମୁଖ୍ୟମନ୍ତ୍ରୀଙ୍କ ବିଭିନ୍ନ ଯୋଜନାର ଭିଡିଓ କ୍ଲିପକୁ ମହିଳାମାନେ ଟିଭି ମାଧ୍ୟମରେ ଦେଖିଥିଲେ। କାର୍ଯ୍ୟକ୍ରମରେ ୧ ହଜାରରୁ ଅଧିକ ମହିଳା ଯୋଗଦେଇ ସରକାରଙ୍କ ଯୋଜନାକୁ ଭୂୟସୀ ପ୍ରଶଂସା କରିଥିଲେ।



## 'ମାତୃଭାଷା ଗୋଟିଏ ଜାତିର ପରିଚୟ'

ପୁରୀ,୨୧।୨(ଅଜିତ୍ ମହାନ୍ତି)-

କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ଶ୍ରୀସଦାଶିବ ପରିସର ଆନୁକୂଲ୍ୟରେ ନିର୍ଦ୍ଦେଶକ ପ୍ରଫେସର ଅତୁଲ କୁମାର ନନ୍ଦଙ୍କ ଅଧ୍ୟକ୍ଷତାରେ ବୁଧବାର ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ପ୍ରଫେସର କେ.ଭି.ସୋମୟାଜୁଲୁଙ୍କ ଦ୍ୱାରା ପବିତ୍ର ବେଦଧ୍ୱନିରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ମିହିର ପ୍ରସାଦ ମିଶ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ବଦ୍ରିନାଥ ମିଶ୍ର, ମୁଖ୍ୟ ବକ୍ତା ଭାବେ ଶିକ୍ଷାବିତ ପ୍ରଫେସର ଦୁର୍ଗାପ୍ରସାଦ ଦାସ ମହାପାତ୍ର ମଞ୍ଚାସୀନ ଥିଲେ। ମାତୃଭାଷା ଗୋଟିଏ ଜାତିର ପରିଚୟ। ଯାହାର ମାତୃଭାଷା ଯେତେ ସମୃଦ୍ଧ ସେ ଜାତି ସେତେ ସବଳ ବୋଲି ଅତିଥିମାନେ କହିଥିଲେ। ଆଧୁନିକ ବିଭାଗର ମୁଖ୍ୟ ତଥା କାର୍ଯ୍ୟକ୍ରମ ସଂଯୋଜିକା ଡ. ସ୍ୱାଗତିକା ମହାନ୍ତି ଏବଂ ସହସଂଯୋଜକ ଡ. ରୁଦ୍ରପ୍ରସାଦ ମିଶ୍ର ସଂଯୋଜନା ଓ ପରିଚାଳନା କରିଥିଲେ। ପରିସର ନିର୍ଦ୍ଦେଶକ ପ୍ରଫେସର ନନ୍ଦ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ଡ. ବିଶ୍ୱନାଥ ମିଶ୍ର ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଲଳିତ କୁମାର ସାହୁ, ମିନତି ରଥ, ବିଜୟପାଲ କଚ୍ଛୱା, ରମାକାନ୍ତ ମିଶ୍ର, ଗୌରପ୍ରିୟା ଦାଶ, ଡ. ପ୍ରିୟରଞ୍ଜନ ରଥ, ସୁଶାନ୍ତ କୁମାର ଶତପଥୀଙ୍କ ସମେତ ବହୁ ପ୍ରଫେସର ଉପସ୍ଥିତ ଥିଲେ। ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପ୍ରମାଣପତ୍ର ଏବଂ ପୁରସ୍କାର ସ୍ୱରୂପ ପୁସ୍ତକ ପ୍ରଦାନ କରାଯାଇଥିଲା।

## ବିକଶିତ ଓଡ଼ିଶା ଗଠନ ପାଇଁ ସଂକଳ୍ପ ନେବା

ନିମାପଡ଼ା,୨୧।୨(ରଞ୍ଜନ ପଟ୍ଟନାୟକ):

ଆମେ ଆଜି ବିକଶିତ ଓଡ଼ିଶା ଗଠନ ପାଇଁ ସଂକଳ୍ପ ନେବା। ୨୦୩୬ ମସିହା ସୁଦ୍ଧା ସମଗ୍ର ଦେଶରେ ଓଡ଼ିଶାକୁ ବିକଶିତ ରାଜ୍ୟରେ ପରିଣତ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ୬ଷ୍ଠ ଥର ନିମନ୍ତେ ମୁଖ୍ୟମନ୍ତ୍ରୀ କରିବା। ନିମାପଡ଼ା ବ୍ଲକ ଅଧୀନ ଭୋଗଶାଳଦା ପଞ୍ଚାୟତର ନାରାୟଣୀ ଠାକୁରାଣୀପୀଠ ଏବଂ ବଡ଼ମାଛପୁର ପଞ୍ଚାୟତର ଏମ.ଇ. ବିଦ୍ୟାଳୟଠାରେ ପଞ୍ଚାୟତସ୍ତରୀୟ ନୂଆ-ଓ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଧାୟକ ସମୀର ରଞ୍ଜନ ଦାଶ ଯୋଗଦେଇ ଏହା କହିଥିଲେ। ସବୁ କ୍ଷେତ୍ରରେ ମହିଳାଙ୍କୁ ଆତ୍ମନିର୍ଭରଶୀଳ କରିବାକୁ ରାଜ୍ୟ ସରକାର ପ୍ରାଥମିକତା ଦେଉଛନ୍ତି ବୋଲି ସମ୍ମାନିତ ଅତିଥି ଭାବେ ଯୋଗଦେଇ ବ୍ଲକ ଅଧ୍ୟକ୍ଷ ଶଙ୍କର ଭୋଇ ମତବ୍ୟକ୍ତ କରିଥିଲେ। ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ ଖଟୋଇ ଜନସାଧାରଣଙ୍କୁ ସରକାରଙ୍କ ଯୋଜନା ବାବଦରେ ସଚେତନ କରିଥିଲେ। ଉପାଧ୍ୟକ୍ଷା ଅନସୂୟା ମହାନ୍ତି, ପୂର୍ବତନ ଉପାଧ୍ୟକ୍ଷ ଅଜୟ ସ୍ୱାଇଁ, ବ୍ଲକ ବିଜେଡି ସଭାପତି ଅଶୋକ ସାହୁ, ଏମ୍‌ପିଙ୍କ ପ୍ରତିନିଧି ସୁଧୀର ରଞ୍ଜନ ଦାଶ, ବଡ଼ମାଛପୁର ସରପଞ୍ଚ ଅଶୋକ ଭୋଇ, ସମିତି ସଭ୍ୟ ରଞ୍ଜନ ସେଠୀ, ଭୋଗଶାଳଦା ସରପଞ୍ଚ ବିଶ୍ୱନାଥ ସେନାପତି, ସମିତି ସଭ୍ୟା ସନ୍ଧ୍ୟାରାଣୀ ବିଶ୍ୱାଳ, ବ୍ଲକ ଯୁବ ବିଜେଡି ସଭାପତି ରାକେଶ ବେହେରା, ସହକାରୀ ଯନ୍ତ୍ରୀ ଗୌରାଙ୍ଗ ସେଠୀ ଏବଂ ପିଓ ପୁଷ୍ପକାନ୍ତ ଦାଶ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।

## ମା' ଲଙ୍କେଶ୍ୱରୀ ବରିଷ୍ଠ ନାଗରିକ ମଞ୍ଚର ପ୍ରଶିକ୍ଷଣ ଶିବିର

ବଳଙ୍ଗା,୨୧।୨(କେଦାରେଶ୍ୱର ନନ୍ଦ):

ବଳଙ୍ଗା ପଞ୍ଚାୟତର ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପଠାରେ ବୁଧବାର ମା' ଲଙ୍କେଶ୍ୱରୀ ବରିଷ୍ଠ ନାଗରିକ ମଞ୍ଚର ହେଲ୍ପ ଏଜ୍ ଇଣ୍ଡିଆ ପକ୍ଷରୁ ଏକ ଡିଜିଟାଲ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ନାଗରିକ ମଞ୍ଚ ସଭାପତି ଶଙ୍କର ବିଶ୍ୱାଳ ଅଧ୍ୟକ୍ଷତା କରିଥିଲେ। ସମ୍ମାନିତ ଅତିଥି ଭାବେ ହେଲ୍ପ ଏଜ୍ ଇଣ୍ଡିଆର ରାଜ୍ୟ କାର୍ଯ୍ୟକ୍ରମ ସଞ୍ଚାଳକ ଦେଶ୍ରୀ ବ୍ରହ୍ମା, ଗୁଗଲ ଡିଜିଟାଲ ଲିଟେରାସି ପ୍ରୋଗ୍ରାମର ଶ୍ରୀକାନ୍ତ ରାୟ ଯୋଗଦେଇ ସାଇବର ଠକେଇର ଶିକାର ନ ହେବାକୁ ସଚେତନ କରାଇଥିଲେ। ସଭାରେ ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ ବାନାମ୍ବର ବେହେରା, ବାବାଜୀ ଦେଓ, କୋଷାଧ୍ୟକ୍ଷ ସୁଧାଂଶୁ ମୋହନ ଲେଙ୍କା, ପ୍ରସନ୍ନ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଜନସେବା କେନ୍ଦ୍ର, ମିଶନ ଶକ୍ତି ଗୃହ ଉଦ୍‌ଘାଟିତ



ବିଧାୟକ ସମୀର ରଞ୍ଜନ ଦାଶ ମିଶନ ଶକ୍ତି ଗୃହ ଉଦ୍‌ଘାଟନ କରୁଛନ୍ତି ।

ଗୋପ,୨୧।୨
(ଭାରତୀ ଭୂଷଣ ଉପାଧ୍ୟାୟ):

ମହିଳାଙ୍କୁ ସ୍ୱାବଲମ୍ବୀ କରିବା ସହିତ ସମସ୍ତ କ୍ଷେତ୍ରରେ ସାମିଲ କରିବା ନେଇ ରାଜ୍ୟ ସରକାର ସବୁବେଳେ ଚେଷ୍ଟିତ। ବୁଧବାର ଗୋପ ବ୍ଲକ ଅଧୀନ ପୟରା ପଞ୍ଚାୟତରେ ନୂଆ-ଓ କାର୍ଯ୍ୟକ୍ରମ ସହିତ ନୂତନ ଗୃହ ଉଦ୍‌ଘାଟିତ ଅବସରରେ ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ ଏହା କହିଛନ୍ତି। ପୟରା ସରପଞ୍ଚ ସୁମନ୍ତ ନାୟକ ଏଥିରେ ସଭାପତିତ୍ୱ କରିଥିଲେ। ବିଧାୟକ ଦାଶ ପୟରାରେ ପହଞ୍ଚିବା ପରେ ତାଙ୍କୁ ଏକ ଶୋଭାଯାତ୍ରାରେ ନିଆଯାଇଥିଲା। ବିଧାୟକ କୃଷକଙ୍କ ପାଇଁ ଉଦ୍ଦିଷ୍ଟ କୃଷକ ଭବନ, ମହିଳା ମିଶନ ଶକ୍ତି ଗୃହ ଜନସେବା କେନ୍ଦ୍ର ଗୃହକୁ ଉଦ୍‌ଘାଟନ କରିଥିଲେ। ଏଥିସହ ଗୋପ ପଞ୍ଚାୟତ, କୁଆଁପଡା ପଞ୍ଚାୟତ ସହିତ ନୁଆ ଖୋଲମରା ପଞ୍ଚାୟତରେ ଅନୁଷ୍ଠିତ ନୂଆ-ଓ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

## ପାଣିଟାଙ୍କି ଗେଟ୍‌ରେ ତାଲା ପକାଇ ଧାରଣା ଦେଲେ ମହିଳା

ଚାରିଛକ,୨୧।୨(ଶିଶିର ସ୍ୱାଇଁ):

ରାଜ୍ୟ ଓ କେନ୍ଦ୍ର ସରକାର ବସୁଧା ଯୋଜନାରେ କୋଟି କୋଟି ଟଙ୍କା ଖର୍ଚ୍ଚ କରି ବିଭିନ୍ନ ପଞ୍ଚାୟତରେ ପାନୀୟ ଜଳ ପ୍ରକଳ୍ପ ଯୋଜନାରେ ପାଣି ଯୋଗାଉଛନ୍ତି। ହେଲେ ଚାରିଛକ ଥାନା ଅଧୀନ ନିମାପଡ଼ା ବ୍ଲକର ଛଣିଜଙ୍ଗ ପଞ୍ଚାୟତ ଡିହସାହି ଗ୍ରାମରେ ଲୋକ ପାନୀୟ ଜଳ ପାଇବାରୁ ବଞ୍ଚିତ ହେଉଛନ୍ତି ବୋଲି ଅଭିଯୋଗ ହୋଇଛି। ଏନେଇ ଗ୍ରାମର ମହିଳାମାନେ ବୁଧବାର ପାଣି ଟାଙ୍କି ଗେଟ୍‌ରେ ତାଲା ପକାଇ ଧାରଣାରେ ବସିଥିଲେ। ଯଦି ଆଗାମୀ ଦିନରେ ପାଣି ଦିଆ ନ ଯାଏ, ତା'ହେଲେ ମହିଳାମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି କହିଛନ୍ତି। ଏ ଦିଗରେ କନିଷ୍ଠ ଯନ୍ତ୍ରୀ ଏବଂ ସ୍ଥାନୀୟ ସରପଞ୍ଚଙ୍କୁ ପଚାରିବାରେ, ଲାଗିଥିବା ପାଣି ଟ୍ୟାପ ସବୁ ଲୋକେ ଭାଙ୍ଗି ଦେଉଛନ୍ତି, ସବୁ ପାଣି ସେପେଟ ପଳେଇ ଯାଉଛି, ସେଥିପାଇଁ



ମହିଳାମାନେ ପାଣିଟାଙ୍କି ଗେଟ୍ ସମ୍ମୁଖରେ ଧାରଣା ଦେଇଛନ୍ତି ।

ତାଙ୍କ ପାଖରେ ପାଣି ପହଞ୍ଚି ପାରୁନାହିଁ। ଯେ ପର୍ଯ୍ୟନ୍ତ ଲୋକେ ସଚେତନ ନ ହୋଇଛନ୍ତି ସେପର୍ଯ୍ୟନ୍ତ ଏମିତି ଅସୁବିଧା ଲାଗି ରହିବ ବୋଲି ପ୍ରକାଶ କରିଛନ୍ତି। ପ୍ରକାଶ ଯେ, ବସୁଧା ପାନୀୟ ଜଳ ପ୍ରକଳ୍ପରେ ଡିହସାହି ଗ୍ରାମକୁ ପାଇପ ପଡ଼ିଛି, କିନ୍ତୁ ଟାଙ୍କି ବସିବା ଦିନଠାରୁ ପାଇପ୍‌ରେ ପିଇବା ପାଣି ଆଦୌ ଯାଉ ନାହିଁ। ଫଳରେ ଡିହସାହି ଗ୍ରାମରୁ ଜୟନ୍ତୀ ଭୋଇ, ଚାରୁଲତା ଭୋଇ, ସଜନୀ ଭୋଇ, ମଞ୍ଜୁ ଭୋଇ ପ୍ରମୁଖ ୨୦ରୁ ଉର୍ଦ୍ଧ୍ୱ ମହିଳା ଟାଙ୍କି ଗେଟ୍‌ରେ ତାଲା ପକାଇ ବୁଧବାର ଧାରଣାରେ ବସିଥିଲେ।

# ଆଗ୍ନିକ କର୍ମଚାରୀଙ୍କ ଆନ୍ଦୋଳନ ଉପରେ ଏସ୍‌ମା

ଭୁବନେଶ୍ୱର,୨୧।୨(ସତ୍ୟଜିତ୍ ରାଉତ)


ଚନ୍ଦ୍ରଶେଖରପୁର ଫାୟାର ଷ୍ଟେଶନ ପରିସରରେ ଆଗ୍ନିକ କର୍ମଚାରୀମାନେ ଧାରଣାରେ ବସିଛନ୍ତି।

- ଆନ୍ଦୋଳନକୁ ସମର୍ଥନ ଜଣାଇଲା ଅଫିସର୍ସ ସଂଘ
- ଅଡୁଆରେ ଷ୍ଟେଶନ ଅଫିସର

ରାଜ୍ୟ ଅଗ୍ନିଶମ ସେବା ସଂସ୍ଥାର ଆଗ୍ନିକ କର୍ମଚାରୀମାନେ ଦୁଇଦଫା ଦାବି ନେଇ ବୁଧବାରଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ କରିଛନ୍ତି। କର୍ମଚାରୀମାନେ ନିଜ ଷ୍ଟେଶନରେ ଶାନ୍ତିପୂର୍ଣ୍ଣ ଭାବେ ଧାରଣା ଦେଇଛନ୍ତି। ତେବେ ଏହି ଆନ୍ଦୋଳନ ଯୋଗୁ ଜରୁରିକାଳୀନ ସେବା ବ୍ୟାହତ ହେବାର ଆଶଙ୍କା ଥିବାରୁ ଗୃହ (ସ୍ପେଶାଲ ସେକ୍ସନ୍) ବିଭାଗ ପକ୍ଷରୁ ଏହା ଉପରେ ଓଡ଼ିଶା ଏସେନ୍‌ସିଆଲ୍ ସର୍ଭିସେସ୍ (ମେଣ୍ଟେନାନ୍ସ) ଆକ୍ଟ (ଏସ୍‌ମା) ଲାଗୁ କରାଯାଇଛି। ରାଜ୍ୟ ସରକାରଙ୍କ ଏଭଳି ରୋକ ପରେ ଆନ୍ଦୋଳନରତ ଆଗ୍ନିକ କର୍ମଚାରୀମାନେ ଦ୍ୱନ୍ଦ୍ୱରେ ପଡିଯାଇଛନ୍ତି। ସନ୍ଧ୍ୟା ସୁଦ୍ଧା ମିଳିଥିବା ରିପୋର୍ଟ ଅନୁସାରେ, ରାଜ୍ୟର କିଛି ଅଗ୍ନିଶମ କେନ୍ଦ୍ରରେ ଆନ୍ଦୋଳନ ଚାଲୁଥିବାବେଳେ ଆଉ କେତେକ କେନ୍ଦ୍ରରେ ଆଗ୍ନିକ କର୍ମଚାରୀମାନେ ଆନ୍ଦୋଳନରୁ ଉଠିଯାଇଛନ୍ତି। ଭୁବନେଶ୍ୱରର ପାହାଲ, ଚନ୍ଦ୍ରଶେଖରପୁର, ମଞ୍ଚେଶ୍ୱର ସମେତ ବିଭିନ୍ନ ଜିଲାରେ ଥିବା ଅଗ୍ନିଶମ କେନ୍ଦ୍ରରେ କର୍ମଚାରୀମାନେ ଆନ୍ଦୋଳନ ଜାରି ରଖିଥିବା ସୂଚନା ମିଳିଛି। ଏପରିସ୍ଥିତିରେ ସମ୍ପୃକ୍ତ ଷ୍ଟେଶନ ଅଫିସରମାନେ ଅଡୁଆରେ ପଡ଼ିଛନ୍ତି। କର୍ମଚାରୀମାନେ ଧାରଣାରେ ବସିଥିବାରୁ ଅଗ୍ନିକାଣ୍ଡ କିମ୍ବା କୌଣସି ଜରୁରିକାଳୀନ ପରିସ୍ଥିତି ଉପୁଜିଲେ କିପରି ମୁକାବିଲା କରିବେ? ସେପଟେ ସରକାର ବେଆଇନ ଘୋଷଣା କରିଥିବାରୁ ଆନ୍ଦୋଳନରତ କର୍ମଚାରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବେ ନା ନାହିଁ ତାହାକୁ ନେଇ ଚିନ୍ତାରେ ରହିଛନ୍ତି।

ଅଗ୍ନିଶମ ସେବା ସଂସ୍ଥାର ଆଗ୍ନିକ, ଆଗ୍ନିକ ଗାଡିଚାଳକ ଓ ହାବିଲଦାର (ମୁଖ୍ୟ ଆଗ୍ନିକ, ଡ୍ରାଇଭର ହାବିଲଦାର)ଙ୍କୁ ପୂର୍ବପରି ଓଡ଼ିଶା ପୋଲିସ ସିପାହି ଓ ହାବିଲଦାରଙ୍କ ଦରମା ଏବଂ ଭତ୍ତା ସହ ସମାନ କରିବା, ଅଗ୍ନିଶମ ସେବା ସଂସ୍ଥା କର୍ମଚାରୀ ସଂଘର ସରକାରୀ ପଞ୍ଜୀକରଣ କରିବା କର୍ମଚାରୀଙ୍କ ଦାବି ରହିଛି। ଅଗ୍ନିଶମ ସେବା ସଂସ୍ଥାରେ ୧୩ଟି ପଦବୀ ମଧ୍ୟରୁ ୧୧ଟି ପଦବୀ ଓଡ଼ିଶା ପୋଲିସ କର୍ମଚାରୀଙ୍କ ଭଳି ସମାନ ଦରମା ପାଉଛନ୍ତି। ମାତ୍ର ଆଗ୍ନିକ, ଆଗ୍ନିକ ଗାଡିଚାଳକ ଓ ହାବିଲଦାର (ମୁଖ୍ୟ ଆଗ୍ନିକ, ଡ୍ରାଇଭର ହାବିଲଦାର)ମାନେ ଦରମା କମ୍ ପାଉଥିବାରୁ ଅସନ୍ତୋଷ ବ୍ୟକ୍ତ କରିଆସୁଛନ୍ତି। ଅନ୍ୟପକ୍ଷରେ ଅଗ୍ନିଶମ ଅଫିସର୍ସ ସଂଘର ସଭାପତି ରାଜକିଶୋର ଜେନା କହିଛନ୍ତି, ଆଗ୍ନିକ କର୍ମଚାରୀଙ୍କ ଦାବିକୁ ସରକାର ମାନିନିଅନ୍ତୁ। ଗୋଟିଏ ଷ୍ଟେଶନରେ ଜଣେ ଅଫିସର ଥିବାବେଳେ ୧୨ଜଣ ଫାୟାରମ୍ୟାନ୍/ହାବିଲଦାର ରହୁଛନ୍ତି। ଅଫିସର ଓ କର୍ମଚାରୀଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି ନ କରାଯାଉ। ଷ୍ଟେଶନରେ ଜଣେ ଅଫିସର ଅଲଗା ନ ରହି କର୍ମଚାରୀଙ୍କ ଆନ୍ଦୋଳନରେ ସାମିଲ ହେବେ ବୋଲି ସଭାପତି ରାଜକିଶୋର କହିଛନ୍ତି।

ସୂଚନାଯୋଗ୍ୟ, ଦାବି ପୂରଣ ପାଇଁ କର୍ମଚାରୀମାନେ ଡିସେମ୍ବର ୧୧ରୁ କଳାବ୍ୟାଜ୍ ପରିଧାନ କରି କାର୍ଯ୍ୟ ସମ୍ପାଦନା କରିଥିଲେ। ଜାନୁଆରୀ ୨୨ରୁ ସେମାନେ ପରିବାର ସହ ବେଳାଏ ଉପବାସ ରହି ସରକାରୀ କାର୍ଯ୍ୟ କରିଥିଲେ। ହେଲେ ଦାବି ପୂରଣ ନେଇ ପ୍ରତିଶ୍ରୁତି ନ ମିଳିବାରୁ ଆନ୍ଦୋଳନ ଡାକରା ଦେଇଥିଲେ। ଗତ ସୋମବାର ମାଷ୍ଟରକ୍ୟାଣ୍ଟିନ୍‌ସ୍ଥିତ ଗୁଲନ ଭାଇ ସେବା ସଦନଠାରେ ଓଡ଼ିଶା ଆଗ୍ନିକ କର୍ମଚାରୀ ସଂଘର ମୁଖ୍ୟ ତଥା ଆଗ୍ନିକ ଅକ୍ଷୟ ପ୍ରଧାନ ଖବରଦାତା ସମ୍ମିଳନୀ କରି ଚେତବନୀ ଦେଇଥିଲେ। ତେବେ ଆନ୍ଦୋଳନ ଉପରେ ଏସ୍‌ମା ଲାଗୁ ନେଇ ତାଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## ଆଜି ନିଯୁକ୍ତି ପାଇବେ ୫୭୬ ହିନ୍ଦୀ, ସଂସ୍କୃତ ଶିକ୍ଷକ

ଭୁବନେଶ୍ୱର, ୨୧।୨
(ଅସମାପିକା ସାହୁ)

ରାଜ୍ୟର ବିଭିନ୍ନ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ଉଚ୍ଚ ବିଦ୍ୟାଳୟରେ ନିଯୁକ୍ତି ପାଇବେ ୫୭୬ ହିନ୍ଦୀ ଓ ସଂସ୍କୃତ ଶିକ୍ଷକ। ସମ୍ପୃକ୍ତ ଶିକ୍ଷକଙ୍କ ରାଜ୍ୟସ୍ତରୀୟ ଦିଗ୍‌ଦର୍ଶନ କାର୍ଯ୍ୟକ୍ରମ ଏବଂ ନିଯୁକ୍ତି ପର୍ବ ଗୁରୁବାର ଲୋକସେବା ଭବନର କନଭେନଶନ୍ ସେଣ୍ଟରରେ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେଇ ଦିଗ୍‌ଦର୍ଶନ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିବା ସହିତ ଶିକ୍ଷକମାନଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିବେ। ଏହି କାର୍ଯ୍ୟକ୍ରମରେ ୩୦ ଜିଲାରୁ ନିଯୁକ୍ତି ପାଇବାକୁ ଥିବା ୩୬୮ ଜଣ ହିନ୍ଦୀ ଏବଂ ୨୦୮ ଜଣ ସଂସ୍କୃତ ଶିକ୍ଷକ ଯୋଗଦେଇ ନିଯୁକ୍ତିପତ୍ର ଗ୍ରହଣ କରିବେ। ରାଜ୍ୟର ବିଦ୍ୟାଳୟଗୁଡ଼ିକରେ ଶୈକ୍ଷିକ ବାତାବରଣର ବିକାଶ ପାଇଁ ରାଜ୍ୟ ସରକାର ଅନେକ କାର୍ଯ୍ୟକ୍ରମ ହାତକୁ ନେଉଥିବାବେଳେ ଶିକ୍ଷକ ନିଯୁକ୍ତି ଉପରେ ପ୍ରାଥମିକତା ଦେଉଛନ୍ତି। ବାଲେଶ୍ୱର ଜିଲାରେ ୩୩, ଅନୁଗୋଳ ୧୭, କଟକ ୩୫, ଗଞ୍ଜାମ ୩୭, ଜଗତ୍‌ସିଂହପୁର ୨୫, ଯାଜପୁର ୩୩, କୋରାପୁଟ ୩୪, ଖୋର୍ଦ୍ଧା ୪୦, ପୁରୀ ୨୭ ଓ ମୟୂରଭଞ୍ଜରେ ୨୬ଜଣ ଲେଖାଏ ହିନ୍ଦୀ ଓ ସଂସ୍କୃତ ଶିକ୍ଷକ ନିଯୁକ୍ତି ପାଇବେ।



## ଶତାୟୁ ବରଗଛ ପାଇଲା ନୂଆ ଜୀବନ

ଭୁବନେଶ୍ୱର, ୨୧।୨(ଅସମାପିକା ସାହୁ)

**ବିଡିଏ, ବନ ବିଭାଗର ଉଦ୍ୟମକୁ ପ୍ରଶଂସା**

ଶତାୟୁ ବରଗଛ ପାଇଛି ନୂଆ ଜୀବନ। ରାସ୍ତା ପ୍ରଶସ୍ତୀକରଣ ବେଳେ ବହୁ ବଡ଼ ବଡ଼ ଗଛକୁ କାଟିଦିଆଯାଉଥିବାବେଳେ ଏହି ବଡ଼ ବରଗଛଟିକୁ ବଞ୍ଚାଇବା ପାଇଁ ଉଦ୍ୟମ କରାଯାଇଥିଲା, ଯାହା ସଫଳ ମଧ୍ୟ ହୋଇଛି। ସ୍ଥାନାନ୍ତର ଓ ପ୍ରତିରୋପଣ ପରେ ଏବେ ସେଥିରୁ ପତ୍ର କଅଁଳିଥିବା ଦେଖିବାକୁ ମିଳିଛି।

ସୂଚନାନୁସାରେ, ଭୁବନେଶ୍ୱର ଡମଣା-ଗାଡକଣ ରାସ୍ତା ପ୍ରଶସ୍ତିକରଣ ବେଳେ ଏହି ପୁରୁଣା ବରଗଛ ବାଧକ ସାଜିଥିଲା। ଏହାକୁ ପ୍ରଥମେ କାଟିବାକୁ ନିଷ୍ପତ୍ତି ନିଆଯାଇଥିଲା। ହେଲେ ବିଡିଏ କର୍ତ୍ତୃପକ୍ଷ ବରଗଛକୁ କଟା ନ ଯାଇ ଟ୍ରାନ୍ସପ୍ଲାଣ୍ଟ କରିବାକୁ ନିଷ୍ପତ୍ତି ନେଇଥିଲା। ଏଥିପାଇଁ ସିଟି ଫରେଷ୍ଟ ଡିଭିଜନ ସହିତ ଆଲୋଚନା କରାଯାଇଥିଲା। ବନ ବିଭାଗ ଏହାକୁ ଏକ ଚ୍ୟାଲେଞ୍ଜ ଭାବେ ଗ୍ରହଣ କରି କାର୍ଯ୍ୟ ଆରମ୍ଭ କରିଥିଲା। ବରଗଛଟି ବହୁତ ବଡ଼ ଆକାରର ହୋଇଥିବାରୁ ସ୍ଥାନାନ୍ତରଣରେ ସମସ୍ୟା ଏଡାଇବାକୁ ଏହାର ଡାଳକୁ କଟାଯାଇଥିଲା। ଡିସେମ୍ବର ୪ରେ ଏହି ବର ଗଛର ବୃହତ୍ ମୂଳ ଓ ଗଣ୍ଡିକୁ ଓପାଡ଼ି କ୍ରେନ୍ ସାହାଯ୍ୟରେ ଭୁବନେଶ୍ୱର କେଲୁଚରଣ ପାର୍କକୁ ସ୍ଥାନାନ୍ତର କରାଯାଇ ସେଠାରେ ରୋପଣ କରାଯାଇଥିଲା। ଏଥିସହ ଆବଶ୍ୟକ ଯତ୍ନ ନିଆଯାଇଥିଲା। ଥୁଣ୍ଟା ବରଗଛ ମୂଳରେ କୌଣସି ରାସାୟନିକ ସାର ଦିଆଯାଇ ନ ଥିଲା। କେବଳ ଜୈବିକ ସାର ଦିଆଯାଇଥିଲା। ଫଳରେ ବୁଢା ବର ଗଛଟି ଏବେ ପୁଣି ତା'ର ଯୌବନ ଫେରିପାଇଛି। କ୍ରମଶଃ ସବୁଜ କଅଁଳ ପତ୍ର ଆସିବା ପରେ ଗଛଟିର ବଞ୍ଚିବା ଆଶା ବଢ଼ିଥିଲା। ଏବେ ଗଛଟି ସୁବଜ ପତ୍ରରେ ଭରିବାକୁ ଲାଗିଛି। କୌଣସି ବିକାଶମୂଳକ କାମବେଳେ ଗଛ ନ କାଟି ଟ୍ରାନ୍ସପ୍ଲାଣ୍ଟ କରିବାକୁ ଏହା ବାର୍ତ୍ତା ଦେଉଛି। ବିଡିଏ ଓ ବନ ବିଭାଗର ଏହି ଉଦ୍ୟମକୁ ରାଜଧାନୀବାସୀ ବେଶ୍ ପ୍ରଶଂସା କରିଛନ୍ତି।

ଏ ନେଇ ସିଟି ଡିଏଫ୍‌ଓ ଅଜିତ ଶତପଥୀ କହିଛନ୍ତି, ଏତେ ପୁରୁଣା ଗଛକୁ ସ୍ଥାନାନ୍ତରଣ କରି ପ୍ରତିରୋପଣ କରିବା ଉଭୟ ବନ ବିଭାଗ ଏବଂ ବିଡିଏ ପାଇଁ ଏକ ଆହ୍ୱାନ ଥିଲା। ଆମେ ଏଥିରେ ସଫଳତା ପାଇଛୁ। ଆଗକୁ ଯଦି ଏଭଳି ବଡ଼ ବଡ଼ ଗଛ ସ୍ଥାନାନ୍ତର ଓ ପ୍ରତିରୋପଣ କରିବାକୁ ପଡ଼େ ତେବେ ତାହା କରାଗଲେ ଭଲ ହୁଅନ୍ତା। କିନ୍ତୁ ବର୍ଷାଦିନେ ଗଛ ସ୍ଥାନାନ୍ତର ହେଲେ ତାହା ଅଧିକ ଫଳପ୍ରଦ ହେବ। ତେଣୁ ଯେବେ ବି ରାସ୍ତା କାମ ପାଇଁ ଗଛ କାଟିବା କଥା ଚିନ୍ତା କରାଯାଉଛି, ସେହି କାମ ପୂର୍ବରୁ ବର୍ଷାଦିନେ ଗଛ ସ୍ଥାନାନ୍ତର କଲେ ବହୁ ବଡ଼ ବଡ଼ ଗଛ ବଞ୍ଚିପାରିବ ବୋଲି ସିଟି ଡିଏଫ୍‌ଓ କହିଛନ୍ତି।

## ମାହାଙ୍ଗା ଡବଲ ମର୍ଡର ମାମଲା

## ବଦଳିଲା ବିଚାରପତିଙ୍କ ବେଞ୍ଚ

କଟକ,୨୧।୨ (କାର୍ତ୍ତିକ ସାହୁ)

**ବିଧାୟକ ପ୍ରତାପ ଜେନାଙ୍କ ଅନ୍ତରୀଣ ସୁରକ୍ଷା ବଳବତ୍ତର**

ମାହାଙ୍ଗା ଡବଲ ମର୍ଡର ଘଟଣାରେ ବିଧାୟକ ପ୍ରତାପ ଜେନାଙ୍କ ପକ୍ଷରୁ ଆଗତ କ୍ରିମିନାଲ ରିଭିଜନ୍ ପିଟିଶନ୍ ମାମଲାର ଶୁଣାଣି ନିମନ୍ତେ ହାଇକୋର୍ଟରେ ବିଚାରପତିଙ୍କ ବେଞ୍ଚ ବଦଳିଛି। ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ନିଷ୍ପତ୍ତିକ୍ରମେ ବିଧାୟକ ଜେନାଙ୍କ ମାମଲାର ଶୁଣାଣି ବିଚାରପତି ଗୌରୀଶଙ୍କର ଶତପଥୀଙ୍କ ବେଞ୍ଚରେ ହେବ। ଆସନ୍ତା ମାର୍ଚ୍ଚ ୧୫ ତାରିଖରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ନିମନ୍ତେ ଧାର୍ଯ୍ୟ ହୋଇଛି। ତେବେ ସେ ପର୍ଯ୍ୟନ୍ତ ବିଧାୟକଙ୍କ ଅନ୍ତରୀଣ ସୁରକ୍ଷା ବଳବତ୍ତର ରହିବ। ପୂର୍ବରୁ ଉକ୍ତ ମାମଲାର ଶୁଣାଣି କରୁଥିବା ବିଚାରପତି ବି. ପି. ରାଉତରାୟ ଏଥିରୁ ଓହରି ଯାଇଥିଲେ।

ସୂଚନାଯୋଗ୍ୟ, ମାହାଙ୍ଗା ଡବଲ ମର୍ଡର ମାମଲାରେ ସାଲେପୁର ଜେଏମ୍ଏଫ୍‌ସି କୋର୍ଟ ବିଧାୟକ ଜେନାଙ୍କୁ ବ୍ୟକ୍ତିଗତ ହାଜରା ପାଇଁ ନିର୍ଦ୍ଦେଶ ଦେଇଥିଲେ। ବିଧାୟକ ବ୍ୟକ୍ତିଗତ ହାଜରାକୁ ଚ୍ୟାଲେଞ୍ଜ କରିବା ସହ କ୍ରିମିନାଲ ରିଭିଜନ୍ ପିଟିଶନ୍ ହାଇକୋର୍ଟରେ ଦାଏର କରିଥିଲେ। ଗତବର୍ଷ ଅକ୍ଟୋବର ୩୧ରେ ପିଟିଶନ ଦାଏର ହୋଇଥିବାବେଳେ ନଭେମ୍ବର ୨ ତାରିଖରେ ଶୁଣାଣି ହୋଇଥିଲା। ଏଥିରେ ପ୍ରତିପକ୍ଷ ରାଜ୍ୟ ସରକାର ଓ ରଣଜିତ୍ ବରାଳଙ୍କୁ ହାଇକୋର୍ଟ ନୋଟିସ୍ ଜାରି କରିଥିଲେ। ଏଥିସହ ହାଇକୋର୍ଟ ନିମ୍ନ ଅଦାଲତରୁ ରେକର୍ଡ ତଲବ କରିବା ସହିତ ବିଧାୟକ ଜେନାଙ୍କ ବିରୋଧରେ କୌଣସି ପ୍ରକାର କଠୋର ପଦକ୍ଷେପ ଗ୍ରହଣ କରାଯାଇ ପାରିବ ନାହିଁ ବୋଲି ଅନ୍ତରୀଣ ନିର୍ଦ୍ଦେଶ ଦେଇଥିଲେ।

## ସଂସ୍କୃତିର ପରିଭାଷା ଅତ୍ୟନ୍ତ ବ୍ୟାପକ

ଭୁବନେଶ୍ୱର,୨୧।୨(ଶର୍ମିଷ୍ଠା ପାଣିଗ୍ରାହୀ)

**ରାଜ୍ୟ ଅଭିଲେଖାଗାରରେ ୭୪ତମ ସଂସ୍କୃତି ଚର୍ଚ୍ଚା ସମ୍ମାନ**

ଓଡ଼ିଶା ରାଜ୍ୟ ଅଭିଲେଖାଗାରରେ ୭୪ତମ ସଂସ୍କୃତି ଚର୍ଚ୍ଚା ସମ୍ମାନ ସମାରୋହ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଭୁବନେଶ୍ୱର ଦୂରଦର୍ଶନ କେନ୍ଦ୍ରର ପୂର୍ବତନ କାର୍ଯ୍ୟକ୍ରମ ମୁଖ୍ୟ ନୀଳାଦ୍ରି ମୋହନ ଶତପଥୀ କହିଲେ, ସଂସ୍କୃତିର ପରିଭାଷା ଅତ୍ୟନ୍ତ ବ୍ୟାପକ। ଏହା ସର୍ବଦା ସକାରାତ୍ମକ ହୋଇ ସମାଜର ହିତ ସାଧନ କରିବା ସହ ବିଭିନ୍ନ ଗୋଷ୍ଠୀ ଓ ବ୍ୟକ୍ତିଙ୍କ ମଧ୍ୟରେ ସଂହତି ସ୍ଥାପନ କରିଥାଏ । ପୁଣି ଏହା ସମାଜକୁ ଅନେକ ଭାବରେ ନିୟନ୍ତ୍ରିତ କରେ। ଓଡ଼ିଶାର ସଂସ୍କୃତିର ମୂଳ ଆଧାର ଆମର ରାଷ୍ଟ୍ର ଦେବତା ଶ୍ରୀଜଗନ୍ନାଥ । ଦେବାଧିଦେବ ଶ୍ରୀ ପୁରୁଷୋତ୍ତମ କେବେ କାହାକୁ ଅଧୀନସ୍ଥ କରିବାର ପ୍ରୟାସ କରିନାହାନ୍ତି ବୋଲି ଶତପଥୀ କହିଛନ୍ତି। କାର୍ଯ୍ୟକ୍ରମରେ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଦିଲ୍ଲୀପ ରାଉତରାଏ, ବିଭାଗୀୟ ଅନୁଶାସନ ସଚିବ ବନାନୀ ମହାପାତ୍ର, ପଦ୍ମଶ୍ରୀ ଡ. ଦେବୀ ପ୍ରସନ୍ନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।


କଂଗ୍ରେସ ଭବନରେ ବୁଧବାର ଅଖିଳ ଭାରତ ମହିଳା କଂଗ୍ରେସ ସଭାନେତ୍ରୀ ଅଳକା ଲାମ୍ବାଙ୍କୁ ପ୍ରଦେଶ କଂଗ୍ରେସ ପକ୍ଷରୁ ସ୍ୱାଗତ କରାଯାଉଛି।


ମହିଳା ନ୍ୟାୟ ସମାବେଶରେ ଉପସ୍ଥିତ କଂଗ୍ରେସ କର୍ମୀ।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଆକାଶ


@ ଦିନେଶ


@ ସଞ୍ଜୀବ


@ ପ୍ରେମାନନ୍ଦ



@ ସୁନୀଲ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ଗଡିରାଉତପାଟଣାରେ ବାଘ, ଲୋକେ ଆତଙ୍କିତ

କଟକ ସଦର, ୨୧।୨
(ସୁଶାନ୍ତ କୁମାର ଜେନା)

**ସୋସିଆଲ ମିଡିଆରେ ଭିଡିଓ ଭାଇରାଲ**



କଟକ ସଦର ବ୍ଲକ ଅନ୍ତର୍ଗତ ଗଡିରାଉତ ପାଟଣା ଗ୍ରାମର ତାଳଦଣ୍ଡା କେନାଲ କୂଳରେ ବୁଧବାର ସନ୍ଧ୍ୟାରେ ଏକ ବାଘ ପାଣି ପିଉଥିବା ଦେଖିବାକୁ ମିଳିଛି। ଏଭଳି ଦୃଶ୍ୟ ସୋସିଆଲ ମିଡିଆରେ ଭାଇରାଲ ହେବା ଫଳରେ ସ୍ଥାନୀୟ ଲୋକମାନେ ଆତଙ୍କିତ ଅବସ୍ଥାରେ ରହିଛନ୍ତି। କାରଣ ଏହି ଗ୍ରାମର ଲୋକମାନେ ଗୋରୁ ଓ ମଇଁଷି ପାଳନ କରି ଜୀବିକା ନିର୍ବାହ କରିଥାନ୍ତି। ଏ ସମ୍ପର୍କରେ ଲୋକମାନେ କଟକରେ ଥିବା ଜଙ୍ଗଲ ବିଭାଗର ଡିଏଫ୍‌ଓଙ୍କ ଜଣାଇଛନ୍ତି। ରିପୋର୍ଟ ଲେଖାଯିବାବେଳକୁ ଜଙ୍ଗଲ ବିଭାଗର କର୍ମଚାରୀ ପହଞ୍ଚି ନ ଥିବା ଜଣାପଡ଼ିଛି।

## ବଲାଙ୍ଗୀର ବିକାଶର ଶ୍ରେୟ

# ପ୍ରତିଦ୍ୱନ୍ଦ୍ୱୀଙ୍କ ହୋର୍ଡିଂ ଯୁଦ୍ଧ

ବଲାଙ୍ଗୀର, ୨୧।୨
(ବୀରେନ୍ଦ୍ର କୁମାର ଝାଙ୍କର)

ସାଧାରଣ ନିର୍ବାଚନ ପୂର୍ବରୁ ବଲାଙ୍ଗୀରର ବିଭିନ୍ନ ସ୍ଥାନରେ ନେତାଙ୍କ ଫଟୋ ଥିବା ହୋର୍ଡିଂ, ପୋଷ୍ଟର, ବ୍ୟାନର ଛାଇଗଲାଣି। ଏସବୁ ଲଗାଇବାରେ କଂଗ୍ରେସ ଓ ବିଜେଡି ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ଚାଲିଛି। ସହରର ମୁଖ୍ୟରାସ୍ତା କଡ଼, ଜଳଗହଳିପୂର୍ଣ୍ଣ ଛକ, ଦୋକାନ ବଜାର ସହ ଛାତ ଉପର ହୋର୍ଡିଂଷ୍ଟାଣ୍ଡରେ ଉଭୟ ଦଳର ବାର୍ତ୍ତା ଥିବା ପୋଷ୍ଟର, ହୋର୍ଡିଂ ଲାଗିଗଲାଣି। ଏଇ ପୋଷ୍ଟର ଏବଂ ହୋର୍ଡିଂୱାରରେ ବଲାଙ୍ଗୀରର ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାବେ ପରିଚିତ ମିଶ୍ର ପରିବାର ଓ ରାଜପରିବାର ଆଗରେ ଅଛନ୍ତି।

୨୦୧୪ରୁ ୧୦ବର୍ଷ ହେଲା କଂଗ୍ରେସର ବରିଷ୍ଠ ନେତା ନରସିଂହ ମିଶ୍ର ବଲାଙ୍ଗୀର ବିଧାୟକ ରହିଛନ୍ତି। ୧୯୯୦ରୁ ୨୦୧୪ ପର୍ଯ୍ୟନ୍ତ ପ୍ରାୟ ୨୫ବର୍ଷ ବିଜେଡି ବରିଷ୍ଠ ନେତା ଅନଙ୍ଗ ଉଦୟ ସିଂଦେଓ ବିଧାୟକ ରହିଥିଲେ। ଏହା ସହିତ ୨୦୦୯ରୁ ୨୦୧୯ ପର୍ଯ୍ୟନ୍ତ ଅନଙ୍ଗ ଉଦୟଙ୍କ ବଡ଼ପୁଅ କଳିକେଶ ବଲାଙ୍ଗୀର ଲୋକ ସଭା ସଦସ୍ୟ ଥିଲେ। ୨୦୧୪ରେ ଅନଙ୍ଗଙ୍କୁ ନରସିଂହ ପରାସ୍ତ କରିଥିଲେ। ୨୦୧୯ ନିର୍ବାଚନରେ କଳିକେଶ ଭାଜପା ପ୍ରାର୍ଥୀ ସଙ୍ଗୀତା କୁମାରୀ ସିଂଦେଓଙ୍କଠାରୁ ହାରିଗଲେ। କ୍ଷମତାରୁ ଗୋଟେ ପ୍ରକାର ଦୂରରେ ରହିଛନ୍ତି। ନରସିଂହ ୨୦୧୪ ଓ ୨୦୧୯ରେ ବିଜୟୀ ହୋଇଥିଲେ ମଧ୍ୟ ୨୦୨୪ ନିର୍ବାଚନରେ ପ୍ରାର୍ଥୀ ହେବନାହିଁ ବୋଲି ଘୋଷଣା କରିଛନ୍ତି। ତାଙ୍କ ପୁଅ ସମରେନ୍ଦ୍ର ଏଥର ପ୍ରାର୍ଥୀ ହେବେ ବୋଲି ଚର୍ଚ୍ଚା ଜୋର ଧରିଛି। ମିଶ୍ର ପରିବାରର ପ୍ରଭାବ ହ୍ରାସ ପାଇଁ ସିଂଦେଓ ପରିବାର ଉଦ୍ୟମ କରୁଥିବା ଜଣାପଡୁଛି। କଂଗ୍ରେସ ପକ୍ଷରୁ ଯେଉଁଠି ପୋଷ୍ଟର କି ହୋର୍ଡିଂ ଲଗାଯାଇଛି, ତା' ପାଖରେ ସେମାନେ ନିଜ ଫଟୋଥିବା ପୋଷ୍ଟର ଲଗାଉଛନ୍ତି।



ବଲାଙ୍ଗୀର ସହରରେ ଲାଗିଥିବା ନରସିଂହ ମିଶ୍ର ଏବଂ ଅନଙ୍ଗଉଦୟ ସିଂଦେଓଙ୍କ ପରିବାରର ହୋର୍ଡିଂ।

କଂଗ୍ରେସ ହୋର୍ଡିଂରେ ନରସିଂହ ଓ ତାଙ୍କ ପୁଅ ସମରେନ୍ଦ୍ର ମିଶ୍ରଙ୍କ ଫଟୋ ରହିଛି। କଂଗ୍ରେସ ଦଳର ପୋଷ୍ଟର ବା ହୋର୍ଡିଂରେ ଲୋୟର ସୁକ୍‌ତେଲ ପ୍ରକଳ୍ପ, ଭୀମ ଭୋଇ ମେଡିକାଲ କଲେଜ ଓ ୬୫୦ ଶଯ୍ୟା ବିଶିଷ୍ଟ ନୂଆ ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲ, କିରାବାହାଲର ଭୂତଳ ଜଳ ସଂରକ୍ଷଣ ପ୍ରକଳ୍ପ, ଭୀମପାହାଡ଼ ପର୍ଯ୍ୟଟନ ପ୍ରକଳ୍ପ, ପୃଥ୍ୱୀରାଜ ହାଇସ୍କୁଲ ଇଣ୍ଡୋର ଷ୍ଟାଡିୟମ, ବସ୍ ଟର୍ମିନାଲ, ଏମ୍‌ସିଏଚ୍ କୋଠା, କୋଭିଡ ହସ୍ପିଟାଲ, ପାନୀୟ ଜଳ ପ୍ରକଳ୍ପ, ବାଇପାସ୍, ସେତୁ ଓ ଅନ୍ୟପ୍ରକଳ୍ପଗୁଡ଼ିକର ଫଟୋ ରହିଛି। ଏସବୁ ପ୍ରକଳ୍ପ କାର୍ଯ୍ୟକାରୀ କରିବାରେ ନରସିଂହଙ୍କ ଅବଦାନ ସମ୍ପର୍କରେ ସୂଚନା ଦିଆଯାଇଛି। ସେଇ ହୋର୍ଡିଂରେ କରିଛୁଁ, କରମୁଁ, ୨୫ ବର୍ଷ ବନାମ ୧୦ବର୍ଷ ଲେଖା ବି ଯାଇଛି। ଠିକ୍ ଏହି ହୋର୍ଡିଂର ପାଖେ ରାଜପରିବାରର ବିଜେଡି ସଦସ୍ୟଙ୍କ ଏକ ହୋର୍ଡିଂ ଲାଗିଛି। ସେଥିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଅନଙ୍ଗ ଏବଂ ତାଙ୍କ ଦୁଇପୁଅ ପୂର୍ବତନ ଲୋକ ସଭା ସଦସ୍ୟ ତଥା ଏବକାର ରାଜ୍ୟ ହାଉସିଂ ବୋର୍ଡ ଅଧ୍ୟକ୍ଷ କଳିକେଶ ନାରାୟଣ ଓ ୨୦୧୯ରେ ବିଜେଡି ବିଧାୟକ ପ୍ରାର୍ଥୀ ହୋଇଥିବା ଅର୍କେଶ ନାରାୟଣ ସିଂଦେଓଙ୍କ ଫଟୋ ରହିଛି। ଏହି ହୋର୍ଡିଂରେ ବଲାଙ୍ଗୀର ସମଲେଶ୍ୱରୀ ମନ୍ଦିର, ପାଟଣେଶ୍ୱରୀ ମନ୍ଦିର, ଗୋପାଳଜୀ ମନ୍ଦିର, ଲକ୍ଷ୍ମୀନାରାୟଣ ମନ୍ଦିର, ସୁନ୍ନି ସଦର ମସଜିଦ୍, ସିଏନ୍‌ଆଇ ଚର୍ଚ୍ଚ, ଜରାସିଂହା ପାଟଖଣ୍ଡା ମନ୍ଦିର, କୋଶଳ କଳା ମଣ୍ଡଳ ପଡ଼ିଆ ଫଟୋ ଏବଂ କେତେ ଟଙ୍କା ଅନୁଦାନ ଦିଆଯାଇଛି। ଏଭଳି ହୋର୍ଡିଂ ଏବଂ ପୋଷ୍ଟର ଲଗାଇ ଭୋଟର ଏବଂ ଜନସାଧାରଣଙ୍କୁ ଦୁଇ ଦଳ ଆକୃଷ୍ଟ କରୁଛନ୍ତି। ଉଭୟ ପକ୍ଷଙ୍କ ପୋଷ୍ଟର ୱାର ଏବେ ସହରରେ ଚର୍ଚ୍ଚାର ବିଷୟ ପାଲଟିଛି।

## ପ୍ରତି ଜିଲା, ବ୍ଲକରେ ମହିଳାଙ୍କ ନ୍ୟାୟ ପାଇଁ ଲଢ଼େଇ କରିବ ମହିଳା କଂଗ୍ରେସ: ଅଲକା

ଭୁବନେଶ୍ୱର,୨୧।୨(ସୁନିତ୍ ମିଶ୍ର)



ରାଜ୍ୟରେ ଜନସଂଖ୍ୟାର ୫୦ ଭାଗ ମହିଳା ହୋଇଥିଲେ ମଧ୍ୟ ବର୍ତ୍ତମାନ ସେମାନଙ୍କ ସ୍ଥିତି ଅତ୍ୟନ୍ତ ଉଦ୍‌ବେଗଜନକ। ମହିଳାମାନେ ଏ ରାଜ୍ୟରେ ଆଦୌ ସୁରକ୍ଷିତ ନୁହନ୍ତି। ପ୍ରତିଦିନ ଓଡ଼ିଶାରେ ୭ ଜଣ ମହିଳା ବଳାତ୍କାରର ଶିକାର ହେଉଥିବା ଏନ୍‌ଏସ୍‌ଆର୍‌ବି ରିପୋର୍ଟରେ ପ୍ରକାଶ ପାଇଛି। ଖାଲି ସେତିକି ନୁହେଁ, ଏହି ୭ ଜଣ ମହିଳାଙ୍କ ମଧ୍ୟରୁ ୪ ଜଣ ନାବାଳିକା । ମହିଳାମାନଙ୍କ ପ୍ରତି ହେଉଥିବା ଅତ୍ୟାଚାର ଓ ମହିଳା ନିଖୋଜରେ ଓଡ଼ିଶା ଭାରତବର୍ଷରେ ପ୍ରଥମ ସ୍ଥାନ ଅଧିକାର କରିଛି। ଏହା ବୋଧହୁଏ ରାଜ୍ୟ ସରକାରଙ୍କ ବଡ଼ ଉପଲବ୍ଧି ବୋଲି ଅଖିଳ ଭାରତ ଜାତୀୟ କଂଗ୍ରେସ ସଭାନେତ୍ରୀ ଅଲକା ଲାମ୍ବା କହିଛନ୍ତି।

କଂଗ୍ରେସ ଭବନଠାରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଅଲକା କହିଛନ୍ତି, ଆସନ୍ତା ଦିନରେ ରାଜ୍ୟ ମହିଳା କଂଗ୍ରେସ ସଭାପତି ମୀନାକ୍ଷୀ ବାହିନୀପତିଙ୍କ ନେତୃତ୍ୱରେ ପ୍ରତ୍ୟେକ ଜିଲା ଓ ବ୍ଲକରେ ମହିଳାମାନଙ୍କ ନ୍ୟାୟ ପାଇଁ ଲଢ଼େଇ ହେବ। ରାଜ୍ୟର ମହିଳାଙ୍କ ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ନ୍ୟାୟ ପାଇଁ ସେମାନେ ବ୍ଲକ୍‌ସ୍ତରରୁ ଲଢ଼େଇ କରିବେ। ୨୦୦୦ ମସିହା ବେଳକୁ କଂଗ୍ରେସ ସରକାର ସମୟରେ ମଦରୁ ମାତ୍ର ୧୧୪.୮୨ କୋଟି ଟଙ୍କା ଆୟ ହେଉଥିଲା, କିନ୍ତୁ ଆଜି ତାହା ୬,୪୫୫ କୋଟି ଟଙ୍କାରେ ପହଞ୍ଚିଲାଣି। ମଦରୁ ଆୟ କରି ରାଜ୍ୟ ରାଜକୋଷକୁ ଭରାଯାଉଛି। ବର୍ତ୍ତମାନ ପ୍ରତ୍ୟେକ ପରିବାରରେ ପୁଅ ଏବଂ ବାପା ମଦ ପିଇ ସର୍ବସ୍ୱାନ୍ତ ହେଉଛନ୍ତି। କଂଗ୍ରେସ ସରକାର ସମୟରେ ଖାଦ୍ୟ ପଦାର୍ଥର ଦରଦାମ ଯାହା ଥିଲା ବର୍ତ୍ତମାନ ଅଟାଠାରୁ ଆରମ୍ଭକରି ବିସ୍କୁଟ ପର୍ଯ୍ୟନ୍ତ ପାଖାପାଖି ୨୦୦%ବୃଦ୍ଧି ଘଟିଛି। ଏ ରାଜ୍ୟ ସରକାର ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ କେବଳ ଭୋଟ ପାଇଁ ବ୍ୟବହାର କରୁଛନ୍ତି ବୋଲି ଅଲକା କହିଛନ୍ତି।

# ପଦ୍ମ ଧରିଲେ ପ୍ରଦୀପ ପାଣିଗ୍ରାହୀ

ଭୁବନେଶ୍ୱର,୨୧।୨
(ସୁନିତ୍ ମିଶ୍ର)

ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କୁ ନେଇ ଯେଉଁସବୁ ଚର୍ଚ୍ଚା ଚାଲିଥିଲା ତା'ର ଅନ୍ତ ଘଟିଛି। ବିଜେଡିରୁ ବହିଷ୍କୃତ ପ୍ରଦୀପ ବୁଧବାର ତାଙ୍କର କେତେଜଣ ସମର୍ଥକଙ୍କ ସହ ବିଧିବଦ୍ଧ ଭାବେ ଭାଜପାରେ ସାମିଲ ହୋଇଛନ୍ତି। ଦଳୀୟ କାର୍ଯ୍ୟାଳୟଠାରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଉପସ୍ଥିତିରେ ସେ ଦଳରେ ସାମିଲ ହୋଇଛନ୍ତି। ଦୀର୍ଘଦିନ ହେଲା ପ୍ରଦୀପ ଭାଜପାରେ ମିଶିବା ନେଇ ଚର୍ଚ୍ଚା ହେଉଥିଲା। ସେହି ଚର୍ଚ୍ଚାର ବର୍ତ୍ତମାନ ପୂର୍ଣ୍ଣଚ୍ଛେଦ ପଡ଼ିଛି। ମନମୋହନ ପ୍ରଦୀପ ଏବଂ ତାଙ୍କୁ ସମର୍ଥକମାନଙ୍କୁ ଦଳୀୟ ଉତ୍ତରୀୟ ଓ ଟୋପି ପିନ୍ଧାଇ ସ୍ୱାଗତ କରିଛନ୍ତି।

ଏହି ଅବସରରେ ପ୍ରଦୀପ ବିଜେଡିକୁ ଟାର୍ଗେଟକରି କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶକୁ ସାରା ବିଶ୍ୱରେ ସମ୍ମାନିତ କରିଛନ୍ତି। ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ଭାଜପାରେ ମିଶିଛନ୍ତି। ଓଡ଼ିଶାରେ ଅନ୍ଧ, ମୂକ, ବଧିର, ଗର୍ବୀ, ଅହଂକାରୀ ସରକାରକୁ ହଟାଇବାର ସମୟ ଆସିଛି। ଅଟଳ ବିହାରୀ ବାଜପେୟୀଙ୍କ ଆଶୀର୍ବାଦରେ ଓଡ଼ିଶାରେ ବିଜେଡି ମୁଖ୍ୟମନ୍ତ୍ରୀ ପଦ ପାଇଥିଲା। ହେଲେ ପରେ ନିଜର ସ୍ୱାର୍ଥ ଲାଗି ଭାଜପାର ହାତ ବିଜେଡି ଛାଡ଼ିଥିଲା। ବିଜେଡିକୁ ହଟାଇବା ଓ ଭାଜପାକୁ କ୍ଷମତାକୁ ଆଣିବାର ସମୟ ଆସିଛି। ପୂର୍ଣ୍ଣ ସମର୍ଥନ ଦେଇ ଥରେ ଭାଜପାକୁ ଓଡ଼ିଶାରେ କ୍ଷମତାସୀନ କରିବାକୁ ସେ ରାଜ୍ୟବାସୀଙ୍କୁ ନିବେଦନ କରିଛନ୍ତି। ସେ ଆହୁରି କହିଛନ୍ତି, ଭାଜପା ଓଡ଼ିଶାରେ ସରକାର କଲେ ଲୋକଙ୍କ ପାଇଁ ସମର୍ପିତ ହେବ। ଭାଜପା ସରକାର ଆସିଲେ ରାଜ୍ୟରେ ସଚିବାଳୟଠାରୁ ମନ୍ତ୍ରଣାଳୟ ସମସ୍ତଙ୍କ ପାଇଁ ଖୋଲା ରହିବ। ଶ୍ରେଷ୍ଠ ଭାରତ, ଶ୍ରେଷ୍ଠ ଓଡ଼ିଶା ଗଠନର ପ୍ରକୃଷ୍ଟ ସମୟ ଆସିଛି। ବର୍ତ୍ତମାନ ଓଡ଼ିଶାବାସୀ ପରିବର୍ତ୍ତନ ମୁହାଁ ହୋଇଛନ୍ତି। ଓଡ଼ିଶାରେ ଏକଛତ୍ରବାଦୀ ସରକାର ହଟାଇ ଲୋକତନ୍ତ୍ର ସରକାର ଆଣିବା ଦରକାର। 'ଓଡ଼ିଶାରେ ଡବଲ ଇଞ୍ଜିନ' ସରକାର ଗଠନ ହେଲେ ବିକାଶ ଧାରା ତ୍ୱରାନ୍ୱିତ ହୋଇପାରିବ ବୋଲି ପ୍ରଦୀପ କହିଛନ୍ତି।

ସୂଚନାଯୋଗ୍ୟ, ୨୦୨୦ ନଭେମ୍ବର ୨୦ରେ ଜନବିରୋଧୀ କାର୍ଯ୍ୟ ପାଇଁ ପ୍ରଦୀପଙ୍କୁ ବିଜେଡିର ପ୍ରାଥମିକ ସଦସ୍ୟ ପଦରୁ ବହିଷ୍କୃତ କରାଯାଇଥିଲା। ୨୦୦୯ରୁ ଲଗାତର ୩ଥର ସେ ଗୋପାଳପୁର ବିଧାୟକ ହୋଇଛନ୍ତି। ୨୦୧୪ରେ ନବୀନ ସରକାରରେ ଉଚ୍ଚଶିକ୍ଷା ମନ୍ତ୍ରୀ ମଧ୍ୟ ଥିଲେ। ୨୦୧୭ ଯାଏ ବିଭିନ୍ନ ବିଭାଗ ସମ୍ଭାଳିଥିଲେ। ପ୍ରଥମେ ତାଙ୍କ ଭାବୀ ସମୁଦି ଆଇଏଫ୍‌ଏସ୍ ଅଫିସର ଅଭୟ ପାଠକଙ୍କ ଘରେ ଭିଜିଲାନ୍ସ ଚଢ଼ାଉ ହେଲା। ଏପରିକି ଅଭୟ ଓ ତାଙ୍କ ପୁଅ ଆକାଶଙ୍କୁ ଜେଲରେ ଭର୍ତ୍ତି କରାଯାଇଥିଲା। ଟାଟା କମ୍ପାନୀରେ ଚାକିରି କରାଇଦେବାକୁ କହି ଆକାଶ ଟଙ୍କା ନେଇଥିବା କୁହାଯାଇଥିଲା। ପ୍ରଦୀପ ପାଣିଗ୍ରାହୀ ମଧ୍ୟ ଏଥିରେ ସମ୍ପୃକ୍ତ ଥିବାର ଅଭିଯୋଗକରି ତାଙ୍କ ଉପରେ ମଧ୍ୟ ଭିଜିଲାନ୍ସ ଚଢ଼ାଉ ହୋଇଥିଲା। ୨୦୨୦ ଡିସେମ୍ବର ୩ ରେ କ୍ରାଇମବ୍ରାଞ୍ଚ ପ୍ରଦୀପଙ୍କୁ ଗିରଫ କରିଥିଲା। ୨୦୨୦ରେ ତାଙ୍କୁ ବିଜେଡିରୁ ବହିଷ୍କାର କରାଯାଇଥିଲା। ୨୦୨୧ ଜୁନ୍‌ରେ ପ୍ରଦୀପ ଜାମିନରେ ଆସିଥିଲେ। ୨୦୨୪ ସାଧାରଣ ନିର୍ବାଚନକୁ କମ୍ ସମୟ ଥିବାବେଳେ ସେ ଭାଜପାରେ ଯୋଗଦେଇଛନ୍ତି। ସେ ବ୍ରହ୍ମପୁର ଲୋକ ସଭା ଆସନରୁ ପ୍ରାର୍ଥୀ ହେବା ନେଇ କିଛିଦିନ ହେଲା ଚର୍ଚ୍ଚା ଜୋର୍ ଧରିଛି।


ଭୁବନେଶ୍ୱର ଭାଜପା କାର୍ଯ୍ୟାଳୟଠାରେ ବୁଧବାର ରାଜ୍ୟ ଭାଜପା ସଭାପତି ମନମୋହନଙ୍କ ଉପସ୍ଥିତିରେ ପ୍ରଦୀପ ପାଣିଗ୍ରାହୀ ଏବଂ ତାଙ୍କ ସମର୍ଥକ ଭାଜପାରେ ଯୋଗ ଦେଉଛନ୍ତି।

# ବିଜେଡିରେ ତାଲିକା ଲମ୍ବା, ଭାଜପାରେ ୨

ବାଲେଶ୍ୱର,୨୧।୨(ମାନସ ବିଶ୍ୱାଳ)

ନିର୍ବାଚନ ତାରିଖ ଘୋଷଣା ହୋଇନାହିଁ । ତଥାପି ଏବେଠୁ ବିଭିନ୍ନ ନିର୍ବାଚନ ମଣ୍ଡଳୀରେ ରାଜନୈତିକ ଉଷ୍ମତା ଦେଖିବାକୁ ମିଳିଲାଣି। ବିଶେଷ କରି ଦଳୀୟ ଟିକେଟ ହାତେଇବା ପାଇଁ ଆଶାୟୀମାନେ ସେମାନଙ୍କ ଲବି ଜୋରଦାର କଲେଣି। ଏହି କ୍ରମରେ ବାଲେଶ୍ୱର ଜିଲା ରେମୁଣା ନିର୍ବାଚନ ମଣ୍ଡଳୀରେ ମଧ୍ୟ ଏକାଧିକ ଆଶାୟୀ ଦଳୀୟ ଟିକେଟ ପାଇଁ କସରତ ଆରମ୍ଭ କରି ଦେଇଛନ୍ତି। ବିଶେଷକରି ବିଜେଡି ଟିକେଟ ପାଇଁ ବହୁ ଆଶାୟୀ ମୁଣ୍ଡ ଟେକିଛନ୍ତି। ୨୦୧୯ ନିର୍ବାଚନରେ ବିଜେଡି ପ୍ରାର୍ଥୀ ସୁଧାଂଶୁ ଶେଖର ପରିଡା ଭାଜପା ପ୍ରାର୍ଥୀ ଗୋବିନ୍ଦ ଚନ୍ଦ୍ର ଦାସଙ୍କୁ ପରାଜିତ କରି ବିଜୟୀ ହୋଇଥିଲେ । ପରବର୍ତ୍ତୀ ସମୟରେ ବିଧାୟକ ସୁଧାଂଶୁ ଶେଖର ପରିଡାଙ୍କ ନାମରେ ଦୁର୍ନୀତି ଅଭିଯୋଗ ଆସିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କୁ ବିଜେଡିରୁ ବହିଷ୍କାର କରିଛନ୍ତି। ସେ ଦଳରୁ ବହିଷ୍କୃତ ହୋଇଥିବାରୁ ଆସନ୍ତା ନିର୍ବାଚନରେ ସୁଧାଂଶୁଙ୍କୁ ବିଜେଡି ଟିକେଟ ମିଳିବା ସମ୍ଭାବନା କମ୍ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି। ତେଣୁ ବିଜେଡିରେ ଏବେ ଏକାଧିକ ଆଶାୟୀ ଟିକେଟ ପାଇଁ ସବୁ ପ୍ରକାର ଉଦ୍ୟମ ଚଳାଇଛନ୍ତି। ବିଜେଡି ଟିକେଟ ଦୌଡ଼ରେ ଯେଉଁମାନଙ୍କ ନାମ ଚର୍ଚ୍ଚା ହେଉଛି ସେମାନେ ହେଲେ ପୂର୍ବତନ ବିଧାୟକ ସୁଦର୍ଶନ ଜେନା, ଯୁବନେତା ଦୀପକ ମଲ୍ଲିକ, ସମିତି ସଭ୍ୟା ଶାନ୍ତା ଦାସ, ବଂଶୀଧର ଦଳେଇ, ଯୁବନେତା ଚନ୍ଦନ ମଲ୍ଲିକ ଓ ପ୍ରଫେସର ଶତୃଘ୍ନ ମଲ୍ଲିକ। ସୁଦର୍ଶନ ୨୦୦୯ରେ ରେମୁଣା ଆସନରୁ ବିଜେଡି ବିଧାୟକ ଭାବେ ବିଜୟୀ ହୋଇଥିଲେ। ତେବେ ୨୦୧୪ ନିର୍ବାଚନରେ ସେ ଭାଜପା ପ୍ରାର୍ଥୀ ଗୋବିନ୍ଦ ଦାସଙ୍କ ଠାରୁ ପରାଜିତ ହୋଇଥିଲେ। ୨୦୧୯ ନିର୍ବାଚନରେ ବିଜେଡି ସୁଦର୍ଶନଙ୍କୁ ଟିକେଟ ନ ଦେଇ ସୁଧାଂଶୁଙ୍କୁ ପ୍ରାର୍ଥୀ କରିଥିଲା। ଏବେ ସୁଧାଂଶୁ ବିଜେଡିରୁ ବହିଷ୍କାର ହେବା ପରେ ସୁଦର୍ଶନ ପୁଣି ଥରେ ଦଳୀୟ ଟିକେଟ


ସୁଦର୍ଶନ ଜେନା


ଦୀପକ ମଲ୍ଲିକ


ଶାନ୍ତା ଦାସ

**ରେମୁଣା ନିର୍ବାଚନମଣ୍ଡଳୀ**

**ବିଜେଡି ଦୌଡ଼ରେ ସୁଦର୍ଶନ, ଦୀପକ, ଶାନ୍ତା**

**ଭାଜପାରେ ଗୋବିନ୍ଦ, ବିଜୟ**

**ଚର୍ଚ୍ଚାକୁ ଆସୁନି କଂଗ୍ରେସ**

ରେସ୍‌ରେ ଥିବା ଜଣାପଡ଼ିଛି। ସେହିପରି ରେମୁଣା ଆସନ ପାଇଁ ଯୁବନେତା ଇଞ୍ଜିନିୟର ଦୀପକ ମଲ୍ଲିକଙ୍କ ନାମକୁ ନେଇ ସବୁଠି ଚର୍ଚ୍ଚା ହେଉଛି। ଦୀପକ ଆଇଆଇଟି ଖଡ଼ଗପୁରରେ ଇଞ୍ଜିନିୟରିଂ ଶିକ୍ଷାଲାଭ କରିବା ପରେ ସେ ଭୁବନେଶ୍ୱରରେ ଏକ ଷ୍ଟାର୍ଟଅପ୍ କମ୍ପାନୀ ଖୋଲିଛନ୍ତି। ବହୁ ଯୁବକଙ୍କୁ ନିଯୁକ୍ତି ମଧ୍ୟ ଦେଇଛନ୍ତି। ସେ ରାଜନୀତିକୁ ଆସି ଲୋକଙ୍କ ସେବା କରିବାକୁ ଚାହୁଁଛନ୍ତି ବୋଲି ଦୀପକ କହିଛନ୍ତି। ୨୦୧୪ରେ ଦୀପକ ଭାଜପାରେ ସାମିଲ ହୋଇଥିଲେ । ହେଲେ ସେ ଭାଜପାକୁ ଅଳ୍ପଦିନ ପରେ ପରିତ୍ୟାଗ କରିଥିଲେ। ଦୀପକଙ୍କ ବାପା ସିମୁଳିଆ ବ୍ଲକର ଭାଜପା ସମର୍ଥିତ ବ୍ଲକ ଅଧ୍ୟକ୍ଷ ଅଛନ୍ତି। ଯଦି ଦୀପକଙ୍କୁ ବିଜେଡି ଟିକେଟ ମିଳେ, ତେବେ ତାଙ୍କ ବାପା ମଧ୍ୟ ଭାଜପା ଛାଡ଼ି ବିଜେଡିରେ ଯୋଗ ଦେଇପାରନ୍ତି ବୋଲି ଆଲୋଚନା ହେଉଛି। ରେମୁଣାରେ ଦୀପକ ବିଭିନ୍ନ ସାମାଜିକ କାର୍ଯ୍ୟ ସହ ସଭାସମିତିରେ ମଧ୍ୟ ଲିପ୍ତ ରହୁଛନ୍ତି। ଜଣେ ଯୁବନେତା ଭାବରେ ତାଙ୍କର ଦଳମତ ନିର୍ବିଶେଷରେ ସମସ୍ତଙ୍କ ସହ ଉତ୍ତମ ସମ୍ପର୍କ ରହିଛି। ସମିତି ସଭ୍ୟା ଶାନ୍ତା ଦାସଙ୍କ ନାମ ମଧ୍ୟରେ ଚର୍ଚ୍ଚାରେ ରହିଛି। ସେହିପରି ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ ମଧ୍ୟ ବିଜେଡି ଟିକେଟ ଦୌଡ଼ରେ ଅଛନ୍ତି। ଶତ୍ରୁଘ୍ନ ଏବେ ବାଲେଶ୍ୱର ବିଜେଡିର ଏସ୍‌ସିଏସଟି ମୋର୍ଚ୍ଚାର ସଭାପତି ଅଛନ୍ତି। ପ୍ରଫେସର ଶତ୍ରୁଘ୍ନ ବିଭିନ୍ନ ସରକାରୀ କଲେଜରେ ଅଧ୍ୟାପନା କରି ଅବସର ପରେ ବିଜେଡିରେ ସାମିଲ ହୋଇଥିଲେ। ସେ ୨୦୦୯ରୁ ବିଜେଡି ଟିକେଟ୍ ପାଇଁ ଆଶାୟୀ ଥିଲେ ମଧ୍ୟ ତାଙ୍କୁ ଏଥିରେ ସଫଳତା ମିଳିନାହିଁ। ଅପରପକ୍ଷରେ ତେବେ ରେମୁଣା ବିଜେଡିରେ ଏକାଧିକ ଆଶାୟୀ ଥିବାରୁ ଦଳ କାହାକୁ ଭରସା କରୁଛି ତାକୁ ଦେଖିବାକୁ ବାକି ରହିଛି। ଅପରପକ୍ଷରେ ଭାଜପା ଟିକେଟ ପାଇଁ ପୂର୍ବତନ ବିଧାୟକ ଗୋବିନ୍ଦ ଦାସ ଓ ବିଜୟ ସେଠୀ ପ୍ରମୁଖ ଦାବିଦାର ରହିଥିବାବେଳେ କଂଗ୍ରେସ ଏହି ଆସନରେ ଦୁର୍ବଳ ରହିଛି। ତେଣୁ ଏଠାରେ କଂଗ୍ରେସ ଆଶାୟୀଙ୍କ ନାମ ଚର୍ଚ୍ଚାକୁ ଆସୁନାହିଁ। ରେମୁଣା ନିର୍ବାଚନମଣ୍ଡଳୀ ଏସ୍‌ସି ବର୍ଗଙ୍କ ପାଇଁ ସଂରକ୍ଷିତ ଥିବାବେଳେ ୨୦୦୯ରେ ଏହି ନିର୍ବାଚନମଣ୍ଡଳୀ ପୁନର୍ଗଠନ ହୋଇଥିଲା। ଅଦ୍ୟାବଧି ଏହି ଆସନରେ ଦୁଇ ଥର ବିଜେଡି ବାଜିମାତ୍ କରିଥିବାବେଳେ ଭାଜପା ଥରେ ବିଜୟ ଲାଭ କରିଛି। କଂଗ୍ରେସର ସ୍ଥିତି ଭଲ ନ ଥିବାରୁ ଆସନ୍ତା ନିର୍ବାଚନରେ ଏହି ଆସନରେ ବିଜେଡି ଓ ଭାଜପା ମଧ୍ୟରେ ଦ୍ୱିମୁଖୀ ଲଢ଼େଇ ହେବ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।

## ପ୍ରଦୀପଙ୍କୁ କୋଳେଇ ଭାଜପା ନିଜର ଅସଲ ଚେହେରା ଦେଖାଇଲା: ବିଜେଡି

ଭୁବନେଶ୍ୱର,୨୧।୨(ଅନିଲ ଦାସ)

ପ୍ରଦୀପ ପାଣିଗ୍ରାହୀ ହେଉଛନ୍ତି ଏମିତି ଜଣେ ଜନ ବିରୋଧୀ ନେତା, ଯିଏ ନିଜ ଜ୍ୱାଇଁ ଆକାଶ ପାଠକ ଏବଂ ସମୁଦି ତଥା ପୂର୍ବତନ ଆଇଏଫ୍‌ଏସ୍ ଅଧିକାରୀ ଅଭୟ ପାଠକଙ୍କ ସହ ମିଶି ଷଡ଼ଯନ୍ତ୍ର କରି ଚାକିରି ଦେବା ନାଁରେ ନିଜ ନିର୍ବାଚନମଣ୍ଡଳୀର ଗରିବ ସାଧାରଣ ଲୋକ ଓ ବେକାର ଯୁବକଙ୍କଠାରୁ ଲକ୍ଷ ଲକ୍ଷ ଟଙ୍କାର ଠକେଇ କରିଥିଲେ। ଏଭଳି ଜଣେ ନେତାଙ୍କୁ ଭାଜପା କୋ ।ଳେଇ ନେଇ ତା'ର ଅସଲ ଚେହେରା ଦେଖାଇଛି ବୋଲି ବିଜେଡି ମୁଖପାତ୍ର ଇପ୍ସିତା ସାହୁ କହିଛନ୍ତି। ବୁଧବାର ଶଙ୍ଖଭବନଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି ଯେ ଭାବୀ ଜ୍ୱାଇଁଙ୍କୁ ଟାଟା ମୋଟର୍ସର ଏମ୍‌ଡି ଦର୍ଶାଇ ନିଜ ନିର୍ବାଚନମଣ୍ଡଳୀର ବେକାର ଗରିବ ଯୁବକଙ୍କଠାରୁ ଲକ୍ଷ ଲକ୍ଷ ଟଙ୍କା ଆଦାୟ କରି ଠକିଥିଲେ। ଠକେଇ ମାମଲା ଧରା ପଡ଼ିବା ପରେ ପ୍ରଦୀପ ପାଣିଗ୍ରାହୀଙ୍କ ସମେତ ପାଠକ ବାପା-ପୁଅ ଗିରଫ ହୋଇଥିଲେ ଏବଂ ମାସ ମାସ ଧରି ଜେଲରେ ଥିଲେ। କୋଭିଡ୍ ସମୟରେ ଗଞ୍ଜାମକୁ ଫେରୁଥିବା ଲୋକଙ୍କୁ କିଭଳି ସୁରକ୍ଷିତ ରଖାଯିବ ଓ କିଭଳି ସାହାଯ୍ୟ ସହଯୋଗ ଯୋଗାଇ ଦିଆଯିବ, ସେ ନେଇ ଜନ ପ୍ରତିନିଧି ଓ ପ୍ରଶାସନ ତତ୍ପରତା ଦେଖାଉଥିବାବେଳେ ଲୋକଙ୍କୁ ଠକି ସେଇ ଟଙ୍କାରେ ପ୍ରଦୀପ ପାଣିଗ୍ରାହୀ ମଉଜ କରୁଥିଲେ। ପ୍ରଦୀପଙ୍କ ଏଭଳି ଜନବିରୋଧୀ ନୀତି ପ୍ରତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କଠୋର ଏବଂ କଡ଼ା ଆଭିମୁଖ୍ୟ ଦେଖାଇ ତାଙ୍କୁ ଦଳରୁ ବହିଷ୍କୃତ କରିଥିଲେ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରଦୀପ ପାଣିଗ୍ରାହୀଙ୍କୁ ଏହି ମାମଲାରେ ଠକ ଏବଂ ଲୋକଙ୍କ ପଇସା ଲୁଟିଥିବା ଜଣେ ଲମ୍ପଟ ବୋଲି କହିଥିଲେ। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ଉପସ୍ଥିତିରେ କୁଆଡ଼େ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହେବାର ଥିଲା। ହେଲେ ପ୍ରଦୀପଙ୍କ କଳା କାରନାମା ଜାଣିବା ପରେ ରାଜନାଥ କୁଆଡ଼େ ସଫା ସଫା ମନା କରିଦେଲେ। ତେଣୁ ତରବରିଆ ଭାବେ ଏହି ମିଶ୍ରଣ ପର୍ବର ଆୟୋଜନ ଓଡ଼ିଶା ଭାଜପା କାର୍ଯ୍ୟାଳୟରେ କରାଯାଇଛି ବୋଲି ଇପ୍ସିତା କହିଛନ୍ତି ।

# କେନ୍ଦ୍ର ହାୱାରେ ଭାଜପାର କ୍ଷମତା ଆଶା

ଯାଜପୁର,୨୧।୨(ହର୍ଷବର୍ଦ୍ଧନ ବେହେରା)

ରାଜ୍ୟରେ ୨୪ ବର୍ଷ ଧରି ବିଜେଡି ସରକାରରେ ରହିଛି। ତୃଣମୂଳସ୍ତରରେ ଦଳ ବେଶ୍ ଶକ୍ତିଶାଳୀ ଥିବା ଦାବି କରୁଛି। ଯଦିଓ ୨୦୧୭ ପଞ୍ଚାୟତ ଓ ୨୦୧୯ ସାଧାରଣ ନିର୍ବାଚନରେ ଭାଜପା ପ୍ରମୁଖ ବିରୋଧୀ ଭାବେ ଉଭା ହୋଇଥିଲା, ଆଶା କରାଯାଉଥିଲା ଦଳ ମଜଭୁତ ସ୍ଥିତିକୁ ଫେରିବ। ହେଲେ ୨୦୨୨ ପଞ୍ଚାୟତ ନିର୍ବାଚନରେ ଯାଜପୁରରେ ସେଭଳି କିଛି ସୁଫଳ ଭାଜପାକୁ ମିଳିଲା ନାହିଁ। ବିଜେଡିର ବିକଳ୍ପ ଭାବେ ଭାଜପା ଲୋକଙ୍କ ମଧ୍ୟରେ ବିଶ୍ୱାସ ସୃଷ୍ଟି କରିନାହିଁ। ତୃଣମୂଳସ୍ତରରେ ବିଭିନ୍ନ ଲୋକହିତକର ଯୋଜନାରେ ଅବହେଳା ଓ ଦୁର୍ନୀତି, ଖଣି ଓ ଶିଳ୍ପାଞ୍ଚଳରେ ସ୍ଥାନୀୟ ବେକାରି ସମସ୍ୟା, ପାନୀୟ ଜଳ, ଚଣ୍ଡିଖୋଲରେ ତୈଳ ଭଣ୍ଡାର ପ୍ରତିଷ୍ଠା, ପ୍ରସ୍ତାବିତ ଯାଜପୁର ରୋଡଠାରୁ ଧାମରା ରେଳପଥକୁ ଅଣଦେଖା ଇତ୍ୟାଦି ଗୁରୁତ୍ୱପୂର୍ଣ୍ଣ ବିଷୟକୁ ଲୋକଙ୍କ ଆଗକୁ ନ ଆଣି କେବଳ କେନ୍ଦ୍ର ସରକାରଙ୍କ ହାୱା ବଳରେ ଜିଲାରେ ସହଜରେ ନେତୃତ୍ୱ ନେବାର ଭାଜପା ଯେଉଁ ଆଶା କରୁଛି, ତାହା ସେଥିରେ ସଫଳ ହେବ ନାହିଁ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଏପରି କି ବିନା ପରିଶ୍ରମରେ କ୍ଷମତା ମିଳିପାରେନି ବୋଲି ରାଜନୈତିକ ସମୀକ୍ଷକମାନେ ମତପ୍ରକାଶ କରିଛନ୍ତି।

ଯାଜପୁର ଜିଲାରେ ଗତ ସାଧାରଣ ନିର୍ବାଚନର ଫଳାଫଳ ବିଜେଡି ପାଇଁ ସତର୍କ ଘଣ୍ଟି ବୋଲି ରାଜନୈତିକ ମହଲରେ ମତପ୍ରକାଶ ପାଇଥିଲା। ଏମ୍‌ପି ନିର୍ବାଚନରେ ବିଜେଡି ୪୯.୮୧%, ଭାଜପା ୪୦.୫% ଓ କଂଗ୍ରେସ ପ୍ରାର୍ଥୀ ୭.୬୩% ଭୋଟ ପାଇଥିଲେ। ଭାଜପା ୨୦୧୪ ନିର୍ବାଚନରେ ୧୫.୫୩% ରୁ ୫ ବର୍ଷରେ ୪୦.୫%କୁ ଲମ୍ଫ ମାରିଥିଲା। ୨୦୧୭ରେ ଜିଲା ଭାଜପା ସଂଗଠନ ସେତେଟା ସୁଦୃଢ ନ ଥିଲେ ମଧ୍ୟ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଦଳ ୬ଟି ଏବଂ ବିଜେଡି ୩୩ଟି ଜିଲା ପରିଷଦ ଆସନ ହାତେଇଥିଲା। ଜିଲା ପରିଷଦ ଆସନ ଦଳୀୟ ଚିହ୍ନରେ ମିଳିଥିବା ଜନାଦେଶରୁ ଭାଜପାର ଭୋଟ ହାର ୧୬ରୁ ପ୍ରାୟ ୩୧ପ୍ରତିଶତକୁ ବୃଦ୍ଧି ଘଟିଥିଲା। ଏହାର ଲାଭ ୨୦୧୯ ସାଧାରଣ ନିର୍ବାଚନରେ ମଧ୍ୟ ପ୍ରତିଫଳିତ ହୋଇଥିଲା। ଭାଜପା ଜିଲାରେ ଏକ ଶକ୍ତିଶାଳୀ ବିରୋଧୀ ଦଳ ଭାବେ ଉଭା ହୋଇଥିଲା । ଜିଲାରେ ବଡ଼ଚଣା ଓ ବରୀ ନିର୍ବାଚନମଣ୍ଡଳୀରେ କଡ଼ା ଟକ୍କର ହୋଇଥିଲା। ବଡ଼ଚଣାରେ ଭାଜପା ପ୍ରାର୍ଥୀ ମାତ୍ର ୧,୪୮୫ ଭୋଟ ଓ ବରୀରେ ଭାଜପା ପ୍ରାର୍ଥୀ ମାତ୍ର ୪,୦୬୨ ଭୋଟ ବ୍ୟବଧାନରେ ହାରିଥିଲେ। ଏଭଳି ଫଳାଫଳକୁ ଦେଖି ବିଜେଡି ନେତା ଓ କର୍ମୀଙ୍କ ମଧ୍ୟରେ ଚିନ୍ତା ପଶିଥିଲା। ପରେ ସେମାନେ ନିୟମିତ ବିଭିନ୍ନ ଯୋଜନା ମାଧ୍ୟମରେ ଲୋକଙ୍କ ଅତି ନିକଟତର ହୋଇଥିଲେ। କିନ୍ତୁ ଭାଜପା ନେତା ଓ କର୍ମୀ ନୀରବ ବସି ରହି କେବଳ ନରେନ୍ଦ୍ର ମୋଦିଙ୍କ ହାୱା ଉପରେ ଭରସା କରିଥିଲେ। ଲୋକଙ୍କ ଆସ୍ଥାଭାଜନ ହେବା ଭଳି କୌଣସି ପଦକ୍ଷେପ ନେଇ ପାରି ନ ଥିଲେ। ଫଳରେ ୨୦୨୨ ପଞ୍ଚାୟତ ନିର୍ବାଚନରେ ସମସ୍ତ ୩୯ଟି ଜିଲା ପରିଷଦ ଆସନରେ ବିଜେଡି ୨ରୁ ୩ ହଜାର ଭୋଟ ବ୍ୟବଧାନରେ ବିଜୟୀ ହୋଇଥିଲା। ଭାଜପା ଓ କଂଗ୍ରେସକୁ ଗୋଟିଏ ବି ଆସନ ମିଳି ପାରି ନଥିଲା। ଏହାସହ ୧୦ଟି ପଞ୍ଚାୟତ ସମିତି ମଧ୍ୟ ବିଜେଡି ସମର୍ଥିତ ପ୍ରାର୍ଥୀ ଅକ୍ତିଆର କରିଥିଲେ। ଉକ୍ତ ଫଳାଫଳ ପରେ ଅର୍ଥବଳ, ବାହୁ ବଳ ସମେତ ପ୍ରଶାସନିକ କଳର ସହଯୋଗ ପାଇଁ ବିଜେଡି ସବୁଠି ଜିତି ପାରିଛି ବୋଲି ଅଭିଯୋଗ କରି ଭାଜପା କର୍ମୀ ଓ ନେତାମାନେ କେବଳ ସନ୍ତୁଷ୍ଟି ଲାଭ କରିଥିଲେ। ପୌର ନିର୍ବାଚନରେ ମଧ୍ୟ ଭାଜପାକୁ ବିଫଳତାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ବିଜେଡି ସରକାର ବିରୋଧରେ ରହିଥିବା ରାଶନ କାର୍ଡ, ସମାଜ ମଙ୍ଗଳ ବିଭାଗ ଦ୍ୱାରା ମିଳୁଥିବା ଭତ୍ତା ଓ ଆବାସ ଯୋଜନାରେ ଦୁର୍ନୀତି ଭଳି ବହୁ ପ୍ରସଙ୍ଗକୁ ଭାଜପା ଆନ୍ଦୋଳନର ପ୍ରସଙ୍ଗ କରି ପାରିନାହିଁ। ଭାଜପା ନେତାମାନେ କେବଳ କେନ୍ଦ୍ର ସରକାରଙ୍କ ହାୱା ଉପରେ ଭରସା ରଖି ନିର୍ବାଚନ ବୈତରଣୀ ପାର ହେବାକୁ ଆଶା ବାନ୍ଧିଛନ୍ତି ବୋଲି ସବୁଠି ଆଲୋଚନା ହେଉଛି।



## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ: ..................................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଜିଓ ଏୟାରଫାଇବରର ନୂଆ ମାଇଲଖୁଣ୍ଟ

ଭୁବନେଶ୍ୱର,୨୧।୨

ଦେଶର ପ୍ରମୁଖ ଟେଲିକମ୍ କମ୍ପାନୀ ତଥା ଜିଓ ଏୟାରଫାଇବରର ଓଡ଼ିଶା ୟୁନିଟ୍ ନିକଟରେ ଉଲ୍ଲେଖନୀୟ ସଫଳତା ସହ ନୂଆ ମାଇଲଖୁଣ୍ଟ ହାସଲ କରିଛି। ବିଶେଷକରି ଗୃହ ମନୋରଞ୍ଜନ, ସ୍ମାର୍ଟ ହୋମ୍ ସେବା ଓ ହାଇସ୍ପିଡ୍ ବ୍ରଡ୍‌ବ୍ୟାଣ୍ଡର ସମନ୍ୱିତ ଏଣ୍ଡ-ଟୁ-ଏଣ୍ଡ ସମାଧାନ ଜିଓ ଏୟାରଫାଇବର ବର୍ତ୍ତମାନ ଓଡ଼ିଶାର ୨୫୦ ରୁ ଅଧିକ ସହର ଏବଂ ନିକଟବର୍ତ୍ତୀ ଗ୍ରାମଗୁଡ଼ିକରେ ଉପଲବ୍ଧ। ଏପରିକି ୨୦୨୩ ନଭେମ୍ବରରେ ଆରମ୍ଭ ହୋଇଥିବା ଏହି ସେବା ରାଜ୍ୟର ଓ୍ୱାୟାରଲାଇନ ବ୍ରଡ୍‌ବ୍ୟାଣ୍ଡ ସଂଯୋଗ କ୍ଷେତ୍ରରେ ରହିଥିବା ସଂଯୋଗଜନିତ ଆହ୍ୱାନକୁ ଅତିକ୍ରମ କରିପାରିଛି ଏବଂ ସାରା ଦେଶର ବ୍ୟବହାକାରୀଙ୍କୁ ଉନ୍ନତ ଡିଜିଟାଲ ଅନୁଭବ ପ୍ରଦାନ କରୁଛି। ବର୍ତ୍ତମାନ ସାରା ଭାରତରେ ଜିଓର ଅପ୍ଟିକାଲ ଫାଇବର ଭିତ୍ତିଭୂମି ୧.୫ନିୟୁତ କି.ମି.ରୁ ଅଧିକ ବ୍ୟାପ୍ତ ରହିଛି, ତଥାପି ଦେଶର ଅନେକ ସ୍ଥାନରେ ପ୍ରତ୍ୟକ୍ଷ ସଂଯୋଗ ପ୍ରଦାନ କରିବା ଲାଗି ବହୁ ସମୟ ଲାଗୁଛି।

ସେହିଭଳି ଘର କିମ୍ବା ପରିସର ପର୍ଯ୍ୟନ୍ତ ଅପ୍ଟିକାଲ ଫାଇବର ପହଞ୍ଚାଇବାରେ ରହିଥିବା ଜଟିଳତା ଓ ବିଳମ୍ବ ପାଇଁ ବର୍ତ୍ତମାନ ପର୍ଯ୍ୟନ୍ତ ଅନେକ ସମ୍ଭାବ୍ୟ ଗ୍ରାହକ ହୋମ ବ୍ରଡ୍‌ବ୍ୟାଣ୍ଡରୁ ବଞ୍ଚିତ ରହିଛନ୍ତି। ଏହିଭଳି ପରିସରଗୁଡ଼ିକୁ ସଂଯୋଗ ପ୍ରଦାନ କରିବା କାର୍ଯ୍ୟ ଜିଓ ପକ୍ଷରୁ ତ୍ୱରାନ୍ୱିତ କରାଯାଇଛି।

ଏପରିକି ରାଜ୍ୟର ଶେଷ ମାଇଲ ସଂଯୋଗୀକରଣରେ ରହିଥିବା ସମସ୍ୟାକୁ ଦୂରକରିବା ସହ ଜିଓ ଏୟାରଫାଇବର ପ୍ରତ୍ୟେକ ଘର ଓ କ୍ଷୁଦ୍ର ବ୍ୟବସାୟିକ ପ୍ରତିଷ୍ଠାନକୁ ବ୍ରଡ୍‌ବ୍ୟାଣ୍ଡ ସୁବିଧା ସହିତ ସଂଯୁକ୍ତ କରୁଛି, ଯେଉଁଠାରେ ପୂର୍ବରୁ ଗୁଣାତ୍ମକ ହୋମ ବ୍ରଡ୍‌ବ୍ୟାଣ୍ଡ ସୁବିଧା ସେମାନଙ୍କ ପରିସରକୁ ଅପ୍ଟିକାଲ-ଫାଇବର ସମ୍ପ୍ରସାରଣରେ ରହିଥିବା ବିଭିନ୍ନ ଜଟିଳତା କାରଣରୁ ଉପଲବ୍ଧ ହୋଇପାରୁ ନ ଥିଲା। ବିଶେଷକରି ଘରୁ କାର୍ଯ୍ୟ କରୁଥିବା ଆଇଟି ପ୍ରଫେସନାଲଙ୍କଠାରୁ ଆରମ୍ଭକରି ଛୋଟ ବଡ ଉଦ୍ୟୋଗ, ହୋଟେଲ ଓ ରେସ୍ତୋରାଁ, ଡିଜିଟାଲ ଷ୍ଟୁଡିଓ, ଶିକ୍ଷାନୁଷ୍ଠାନ, କ୍ଷୁଦ୍ର ବ୍ୟବସାୟ ଓ ବ୍ୟକ୍ତିଗତ ପରିବାର ପର୍ଯ୍ୟନ୍ତ ଜିଓ ଏୟାରଫାଇବର ଓଡ଼ିଶାର ୨୫୦ରୁ ଅଧିକ ଛୋଟ ବଡ଼ ସହରରେ ବର୍ତ୍ତମାନ ଏହା ସର୍ବାଧିକ ପସନ୍ଦ ପାଲଟିଛି।

# ଭୁବନେଶ୍ୱରରେ ୧୨୦ଶଯ୍ୟା ବିଶିଷ୍ଟ ଅଙ୍କୁରା ହସ୍ପିଟାଲ

- ସ୍ୱତନ୍ତ୍ର ମହିଳା ଓ ଶିଶୁ ଚିକିତ୍ସାଳୟ ଉଦ୍‌ଘାଟିତ
- ବାପୁଜୀନଗରରେ ଅଙ୍କୁରା ହସ୍ପିଟାଲର ଏକ୍ସକ୍ଲୁସିଭ ୟୁନିଟ୍

ଭୁବନେଶ୍ୱର,୨୧।୨(ଅଭୟ ଦାଶ)



ଦେଶର ପ୍ରମୁଖ ଘରୋଇ ହେଲ୍‌ଥ କେୟାର ସଂସ୍ଥା ତଥା ଅଙ୍କୁରା ହସ୍ପିଟାଲ ପ୍ରାଇଭେଟ୍ ଲିମିଟେଡ୍‌ର ନୂତନ ୟୁନିଟ୍ ବୁଧବାର ଭୁବନେଶ୍ୱରର ବାପୁଜୀ ନଗରଠାରେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ମେୟର ସୁଲୋଚନା ଦାସ, ଓବି ଆଣ୍ଡ ଓସିଡବ୍ଲୁଡବ୍ଲୁବିର ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର, ସାମାଜିକ କର୍ମୀ ରବୀନ୍ଦ୍ର ନାଥ ଛୋଟରାୟ,ଏମ୍‌ପି ଲଭୁ ଶ୍ରୀକ୍ରିଷନ ଦେବରାୟାଲୁଙ୍କ ସମେତ ଅଙ୍କୁରା ହସ୍ପିଟାଲର ପ୍ରତିଷ୍ଠାତା ତଥା ପରିଚାଳନା ନିର୍ଦ୍ଦେଶକ ଡା.କ୍ରିଷ୍ଣା ପ୍ରସାଦ ଭୁନାମ ପ୍ରମୁଖ ଉପସ୍ଥିତ ଥିଲେ।

ଉଲ୍ଲେଖଯୋଗ୍ୟ, ହାଇଦ୍ରାବାଦଭିତ୍ତିକ ହେଲ୍‌ଥ କେୟାର ସଂସ୍ଥା ତଥା ମହିଳା ଏବଂ ଶିଶୁଙ୍କ ସ୍ୱତନ୍ତ୍ର ଚିକିତ୍ସାଳୟ 'ଅଙ୍କୁରା ହସ୍ପିଟାଲ' ଭୁବନେଶ୍ୱରର ବାପୁଜୀନଗରଠାରେ ୧୨୦ଶଯ୍ୟା ବିଶିଷ୍ଟ ଏକ ଅତ୍ୟାଧୁନିକ ହେଲ୍‌ଥ କେୟାର ୟୁନିଟ୍‌ର ଆନୁଷ୍ଠାନିକ ଶୁଭାରମ୍ଭ କରିଛନ୍ତି। ଏଠାରେ ଉଚ୍ଚ ଆପଦପୂର୍ଣ୍ଣ ଶିଶୁ, ପେଡିଆଟ୍ରିକ, ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି, ଶିଶୁ ସ୍ନାୟବିକ ବିଜ୍ଞାନ, ଅର୍ଥୋପେଡିକ୍ସ, କ୍ୟାନ୍‌ସର ଚିକିତ୍ସା ଓ ଜରୁରିକାଳୀନ ଚିକିତ୍ସା ଆଦି ଉପଲବ୍ଧ। ସେହିଭଳି ଦୀର୍ଘ ୧ଦଶନ୍ଧିରୁ ଅଧିକ ସମୟ ଧରି ତେଲଙ୍ଗାନା, ଆନ୍ଧ୍ରପ୍ରଦେଶ ଏବଂ ମହାରାଷ୍ଟ୍ର ଭଳି ରାଜ୍ୟର ୧୪ଟି କେନ୍ଦ୍ର (ୟୁନିଟ୍)ରେ ହସ୍ପିଟାଲ ମହିଳା ଓ ଶିଶୁମାନଙ୍କ ପାଇଁ ସ୍ୱତନ୍ତ୍ର ସ୍ୱାସ୍ଥ୍ୟସେବା ସହ ସବୁ ବର୍ଗର ବିଶ୍ୱସନୀୟତା ଅର୍ଜନ କରିପାରିଛି। ସେହିପରି ୧୨୦ଶଯ୍ୟା ବିଶିଷ୍ଟ ଭୁବନେଶ୍ୱର ୟୁନିଟ୍‌ରେ ଅତ୍ୟାଧୁନିକ ଚିକିତ୍ସା ବ୍ୟବସ୍ଥା, ଜରୁରିକାଳୀନ ଚିକିତ୍ସା ସେବା ସହିତ ସୁସଜ୍ଜିତ ଆମ୍ବୁଲାନ୍ସ, ରୋଗୀ ପରିବହନ ସେବା, ଫାର୍ମାସି, ପରୀକ୍ଷାଗାର ଏବଂ ଗୋଟିଏ ଛାତ ତଳେ ରେଡିଓଲୋଜି ସେବା ଉପଲବ୍ଧ।

ଏ ସମ୍ପର୍କରେ ଅଙ୍କୁରା ହସ୍ପିଟାଲର ପ୍ରତିଷ୍ଠାତା ତଥା ପରିଚାଳନା ନିର୍ଦ୍ଦେଶକ ଡା.କ୍ରିଷ୍ଣା ପ୍ରସାଦ ଭୁନାମ କହିଛନ୍ତି, ରୋଗୀ ସେବା ଉପରେ ଆମର ସର୍ବଦା ଧ୍ୟାନ ରହିଥିଲାବେଳେ ମହିଳା ଓ ଶିଶୁମାନଙ୍କ ବିଭିନ୍ନ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଛୁ। ଏପରିକି ସବୁ ବର୍ଗର ଲୋକଙ୍କ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଆମେ ନିରନ୍ତର ଆମର ପ୍ରତିବଦ୍ଧତାକୁ ପୂରଣ କରିଆସିଛୁ।

# ବିଏର ନୂତନ ନେକ୍ସଟ ଜେନ୍ ଷ୍ଟୋର

ଭୁବନେଶ୍ୱର,୨୧।୨

ଭାରତୀ ଏୟାରଟେଲ (ବିଏ) ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ 'ଅଲ୍ ନ୍ୟୁ ନେକ୍ସଟ ଜେନ୍ ଷ୍ଟୋର' ଭୁବନେଶ୍ୱରର ଖାରପଡ଼ା, ଶିରିପୁର, ଡିଷ୍ଟ୍ରିକ୍ଟ ସେଣ୍ଟର ଏବଂ ଆଚାର୍ଯ୍ୟ ବିହାରଠାରେ ଶୁଭାରମ୍ଭ ହୋଇଯାଇଛି। ଏପରିକି କମ୍ପାନୀ ମାଲିକାନାଭୁକ୍ତ ଉପରୋକ୍ତ ୪ଟି ନୂଆ ନେକ୍ସଟ ଜେନ୍ ଷ୍ଟୋର ନିକଟରେ ଉଦ୍‌ଘାଟିତ ହୋଇଯାଇଛି। ଏ ସମ୍ପର୍କରେ ଭାରତୀ ଏୟାରଟେଲ୍‌ର ସିଓଓ (ଓଡ଼ିଶା ବଜାର) ବାଲାଜୀ ଆର୍ କହିଛନ୍ତି, ଆମେ ମୁଖ୍ୟତଃ ଗ୍ରାହକମାନଙ୍କର ଆବଶ୍ୟକତାକୁ ଗୁରୁତ୍ୱ ଦେଇଥାଉ। ଏପରିକି ଗ୍ରାହକଙ୍କ ଆଗ୍ରହ ଆମକୁ ଓଡ଼ିଶା ବଜାରରେ ବିଏର ବ୍ୟାପକ ରିଟେଲ୍ ସମ୍ପ୍ରସାରଣ ପାଇଁ ପ୍ରେରିତ କରିଛି। ଗ୍ରାହକଙ୍କର ସମସ୍ତ ଆବଶ୍ୟକତା ପାଇଁ ଏହି ୱାନ୍ ଷ୍ଟପ୍ ସପ୍‌ର ଶୁଭାରମ୍ଭ କରାଯାଇଛି। ଉକ୍ତ ଷ୍ଟୋରଗୁଡ଼ିକ ଜରିଆରେ ବ୍ୟାପକ ରେଞ୍ଜର ମୋବାଇଲ, ବ୍ରଡ୍‌ବ୍ୟାଣ୍ଡ, ଡିଟିଏଚ୍ ସମେତ ସର୍ଭିସ୍ ମଧ୍ୟ ପ୍ରଦାନ କରାଯାଉଛି। ଓଡ଼ିଶା ବଜାର ଆମ ପାଇଁ ଧ୍ୟାନ କେନ୍ଦ୍ରର ମୁଖ୍ୟ ବଜାର ହୋଇଥିବାବେଳେ ଆମ୍ଭେମାନେ ଉକ୍ତ ବଜାରରେ ନିବେଶ ଜାରି ରଖିବୁ। ଏୟାରଟେଲ୍‌ର ଅଫ୍‌ଲାଇନ୍ ଉପସ୍ଥିତିକୁ ଗତ କିଛି ବର୍ଷ ହେଲା ବୃଦ୍ଧି କରିବାରେ ଲାଗିଛି।

# ଶେୟାର ବଜାର କାରବାରରେ ହ୍ରାସ

**ନୂଆଦିଲ୍ଲୀ,୨୧।୨:** ଗତ କିଛି ସପ୍ତାହ ହେବ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟୁଛି। ଚଳିତ ସପ୍ତାହର ୩ୟ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବୁଧବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ)ର ସେନସେକ୍ସ ୪୩୪.୩୧ ପଏଣ୍ଟ କମି ୭୨,୬୨୩.୦୯ ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍ଏସଇ) ର ନିଫ୍ଟି-୫୦ରେ ମଧ୍ୟ ୧୪୧.୯୦ ପଏଣ୍ଟ ହ୍ରାସ ଘଟି ୨୨,୦୫୫.୦୫ ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍ଏସଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ୍ୟ ହ୍ରାସ ଘଟିଛି।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**ADMISSION OPEN**
**B.Ed, M.Ed, B.P.Ed.**
Equivalent of Utkal University
Lowest Fees
Odisha School of Professional Studies
Address:
Plot No.N2/57, 2nd Floor, Near N2 Park, IRC Village, Nayapalli, Bhubaneswar- 751015
CONTACT NO.
7008096933
9692828174

**SHUBHRA RANJAN**
Always Ahead
Delhi's Best IAS Institute now in Bhubaneswar
GS FOUNDATION COURSE
(ONLINE / OFFLINE MODE)
UPSC (IAS, IPS, IRS..) OPSC (OAS, OPS, ORS..)
GENERAL STUDIES INTEGRATED COURSE
COURSE FEATURES
- Comprehensive Coverage
- Conceptual Clarity
- Weekly Answer Writing
- Doubt Session
- 800+ Hours Classes
- Mentorship

MODULAR COURSES
- Test Series
- Current Affairs
- CSAT
- ESSAY

Head Office
25 PUSA ROAD, KAROL BAGH, NEW DELHI-110005
Mobile/Whatsapp
7008476028
7788807774
9668384085

**OAS HUB**
Make your dreams into reality
OAS / IAS
JOIN NEW PRELIMS TO PERSONALITY TEST (P2P) BATCH.
For Odisha Administrative Services.
ADMISSION OPEN NOW
Somi Palace, Plot No. M5/17, Ground Floor, Acharya Vihar, Bhubaneswar
Contact Us:
8926232634
9827166018

**Classified Everyday** 0674-2580101, 2549949



REAL ESTATE

SALE

ଭୁବନେଶ୍ୱର ଭୁଆସୁଣୀ ମନ୍ଦିର ପାଖ ଗଙ୍ଗପଡ଼ା ମୌଜାରେ NH-16କୁ ଲାଗି 100ମି. ଦୂରରେ ଘରବାରି ପାଚେରି ସହିତ 1500/- କିଣି ଘର କରନ୍ତୁ। 9938066403, 9438315973. D-2568

Bhubaneswar Sundarpada roadରେ ଦଧିବାମନପୁର ମୌଜା yellowzone ଘରବାରି 30' ରୋଡ୍ ଥାଇ plot sqft.-1200/- ବିକ୍ରିହେବ। Biswajit-7008184348. D-71067

**3BHK Semifurnished flats at Jharpada 80' road side. Contact-9437307086, 7978209277, 7008789347.** D-2493

**Readymade 2/3BHK premium flat at prime location of Jayadev Vihar Chhak. Contact-9437307086, 7978209277, 7008789347.** D-2494

**ଭୁବନେଶ୍ୱର ପଟିଆ ତ୍ରିଶୁଳିଆ ଛକ ପାଖରେ 100ft. roadside yellowzone 30ft. ରାସ୍ତା ଥାଇ ସଙ୍ଗେସଙ୍ଗେ ଘର କଲାଭଳି ପୋଜେସନ୍ ପ୍ଲଟ୍ ମିଳୁଛି। 7978701424, 9937025614.** D-75299

ଭୁବନେଶ୍ୱର-ପିତାପଲ୍ଲି NH-16 କଡ଼ରେ ବାସୋପଯୋଗୀ ପୋଜେସନ୍ ପ୍ଲଟ୍ 30ft. road, boundary ଇଲେକ୍ଟ୍ରିସିଟି ଥାଇ ବିକ୍ରିହେବ। 9337166296. D-75911

ଢେଙ୍କାନାଳ ସହର ରାଧାକୃଷ୍ଣ ବଜାର ଅଞ୍ଚଳରେ ଘରବାରି ବିକ୍ରି ହେବ। ଯୋଗାଯୋଗ-୯୯୩୮୩୦୫୬୦୦। ଧ-୭୫୪୭୭



CONSTRUCTION

**Quality construction for your home with premium material, BDA approval, Vastu Complaints, (Architectural plan free) OD Group-Er. Bijaya Kumar. 9438330195.** D-75913

**Construct your dream home @899/-, 1399/- includes Architecture structure with 3 years FMC. We provide plan approval, boring & interior work- SNV Engineering - 9439295469.** D-75917





Refreshments Body massage Therapy with Experience Therapists, Ashirvad Panchakarma Spa, Keshari Mall, Bhubaneswar: 8926173473. D-67128

Relax, Refresh your body, mind by expert therapist. Contact: 9938843929. D-76103

Kerala body Massage best Therapist @699/- Bhubaneswar. 9337672475. Ganeshspa.in. D-2555

Relax refreshment body massage therapy by experience lady therapist. 7008773793. D-76102


## AFFIDAVIT

By virtue of an affidavit sworn before the Executive Magistrate, Bhubaneswar, dated 15.02.2024. I, Arundhati Sundaray, D/o- Ashok Kumar Sundaray & W/o- Ayashkant Swain At- Jagasara, P.O.- Kaimatia, P.S.- Infovally, Dist.- Khordha, Odisha declare that I have changed my name from Arundhati Sundaray to Arundhati Swain. Henceforth, I shall be known as Arundhati Swain for all purposes. D-2582

By virtue of an affidavit sworn before the Executive Magistrate, Tahasildar, Bisra, I Budhua Purty, R/o Village- Purunabisra, P.O.- Bisra, Dist.- Sundargarh declare that my actual name is Budhua Purty and D.O.B. is 03.01.1970. But inadvertently my name is entered as Budhua Munda and D.O.B. as 01.01.1970 in my Rural Postal Life Insurance Policy Bond bearing No.R-OR-08 EA-63279. That both the names stands for one and same person. D-2588

ପାଠକଙ୍କ ପାଇଁ ସୂଚନା– କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



**ଇଂ. ପ୍ରଦୀପ୍ତ ଚନ୍ଦ୍ର ମହାନ୍ତି**
ଆବିର୍ଭାବ- ୦୧।୦୭।୧୯୪୮
ତିରୋଧାନ- ୧୨।୦୨।୨୦୨୪

ତୁମର ଆଦର୍ଶ, କର୍ତ୍ତବ୍ୟନିଷ୍ଠା, ଅନାବିଳ ସ୍ନେହ, ଶ୍ରଦ୍ଧା ଓ ଦୟାଭାବ ଆମର ଚିର ପାଥେୟ ହେଉ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଭଗବାନଙ୍କଠାରେ ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ ପରିବାର ଓ ବନ୍ଧୁବାନ୍ଧବ।
୧୮, ବ୍ରହ୍ମେଶ୍ୱରବାଗ

ଧ-୨୫୮୩

## ଶ୍ରଦ୍ଧାଞ୍ଜଳି



**ସ୍ୱର୍ଣ୍ଣଲତା ଦାଶ**
ଅତାମେଳା, ଜଗତସିଂହପୁର
ଆବିର୍ଭାବ : ୦୩/୦୩/୧୯୩୮
ତିରୋଧାନ : ୦୨/୦୨/୨୦୨୩

ତୁମେ ସ୍ୱର୍ଗାରୋହଣ କରିବାର ଏକ ବର୍ଷ ହୋଇଗଲା। ତୁମର ଜୀବନ ଏକ ସ୍ନେହ ମମତା ଭରା ଆଦର୍ଶ, ତ୍ୟାଗ, ବଳିଦାନ ଓ ସହନଶୀଳତାର ପ୍ରତୀକ ଥିଲା। ଏବେ ବି ଆମ୍ଭେ ତୁମ ବିଷୟରେ ସର୍ବଦା ଚିନ୍ତା କରୁ ଏବଂ ତୁମ ସହିତ ବିତାଇଥିବା ସମସ୍ତ ମୁହୂର୍ତ୍ତକୁ ମନେ ପକାଇ ଉତ୍‌ଫୁଲ୍ଲିତ ହେଉ। ଏ ଜନ୍ମରେ ତୁମକୁ ଜଣେ ମା' ଭାବରେ ପାଇଥିବାରୁ ଆମେ ବହୁତ କୃତଜ୍ଞ। ଆମ୍ଭେମାନେ ତୁମକୁ ଯୁଗେ ଯୁଗେ ଆମର ଜନ୍ମଦାତ୍ରୀ ଭାବରେ ପାଇବାକୁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଛୁ। ଆଜି ଈଶ୍ୱରଙ୍କ ଠାରେ ଆମର ପ୍ରାର୍ଥନା ଏହି କି ଯେ, ତୁମ ଆତ୍ମାକୁ ସ୍ୱର୍ଗୀୟ ସୁଖ ପ୍ରଦାନ କରନ୍ତୁ ଆଉ ତୁମେ ସେହି ସ୍ୱର୍ଗଲୋକରୁ ଆମମାନଙ୍କୁ ଆଶୀର୍ବାଦ ପ୍ରଦାନ କରୁଥାଅ।

ଶୋକସନ୍ତପ୍ତ ପରିବାର ବର୍ଗ :
ଦୁର୍ଗେଶ-ଚିଉ, ବିରଜା-ଦୋଳ, ପିୟୁଷା-ବୈଜୟନ୍ତୀ, ଗଗନେନ୍ଦୁ-ସାରଦା, ତୁଷାର-ଶେଫାଳି, ଲୋଚକ-ସସ୍ମିତା, ବବ୍‌ଲୁ, ରିତାଲୀ, ମିତାଲି, ଲାଲୁ, ଚିକୁ, ତୁତୁଲ, ସୋନୁ, ଲିକୁନ, ମାମୁନି ଓ ସୁମନ।

ଧ-୨୫୮୯

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମାନ୍ୟବର ଅତିରିକ୍ତ ଆୟୁକ୍ତ ରାଜସ୍ୱ ପର୍ଷଦ, ଓଡ଼ିଶା, ଭୁବନେଶ୍ୱର ମହୋଦୟ, ଅଦାଲତ ନଂ.-୩ ଇଜିଲାସ, ୪ର୍ଥ ମହଲା, ହେଡ୍ ଅଫ୍ ଡିପାର୍ଟମେଣ୍ଟଙ୍କ ବିଲ୍‌ଡିଂ, ଭୁବନେଶ୍ୱର ଓ.ଏସ୍.ଏସ୍. ମୋକଦ୍ଦମା ନଂ. ୧୨୯୯/୨୦୨୧

### ନୋଟିସ

ପଙ୍କଜବାସିନୀ ପଣ୍ଡା, ବୟସ ୬୯ ବର୍ଷ,
ସ୍ୱାମୀ- ପୀତବାସ ପଣ୍ଡା, ସା.- ଅରେହିକଣା, ପୋଷ୍ଟ- ନମୌଜା, ଥାନା- ଆଳି, ଜିଲ୍ଲା- କେନ୍ଦ୍ରାପଡ଼ା
ବର୍ତ୍ତମାନ ଠିକଣା- ପ୍ଲଟ୍ ନଂ.୪୯୧/୨, ଆର୍ଯ୍ୟ ସମାଜ ପଛପାଖ, ସହିଦନଗର, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା ... ... ... ବାଦିନୀ

ବନାମ

ହର୍ଷ ବେଓ୍ୱା, ସ୍ୱାମୀ- ୰ଦୈତାରୀ ବେହେରା, ବୟସ ୭୨ ବର୍ଷ,
ସା.- ଓଗାଳପଡ଼ା, ସାମିଲ- ରାଧାଚରଣପୁର, ପୋଷ୍ଟ- ଯାଆଁଳା,
ଥାନା- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା ... ... ... ପ୍ରତିବାଦିନୀ ନଂ.୧

ଏତଦ୍ୱାରା ପ୍ରତିବାଦିନୀ ନଂ.୧ଙ୍କର ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଛି ଯେ, ଲିଖିତ ରିଭିଜନ କେସ୍‌ର ଶୁଣାଣି ମାନ୍ୟବର ଅତିରିକ୍ତ କମିଶନର, ଅତିରିକ୍ତ ଅଦାଲତ ନଂ.-୩ ଇଜିଲାସ, ୪ର୍ଥ ମହଲା, ହେଡ୍ ଅଫ୍ ଡିପାର୍ଟମେଣ୍ଟ ବିଲ୍‌ଡିଂ, ଭୁବନେଶ୍ୱର କାର୍ଯ୍ୟାଳୟରେ ଆସନ୍ତା ତାରିଖ ୧୬।୦୩।୨୪ ଦିବା ୧୧.୩୦ ମିନିଟ୍‌ରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ତଫସିଲ

ମୌଜା: ଓଗାଳପଡ଼ା, ଥାନା- ଜଟଣୀ, ତହସିଲ- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା।

| | ଖାତା ନଂ. | ପ୍ଲଟ୍ ନଂ. | ରକବା | ସ୍ୱତ୍ୱ | କିସମ |
|---|---|---|---|---|---|
| ସାବକ | ୩୫୯ | ୫୦୨ | ଏ୦.୫୦୦ଡି., ସମ୍ବନ୍ଧ ୧.୦୦୦ଡି. | ସ୍ଥିତିବାନ | ଶାରଦ ଅଣଜଳସେଚିତ- ଦୁଇ |
| ସାବକ ମିଉଟେସନ | ୨୫୫/୮ | ୫୦୨/୧୧୪୯ | ଏ୦.୫୦୦ଡି., ସମ୍ବନ୍ଧ ୧.୦୦୦ ଡି. | ସ୍ଥିତିବାନ | ଏଜନ |

| | ଖାତା ନଂ. | ପ୍ଲଟ୍ ନଂ. | ରକବା | ସ୍ୱତ୍ୱ | କିସମ |
|---|---|---|---|---|---|
| ହାଲ | ୫୯୨ | ୯୦୬ | ଏ୦.୫୦୦ଡି., ସମ୍ବନ୍ଧ ୧.୦୦୦ଡି. | ସ୍ଥିତିବାନ | ଶାରଦ ଅଣଜଳସେଚିତ- ଦୁଇ |

ଏଣୁ ଉପରୋକ୍ତ ମାମଲାରେ ପ୍ରତିବାଦିନୀ ନଂ.୧ ନିଜେ କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଓ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାରେ ଅଂଶଗ୍ରହଣ କରିବେ। ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମା ଫଇସଲା କରାଯିବ।

ତା୧୯.୦୨.୨୪

**ଭୁବନେଶ୍ୱର ମାନ୍ୟବର ଅତିରିକ୍ତ ଡିଭିଜନ ଅଦାଲତ ନଂ.-୩ ଭୁବନେଶ୍ୱରଙ୍କ ଆଦେଶ କ୍ରମେ ଆଦେଶ ଅନୁଯାୟୀ**
**ସ୍ୱା./- କୋର୍ଟ ଅଫିସର**

ଧ-୭୫୮୦୨

## ମାନ୍ୟବର ଅତିରିକ୍ତ ଆୟୁକ୍ତ ରାଜସ୍ୱ ପର୍ଷଦ, ଓଡ଼ିଶା, ଭୁବନେଶ୍ୱର ମହୋଦୟ, ଅଦାଲତ ନଂ.-୩ ଇଜିଲାସ, ୪ର୍ଥ ମହଲା, ହେଡ୍ ଅଫ୍ ଡିପାର୍ଟମେଣ୍ଟଙ୍କ ବିଲ୍‌ଡିଂ, ଭୁବନେଶ୍ୱର ଓ.ଏସ୍.ଏସ୍. ମୋକଦ୍ଦମା ନଂ. ୧୩୦୦/୨୦୨୧

### ନୋଟିସ

ପୀତବାସ ପଣ୍ଡା, ବୟସ ୭୯ ବର୍ଷ
ପିତା-୰ଦୋଳଗୋବିନ୍ଦ ପଣ୍ଡା, ସା.- ଅରେହିକଣା, ପୋଷ୍ଟ- ନମୌଜା, ଥାନା- ଆଳି, ଜିଲ୍ଲା- କେନ୍ଦ୍ରାପଡ଼ା
ବର୍ତ୍ତମାନ ଠିକଣା- ପ୍ଲଟ୍ ନଂ.୪୯୧/୨, ଆର୍ଯ୍ୟ ସମାଜ ପଛପାଖ, ସହିଦନଗର, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା ... ... ... ବାଦୀ

ବନାମ

ହର୍ଷ ବେଓ୍ୱା, ସ୍ୱାମୀ- ୰ଦୈତାରୀ ବେହେରା, ବୟସ ୭୨ ବର୍ଷ,
ସା.- ଓଗାଳପଡ଼ା, ସାମିଲ- ରାଧାଚରଣପୁର, ପୋଷ୍ଟ- ଯାଆଁଳା,
ଥାନା- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା ... ... ... ପ୍ରତିବାଦିନୀ ନଂ.୧

ଏତଦ୍ୱାରା ପ୍ରତିବାଦିନୀ ନଂ.୧ଙ୍କର ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଛି ଯେ, ଲିଖିତ ରିଭିଜନ କେସ୍‌ର ଶୁଣାଣି ମାନ୍ୟବର ଅତିରିକ୍ତ କମିଶନର, ଅତିରିକ୍ତ ଅଦାଲତ ନଂ.-୩ ଇଜିଲାସ, ୪ର୍ଥ ମହଲା, ହେଡ୍ ଅଫ୍ ଡିପାର୍ଟମେଣ୍ଟ ବିଲ୍‌ଡିଂ, ଭୁବନେଶ୍ୱର କାର୍ଯ୍ୟାଳୟରେ ଆସନ୍ତା ତାରିଖ ୧୬।୦୩।୨୪ ଦିବା ୧୧.୩୦ ମିନିଟ୍‌ରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ତଫସିଲ

ମୌଜା: ଓଗାଳପଡ଼ା, ଥାନା- ଜଟଣୀ, ତହସିଲ- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା।

| | ଖାତା ନଂ. | ପ୍ଲଟ୍ ନଂ. | ରକବା | ସ୍ୱତ୍ୱ | କିସମ |
|---|---|---|---|---|---|
| ସାବକ | ୩୫୯ | ୫୦୨ | ଏ୦.୫୦୦ଡି., ସମ୍ବନ୍ଧ ୧.୦୦୦ଡି. | ସ୍ଥିତିବାନ | ଶାରଦ ଅଣଜଳସେଚିତ- ଦୁଇ |
| ସାବକ ମିଉଟେସନ | ୨୫୫/୮ | ୫୦୨/୧୧୪୯ | ଏ୦.୫୦୦ଡି., ସମ୍ବନ୍ଧ ୧.୦୦୦ ଡି. | ସ୍ଥିତିବାନ | ଏଜନ |

| | ଖାତା ନଂ. | ପ୍ଲଟ୍ ନଂ. | ରକବା | ସ୍ୱତ୍ୱ | କିସମ |
|---|---|---|---|---|---|
| ହାଲ | ୫୯୨ | ୯୦୬ | ଏ୦.୫୦୦ଡି., ସମ୍ବନ୍ଧ ୧.୦୦୦ଡି. | ସ୍ଥିତିବାନ | ଶାରଦ ଅଣଜଳସେଚିତ- ଦୁଇ |

ଏଣୁ ଉପରୋକ୍ତ ମାମଲାରେ ପ୍ରତିବାଦିନୀ ନଂ.୧ ନିଜେ କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଓ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାରେ ଅଂଶଗ୍ରହଣ କରିବେ। ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମା ଫଇସଲା କରାଯିବ।

ତା୧୯.୦୨.୨୪

**ଭୁବନେଶ୍ୱର ମାନ୍ୟବର ଅତିରିକ୍ତ ଡିଭିଜନ ଅଦାଲତ ନଂ.-୩ ଭୁବନେଶ୍ୱରଙ୍କ ଆଦେଶ କ୍ରମେ ଆଦେଶ ଅନୁଯାୟୀ**
**ସ୍ୱା./- କୋର୍ଟ ଅଫିସର**

ଧ-୭୫୮୦୧



# ପୋଲିସର ଆଶ୍ରୟ ନେଲେ ବିଦ୍ୟା

**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ବିଦ୍ୟା ବଲାନ ନିଜ ନାମରେ ଏକ ନକଲି ଇନ୍‌ଷ୍ଟାଗ୍ରାମ ଆଇଡିକୁ ନେଇ ପୁଣି ଅସୁବିଧାରେ ପଡ଼ିଛନ୍ତି। କିନ୍ତୁ ଏଥର ବିଦ୍ୟା ଏନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ପୋଲିସ ନିକଟରେ ଏଫ୍ଆଇଆର୍ ଦାଖଲ କରିଛନ୍ତି। ବୁଧବାର ଏନେଇ ମୁମ୍ବାଇ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଜଣେ ଅଜ୍ଞାତ ବ୍ୟକ୍ତି ତାଙ୍କ ନାମରେ ଏକ ନକଲି ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟ ଖୋଲିଥିବା ସେ ଅଭିଯୋଗ କରିଛନ୍ତି। ଏହି ନକଲି ଆଇଡିଙ୍କୁ ସମ୍ପୃକ୍ତ ବ୍ୟକ୍ତି ଜଣକ ବିଦ୍ୟାଙ୍କ ଆଇଡି ଦର୍ଶାଇ ଅନେକ ଲୋକଙ୍କୁ ବିଭିନ୍ନ ଚଳଚ୍ଚିତ୍ରରେ କାମ କରିବାର ସୁଯୋଗ ଦେବା ବାହାନାରେ ଟଙ୍କା ହଡ଼ପ କରୁଥିଲେ। ମୁମ୍ବାଇର ଖାର ପୋଲିସ ଆଇଟି ଆକ୍ଟର ଧାରା ୬୬(ଏ) ଅନୁଯାୟୀ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସାଧାରଣତଃ ବିଦ୍ୟା ନିଜ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ଯେ କୌଣସି ନୂତନ ଟ୍ରେଣ୍ଡ୍ କିମ୍ବା ତାଙ୍କ ଚଳଚ୍ଚିତ୍ର ସମ୍ପର୍କିତ ଫଟୋ ଓ ଭିଡିଓ ଶେୟାର କରୁଥିବା ବେଳେ ତାଙ୍କ ନାମରେ ରହିଥିବା ବିଭିନ୍ନ ନକଲି ଆଇଡି କାରଣରୁ ସେ ଦୀର୍ଘ ଦିନ ହେବ ଚିନ୍ତିତ ଥିଲେ।

# ଶୃଙ୍ଖଳିତ ଆଦର୍ଶ ଜୀବନ ମୂଳମନ୍ତ୍ର

## ବିଶ୍ୱ ସ୍କାଉଟ୍ସ ଦିବସ

ବିଶ୍ୱବ୍ୟାପୀ ଫେବୃୟାରୀ ୨୨କୁ ସ୍କାଉଟ ଦିବସ ଭାବେ ପାଳନ କରାଯାଇଥାଏ। କୋଟି କୋଟି ସ୍କାଉଟ ଏହି ଦିନଟିକୁ ବିଭିନ୍ନ ସ୍ଥାନରେ ପାଳନ କରିଥାନ୍ତି। ଏହିଦିନ ବ୍ରିଟେନ୍‌ର ଲ୍ୟୁଟ୍‌ନାଣ୍ଟ ଜେନେରାଲ ବଡେନ ପାଓ୍ୱେଲ ଜନ୍ମ ଗ୍ରହଣ କରିଥିଲେ। ଜଣେ ସେନା ଅଧିକାରୀ, ଲେଖକ ଓ ସମାଜ ସଂସ୍କାରକ ଭାବେ ସେ ବେଶ୍ ଜଣାଶୁଣା। ବିଶ୍ୱର ସେ ପ୍ରଥମ ଚିଫ୍ ସ୍କାଉଟ ହୋଇଥିବାରୁ ତାଙ୍କ ଜନ୍ମଦିନ ୧୮୫୭ ଫେବୃୟାରୀ ୨୨କୁ ବିଶ୍ୱ ସ୍କାଉଟ ଦିବସ ଭାବେ ପାଳନ କରାଯାଇ ଆସୁଛି। ତାଙ୍କ ସ୍ତ୍ରୀ ଓଲେଭ ବଡେନ ପାଓ୍ୱେଲ ସ୍କାଉଟିଂ ଓ ଗଲର୍ସ ଗାଇଡ୍ ପ୍ରତିଷ୍ଠାତା ଥିଲେ। ଦୁହିଁଙ୍କ ପ୍ରେରଣା କେବଳ କେନିଆ ନୁହେଁ, ସାରା ବିଶ୍ୱକୁ ବାଟ ଦେଖାଇଥିଲା।

ବିଭିନ୍ନ ସ୍କାଉଟ୍ ସଂଘ ପକ୍ଷରୁ ଏହି ଦିବସକୁ ପ୍ରତିଜ୍ଞା ଦିବସ ଭାବେ ମଧ୍ୟ ପାଳନ କରାଯାଉଛି। ଗଲର୍ସ ଗାଇଡ୍ ଓ ଗଲର୍ସ ସ୍କାଉଟ୍ ପକ୍ଷରୁ ଏହି ଦିବସକୁ ବିଶ୍ୱ ଚିନ୍ତନ ଦିବସ ଭାବେ ପାଳନ କରାଯାଇଥାଏ। ଏହି ଦିବସ ସମସ୍ତ ସ୍କାଉଟ ଓ ଗଲର୍ସ ଗାଇଡ୍‌ମାନେ ନିଜକୁ ଶୃଙ୍ଖଳିତ କରିବା ଓ ଆନ୍ଦୋଳନର ଆଦର୍ଶକୁ ବଜାୟ ରଖିବା ଲାଗି ପ୍ରତିଜ୍ଞା କରିଥାନ୍ତି। ସମୟକ୍ରମେ ବିଭିନ୍ନ ଦେଶରେ ସ୍କାଉଟ ଓ ଗାଇଡ୍ ନିୟମାବଳୀ ବଦଳିଥିଲେ ହେଁ ଜଣେ କିପରି ଶୃଙ୍ଖଳାର ସହ ଆଦର୍ଶ ଜୀବନ ବିତାଇପାରିବ ଓ ସମାଜ ଲାଗି ଉଦାହରଣ ସୃଷ୍ଟି କରିପାରିବ, ସେନେଇ ଚିନ୍ତା କରିବା ସହ ଏହି ଦିବସ ପାଳନ ଅବସରରେ ପ୍ରତିଜ୍ଞା ନେଇଥାନ୍ତି।

ବିପଦ ସମୟରେ ସ୍କାଉଟ୍ସମାନେ ସହାୟତାର ହାତ ବଢ଼ାଇଥାନ୍ତି। ତେଣୁ ଏନେଇ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ଏହି ଦିବସ ପାଳନ କରାଯାଇଥାଏ। ପ୍ରଥମେ ୧୯୨୦ରେ ପ୍ରଥମ ବିଶ୍ୱ ସ୍କାଉଟ୍ସ ସମ୍ମିଳନୀର ଲଣ୍ଡନ ସଂସ୍କରଣରେ ଏହି ଦିବସ ପାଳନ ପାଇଁ ପ୍ରସ୍ତାବ ଆଗତ କରାଯାଇଥିଲା। ରବର୍ଟ ବାଡେନ-ପାଓ୍ୱେଲଙ୍କ ଜନ୍ମଦିନରେ ଏହି ଦିବସ ପାଳନ ଲାଗି ମତ ପ୍ରକାଶ ପାଇଥିଲା। ସେବେଠାରୁ ପ୍ରତିବର୍ଷ ଏହି ଦିବସ ପାଳନ କରାଯାଉଛି। ବିପଦ ସମୟରେ ମାନବ ସମାଜ ପାଖରେ ବନ୍ଧୁ ଭଳି ଠିଆହେବାକୁ ସ୍କାଉଟ୍ସ ଦିବସ ଶିକ୍ଷା ପ୍ରଦାନ କରିଥାଏ।


ବଡେନ ପାଓ୍ୱେଲ

# ଆଇନ ସଂଶୋଧନ ଫିଟାଇଲା ମୁକ୍ତିର ବାଟ

## ୧୮ ବର୍ଷ ପରେ ସ୍ୱଦେଶ ଫେରିଲେ ୫ ଭାରତୀୟ

ହାଇଦ୍ରାବାଦ୍

୧୮ ବର୍ଷ ଧରି ଦୁବାଇରେ ବନ୍ଦୀ ଥିବା ୫ ଭାରତୀୟ ଶ୍ରମିକ ଦେଶକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ହାଇଦ୍ରାବାଦ୍‌ର ରାଜୀବ ଗାନ୍ଧୀ ଅନ୍ତଃରାଷ୍ଟ୍ରୀୟ ବିମାନବନ୍ଦରରେ ଏହି ଶ୍ରମିକମାନଙ୍କୁ ସେମାନଙ୍କ ପରିବାର ପକ୍ଷରୁ ସ୍ୱାଗତ କରାଯାଇଛି। ଦୀର୍ଘ ବର୍ଷ ପରେ ଏହି ଶ୍ରମିକମାନଙ୍କୁ ନିଜ ଗହଣରେ ପାଇ ପରିବାର ଲୋକେ ଖୁସିରେ ବିଭୋର ହୋଇ ଉଠିଥିଲେ। ତେଲଙ୍ଗାନାର ରାଜନ୍ନା ସିରସିଲ୍ଲା ଜିଲାର ଏହି ୫ ଶ୍ରମିକ ସଂଯୁକ୍ତ ଆରବ



ଏମିରେଟସ(ୟୁଏଇ)ରେ କାମ କରୁଥିବା ବେଳେ ଜଣେ ନେପାଳୀ ନାଗରିକଙ୍କ ହତ୍ୟା ଘଟଣାରେ ଦୋଷୀ ସାବ୍ୟସ୍ତ ହୋଇଥିଲେ। ଏହି ମାମଲାରେ ଦୁବାଇର ଏକ କୋର୍ଟ ସମସ୍ତ ୫ ଶ୍ରମିକଙ୍କୁ ୨୫ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଥିଲେ। ତେବେ ୟୁଏଇରେ ପ୍ରଚଳିତ ଥିବା ଆଇନର ସଂଶୋଧନ ହେବା ଦ୍ୱାରା ଏହି ୫ ଭାରତୀୟଙ୍କ ମୁକ୍ତିର ମାର୍ଗ ସୁଗମ ହୋଇଥିଲା। ତେଲଙ୍ଗାନାର ପୂର୍ବତନ ମନ୍ତ୍ରୀ କେ.ଟି. ରାମାରାଓ(କେଟିଆର୍)ପୂର୍ବରୁ ନିଜ ନେପାଳ ଗସ୍ତରେ ଏହି ମାମଲାରେ ମୃତ୍ୟୁବରଣ କରିଥିବା ନେପାଳୀ ନାଗରିକଙ୍କ ପରିବାରକୁ ଭେଟି ତାଙ୍କୁ ୧୫ ଲକ୍ଷ ଟଙ୍କାର ଆର୍ଥିକ କ୍ଷତିପୂରଣ ପ୍ରଦାନ କରିଥିଲେ। ସମ୍ପୃକ୍ତ ପରିବାରର ଅନୁମତି ସହ ସେ ଗତବର୍ଷ ସେପ୍ଟେମ୍ବର ମାସରେ ୟୁଏଇ ଗସ୍ତ କରି ସମସ୍ତ ୫ ଶ୍ରମିକଙ୍କୁ କ୍ଷମା ପ୍ରାର୍ଥନା ଦେବା ପାଇଁ ନିବେଦନ କରିଥିଲେ। କେଟିଆରଙ୍କ ଏହି ନିବେଦନକୁ ଗ୍ରହଣ କରି ସମସ୍ତ ୫ ଶ୍ରମିକଙ୍କ କ୍ଷମା ପ୍ରାର୍ଥନାକୁ ୟୁଏଇ ସରକାର ମଞ୍ଜୁର କରିଥିଲେ।

# ବଲିଉଡ୍ ଗୀତର ତାଳେ ତାଳେ ଝୁମିଲେ ବିଦେଶୀ କଳାକାର



**ନୂଆଦିଲ୍ଲୀ:** ବିଭିନ୍ନ ବଲିଉଡ୍ ଫିଲ୍ମର ପ୍ରସିଦ୍ଧ ଗୀତଗୁଡ଼ିକର କ୍ରେଜ୍ କେବଳ ଭାରତରେ ନୁହେଁ ବରଂ ପୂରା ଦୁନିଆରେ ଥାଏ, ଏହା ପୁଣି ପ୍ରମାଣିତ ହୋଇଛି। ଏପରି ଏକ ଭିଡିଓ ଏବେ ଭାଇରାଲ ହେବାରେ ଲାଗିଛି, ଯେଉଁଥିରେ ଦୁଇ ବିଦେଶୀ କଳାକାର ବଲିଉଡ୍ ସୁପରଷ୍ଟାର ଶାହରୁଖ ଖାନ୍ ଏବଂ କାଜଲଙ୍କ ଆଇକନିକ୍ ଫିଲ୍ମ 'କୁଛ୍ କୁଛ୍ ହୋତା ହେ'ର ଟାଇଟଲ ଗୀତରେ ନାଚୁଥିବା ନଜର ଆସୁଛନ୍ତି। ଉଭୟ କଳାକାର ଗୀତକୁ ଉପଭୋଗ କରିବା ସହ ବିନା ଦ୍ୱିଧାରେ ଏକ ଲୟରେ ନାଚୁଥିବା ଭିଡିଓରୁ ଜଣାପଡୁଛି।


**OFFICE OF THE CHIEF CONSTRUCTION ENGINEER** No. O-2562
**RURAL WORKS CIRCLE, BALASORE**
E-mail ID: serw_balasore@yahoo.in; Ph. No.: 06782/260318, Balia, Balasore
**"e"-Procurement Notice for Road Work | Identification No. Online Tender-Road N.C.B. No. 81 of 2023-24.**
Letter No. 752 Date: 16.02.2024

1. Name of the work :- **MMSY-Improvement to existing RD Road.** 2. Total No. of work :- **1 No. of work.** 3. Estimated Cost :- **From Rs.475.07 (Approximately).** 4. Eligible Class of Contractor :- **As per annexure.** 5. Period of Completion :- **As per annexure.** 6. Other Details:-

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender clarification | Date & Time of Opening of Tender in O/o S.E., R.W. Circle, Balasore | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Balasore | N.C.B. No. - 81 | 22.02.2024 at 11.00 A.M. | 06.03.2024 upto 5.00 P.M. | 04.03.2024 upto 5.00 P.M. | 07.03.2024 at 11.00 A.M. | Will be intimated later |

• Further details can be seen from the website www.tendersodisha.gov.in
Sd./- Chief Construction Engineer, R.W. Circle, Balasore
OIPR-25105/11/0107/2324


# ବାହାଘର ଭୋଜିରେ ରାଜକୀୟ ଶୈଳୀ



**ଚେନ୍ନାଇ:** ବିବାହକୁ ସ୍ୱତନ୍ତ୍ର ଏବଂ ସ୍ମରଣୀୟ କରିବା ପାଇଁ ସମସ୍ତେ କିଛି ନା କିଛି ନୂଆ ପ୍ରୟାସ କରିଥାନ୍ତି। ଏଥିପାଇଁ ଅନେକ ବ୍ୟକ୍ତି ପାଣି ପରି ଟଙ୍କା ଖର୍ଚ୍ଚ କରିବାକୁ ମଧ୍ୟ ପଛାନ୍ତି ନାହିଁ। ଏହିପରି ଏକ ବିବାହର ଭିଡିଓ ଏବେ ସାମାଜିକ ଗଣମାଧ୍ୟମରେ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରୁଛି। ଭାଇରାଲ ହେଉଥିବା ଏହି ଭିଡିଓରେ ଅତିଥିମାନଙ୍କ ପାଇଁ ରାଜ ସିଂହାସନ ଡିଜାଇନ୍ ସହ ଚେୟାର ସ୍ଥାପନ କରାଯାଇଥିବାବେଳେ, ଏଥିରେ ରାଜକୀୟ ଶୈଳୀରେ ପରିବେଷଣ କରାଯାଉଥିବା ଖାଦ୍ୟକୁ ଅତିଥିମାନେ ଉପଭୋଗ କରୁଥିବା ଦେଖିବାକୁ ମିଳୁଛି। ଏହି ବିବାହ ଉତ୍ସବକୁ ଆସିଥିବା ଅତିଥିମାନେ ସିଂହାସନ ଡିଜାଇନ୍ ସହ ରହିଥିବା ରାଜକୀୟ ଚେୟାରରେ ବସିଥିବା ବେଳେ ଏକ ସ୍ୱତନ୍ତ୍ର ଷ୍ଟାଣ୍ଡ ଉପରେ ତାଙ୍କୁ ଖାଦ୍ୟ ପରଷା ଯାଉଥିଲା। ସାମାଜିକ ଗଣମାଧ୍ୟମରେ ବିବାହର ଏଭଳି ଆୟୋଜନକୁ ଦେଖି ଅନେକ ୟୁଜର୍ସ ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି। ତେବେ ଉକ୍ତ ବାହାଘରରେ ଅତିଥିଙ୍କ ପାଇଁ ଏଭଳି ରାଜକୀୟ ବ୍ୟବସ୍ଥାକୁ ନେଇ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ମିଶ୍ର ପ୍ରତିକ୍ରିୟା ଦେଖିବାକୁ ମିଳିଛି। କେତେଜଣ ଲୋକ ଏପରି ବ୍ୟବସ୍ଥାକୁ ଅନନ୍ୟ ଓ ଚମତ୍କାର କହି ପ୍ରଶଂସା କରିବାକୁ ଥକି ନା ହାନ୍ତି। ସେହିପରି ଅନେକ ଲୋକ ବିବାହରେ ଏପରି ରାଜକୀୟ ବ୍ୟବସ୍ଥାକୁ ସମାଲୋଚନା କରିଛନ୍ତି। ଭାରତରେ ଏବେ ମଧ୍ୟ ଅନେକ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ବାସ କରୁଥିବା ବେଳେ, ଗୋଟିଏ ବିବାହରେ ଏତେସଂଖ୍ୟାରେ ଖର୍ଚ୍ଚ କରିବାକୁ ଲଜ୍ଜାଜନକ କହି ଅନେକ ୟୁଜର୍ସ କମେଣ୍ଟ କରିଛନ୍ତି।


GOVERNMENT OF ODISHA
**OFFICE OF THE EXECUTIVE ENGINEER, RURAL WORKS DIVISION, ROURKELA**
E Mail: rw_rourkela@yahoo.co.in
**TENDER CALL NOTICE**
**BID IDENTIFICATION NO.ONLINE-SERKL-34 OF 2023-24**

**No.O-2605:** Name of the Work: Building Works, 2. Total No. of Works: 12 (Twelve) Nos., 3.Estimated Cost: Rs. 37.75 Lakhs. 4. Class of Contractor: "C" & "B" Class. 5. Period of Completion: 08 (Eight) Months. 6. Type of Tender: Single Cover. 7. Other details:

| Procurement Officer | Bid Identification No. | Availability of tender Online for bidding | | Last Date & Time of seeking tender clarification | Date & Time of Opening of Tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division, Rourkela | Online-SERKL -34 of 2023-24 | 23.02.2024 from 10.00 A.M. | 28.02.2024 upto 05.00 PM | 27.02.2024 upto 1.00 P.M. | 29.02.2024 at 11.00 A.M. |

Further details can be seen from the website www.tendersorissa.gov.in. & for more information please visit the office.
OIPR-25193/11/0016/2324 **Sd./- Superintending Engineer, R.W.Division-II, Sundargarh**

**Office of the Executive Engineer, Support Services Division**
2nd Floor, Dam Safety Building, Secha Sadan, Bhubaneswar - 751001
E-mail :eessdivision@gmail.com
**QUOTATION CALL NOTICE NO.18/2023-24**

**No.A-1578:** Sealed quotations are invited from eligible Firms, Suppliers and Dealers etc to supply of the items as mentioned below. The interested quotationers shall submit the quotations through off-line mode in the O/o Executive Engineer, Support Services Division, Bhubaneswar on or before 29.02.2024, 04.00 PM, as per the specifications and terms & conditions provided in the quotation format which will be available in the O/o the Executive Engineer, Support Services Division, Bhubaneswar from 10.00 AM of 22.02.2024 to 03.00 PM of 29.02.2024 on payment of Rs.100 /- (Rupees One Hundred) only

| Sl. No. | Name of Work | Item | Paper Cost (Non Refundable) | Quotation Call Notice No |
|---|---|---|---|---|
| 1 | Procurement of Desktop Computer, UPS, Printer, Multifunction Printer and Monitor for the official use of different officers in the O/o Engineer-in-Chief, WR,BBSR. | 5 Nos. | Rs. 100.00 | 18(1)/2022-23 |
| 2 | Procurement of Tablet Computer and Hard Disk for different officers under Chief Engineer, ISWI in the O/o the EIC, WR, BBSR. | 2 Nos. | Rs. 100.00 | 18(2)/2022-23 |

Sd./- Executive Engineer
Support Services Division, Bhubaneswar
OIPR-32465/11/0022/2324

**OFFICE OF THE SUPERINTENDING ENGINEER, KHORDHA (R&B) DIVISION, KHORDHA**
E-maill: pwdoff_khd@yahoo.com
Notice No. RFP-682 the date 7.2.24
No.B-1778: **NOTICE INVITING REQUEST FOR PROPOSAL**
**Bid Identification No.57/2023-24**

| | | | |
|---|---|---|---|
| 1 | 1. Executive Engineer, Khordha(R&B) Division, Khordha, Odisha on behalf of Government of Odisha now invites sealed RFP in double cover system from eligible bidder under the selection process for Consultancy Services for preparation of Detailed Project Report (DPR) for "Proposed Construction of Dharmshala and Hostel Building at Jatni, Khordha, Odisha" to be received in online mode for package detailed in the table below | | |
| 2 | Nature of Work | : | Preparation of Detailed Project Report (DPR) |
| 3 | No. of Work | : | 01 No. |
| 4 | Bid Cost | : | Rs.10,000/- |
| 5 | Class of Contractor | : | Experienced and registered Consulting firms |
| 6 | Availability of Bid documents in the website | : | From 11.30 AM of Dt.15.02.2024 to 05.30 PM of dt.26.02.2024 |
| 7 | Deadline for Submission of Pre Proposal/ Pre-Bid Queries | : | Dt.21.02.2024 |
| 8 | Last dt. of online Submission | : | Dt.26.02.2024 upto 5.30 PM |
| 9 | Date of Opening of Bid | : | Dt.27.02.2024 at 11.30 AM |
| 10 | The Bidders have to participate in ONLINE bidding only and bidder must possess compatible Digital Signature Certificate (DSC) of Class-II or Class-III. Further details can be seen from the website: https://tendersodisha.gov.in. Any addendum / corrigendum / cancellation of tender can also be seen in the said website. | | |

**OIPR-34095/11/0038/2324** **Sd./- Executive Engineer, Khordha (R&B) Division, Khordha**

GOVERNMENT OF ODISHA
**OFFICE OF THE SUPERINTENDING ENGINEER, KALAHANDI RWS&S DIVISION, BHAWANIPATNA**
e-mail:eerwsskld@gmail.com, eerwss_kld@nic.in, Phone No.06670-230784
**INVITATION OF BID THROUGH e-TENDERING**
**Bid Identification No.90/SE/RWSS/2023-24/Bpt, Dated 19.02.2024**
**No.O-2577:** 01.Name of the Work: As per Annexure-A

| Procurement Officer | Bid Identification No. | Availability of tender online for bidding on office hour only | | Date of Opening (Technical Bid) |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Superintending Engineer, Kalahandi RWS&S Division, Bhawanipatna | 90/SE/RWSS/2023-24/Bpt, Dated 19.02.2024 | 23.02.2024 10.00 A.M. | 01.03.2024 05.30 PM | 02.03.2024 10.00 AM onwards |

Cost of tender paper to be made online payment system.
Further details can be seen from the e-procurement portal http://tenderodisha.gov.in.
The original documents schould be scanned and uploaded.
**Sd./-Superintending Engineer, Kalahandi RWS&S Division, Bhawanipatna**
**OIPR-25005/11/0018/2324**

GOVT. OF ODISHA
DEPARTMENT OF WATER RESOURCES
**OFFICE OF THE ADDITIONAL CHIEF ENGINEER**
**DRAINAGE CIRCLE, UNIT-8, BHUBANESWAR-751012**
E-PROCUREMENT NOTICE NO.ACEDC-BBSR-10/2023-24
**No.A-1577:** email id:sedrainagebbsr12@gmail.com

| | | | |
|---|---|---|---|
| 1. | Total Number of Works | : | 2 No. of works as mentioned, below. |
| 2. | Name of Works | : | 1.IMPROVEMENT TO DRAINAGE SYSTEM OF CHINGUDI NALLA AND ITS STRUCTURES UNDER CHIKITI ASSEMBLY CONSTITUENCY OF GANJAM DISTRICT.<br>2. IMPROVEMENT TO MACHHUA NALLA AND ITS STRUCTURES IN DOAB- XVII UNDER SANAKHEMUNDI ASSEMBLY CONSTITUENCY IN GANJAM DISTRICT. |
| 3. | Estimated Cost | : | 1. Rs.2,97,09,793.00<br>2. Rs.1,13,76,048.00 |
| 4. | Bid Identification No. | : | ACEDC-BBSR/DD-BAM-22/2023-24<br>ACEDC-BBSR/DD-BAM-23/2023-24 |
| 5. | Period of Completion | : | 11 (Eleven) Calendar Months |
| 6. | Class of Contractor | : | 'B' & 'A' Class (Odisha PWD or relevant class of other licensing Authority) |
| 7. | Date and Time of availability of Bid document in the portal | : | 23.02.2024, 11.00 Hours to 11.03.2024, 17.00 Hours |
| 8. | Date and Time of receipt of Bids in the Portal | : | 23.02.2024, 11.00 Hours to 11.03.2024, 17.00 Hours |
| 9. | Last date and time of receipt of Bids in the Portal | : | 11.03.2024, 17.00 Hours |
| 10. | Date of Opening of Technical Bid | : | 12.03.2024 at 11.00 hours in the O/o the Additional Chief Engineer, Drainage Circle, Unit-8, Bhubaneswar |
| 11. | Date of Opening of Financial Bid | : | To be uploaded in Portal after evaluation of technical bids |
| 12. | Date of Lottery (if required) | : | To be intimated to the responsive bidders through their Registered E-mail IDs |
| 13. | Bid Security | : | 1. Rs.2,97,098.00<br>2.Rs.1,13,760.00 |
| 14. | Cost of Tender Paper | : | Rs.10,000/- |
| 15. | Procurement Officer | : | Additional Chief Engineer, Drainage Circle, Unit-8, Bhubaneswar-751012 |

Further details can be seen from the Govt. website www.tendersorissa.gov.in. Addendum/ Corrigendum/Cancellation if any required will be published only in Govt. website www.tendersorissa.gov.in.
**Sd./- Additional Chief Engineer**
**Drainage Circle, Bhubaneswar**
**OIPR-32375/11/0011/2324**

GOVERNMENT OF ODISHA
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, ANGUL**
No.585 Dt.20.02.2024
E-mail:sencrwangul@yahoo.co.in, Phone:06764-236404
**SHORT TENDER CALL NOTICE FOR ROAD & BRIDGE WORK IN ODISHA**
**Bid Identification No. Road Online AGL-47/2023-24**

**No.O-2580:** 1. Name of the Work : Road Works, 2. Total No. of Work : 1 No., 3. Estimated Cost: Rs.994.38 Lakhs. 4. Class of Contractor: As per Annexure. 5. Period of Completion : As per Annexure. 6. Other details:

| Procurement Officer | Bid Identification No. | Availability of Tender online for bidding | | Last date & time of seeking tender clarification | Date & Time of Opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Angul | Road Online- AGL-47/2023-24 | 22.02.24 at 10.00 A.M. | 28.02.24 upto 4.30 PM | 27.02.24 upto 1.00 P.M. | 28.02.24 upto 5.00 P.M. | Will be intimated Separately |

For detailed Notice inviting Tenders, please visit to the website www.tendersorissa.gov.in.
OIPR-25180/11/0075/2324 **Sd./- Chief Construction Engineer, Rural Works Circle, Angul**

GOVERNMENT OF ODISHA
**OFFICE OF THE EXECUTIVE ENGINEER**
**RURAL WORKS DIVISION-II, SUNDARGARH**
E Mail ID: rw_rourkela@yahoo.co.in
**TENDER CALL NOTICE**
**BID IDENTIFICATION NO.ONLINE-SERKL-32 OF 2023-24**

**No.O-2582:** Name of the Work: Road Works, 2. Total No. of Works: 03 (Three) Nos., 3.Estimated Cost: Rs. 18.48 to 20.33 Lakhs. 4. Class of Contractor: "C" & "B" Class. 5. Period of Completion: 01 (One) Calendar Months. 6. Type of Tender: Single Cover. 7. Other details:

| Procurement Officer | Bid Identification No. | Availability of tender Online for bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Superintending Engineer, Rural Works Division-II, Sundargarh | Online-SERKL-32 of 2023-24 | 22.02.2024 from 10.00 A.M. | 27.02.2024 upto 5.00 P.M. |

Further details can be seen from the website www.tendersodisha.gov.in.
**Sd./- Superintending Engineer**
**R.W.Division-II, Sundargarh**
**OIPR-25193/11/0013/2324**

**Short Tender Call Notice**
**PURCHASE OF AIR CONDITIONER**
**At:Head Office, Bhubaneswar**
**Bid Identification No.DGM/OAIC-37/E&I/2023-24** **Date:20.02.2024**
**The Odisha Agro Industries Corporation Ltd.**
**(A Govt. of Odisha Undertaking)**
Regd.H.O.:95-Satyanagar, Bhubaneswar-751007, Tel:(0674)-2570687, Email:oaicho@orissaagro.com
**QUOTATION CALL NOTICE**

**No.CAD-4232:** Sealed quotation in conformity with technical specification, term & conditions in quotation documents are invited from Authorised Dealer/ Supplier for supply, fitting and fixing of Air-conditioner (1.5 T and 2.0T). The details are as follows:

| Items | Quantity Required | Specification Details |
|---|---|---|
| Air Condititoner (Split AC- 5 Nos) | 2.0 Ton: 2 Nos.<br>1.5 Ton : 3 Nos. | BEE Star:3<br>Technology of AC: Variable Speed<br>Unit Mounting Arrangement: Indoor Unit-Wall mount.<br>Material Evaporator: Copper<br>Material Condenser: Copper, AC Machine warranty (in year) 1 Year<br>Warranty on compressor (In year): 10<br>Installation: Standard installation |

The sealed quotation will be reached to the office of undersigned on or before dt.27.02.2024 upto 5.00 PM. The undersigned reserves the right to accept/ reject any/ all application (s) without assigning any reasons thereof.
**Sd./- DY.GENERAL MANAGER (E&I)**
**Sd./- Asst. Engineer (E&I)**
**OIPR-01047/11/0068/2324**

# ଅନନ୍ୟାଙ୍କୁ ମିଳିଗଲା...



ଅନନ୍ୟା

କଥାରେ ଅଛି–ଏମନ ଖୋଜୁଥାଏ ଯାହା, କାଳେ ପ୍ରାପତ ହୁଏ ତାହା । ନିଜ ଅଭିନୟ କ୍ୟାରିୟରରେ ଚଙ୍କି ତନୟା ଅନନ୍ୟା ପାଣ୍ଡେ ଯେଉଁଭଳି ଭୂମିକାରେ ଅଭିନୟ କରିବାକୁ ଚାହୁଁଥିଲେ ତାହା ତାଙ୍କୁ ମିଳିଯାଇଛି । ନିକଟରେ ତାଙ୍କର ଆଗାମୀ ଫିଲ୍ମ 'ଶଙ୍କର'ର ପ୍ରଚାର ପ୍ରସାର ଅବସରରେ ସେ ଏକଥା କହିଛନ୍ତି । ସତ୍ୟ ଘଟଣା ଉପରେ ଏହାର କାହାଣୀ ଆଧାରିତ । ଭାରତ ସ୍ୱାଧୀନତା ସଂଗ୍ରାମର ଲୋମହର୍ଷଣକାରୀ ଘଟଣା ମଧ୍ୟରୁ ଜାଲିଓ୍ୱାନାଓ୍ୱାଲାବାଗ ହତ୍ୟାକାଣ୍ଡ ଅନ୍ୟତମ ଥିଲା । ଶଙ୍କରନ ନାୟର ନାମକ ଜଣେ ବ୍ୟକ୍ତି ଏହି ହତ୍ୟାର ପ୍ରକୃତ କାରଣ ଖୋଜିବାକୁ ଅଣ୍ଟା ଭିଡ଼ିଥିଲେ । ତାଙ୍କ ଜୀବନୀକୁ ନେଇ ପ୍ରସ୍ତୁତ ହୋଇଛି ଉକ୍ତ ସିନେମା । ଏହାର ଟାଇଟଲ ଭୂମିକାରେ ଅକ୍ଷୟ କୁମାର ଅଭିନୟ କରିଥିବା ବେଳେ ତାଙ୍କର ପତ୍ନୀ ସାଜିଛନ୍ତି ଅନନ୍ୟା । ଏ ବିଷୟରେ ଅନନ୍ୟା କୁହନ୍ତି, 'ବାସ୍ତବରେ ଏଭଳି ସ୍ୱାଧୀନତା ସଂଗ୍ରାମକୁ ଆଧାରକରି ନିର୍ମିତ ହେଉଥିବା ସିନେମାରେ ଅଭିନୟ କରିବାର ମଜ୍ଜା ନିଆରା । ଏଥିରେ ମୁଁ ଶଙ୍କରଙ୍କ ପତ୍ନୀ ପୁଷ୍ପା ରୋଲ୍‌ରେ ଅଭିନୟ କରିଛି । ଏଭଳି ଏକ ଭୂମିକା ମୋ କ୍ୟାରିୟରକୁ ଶତ ପ୍ରତିଶତ ମାଇଲେଜ ଦେବ ବୋଲି ଆଶା ରଖିଛି । ତେବେ ଦର୍ଶକ ଏହାକୁ କିପରି ଗ୍ରହଣ କରୁଛନ୍ତି ତାହା ରିଲିଜ୍ ପରେ ଜଣାପଡ଼ିବ ।' ଖାସ୍ କଥା ହେଲା, ଏଭଳି ଏକ ସିନେମାର ପ୍ରଯୋଜନା କରିଛନ୍ତି କରନ୍ ଜୋହର । ନିର୍ଦ୍ଦେଶନାଭାର ସମ୍ଭାଳିଛନ୍ତି କରନ୍ ସିଂ ତ୍ୟାଗୀ । ଅକ୍ଷୟ କୁମାର, ଅନନ୍ୟା ପାଣ୍ଡେଙ୍କ ବ୍ୟତୀତ ଏଥିରେ ଆର. ମାଧବନ୍‌ଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବ । ଫିଲ୍ମଟି ଚଳିତ ମାସ ୨୮ରେ ପରଦା ଉପରକୁ ଆସିବାର ଯୋଜନା ରହିଛି । ତେବେ ଚିତ୍ରଟି ଅନନ୍ୟାଙ୍କ କ୍ୟାରିୟରକୁ କେଉଁ ମୋଡ଼ ଦେଉଛି ତାହା ଜାଣିବାକୁ ବାକି ରହିଲା । ଅନନ୍ୟାଙ୍କ ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା କରନ୍ ଜୋହରଙ୍କ 'ଷ୍ଟୁଡେଣ୍ଟ ଅଫ୍ ଦ ଇୟର–୨'ରୁ । ତା'ପରେ ସେ 'ପତି ପତ୍ନୀ ଔର ଓ', 'ଖାଲି ପିଲି', 'ଗେହେରିୟାଁ', 'ଲାଇଜର', 'ରକି ରାନୀ କି ପ୍ରେମ୍ କାହାନୀ', 'ଡ୍ରିମ୍ ଗର୍ଲ–୨, 'ଖୋ ଗୟି ହମ୍ କାହାଁ' ଆଦି ସିନେମାରେ ଅଭିନୟ କରିସାରିଛନ୍ତି ।

# ସ୍କ୍ରିନ୍ ନେମ୍ ଅନ୍ତରାଳେ..

ଥରେ ମନେପକାନ୍ତୁ ନା ରାଜ କୁମାର ସନ୍ତୋଷୀଙ୍କ 'ଦାମିନୀ' ଫିଲ୍ମର ଆଡଭୋକେଟ ଗୋବିନ୍ଦ ଚରିତ୍ରକୁ । ଏହାର 'ଢାଇ କିଲୋକା ହାତ୍ ଜିସ୍‌କା ଉପର ପଡେଗା ୱ ଉଠ୍ ନେହିଁ ପାୟେଗା..' ଆଜି ବି ଯୁବପିଢ଼ିଙ୍କ ମନରେ ସତେଜ ହୋଇ ରହିଛି । ଏଭଳି ଅନେକ ସିନେମାରେ ନିଜ ଅଭିନୟ ଛାପ ଛାଡିଥିବା ସେହି ଅଭିନେତାଙ୍କର ପରିଚୟ ଦେବା କେବଳ ଧୃଷ୍ଟତା ହେବ । ସେ ହେଲେ ସନ୍ନି ଦେଓଲ । ତାଙ୍କର ପ୍ରକୃତ ନାମ ଥିଲା ଅଜୟ ଦେଓଲ । ଯେତେବେଳେ ତାଙ୍କୁ ବଲିଉଡ୍ ଅଫର ମିଳିଲା ସେ ନିଜ ନାମ ପରିବର୍ତ୍ତନ କରିବାକୁ ଇଚ୍ଛା କରିଥିଲେ । ଏ ନେଇ ସନ୍ନି କହନ୍ତି, '୧୯୮୩ରେ ମୋ ଅଭିନୀତ ପ୍ରଥମ ସିନେମା 'ବେତାବ' ରିଲିଜ ହୋଇଥିଲା । ଯେତେବେଳେ ଏହି ଅଫରଟି ମୋତେ ମିଳିଲା ସେତେବେଳ ଏ ନେଇ ପାପା (ଧର୍ମେନ୍ଦ୍ର)ଙ୍କ ସହ ମୁଁ ବିଶଦ ଭାବରେ ଆଲୋଚନା କରିଥିଲି । ବଡ ପରଦାରେ ମୁଁ ଏକ ନୂଆ ନାମରେ ଆସିବାକୁ ଚାହୁଁଥିଲି । ଏହି ସମୟରେ ମୋ ମନକୁ ଆସିଲା ଯେ, ଯଦି ମୋ ନିକ୍ ନେମ୍ ସନ୍ନିକୁ ରଖନ୍ତି ତେବେ କେମିତି ହୁଅନ୍ତା । ଶେଷରେ ତାହା ହିଁ ହେଲା । ତା'ପରେ ମୁଁ ସନ୍ନି ଦେଓଲ ନାମରେ ପରିଚିତ ହୋଇଥିଲି ।' ତାଙ୍କ ଅଭିନୀତ ପ୍ରମୁଖ ସିନେମାଗୁଡିକ ମଧ୍ୟରେ ରହିଛି 'ତ୍ରିଦେବ', 'ଘାୟଲ', 'ନରସିଂହା', 'ବିଶ୍ୱାତ୍ମା', 'ଦାମିନୀ', 'ଡର୍', 'ହିମ୍ମତ', 'ଜିତ୍', 'ଘାତକ', 'ଗଦ୍ଦର : ଏକ ପ୍ରେମ କଥା', 'ଇଣ୍ଡିଆନ୍' ଏବଂ ଗତ ବର୍ଷ ରିଲିଜ ହୋଇଥିବା 'ଗଦ୍ଦର–୨' ।



ସନ୍ନି ଦେଓଲ

# ଅଭିନୟ ପାଇଁ...

ଦକ୍ଷିଣ ଭାରତୀୟ ସିନେମାର ଅନ୍ୟତମ ପରିଚିତା ତଥା ଦର୍ଶକାଦୃତା ଅଭିନେତ୍ରୀ ହେଉଛନ୍ତି ତାପସୀ ପାନ୍ନୁ । ପାଠ ପଢ଼ା ପରେ ତାଙ୍କୁ ଚାକିରିଟିଏ ମିଳିଥିଲା । ଜଣେ ସଫ୍ଟୱେର ଇଞ୍ଜିନିୟର ଭାବରେ ସେ କିଛି ଦିନ କାମ କରିଥିଲେ । କିନ୍ତୁ ଅଭିନୟ ନିଶା ତାଙ୍କୁ ପାଗଳ କରିଦେଇଥିଲା । ତେଣୁ ଚାକିରି ଛାଡି ସେ ଗ୍ଲାମର ଦୁନିଆରେ ପାଦ ଦେବାକୁ ସ୍ଥିର କରିଥିଲେ । ମଡେଲିଂରୁ କ୍ୟାରିୟର ଆରମ୍ଭ କରିଥିବା ତାପସୀ ପରବର୍ତ୍ତୀ ସମୟରେ ଗୋଟିଏ ପରେ ଗୋଟିଏ ହିଟ୍ ସିନେମାରେ ଅଭିନୟ କରି ନିଜକୁ ଜଣେ ନମ୍ବର ୱାନ ନାୟିକା ଭାବରେ ପ୍ରତିପାଦନ କରିଥିଲେ । ତାପସୀଙ୍କ ଅଭିନୀତ ପ୍ରଥମ ସିନେମା ଥିଲା 'ଝୁମାନ୍ଦି ନାଡାମ' । କେ. ରାଘବେନ୍ଦ୍ର ରାଓଙ୍କର ଏହି ସିନେମାରେ ସେ ନିଜ ଅଭିନୟ ଦକ୍ଷତା ଦେଖାଇବାକୁ ଭୁଲି ନ ଥିଲେ । ଆକ୍ଟିଂ କ୍ୟାରିୟରରେ ସେ ଅନେକ ତେଲୁଗୁ, ତାମିଲ,ମାଲାୟାଲମ ଏବଂ ହିନ୍ଦୀ ସିନେମାରେ ଅଭିନୟ କରିସାରିଛନ୍ତି । ତାପସୀଙ୍କ ଅଭିନୀତ ପ୍ରଥମ ହିନ୍ଦୀ ସିନେମା ଥିଲା 'ଚଷମେ ବଦ୍ଦୁର' । ତା'ପରେ ସେ ହିନ୍ଦୀ ସିନେମା 'ବେବି', 'ପିଙ୍କ୍', 'ନାମ ସାହେବାନା', 'ସୁରମା', 'ମନମର୍ଜିୟାଁ', 'ବଦଲା' ଏବଂ 'ଦୁନ୍‌କି' ଆଦିରେ ଅଭିନୟ କରିସାରିଛନ୍ତି ।



ତାପସୀ

# ଶ୍ରୀମାନ୍ ଶ୍ରୀଯୁକ୍ତ

ନୂଆ ଓଡ଼ିଆ ସିନେମା 'ଶ୍ରୀମାନ୍ ଶ୍ରୀଯୁକ୍ତ'ର ଶୁଟିଂ ଏବେ ଚାଲୁରହିଛି । ଏହାର କାହାଣୀରେ ଲଭ୍, ଇମୋଶନ, କମେଡି, ଆକ୍ସନ ରହିଛି ବୋଲି ସୂଚନା ଦେଇଛନ୍ତି ଉକ୍ତ ଚିତ୍ରର ନିର୍ଦ୍ଦେଶକ ନିରଞ୍ଜନ ବେହେରା । 'ଜୟ ଶ୍ରୀରାମ'ରୁ ବଡ଼ ପରଦାରେ କ୍ୟାରିୟର ଆରମ୍ଭ କରିଥିବା ବବି ମିଶ୍ର ଏହାର ନାୟକ ସାଜିଛନ୍ତି । ତାଙ୍କ ସହ ସ୍କ୍ରିନ୍ ଶେୟାର କରିବେ ବୁଲ୍‌ବୁଲି ଲିପ୍‌ସା ମହାରଣା । ଅନେକ ଓଡ଼ିଆ ସିନେମାର ପ୍ରଚାର ପ୍ରସାର ଦାୟିତ୍ୱ ତୁଲାଇବା ପରେ 'ସିନ୍ଦୂର' ଫିଲ୍ମରୁ ପ୍ରଯୋଜକ ସାଜିଥିବା ପ୍ରଣୟ ଜେଠୀ ଏହାର ପ୍ରଯୋଜନା କରିଛନ୍ତି । 'ଯୋଗୀ' ଫେମ୍ ନିରଞ୍ଜନ ଚିତ୍ରଟିର କାହାଣୀ ଏବଂ ସଂଳାପ ମଧ୍ୟ ରଚନା କରିଛନ୍ତି । ବସନ୍ତରାଜ ସାମଲଙ୍କ ରଚିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଅନ୍ୟତମ ଆଗଧାଡ଼ିର ସ୍ୱର ସଂଯୋଜକ ପ୍ରେମ୍ ଆନନ୍ଦ । ଶିରିଡ଼ି ସାଇବାବା ମୁଭିଜ୍ ବ୍ୟାନରରେ ପ୍ରସ୍ତୁତ ହେଉଥିବା ଏହି ସିନେମାର ଅନ୍ୟାନ୍ୟ ଭୂମିକାରେ ସାନୁ ଓ ଅଭିନେତ୍ରୀ ସସ୍ମିତା, ପ୍ରଦ୍ୟୁମ୍ନ ଲେଙ୍କା, ଚୌଧୁରୀ ଜୟ ପ୍ରକାଶ ଦାସ, ରବି ମିଶ୍ର, ଲିପ୍ସା ମହାରଣା, ଛନ୍ଦିତା, ରାଜୀବ ମହାନ୍ତି ପ୍ରମୁଖ ଅଭିନୟ କରୁଛନ୍ତି । ସମାଜରେ ପ୍ରତିଦିନ ଘଟୁଥିବା କଥାକୁ କାହାଣୀର ରୂପ ଦେଇ କମେଡି ଧାରାରେ ଚଳଚ୍ଚିତ୍ର ନିର୍ମାଣ କଲେ ବେଶ୍ ଲୋକାଦୃତ ହେବ ବୋଲି କହନ୍ତି ପ୍ରଯୋଜକ ପ୍ରଣୟ ।

# ଅତୀତରୁ...

- ଏକାମ୍ର ଚିତ୍ରମ, ଭୁବନେଶ୍ୱର ବ୍ୟାନରରେ ପ୍ରସ୍ତୁତ ହୋଇଥିଲା ଓଡ଼ିଆ ଚଳଚ୍ଚିତ୍ର 'ଘର ବାହୁଡ଼ା' । ସୋମନାଥ ସାହୁଙ୍କ ପ୍ରଯୋଜନାରେ ଏହାର ନିର୍ଦ୍ଦେଶନା ଦେଇଥିଲେ ସୋନା ମୁଖାର୍ଜୀ । ସାମୁଏଲ ସାହୁ (ବାବି), ସୁଜାତା ଆନନ୍ଦ, ସୁଜିତ, ନିରଞ୍ଜନ ପ୍ରମୁଖ କଳାକାର ଏଥିରେ ଅଭିନୟ କରିଥିଲେ ।
- ଓଡ଼ିଆ ସିନେମା 'ବନ୍ଧନ'ର ପ୍ରଯୋଜନା କରିଥିଲେ ସ୍ୱର୍ଣ୍ଣ ପଟ୍ଟନାୟକ ଏବଂ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଥିଲେ ନିତାଇ ପାଲିତ । ପ୍ରଶାନ୍ତ ନନ୍ଦ ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ ଏବଂ ଗୀତାଞ୍ଜଳି, ସାମୁଏଲ ସାହୁ (ବାବି), ଗୋବିନ୍ଦ ଏବଂ ଧୀର ବିଶ୍ୱାଳଙ୍କୁ ମଧ୍ୟ ଏଥିରେ ଦେଖିବାକୁ ମିଳିଥିଲା ।
- ପ୍ରଭାତ ମୁଖାର୍ଜୀଙ୍କ ନିର୍ଦ୍ଦେଶନାରେ ମୁକ୍ତିଲାଭ କରିଥିଲା ଓଡ଼ିଆ ଚିତ୍ର 'ଜୀବନସାଥୀ' । ଶ୍ରୀନିବାସ ପାଇକରାୟଙ୍କ ପ୍ରଯୋଜନାରେ ଏଥିରେ ଶରତ ପୂଜାରୀ, ଗୀତାଞ୍ଜଳି, ମିନତି, ଧୀର ବିଶ୍ୱାଳ ପ୍ରମୁଖ କଳାକାର ଅଭିନୟ କରିଥିଲେ ।



ଶରତ ପୂଜାରୀ

# ଆଶା ଅସୁମାରି, ହେଲେ....

ସତରେ ଆଶା ଅସୁମାରି । ହେଲେ ସବୁ ଆଶା କ'ଣ ପୂରଣ ହୁଏ ? ଠିକ୍ ସେହିଭଳି ଏକ ନିପଟ ମଫସଲର ଜଣେ ଯୁବକ ସ୍ୱପ୍ନ ଦେଖିଛି ଦିନେ ନା ଦିନେ ସେ ଜଣେ ନାମୀ ୟୁଟ୍ୟୁବର ହେବ । ହେଲେ ତାହାର ଏଭଳି ଆଶା ପୂରଣ ହେଉଛି ତ ? ହଁ, ଏଭଳି ଏକ ସାମ୍ପ୍ରତିକ କାହାଣୀକୁ ନେଇ ନିର୍ମିତ ହେଉଛି ନୂଆ ଓଡ଼ିଆ ସିନେମା 'ସିନ୍ଦୂରା' । ଓଲିଉଡ୍‌ର ଅନ୍ୟତମ ନାମୀ ବ୍ୟାନର ରାସେଶ୍ୱରୀ ଏଣ୍ଟରଟେନମେଣ୍ଟର ଏହା ହେଉଛି ଷଷ୍ଠ ଅବଦାନ । ଏହି ପ୍ରଯୋଜନା ସଂସ୍ଥାର ପ୍ରଥମ ଚଳଚିତ୍ର 'ସତ୍ୟମେବ ଜୟତେ' ୨୦୦୮ରେ ମୁକ୍ତିଲାଭ କରି ସିନେ ସମୀକ୍ଷକଙ୍କ ଦ୍ୱାରା ବେଶ୍ ପ୍ରଶଂସିତ ହୋଇଥିଲା ଓ କାହାଣୀ ପାଇଁ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ମଧ୍ୟ ହାସଲ କରିଥିଲା । ଅନ୍ୟପକ୍ଷରେ ୨୦୧୩ରେ 'ଏସିପି ସାଗରିକା' ରିଲିଜ ହୋଇ ଦର୍ଶକୀୟ ସ୍ୱୀକୃତି ଲାଭ କରିଥିଲା । ଏହି ଫିଲ୍ମ ପାଇଁ ଅର୍ଚ୍ଚିତା ଶ୍ରେଷ୍ଠ ଅଭିନେତ୍ରୀ ଭାବରେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପାଇଥିଲେ । ଉଭୟ ଚଳଚିତ୍ରର କାହାଣୀ ଲେଖିଥିଲେ ବିରଞ୍ଚି ନାରାୟଣ ପଣ୍ଡା । ସେହିପରି ନିର୍ମାଣାଧୀନ 'ସିନ୍ଦୂରା'ର କାହାଣୀ ମଧ୍ୟ ସେ ରଚନା କରିଛନ୍ତି । କେବଳ ସେତିକି ନୁହେଁ, ତା'ସହ ଏହାର ନିର୍ଦ୍ଦେଶନା ମଧ୍ୟ ଦେଇଛନ୍ତି । ଏହି କାହାଣୀରୁ ଦର୍ଶକ ଶତ ପ୍ରତିଶତ ମନୋରଞ୍ଜନ ପାଇବେ । କାରଣ ଏହାକୁ ରଚନା କରିବା ସମୟରେ ଏବଂ ଶୁଟିଂ ବେଳେ ସବୁ ଦିଗ ପ୍ରତି ଆବଶ୍ୟକ ମୁତାବକ ଧ୍ୟାନ ଦିଆଯାଇଛି ବୋଲି କହନ୍ତି ଏହାର ନିର୍ଦ୍ଦେଶକ । ଚିତ୍ରଟିର କାର୍ଯ୍ୟକାରୀ ନିର୍ଦ୍ଦେଶକ ଅଛନ୍ତି ଜିତେନ୍ଦ୍ର ଜେନା । ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ପ୍ରେମାନନ୍ଦ । ସଂଳାପ ଲେଖିଛନ୍ତି ନାଟ୍ୟକାର ବିଜୟ ଦାସ । ଅଭିଷେକ ଗିରି, ସୁପ୍ରିୟା ନାୟକ, ଉଷସୀ ମିଶ୍ର, ପ୍ରମୋଦ ରଥ,ଶଙ୍କର, ପ୍ରଜ୍ଞା, ଜୀବନ ପଣ୍ଡାଙ୍କୁ ଏଥିରେ ଦେଖିବାକୁ ମିଳିବ ।



ଚଳଚ୍ଚିତ୍ର 'ସିନ୍ଦୂରା'ରେ (ବାମରୁ) ଅଭିଷେକ–ସୁପ୍ରିୟା–ପ୍ରମୋଦ

# ସମ୍ପର୍କର ଭିତିରି କଥା

ରିତୁପ୍ରିୟା ପ୍ରଡକ୍ସନ ବ୍ୟାନରରେ ନିର୍ମିତ 'ଭୋଟ'କୁ ନେଇ ଚର୍ଚ୍ଚା । କାରଣ ଏକ ଭିନ୍ନ ଧରଣର କାହାଣୀକୁ ଆଧାର କରି ଏହାକୁ ପ୍ରସ୍ତୁତ କରାଯାଇଛି । ଅଜୟ ମହାପାତ୍ରଙ୍କ ଦ୍ୱାରା ରଚିତ ଏକ ଗପଟି ଥିଏଟର ନାଟକ ଭାବରେ ପ୍ରଦର୍ଶିତ ହୋଇସାରିଛି । କେବଳ ସେତକି ନୁହେଁ, ଅନେକ ସ୍ଥାନରେ ସଫଳ ନାଟକ ଭାବରେ ପୁରସ୍କୃତ ହୋଇଛି । ବାସ୍, ସେଭଳି ଏକ କାହାଣୀକୁ ଚଳଚ୍ଚିତ୍ରର ରୂପ ଦେବାକୁ ସ୍ଥିର କରିଥିଲେ ପ୍ରଯୋଜକ ଅତୀଶ କୁମାର ରାଉତ । ଫିଲ୍ମଟିର ଚିତ୍ରନାଟ୍ୟ, ସଂଳାପ ରଚନା କରିବା ସହ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଛନ୍ତି ଦେବାଶିଷ ମହାପାତ୍ର । ଖାସ୍ କଥା ହେଲା, ଅନେକ ସିନେମାର ସହ–ନିର୍ଦ୍ଦେଶକ ସାଜିବା ପରେ ଏହି ଫିଲ୍ମରୁ ସେ ନିର୍ଦ୍ଦେଶକ ଭାବରେ କ୍ୟାରିୟର ଆରମ୍ଭ କରୁଛନ୍ତି । ସୁପରହିଟ୍ ଫିଲ୍ମ 'ଦ କେରଳା ଷ୍ଟୋରି'ର ସିନେମାଟୋଗ୍ରାଫର ପ୍ରଶାନ୍ତନୁ ମହାପାତ୍ର ଏହାର ଚିତ୍ରୋତ୍ତଳନ ଦାୟିତ୍ୱ ତୁଲାଇଛନ୍ତି । ଗୀତଗୁଡିକୁ ସ୍ୱର ଦେଇଛନ୍ତି ବିକାଶ ଦାସ । ଫିଲ୍ମ ସମ୍ପର୍କରେ ଅତୀଶ କହନ୍ତି, 'ଏହାର କାହାଣୀ ସାମ୍ପ୍ରତିକ ଘଟଣାବଳୀକୁ ନେଇ ଆଧାରିତ । ତା'ସହ ଏଥିରେ ଫ୍ୟାମିଲି ଡ୍ରାମା ମଧ୍ୟ ରହିଛି । ଭାଇ–ଭାଇ, ବାପା–ପୁଅ, ସ୍ୱାମୀ–ସ୍ତ୍ରୀ ମଧ୍ୟରେ ଥିବା ବାସ୍ତବ ସମ୍ପର୍କକୁ ଏଥିରେ ସୁନ୍ଦର ଭାବରେ ଅବତାରଣା କରାଯାଇଛି । ତା'ସହ ଗୋଟିଏ ଭୋଟ କେତେ ଯେ ମୂଲ୍ୟବାନ୍ ତାହା ଏଥିରେ ଦେଖିବାକୁ ମିଳିବ । ସୂର୍ଯ୍ୟ ମହାନ୍ତି, ଚକ୍ରଧର ଜେନା, ହର ରଥ, ଉଷସୀ ମିଶ୍ର, ରାନୁ ପାଢ଼ୀ, ପିଙ୍କି ପ୍ରିୟଦର୍ଶିନୀ, ହାଡ୍ଡୁ, ବନମାଳୀ ପାଣ୍ଡିଆ ଏବଂ ନବାଗତ ସୁଶାନ୍ତ, ସିତାଂଶୁ, ସୌମ୍ୟ ଏବଂ ଶ୍ରେୟା ପ୍ରମୁଖ ଅଭିନୟ କରିଛନ୍ତି ।



ଫିଲ୍ମ 'ଭୋଟ'ରେ ସୁଶାନ୍ତ–ପିଙ୍କି ପ୍ରିୟଦର୍ଶିନୀ

# ନିଆରା ଅଭିନେତା

ଓଡ଼ିଆ ସିନେମାରେ ଭଲ ଅଭିନୟ ଲକ୍ଷ୍ୟ ନେଇ ଆସିଥିଲେ ଅଭିନେତା ଚକ୍ରଧର ଜେନା । ହଲିଉଡ୍ ସିନେମା 'ସିଟି ଅଫ୍ ଜୟ'ରୁ ଆରମ୍ଭ ହୋଇଥିଲା ତାଙ୍କର ବଡ ପରଦା କ୍ୟାରିୟର । ଜନ୍ମଭୂମି ଓଡ଼ିଶାକୁ ଫେରିବା ପରେ ଓଡ଼ିଆ ଧାରାବାହିକ 'ମାଟି ବୈକୁଣ୍ଠ'ରେ ତାଙ୍କୁ ସୁଯୋଗ ମିଳିଥିଲା । ଆଉ ଏଥିରେ ତାଙ୍କର ଅଭିନୟକୁ ଯେତେ ପ୍ରଶଂସା କରିବ ତାହା ସେତେ କମ୍ ହେବ । ୧୯୮୩ରୁ ନ୍ୟାଶନାଲ ସ୍କୁଲ ଅଫ ଡ୍ରାମା (ଏନ୍‌ଏସ୍‌ଡି)ରୁ ପାସ କରିବା ପରେ ହଲିଉଡ୍ ସିନେମା 'ସିଟି ଅଫ ଜୟ', ହିନ୍ଦୀ ସିନେମା 'ସର୍ଦ୍ଦାର ପଟେଲ' ଓ ହିନ୍ଦୀ ଧାରାବାହିକ ଆଦିରେ ଅଭିନୟ କରିଥିଲେ । ଓଡ଼ିଆ ଧାରାବାହିକରେ ନିଜର ଅଭିନୟ ଦକ୍ଷତା ଦେଖାଇବା ପରେ ଚକ୍ରଧର ଓଡ଼ିଆ ସିନେମା 'ପଥର ଖସୁଛି ବଡ଼ଦେଉଳୁ', 'ରଣଭୂମି', 'ମାୟା', 'ଅର୍ଜୁନ', 'ଭଉଁରୀ' ଓ 'ଓମ୍ ନମଃ ଶିବାୟ' ଆଦିରେ ଅଭିନୟ କରିଥିଲେ ।

ଚକ୍ରଧର ଜେନା ଥିଲେ ଜଣେ ଭଲ ମଣିଷ । ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାରରେ ପଢି ସାରିଲା ପରେ ଏନ୍‌ଏସ୍‌ଡିକୁ ଗଲେ । ଚାକିରି ମୋହ ତାଙ୍କୁ ଘାରି ନ ଥିଲା । ତାଙ୍କର ଏକମାତ୍ର ଲକ୍ଷ୍ୟ ଥିଲା ଭବିଷ୍ୟତରେ ମୁଁ ଜଣେ ଭଲ କଳାକାର ହେବି । ଆଉ ଏଥିପାଇଁ ଅଭିନୟ ନିକଟରେ ସେ ନିଜକୁ ସମର୍ପିତ କରିଦେଇଥିଲେ । ତାଙ୍କ ସହପାଠୀ ଥିଲେ ଆଶିଷ ବିଦ୍ୟାର୍ଥୀ । ଧାରାବାହିକ ମହାଯଜ୍ଞ ଏବଂ ସାରା ଆକାଶରେ ତାଙ୍କର ଭୂମିକା ଦର୍ଶକଙ୍କୁ ଆହୁରି ପ୍ରଭାବିତ କରିଥିଲା ।



ଶ୍ରଦ୍ଧାଞ୍ଜଳି/ଚକ୍ରଧର ଜେନା

ଚକ୍ରଧର ଜେନା ଥିଲେ ଜଣେ ନିଆରା ବ୍ୟକ୍ତିତ୍ୱ । ସ୍ପଷ୍ଟ କଥା ହିଁ ତାଙ୍କ ପେସାରେ ପ୍ରତିବଦ୍ଧତା ସୃଷ୍ଟି କଲା । ଶିକ୍ଷା କ୍ଷେତ୍ରରେ ମଧ୍ୟ ଜଣେ ଗୁଣୀବ୍ୟକ୍ତି । ଅନେକ ପୁସ୍ତକ ପଢିବା ଦିଗରେ ଆଗ୍ରହ ଥିବା ତାଙ୍କ ଯୁକ୍ତିରୁ ଜଣାପଡ଼େ । ଓଡ଼ିଆ ସିନେମାକୁ ଉତ୍ତାରି କରିବା ହେତୁ ସେ ସମୟେ ସମୟେ ବିରକ୍ତିଭାବ ପ୍ରକାଶ କରନ୍ତି । ଓଡ଼ିଶାରେ କାହାଣୀ ଅଭାବ ନାହିଁ, ମାନସିକତାର ଅଭାବ ରହିଛି । ଭଲ କାହାଣୀ, ଭଲ ନିର୍ଦ୍ଦେଶକ, ଭଲ ପ୍ରଯୋଜନାଗତ ଜ୍ଞାନ ଥିବା ବ୍ୟକ୍ତିମାନେ ଯଦି ଠିକ୍ ନିଷ୍ପତ୍ତି ନେଇ ଉଚିତ୍ ମାର୍ଗରେ ସିନେମା ନିର୍ମାଣ କରନ୍ତେ, ତେବେ ସାଧାରଣ ଦର୍ଶକମାନେ ସିନେମା ଦେଖିବାକୁ କୁଣ୍ଠିତ ହୁଅନ୍ତେ ନାହିଁ । ଆମେ ପରିଶ୍ରମ ନକରି ଦର୍ଶକଙ୍କୁ ଠକୁଛେ । ଏପରି ହେଲେ ଓଡ଼ିଆ ସିନେମାର ଶ୍ରୀବୃଦ୍ଧି ଆଶା ନିରର୍ଥକ ବୋଲି ସ୍ପଷ୍ଟ ମତ ଦେଇଥିଲେ ସେ । ଯେତୋଟି ସିନେମା ହେଉ କି ଧାରାବାହିକରେ ସେ ଅଭିନୟ କରିଛନ୍ତି ସବୁଥିରେ ସେ ଜଣେ ଦକ୍ଷ କଳାକାର, ତାହାର ଜ୍ୱଳନ୍ତ ପ୍ରମାଣ ମିଳିଛି । କଳାକାର ମରେ ନାହିଁ, ପାର୍ଥିବ ଶରୀରର ଲୀନ ହେଲେ ମଧ୍ୟ 'କଳା' ଓ ଭଲ ମଣିଷର ପ୍ରଭାବ ଚିରଦିନ ଅମର ହୋଇ ରହିବ ।

ଏକଥା କହିବାରେ ଆଦୌ ଦ୍ୱିମତ ନାହିଁ ଯେ, ଓଡ଼ିଶାରେ ଚକ୍ରଧର ଜେନାଙ୍କ ପରି କଳାକାରଙ୍କର ପ୍ରକୃତ ମୂଲ୍ୟାୟନ ହେଲା ନାହିଁ । ତାଙ୍କ ଅମର ଆତ୍ମାର ସଦ୍‌ଗତି ହେଉ, ତାଙ୍କ ପରିବାରକୁ ଭଗବାନ ସାହା ହୁଅନ୍ତୁ, ଏହା ହିଁ କାମନା ।

**–ଦିଲ୍ଲୀପ ହାଲି,** ବଡ଼ଗଡ଼, ଭୁବନେଶ୍ୱର
ମୋ : ୯୮୬୧୦୦୯୨୫୨

# ହୁମ୍ମାଙ୍କ ହ୍ୟାଟ୍ରିକ

ସତରେ ୟାକୁ ହିଁ କହନ୍ତି ହାତୀ ମୁଣ୍ଡରେ ସୁନା କଳସ ଢାଳିବା । ଦେଖୁନାହାନ୍ତି, ଭାଗ୍ୟଦେବୀ ତାଙ୍କ ପ୍ରତି ଏପରି ଦୟା ପରବଶ ହେଲେ ଯେ ତାଙ୍କ ହାତରେ ଏବେ ଏକାଥରେ ତିନୋଟି ଅଫର । ଆଉ ତାକୁ ନେଇ ହୁମ୍ମା କ୍ୟୁରେସିଙ୍କ ଖୁସି କହିଲେ ନ ସରେ । କାରଣ ତାଙ୍କ ଆକ୍ଟିଂ କ୍ୟାରିୟରରେ ଏପରି ଶୁଭ ଘଟଣା ଘଟିବ ବୋଲି କେବେ କଳ୍ପନା କରି ନ ଥିଲେ । କଥା କ'ଣ କି ଏକ ନୂଆ ପ୍ରଯୋଜନା ସଂସ୍ଥା । ନିର୍ମାଣ କରୁଥିବା ଏକ ଅନଟାଇଟଲଡ୍ ଫିଲ୍ମରେ ଅଭିନୟ କରିବାକୁ ତାଙ୍କୁ ଯୋଗାଯୋଗ କରାଯାଇଥିଲା । ଶେଷରେ ଏଭଳି ଅଫରକୁ ଗ୍ରୀନ୍ ସିଗ୍‌ନାଲ ଦେଖାଇଛନ୍ତି ସେ । ଅନ୍ୟପକ୍ଷରେ ଏହି ସଂସ୍ଥା ଦ୍ୱାରା ଆଗକୁ ପ୍ରସ୍ତୁତ ହେବାକୁ ଯାଉଥିବା ଆଉ ଦୁଇଟି ସିନେମାରେ ସେ ମଧ୍ୟ ଫିମେଲ ଲିଡ୍‌ରେ ଅଭିନୟ କରିବେ ବୋଲି ଜଣାପଡିଛି । ଏପର ସୁଯୋଗ ସମ୍ପର୍କରେ ସେ କହନ୍ତି, ''ଏହା ଏକ ନୂଆ ବ୍ୟାନର । ପ୍ରଯୋଜକ ମଧ୍ୟ ନୂଆ । ହେଲେ ତିନୋଟି ଫିଲ୍ମର କାହାଣୀ କେହି କାହାକୁ କମ୍ ନୁହେଁ ଏବଂ ସବୁ କାହାଣୀ ମୋତେ ବେଶ୍ ପ୍ରଭାବିତ କରିଛି । ତା'ସହ ସେଗୁଡ଼ିକରେ ମୋ ଭୂମିକା କୌଣସି ଗୁଣରେ ମଧ୍ୟ କମ୍ ନୁହେଁ । ପ୍ରଯୋଜକଙ୍କର ତିନୋଟି ଅଫରକୁ ମୁଁ ଗ୍ରହଣ କରିଛି । ଏଗୁଡ଼ିକର ଶୁଟିଂ ମଧ୍ୟ ନିୟମିତ ସମୟ ଅନ୍ତରାଳରେ ହେବ । ତେବେ ଏ ନେଇ ମୋତେ ଡେଟ୍ ଫିକ୍ସ କରିବାକୁ ହେବ । ତେଣୁ ଟିକେ ଟେନସନରେ ଅଛି ।''



ହୁମ୍ମା





ରାଞ୍ଚି ଷ୍ଟାଡିୟମରେ ବୁଧବାର ଅଭ୍ୟାସ ଅବସରରେ ଭାରତର ଯଶସ୍ୱୀ ଜୟସ୍ୱାଲ, ଅଧିନାୟକ ରୋହିତ ଶର୍ମା ଓ ଶୁବମନ ଗିଲ୍‌। ରିଭର୍ସ ସୁଇପ୍ ଶଟ୍ ଖେଳୁଛନ୍ତି ଇଂଲଣ୍ଡର ଜ୍ୟାକ୍ କ୍ରଲି।

# ଆଇସିସି ର୍‍ୟାଙ୍କିଙ୍ଗ୍ ଟପ୍ ୨୦ରେ ଜୟସ୍ୱାଲ

**ଦୁବାଇ,୨୧।୨(ପି.ଟି.):** ଭାରତୀୟ ଓପନର ଯଶସ୍ୱୀ ଜୟସ୍ୱାଲ ଆଇସିସି ଟେଷ୍ଟ ର୍‍ୟାଙ୍କିଙ୍ଗରେ ଟପ୍ ୨୦ ମଧ୍ୟରେ ପ୍ରବେଶ କରିଛନ୍ତି। କ୍ରମାଗତ ଦୁଇଟି ଦ୍ୱିଶତକ ହାସଲ କରିଥିବା ଜୟସ୍ୱାଲ ୧୪ ସ୍ଥାନ ଉପରକୁ ଉଠି ଟେଷ୍ଟ ର୍‍ୟାଙ୍କିଙ୍ଗ୍‌ର ୧୫ ତମ ସ୍ଥାନରେ ପହଞ୍ଚିଛନ୍ତି। ୨୨ ବର୍ଷୀୟ ଜୟସ୍ୱାଲ କ୍ରମାଗତ ଦ୍ୱିଶତକ ହାସଲ କରିବା ସହ ବିରାଟ କୋହଲି ଓ ବିନୋଦ କାମ୍ବଲିଙ୍କ ରେକର୍ଡର ସମକକ୍ଷ ହୋଇଥିଲେ। ବିଶାଖାପାଟଣାରେ ଅପରାଜିତ ୨୦୯ ରନ୍‌ର ଇନିଂସ ଖେଳିଥିବା ବେଳେ ରାଜକୋଟରେ ୨୧୪ ରନ୍‌ର ଇନିଂସ ଖେଳିଥିଲେ। ଏହି ଦୁଇ ଇନିଂସ କାରଣରୁ ଜୟସ୍ୱାଲ ୧୪ ସ୍ଥାନ ଉପରକୁ ଉଠିଛନ୍ତି। ଭାରତୀୟ ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ରାଜକୋଟରେ ଶତକ ସହ ୭ ଉଇକେଟ ନେଇ ପ୍ଲେୟର ଅଫ୍ ଦ ମ୍ୟାଚ୍ ହୋଇଥିବା ବେଳେ ବ୍ୟାଟରଙ୍କ ତାଲିକାରେ ୭ ସ୍ଥାନ ଉପରକୁ ଉଠି ୩୪ରେ ପହଞ୍ଚିଛନ୍ତି। ଯଶପ୍ରୀତ୍ ବୁମରା ବୋଲରଙ୍କ ମଧ୍ୟରେ ପ୍ରଥମ ସ୍ଥାନରେ ରହିଥିବା ବେଳେ ରବିଚନ୍ଦ୍ରନ ଅଶ୍ୱିନ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ଅନ୍ୟପକ୍ଷରେ ୩ ସ୍ଥାନ ଉପରକୁ ଉଠି ରବୀନ୍ଦ୍ର ଜାଡେଜା ବୋଲରଙ୍କ ମଧ୍ୟରେ ଷଷ୍ଠ ସ୍ଥାନରେ ଅଛନ୍ତି। ଅଲରାଉଣ୍ଡରଙ୍କ ମଧ୍ୟରେ ରବୀନ୍ଦ୍ର ଜାଡେଜା ପ୍ରଥମ ସ୍ଥାନ ବଜାୟ ରଖିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ରୋହିତ ଶର୍ମା ଗୋଟିଏ ସ୍ଥାନ ଉପରକୁ ଉଠି ୧୨ତମ ସ୍ଥାନରେ ପହଞ୍ଚିଛନ୍ତି। ବ୍ୟାଟରଙ୍କ ମଧ୍ୟରେ ଟପ୍ ଟେନ୍‌ରେ ଏକମାତ୍ର ଖେଳାଳି ରହିଛନ୍ତି ବିରାଟ କୋହଲି।

# ପ୍ରି କ୍ୱାର୍ଟରରେ ହାରିଲେ ଭାରତୀୟ ପୁରୁଷ, ମହିଳା

**ବୁସାନ,୨୧।୨(ପି.ଟି.):** ଦକ୍ଷିଣ କୋରିଆରେ ଅନୁଷ୍ଠିତ ବିଶ୍ୱ ଟେବୁଲ ଟେନିସ୍ ଚାମ୍ପିୟନଶିପ୍‌ର ପ୍ରି କ୍ୱାର୍ଟର ଫାଇନାଲରେ ପରାଜିତ ହୋଇଛନ୍ତି ଭାରତୀୟ ପୁରୁଷ ଓ ମହିଳା ଦଳ। ଭାରତୀୟ ପୁରୁଷ ଦଳ ୩-୦ରେ ଦକ୍ଷିଣ କୋରିଆ ଠାରୁ ଓ ମହିଳା ୧-୩ରେ ଚାଇନିଜ୍ ତାଇପେ ଠାରୁ ପରାଜିତ ହୋଇଛି। ପୂର୍ବରୁ ଭାରତୀୟ ପୁରୁଷ ଦଳ ୩-୨ରେ କାଜାଖସ୍ତାନକୁ ପରାସ୍ତ କରିଥିବା ବେଳେ ମହିଳା ୩-୦ରେ ଇଟାଲୀକୁ ହରାଇ ଅନ୍ତିମ ୧୬ରେ ସାମିଲ ହୋଇଥିଲେ।

ମହିଳା ଦଳ ଇଟାଲୀ ବିପକ୍ଷରେ ୩-୦ରେ ବିଜୟ ସହ ପ୍ୟାରିସ୍ ୨୦୨୪ ପାଇଁ ଯୋଗ୍ୟତା ହାସଲ କରିବାର ସମ୍ଭାବନା ସୃଷ୍ଟି ହୋଇଛି। ଶ୍ରୀଜା ଆକୁଲା,ମନିକା ବାତ୍ରା ଓ ତୃତୀୟ ଟାଇରେ ଆହିକା ମୁଖାର୍ଜୀ ବିଜୟୀ ହେବା ସହ ଭାରତକୁ ପ୍ରି କ୍ୱାର୍ଟରରେ ପହଞ୍ଚାଇଥିଲେ।

# ଫରକ ଆଣିଛି ପେସରଙ୍କ ପ୍ରଦର୍ଶନ: ଗିଲ୍

**ରାଞ୍ଚି,୨୧।୨(ପି.ଟି.)**

ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜରେ ଭାରତୀୟ ପେସର ମାନେ ସମସ୍ତଙ୍କୁ ପ୍ରଭାବିତ କରିଛନ୍ତି ବୋଲି କହିଛନ୍ତି ଓପନର ଶୁବମନ ଗିଲ୍। ଏକାଧିକ ଥର ଚମତ୍କାର ପ୍ରଦର୍ଶନ କରି ପେସର ମାନେ ଭାରତ ଆଡକୁ ମ୍ୟାଚ୍‌କୁ ଟାଣି ଆଣିବାରେ ସଫଳ ହୋଇଛନ୍ତି ବୋଲି କହିଛନ୍ତି ଗିଲ୍। ଏହା ହିଁ ଉଭୟ ଦଳର ପ୍ରଦର୍ଶନରେ ଫରକ ଆଣିଛି ବୋଲି ସେ ମତ ଦେଇଛନ୍ତି। ୩ ଟେଷ୍ଟରେ ଭାରତୀୟ ସ୍ପିନର ମାନେ ୩୬ ଉଇକେଟ ନେଇଛନ୍ତି। ରବୀନ୍ଦ୍ର ଜାଡେଜା ୧୨ ଓ ଆର. ଅଶ୍ୱିନ୍ ୧୧ ଉଇକେଟ ନେଇଛନ୍ତି। କୁଲଦୀପ ଯାଦବ ୮ ଓ ଅକ୍ଷର ପଟେଲ ୫ ଉଇକେଟ ନେଇଛନ୍ତି। ଅନ୍ୟ ପକ୍ଷରେ ପେସ୍ ବୋଲର ସମୁଦାୟ ୨୨ ଉଇକେଟ ନେଇଛନ୍ତି। ତେବେ ମ୍ୟାଚ୍‌ର ଗୁରୁତ୍ୱପୂର୍ଣ୍ଣ ସମୟରେ ଉଇକେଟ ନେଇ ଭାରତ ପକ୍ଷକୁ ମ୍ୟାଚର ମୋଡ ବଦଳାଇବାରେ ସକ୍ଷମ ହୋଇଛନ୍ତି। ସାଧାରଣତଃ ଭାରତୀୟ ଉଇକେଟରେ ସ୍ପିନରଙ୍କୁ ସହାୟତା ମିଳିଥାଏ। ତେଣୁ ସ୍ପିନର ଉଇକେଟ ନେବା ସ୍ୱାଭାବିକ। ତେବେ ଭାରତୀୟ ପେସର୍ ଚଳିତ ସିରିଜ୍‌ରେ ଚମତ୍କାର ଫର୍ମରେ ରହିଛନ୍ତି। ଖାସ କରି ଯଶପ୍ରୀତ୍ ବୁମ୍‌ରା ବୋଲରଙ୍କ ମଧ୍ୟରେ ଚମତ୍କାର ପ୍ରଦର୍ଶନ କରିଛନ୍ତି। ୧୭ ଉଇକେଟ ସହ ସେ ବୋଲରଙ୍କ ମଧ୍ୟରେ ପ୍ରଥମ ସ୍ଥାନରେ ରହିଛନ୍ତି। ତେବେ ଯଶପ୍ରୀତ୍ ବୁମ୍‌ରା ରାଞ୍ଚି ଟେଷ୍ଟରେ ଖେଳୁ ନ ଥିବାରୁ ଭାରତ ତାଙ୍କୁ ମିସ୍ କରିବ ବୋଲି କହିଛନ୍ତି ଗିଲ୍। ତେବେ ଅନ୍ୟତମ ପେସର ମହମ୍ମଦ ସିରାଜ ମଧ୍ୟ ଚମତ୍କାର ଫର୍ମରେ ରହିଛନ୍ତି। ରାଜକୋଟରେ ପ୍ରଥମ ଇନିଂସରେ ସିରାଜ ୪ ଉଇକେଟ ନେଇଥିଲେ। ଭାରତୀୟ ବୋଲରଙ୍କ ନିକଟରେ ଅଭିଜ୍ଞତା ରହିଥିବା ବେଳେ ସେମାନେ ରାଞ୍ଚିରେ ମଧ୍ୟ ସଫଳ ହେବେ ବୋଲି କହିଛନ୍ତି ଗିଲ୍। ବିରାଟ କୋହଲିଙ୍କ ପରି ଅଭିଜ୍ଞ ଖେଳାଳିଙ୍କ ଅନୁପସ୍ଥିତି ଭାରତ ଅନୁଭବ କରିବା ନିଶ୍ଚିତ ତେବେ ସର୍ଫରାଜ ଖାଁଙ୍କ ପରି ଯୁବ ଖେଳାଳି ଏହାକୁ ପୂରଣ କରିବାରେ ସମର୍ଥ ହୋଇଛନ୍ତି ବୋଲି ଗିଲ୍ କହିଛନ୍ତି।

ସେହିପରି ରନ୍ ସଂଗ୍ରହ କରିବାର ଚାପ କାରଣରୁ ସେ ବିଫଳ ହୋଇଥିବା କଥା କହିଛନ୍ତି ଗିଲ୍। ସିରିଜ୍ ପୂର୍ବରୁ ମୋ ବ୍ୟାଟରୁ ରନ୍ ଆସି ନ ଥିବା ବେଳେ ଏହାକୁ ନେଇ ଚାପ ରହିଥିଲା। ଏପରିକି ପ୍ରଥମ ମ୍ୟାଚ୍‌ରେ ବିଫଳ ମଧ୍ୟ ହୋଇଥିଲେ। ତେବେ ବିଶାଖାପାଟଣାରେ ୧୦୪ ରନ୍‌ର ମ୍ୟାଚ୍ ବିଜୟୀ ଇନିଂସ ଖେଳିଥିବା ବେଳେ ରାଜକୋଟରେ ୯୧ ରନ୍ ସ୍କୋର କରିଥିଲେ। ଚଳିତ ସିରିଜ୍‌ରେ ୩ ମ୍ୟାଚ୍‌ରେ ୪୨ର ଆଭରେଜ ସହ ୨୫୨ ରନ୍ ସ୍କୋର କରିଛନ୍ତି।

# କିଟ୍ ଚାମ୍ପିୟନ, ସମ୍ବଲପୁର ରନରଅପ୍

**ଭୁବନେଶ୍ୱର, ୨୧।୨ (ତପନ ସ୍ୱାଇଁ)**

**ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରିକେଟ**

କିଟ୍ କ୍ରିକେଟ ଷ୍ଟାଡିୟମରେ ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରିକେଟ (ପୁରୁଷ) ଟୁର୍ଣ୍ଣାମେଣ୍ଟ ବୁଧବାର ଶେଷ ହୋଇଛି। ଆସୋସିଏଶନ ଅଫ୍ ଇଣ୍ଡିଆନ ୟୁନିଭର୍ସିଟିଜ୍ ସହଯୋଗରେ କିଟ୍ ଓ ସମ୍ବଲପୁରର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଏହି ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଥିଲା। ଏଥିରେ କିଟ୍ ଚାମ୍ପିୟନ ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଦଳ ରନରଅପ୍ ହୋଇଛି। ମଗଧ ଓ ୟୁନିଭର୍ସିଟି ଅଫ୍ ବର୍ଦ୍ଧମାନକୁ ଯଥାକ୍ରମେ ତୃତୀୟ ଓ ଚତୁର୍ଥ ସ୍ଥାନ ମିଳିଛି। ପ୍ରଥମ ଦୁଇ ସ୍ଥାନରେ ରହିଥିବାରୁ କିଟ୍ ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଦଳ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରିକେଟ (ପୁରୁଷ) ଟୁର୍ଣ୍ଣାମେଣ୍ଟ ପାଇଁ ଯୋଗ୍ୟତା ଅର୍ଜନ କରିଛି। ଏହି ସମ୍ମାନଜନକ ପ୍ରତିଯୋଗିତା ରାଜସ୍ଥାନର ଶ୍ରୀ ଜଗଦୀଶପ୍ରସାଦ ଝମ୍ବରମାଲ ତିବ୍ରେୱାଲା ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେବ। ଆସାମର ଗୁଆହାଟୀଠାରେ ବିସିସିଆଇ ଭିଜି ଟ୍ରଫି ମାର୍ଚ୍ଚ ୧୦ରୁ ୧୬ ପର୍ଯ୍ୟନ୍ତ ଆୟୋଜିତ ହେବ। ଏଥିପାଇଁ ପୂର୍ବାଞ୍ଚଳ ବିଶ୍ୱବିଦ୍ୟାଳୟ ଦଳ ଚୟନ ଏହି ଆନ୍ତଃ ବିଶ୍ୱବିଦ୍ୟାଳୟ ଟୁର୍ଣ୍ଣାମେଣ୍ଟର ପ୍ରଦର୍ଶନ ଭିତ୍ତିରେ ଅନୁଷ୍ଠିତ ହେବ। କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ସରଣଜିତ ସିଂ, ରେଜିଷ୍ଟ୍ରାର ଜ୍ଞାନ ରଞ୍ଜନ ମହାନ୍ତି, କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ, କ୍ରୀଡ଼ା ନିର୍ଦ୍ଦେଶକ ଲଲାଟେନ୍ଦୁ ମିଶ୍ର, ଏସ୍‌ସିବି ମେଡିକାଲ କଲେଜ କ୍ରୀଡ଼ା ଅଧିକାରୀ ତାରିଣୀ ପ୍ରସାଦ ଦାସ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ଚାମ୍ପିୟନ ଦଳକୁ ଅଭିନନ୍ଦନ ଜଣାଇଛନ୍ତି।




ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଚାମ୍ପିୟନ କିଟ୍ ଦଳ ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ।

# ପ୍ରତ୍ୟାଶାଙ୍କୁ ଆଉ ଏକ ପଦକ



**ଭୁବନେଶ୍ୱର, ୨୧।୨ (ତପନ ସ୍ୱାଇଁ):** ଆସାମର ଗୁଆହାଟୀରେ ଚାଲିଥିବା ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସରେ ପ୍ରତ୍ୟାଶା ଆଉ ଏକ ପଦକ ହାସଲ କରିଛନ୍ତି। ୨୦୦ ମିଟର ଫ୍ରିଷ୍ଟାଇଲ ଇଭେଣ୍ଟରେ ସେ ୨:୧୫.୧୫ ସେକେଣ୍ଡ ସମୟ ନେଇ ରୌପ୍ୟ ପଦକ ପାଇଛନ୍ତି। ଏହାକୁ ମିଶାଇ ପ୍ରତ୍ୟାଶାଙ୍କ ପଦକ ସଂଖ୍ୟା ୫ରେ ପହଞ୍ଚିଛି। ଉତ୍କଳ ବିଶ୍ୱବିଦ୍ୟାଳୟରୁ ପ୍ରତିନିଧିତ୍ୱ କରୁଥିବା ପ୍ରତ୍ୟାଶା ୪୦୦ ମିଟର ଫ୍ରିଷ୍ଟାଇଲ, ୧୦୦ ମିଟର ବ୍ୟାକ୍ ଷ୍ଟ୍ରୋକ ଓ ୨୦୦ ମିଟର ବ୍ୟାକ୍ ଷ୍ଟ୍ରୋକ୍‌ରେ ସ୍ୱର୍ଣ୍ଣ ପଦକ ପାଇଥିଲେ। ସେହିପରି ୪x୧୦୦ ମିଟର ମିଡ୍‌ଲେ ଇଭେଣ୍ଟରେ ବ୍ରୋଞ୍ଜ ପଦକ ହାସଲ କରିଥିଲେ।

# ମନୀଷାଙ୍କ ଡବଲରେ ଭାରତ ବିଜୟୀ

**ଅଙ୍କାରା,୨୧।୨(ପି.ଟି.)**

**ଆଲାନ୍ୟା କପ୍ ଫୁଟ୍‌ବଲ**

**କ୍ୟାରିୟରର ଅଷ୍ଟମ ଗୋଲ ଦେଲେ ପ୍ୟାରୀ**



ପ୍ୟାରୀ ଖାଖା

ତୁର୍କୀର ଆଲାନ୍ୟାରେ ଅନୁଷ୍ଠିତ ଚତୁଃରାଷ୍ଟ୍ରୀୟ ଆଲାନ୍ୟା କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ବିଜୟରୁ ଅଭିଯାନ ଆରମ୍ଭ କରିଛି ଭାରତ। ଉଦ୍‌ଘାଟନୀ ମ୍ୟାଚ୍‌ରେ ଦଳ ଇସ୍ତୋନିଆକୁ ୪-୩ ଗୋଲରେ ପରାସ୍ତ କରିଛି। ଭାରତ ପକ୍ଷରୁ ମନୀଷା କଲ୍ୟାଣ ଡବଲ୍ ଗୋଲ କରି ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ୟାରୀ ଖାଖା ଓ ଇନ୍ଦୁମତୀ କାଥିରସେନ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଭାରତୀୟ ଦଳରେ ସ୍ଥାନ ପାଇଥିବା ଓଡ଼ିଶା ଖେଳାଳି ପ୍ୟାର ଖାଖା ଏହି ମ୍ୟାଚ୍‌ରେ ଅନ୍ତର୍ଜାତୀୟ କ୍ୟାରିୟରର ଅଷ୍ଟମ ଗୋଲ ସ୍କୋର କରିଥିଲେ।

ବିଶ୍ୱ ମାନ୍ୟତାର ୬୫ ତମ ସ୍ଥାନରେ ଥିବା ଭାରତ ସକାରାତ୍ମକ ଢଙ୍ଗରେ ଆରମ୍ଭ କରିଥିଲା। ପ୍ରଥମାର୍ଦ୍ଧର ୧୭ ତମ ମିନିଟରେ ମନୀଷା କଲ୍ୟାଣ ଭାରତ ପକ୍ଷରୁ ପ୍ରଥମ ଗୋଲ ଦେଇଥିଲେ। ୩୨ତମ ମିନିଟରେ ଟାମିକ୍ ଇସ୍ତୋନିଆ ପକ୍ଷରୁ ପ୍ରଥମ ଗୋଲ ଦେଇଥିଲେ। ପ୍ରଥମାର୍ଦ୍ଧ ସୁଦ୍ଧା ସ୍କୋର ୧-୧ରେ ରହିଥିଲା। ତେବେ ଦ୍ୱିତୀୟାର୍ଦ୍ଧର ୬୨ତମ ମିନିଟରେ ଇନ୍ଦୁମତୀ ଭାରତକୁ ଅଗ୍ରଣୀ ପ୍ରଦାନ କରିଥିଲେ। କର୍ନରକୁ ହେଡ କରିବା ସହ ସେ ଇସ୍ତୋନିଆ ଗୋଲକିପରଙ୍କୁ ପରାସ୍ତ କରିଥିଲେ। ମ୍ୟାଚର ୭୭ ତମ ମିନିଟରେ ଓଡ଼ିଆ ଝିଅ ପ୍ୟାରୀ ଖାଖା ଏକ ଗୋଲ ଦେଇଥିଲେ। ଅଞ୍ଜୁ ତମାଙ୍ଗଙ୍କ ପାସ୍‌କୁ ଚମତ୍କାର ଢଙ୍ଗରେ ପୋଷ୍ଟ ମଧ୍ୟକୁ ପଠାଇ ଦେଇଥିଲେ ପ୍ୟାରୀ। ଏହାର ଦୁଇ ମିନିଟ ମଧ୍ୟରେ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ସ୍କୋର କରିଥିଲେ ମନୀଷା। ଭାରତ ୪-୧ରେ ଆଗୁଆ ଥିବାବେଳେ ସହଜ ବିଜୟ ହାସଲ କରିବା ନେଇ ଆଶା କରାଯାଉଥିଲା। ତେବେ ୮୮ ତମ ମିନିଟରେ କୁବାସୋଭା ଓ ୯୦ ତମ ମିନିଟରେ ଲିଲିଏମେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ପରେ ରକ୍ଷଣାତ୍ମକ ଢଙ୍ଗରେ ଖେଳିବା ସହ ଭାରତ ୪-୩ରେ ବିଜୟୀ ହୋଇଥିଲା। ୨୪ ତାରିଖରେ ଭାରତ ଏହାର ପରବର୍ତ୍ତୀ ମ୍ୟାଚରେ ହଂକଂକୁ ଭେଟିବ।

# ଓଡ଼ିଶାକୁ ୨ ପଦକ

**ଭୁବନେଶ୍ୱର,୨୧।୨(ତପନ ସ୍ୱାଇଁ)**

କେରଳରେ ଅନୁଷ୍ଠିତ ୫୮ତମ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ମିଷ୍ଟର ଆଣ୍ଡ ମିସ୍ ଇଣ୍ଡିଆରେ ଓଡ଼ିଶାକୁ ଦୁଇଟି ପଦକ ମିଳିଛି। ୨ଦିନ ଧରି ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ୨୦ ରାଜ୍ୟରୁ ୨୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିବା ବେଳେ ଓଡିଶାରୁ ପୁରୁଷ ଓ ମହିଳା ବର୍ଗରେ ୪ଜଣ ଭାଗ ନେଇଥିଲେ। ପୁରୁଷ ବିଭାଗରେ ସତ୍ୟଜିତ ପ୍ରତିହାରୀ ସ୍ୱର୍ଣ୍ଣ ଏବଂ ମହିଳା ଫିଟନେସ ବର୍ଗରେ ପିଙ୍କି ବେହେରା ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଏହାବ୍ୟତୀତ ପିଙ୍କି ବିକିନ ଫିଟନେସରେ ଚତୁର୍ଥ ସ୍ଥାନ ହାସଲ କରିଥିଲେ। ଉଭୟ ପ୍ରତିଯୋଗୀଙ୍କୁ ଅଲଓଡ଼ିଶା ବଡି ବିଲ୍ଡିଂ ଆଣ୍ଡ ଫିଟନେସ ଆସୋସିଏଶନର ସଭାପତି ଦାଶରଥୀ ଗରାବଡୁ, ସାଧାରଣ ସମ୍ପାଦକ ଗୌରୀଶଙ୍କର ବେହେରାଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ଶୁଭେଚ୍ଛା ଜଣାଇଛନ୍ତି।

# ପ୍ରଥମ ଦିବସରେ ଭାରତକୁ ୧ ସ୍ୱର୍ଣ୍ଣ ସହ ୪ ପଦକ

**ନୂଆଦିଲ୍ଲୀ, ୨୧।୨ (ପି.ଟି.)**

ଏଠାରେ ଆରମ୍ଭ ହୋଇଥିବା ଏସିଆନ ଟ୍ରାକ୍ ସାଇକ୍ଲିଂ ଚାମ୍ପିୟନଶିପ୍‌ର ପ୍ରଥମ ଦିବସରେ ବୁଧବାର ଭାରତୀୟ ପ୍ରତିଯୋଗୀମାନେ ୧ ସ୍ୱର୍ଣ୍ଣ ସହ ୪ ପଦକ ହାସଲ କରିଛନ୍ତି। ମହିଳା ଜୁନିୟର ଦଳ ସ୍ପ୍ରିଣ୍ଟ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ପାଇଛନ୍ତି। ସରିତା କୁମାରୀ, ନିୟା ସେବାଷ୍ଟିଆନ ଓ ଜାଇନା ମହମ୍ମଦ ଅଲୀଙ୍କୁ ଗଠିତ ଭାରତୀୟ ଦଳ ୫୩.୩୮୩ ସେକେଣ୍ଡ ସମୟ ନେଇ କୋରିଆ ଦଳକୁ ପଛରେ ପକାଇ ଦେଇଥିଲା। ଅର୍ଶଦ ଶେଖ, ଜଲାଲୁଦ୍ଦିନ ଅନସାରୀ ଓ ବାସବରାଜ ହୋରାଦ୍ଦିଙ୍କୁ ନେଇ ଗଠିତ ପାରା-ଟିମ୍ ସ୍ପ୍ରିଣ୍ଟ ଦଳ ୧:୦୨.୬୬୧ ସେକେଣ୍ଡ ସହ ରୌପ୍ୟ ପଦକ ପାଇଛି। ସେହିପରି ଜୁନିୟର ଟିମ୍ ସ୍ପ୍ରିଣ୍ଟରେ ନାରାୟଣ ମହତୋ, ସୟଦ ଖାଲିଦ ବାଘି ଓ ମୟଙ୍ଗଲାମବାମ୍ ୱାଙ୍ଗବା ମେଇତେଇ ୪୭.୯୩ ସେକେଣ୍ଡ ସହ ରୌପ୍ୟ ପଦକ ହାସଲ କରିଛନ୍ତି। ହର୍ଷିତା ଜାଖର, ସୁହାନି କୁମାରୀ, ଦୟାନନ୍ଦ ଜେ.ପି. ଓ ଭୂମିକାଙ୍କୁ ନେଇ ଗଠିତ ମହିଳା ଜୁନିୟର ଦଳ ଟିମ୍ ପର୍ସୁଟରେ ବ୍ରୋଞ୍ଜ ପଦକ ପାଇଛନ୍ତି।

# ଅଲ୍ ଓଡ଼ିଶା ଓପନ ୧୫ ରେଡ୍ ସ୍ନୁକର

# ପ୍ରଭାବିତ କଲେ ଜ୍ଞାନ ଦାସ

**ଭୁବନେଶ୍ୱର, ୨୧।୨ (ତପନ ସ୍ୱାଇଁ):** ପଟିଆର ଆଦର୍ଶ ବିହାରସ୍ଥିତ ଉଡାନ ସ୍ପୋର୍ଟ୍ସ ଏକାଡେମୀରେ ଚାଲିଥିବା ଅଲ୍ ଓଡ଼ିଶା ଓପନ ୧୫ ରେଡ୍ ସ୍ନୁକର ଚାମ୍ପିୟନଶିପ୍‌ର ଚତୁର୍ଥ ଦିବସ ଖେଳ ବୁଧବାର ଶେଷହୋଇଛି। ଏଥିରେ ଉନ୍ନତ ପ୍ରଦର୍ଶନ କରି ସମସ୍ତଙ୍କୁ ପ୍ରଭାବିତ କରିଛନ୍ତି ଜ୍ଞାନ ଦାସ। ସେ ଶାରଦା ବେହେରାଙ୍କୁ ୩-୧ ଫ୍ରେମ୍‌ରେ ପରାସ୍ତ କରିଛନ୍ତି। ଅନ୍ୟ ମ୍ୟାଚ ଗୁଡ଼ିକ ମଧ୍ୟରେ ରୁମିତ ଗୁପ୍ତାଙ୍କୁ ସୁବ୍ରତ ଦାସ ୩-୦, ଅଭିଷେକ ଦାସଙ୍କୁ ଚିରାଗ ଆରୋରା ୩-୧, ଆକ୍ରମ ଖାଁଙ୍କୁ ରାକେଶ ପ୍ରଧାନ ୩-୦, ନିଶ୍ଚୟ ମିଶ୍ରଙ୍କୁ ଆକାଶ ମହାପାତ୍ର ୩-୦, ଆରୋନ ଆନିୟାନଙ୍କୁ ନିଶାନ୍ତ ବିଶ୍ୱାଳ ୩-୦ ଏବଂ ଅମିୟ ନାୟକଙ୍କୁ ନିଶାନ୍ତ ବିଶ୍ୱାଳ ୩-୦ରେ ହରାଇ ଦେଇଛନ୍ତି।

# ୟୁଏଇରେ ଭାରତୀୟ ଦୃଷ୍ଟିବାଧିତ କ୍ରିକେଟ ଦଳ

**ଦୁବାଇ,୨୧।୨**

ବନ୍ଧୁତ୍ୱପୂର୍ଣ୍ଣ ତ୍ରିରାଷ୍ଟ୍ରୀୟ ସିରିଜ ପାଇଁ ୟୁଏଇରେ ପହଞ୍ଚିଛି ଭାରତୀୟ ଦୃଷ୍ଟିବାଧିତ ପୁରୁଷ କ୍ରିକେଟ ଦଳ। ଭାରତ ବ୍ୟତୀତ ପାକିସ୍ତାନ ଓ ବାଂଲାଦେଶ ଏହି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରୁଛନ୍ତି। ଦୃଷ୍ଟିବାଧିତ କ୍ରିକେଟକୁ ନେଇ ସଚେତନତା ସୃଷ୍ଟି କରିବା ଏହି ସିରିଜ୍‌ର ଲକ୍ଷ୍ୟ ରହିଛି। ଭାରତୀୟ ଦଳ ବୁଧବାର ୟୁଏଇରେ ପହଞ୍ଚିଛି। ସିରିଜ୍ ପୂର୍ବରୁ ବେଙ୍ଗାଲୁରୁରେ ୧୨ ଦିନିଆ ଅଭ୍ୟାସ କ୍ୟାମ୍ପ ହୋଇଥିଲା। କ୍ୟାମ୍ପରେ ପ୍ରଦର୍ଶନ ଆଧାରରେ ଦଳ ଚୟନ କରାଯାଇଥିଲା। ଏହି ଦଳରେ ୪ ଜଣ ଓଡ଼ିଆ ଖେଳାଳି ସ୍ଥାନ ପାଇଛନ୍ତି। ଦେବରାଜ ବେହେରା, ପଙ୍କଜ ଭୁଏ, ନକୁଳ ବଡନାୟକ ଓ ସୁଖରାମ ମାଝୀ ଏହି ଦଳରେ ସ୍ଥାନ ପାଇଛନ୍ତି।




ୟୁଏଇରେ ହେବାକୁଥିବା ବନ୍ଧୁତ୍ୱପୂର୍ଣ୍ଣ ତ୍ରିରାଷ୍ଟ୍ରୀୟ ସିରିଜ ପାଇଁ ଭାରତୀୟ ଦଳରେ ସ୍ଥାନ ପାଇଥିବା ଓଡ଼ିଶା ଖେଳାଳି।

# ଶେଷ ବଲ୍ ଚୌକାରେ ଜିତିଲା ଅଷ୍ଟ୍ରେଲିଆ

**ୱେଲିଂଟନ, ୨୧।୨**

ଟାର୍ଗେଟ ଥିଲା ୨୧୬ ରନ। ଅଷ୍ଟ୍ରେଲିଆ ୧୯.୫ ଓଭର ବେଳକୁ ୪ ଉଇକେଟ ହରାଇ ସଂଗ୍ରହ କରିଥିଲା ୨୧୨ ରନ। ମ୍ୟାଚ ଜିତିବାକୁ ଶେଷ ବଲ୍‌ରୁ ଚୌକା ଆବଶ୍ୟକ ଥିଲା। ବୋଲିଂ କରୁଥିଲେ ନ୍ୟୁଜିଲାଣ୍ଡ ଦ୍ରୁତ ବୋଲର ଟିମ୍ ସାଉଦୀ ଓ ସାମ୍ନାରେ ଥିଲେ ଅଷ୍ଟ୍ରେଲିଆର ବିସ୍ଫୋରକ ବ୍ୟାଟର ଟିମ୍ ଡାଭିଡ। ଅନ୍ତିମ ବଲ୍‌କୁ ୟର୍କର ମାରିବା ଚକ୍କରରେ ସାଉଦୀ ଲେନ୍ଥ ମିସ୍ କଲେ। ଏହାର ଫାଇଦା ନେଲେ ଡାଭିଡ ଏବଂ ବଲ୍‌କୁ ମିଡ୍ ଉଇକେଟ ଓ ୱାଇଡ୍ ଲଙ୍ଗଅନ୍ ମଝିରେ ଚୌକାରେ ପରିଣତ କଲେ। ଏପରି ଏକ ନାଟକୀୟ ଘଟଣାକ୍ରମରେ ବୁଧବାର ଶେଷ ହୋଇଛି ଅଷ୍ଟ୍ରେଲିଆ-ନ୍ୟୁଜିଲାଣ୍ଡ ପ୍ରଥମ ଟି୨୦ ମ୍ୟାଚ। ଅଷ୍ଟ୍ରେଲିଆ ୬ ଉଇକେଟରେ ଜିତିବା ସହ ୩ ମ୍ୟାଚ ବିଶିଷ୍ଟ ସିରିଜରେ ୧-୦ରେ ଅଗ୍ରଣୀ ହାସଲ କରିଛି। ୪୪ ବଲ୍‌ରୁ ୭୨ (୨ ଚୌକା, ୭ ଛକା) ରନକରି ଅପରାଜିତ ରହିଥିବା ଅଧିନାୟକ ମିଚେଲ ମାର୍ଶ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପାଇଛନ୍ତି। ତେବେ ମାତ୍ର ୧୦ ବଲ୍‌ରୁ ୨ ଚୌକା ଓ ୩ ଛକା ସହାୟତାରେ ୩୧ ରନରେ ଅପରାଜିତ ରହି ମ୍ୟାଚ ଜିତାଇଥିବା ଟିମ୍ ଡାଭିଡ୍ ହିରୋ ବିବେଚିତ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଡେଭିଡ ୱାର୍ନର ୩୨ ଓ ଗ୍ଲେନ ମ୍ୟାକ୍ସୱେଲ ୨୫ ରନ କରିଥିଲେ। ନ୍ୟୁଜିଲାଣ୍ଡ ବୋଲରଙ୍କ ମଧ୍ୟରେ ମିଚେଲ ସାଣ୍ଟନର ୨ଟି ଏବଂ ଆଡାମ ମିଲ୍‌ନେ ଓ ଲୋକି ଫର୍ଗୁସନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିବା ନ୍ୟୁଜିଲାଣ୍ଡ ଡେଭନ କନ୍‌ୱେ ଓ ରାଚିନ ରବୀନ୍ଦ୍ରଙ୍କ ଅର୍ଦ୍ଧଶତକ ସହାୟତାରେ ୨୦ ଓଭରରେ ୩ ଉଇକେଟ ହରାଇ ୨୧୫ ରନ କରିଥିଲା। କନ୍‌ୱେ ୪୬ ବଲ୍‌ରୁ ୬୩ (୫ ଚୌକା, ୨ ଛକା) ଓ ରବୀନ୍ଦ୍ର ୩୫ ବଲ୍‌ରୁ ୬୮ (୨ ଚୌକା, ୬ ଛକା) ରନ କରିଥିଲେ। ଫିନ୍ ଆଲେନ ୩୨ ରନ ଯୋଗଦାନ ଦେଇଥିଲେ। ଅଷ୍ଟ୍ରେଲିଆର ମିଚେଲ ଷ୍ଟାର୍କ, ମିଚେଲ ମାର୍ଶ ଓ ପ୍ୟାଟ୍ କମିନ୍ସ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।



ମ୍ୟାଚ ଜିତାଇବାପରେ ଉଲ୍ଲସିତ ମିଚେଲ ମାର୍ଶ ଓ ଟିମ୍ ଡାଭିଡ।

**ସଂକ୍ଷିପ୍ତ ସ୍କୋର**

ନ୍ୟୁଜିଲାଣ୍ଡ ୨୦ ଓଭରରେ ୨୧୫/୩ (ଡେଭନ କନ୍‌ୱେ-୬୩, ରାଚିନ ରବୀନ୍ଦ୍ର-୬୮, ଫିନ୍ ଆଲେନ-୩୨, ମିଚେଲ ମାର୍ଶ-୧/୨୧, ମିଚେଲ ଷ୍ଟାର୍କ-୧/୩୯, ପ୍ୟାଟ୍ କମିନ୍ସ-୧/୪୩)। ଅଷ୍ଟ୍ରେଲିଆ ୨୦ ଓଭରରେ ୨୧୬/୪ (ମିଚେଲ ମାର୍ଶ-୭୨*, ଡେଭିଡ ୱାର୍ନର-୩୨, ଟିମ୍ ଡାଭିଡ-୩୧*, ମିଚେଲ ସାଣ୍ଟନର-୨/୪୨, ଲୋକି ଫର୍ଗୁସନ-୧/୨୩, ଆଡାମ ମିଲ୍‌ନେ-୧/୫୩)।



ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମ୍‌ରେ ବୁଧବାର ନେଦରଲାଣ୍ଡ୍ସ ଖେଳାଳିଙ୍କ ସହ ପରିଚୟ ହେଉଛନ୍ତି ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ।

# ଶୁଟ୍ ଆଉଟରେ ହାରିଲା ଭାରତ

ରାଉରକେଲା,୨୧।୨
(ଦିନେଶ ମିଶ୍ର)

■ ଷ୍ଟାଡିୟମ ପରିଦର୍ଶନ କଲେ ୫-ଟି ଅଧ୍ୟକ୍ଷ
■ ରାଉରକେଲା ଦର୍ଶକଙ୍କୁ ପ୍ରଶଂସା

ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ଅନୁଷ୍ଠିତ ନେଦରଲାଣ୍ଡ୍ସ ବିପକ୍ଷ ପ୍ରୋ ଲିଗ୍ ହକି ମ୍ୟାଚକୁ ଶୁଟଆଉଟରେ ପରାଜିତ ହୋଇଛି ଭାରତ। ନିର୍ଦ୍ଧାରିତ ସମୟରେ ମ୍ୟାଚଟି ୧-୧ରେ ଅମୀମାଂସିତ ରହିବା ପରେ ଶୁଟଆଉଟରେ ନେଦରଲାଣ୍ଡ୍ସ ୪-୨ରେ ଜିତି ନେଇଥିଲା। ଏହି ମ୍ୟାଚରେ ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, କ୍ରୀଡା ସଚିବ ଆର. ଭିନିଲ କ୍ରିଷ୍ଣା ଓ ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କି ଅତିଥି ଭାବରେ ଯୋଗ ଦେଇଥିଲେ। ମ୍ୟାଚ ପୂର୍ବରୁ ଉଭୟ ଦଳର ଖେଳାଳି ଅତିଥିଙ୍କ ସହ ପରିଚୟ ହୋଇଥିଲେ। ସୁନ୍ଦରଗଡ ବାସୀଙ୍କ ହକି ପ୍ରତି ରହିଥିବା ଭଲପାଇବା କାରଣରୁ ବିଶ୍ୱର ସର୍ବବୃହତ ହକି ଷ୍ଟାଡିୟମ ଏଠାରେ ନିର୍ମାଣ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଷ୍ପତ୍ତି ନେଇଥିଲେ ବୋଲି ହାଫ୍ ଟାଇମ ସମୟରେ କହିଥିଲେ ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ। ରାଉରକେଲାକୁ ବିଶ୍ୱର ହକି ହବ୍ କରିବା ପାଇଁ ଏହି ପଦକ୍ଷେପ ଉଦ୍ଦିଷ୍ଟ। ବିଶ୍ୱ ହକି ପାଇଁ ରାଉରକେଲାର ଦର୍ଶକ ଯେଉଁ ମାହୋଲ ସୃଷ୍ଟି କରନ୍ତି ତାହା ସବୁଠାରୁ ନିଆରା। ଭାରତ ପ୍ରୋ ଲିଗ୍‌ରେ ଭଲ ପ୍ରଦର୍ଶନ କରୁଥିବା ବେଳେ ହକିର ଉନ୍ନତି ପାଇଁ ଅଧିକରୁ ଅଧିକ କର୍ପୋରେଟ ସାମ୍ନାକୁ ଆସିବା ଉଚିତ ବୋଲି ସେ କହିଥିଲେ।

ଭାରତୀୟ ରକ୍ଷଣଭାଗର ସାମାନ୍ୟ ତ୍ରୁଟିରୁ ଫାଇଦା ଉଠାଇ ମିଡେନ୍‌ଡ୍ରପ୍ ଫ୍ଲୋରିସ୍ ନେଦରଲାଣ୍ଡ୍ସ ପକ୍ଷରୁ ଚତୁର୍ଥ ମିନିଟରେ ପ୍ରଥମ ଗୋଲ ଦେଇଥିଲା। ପ୍ରଥମ କ୍ୱାର୍ଟରରେ ଭାରତ ୧-୦ରେ ପଛୁଆ ରହିବା ପରେ ଦ୍ୱିତୀୟ କ୍ୱାର୍ଟରରେ ଗୋଲ ପରିଶୋଧ ପାଇଁ ଆପ୍ରାଣ ଉଦ୍ୟମ କରିଥିଲା। ତେବେ ଏହା ଗୋଲଶୂନ୍ୟ ରହିଥିଲା। ତୃତୀୟ କ୍ୱାର୍ଟରରେ ଭାରତ ଆକ୍ରମଣାତ୍ମକ ପ୍ରଦର୍ଶନ କରିବା ସହ ଗୋଟିଏ ଗୋଲ ଦେଇଥିଲା। ଭାରତକୁ ୩୫ ତମ ମିନିଟରେ ମିଳିଥିବା ପେନାଲ୍ଟି କର୍ନରକୁ ରୋକିବାରେ ସଫଳ ହୋଇଥିଲେ ଡଚ୍ ଗୋଲକିପର। ତେବେ ଡିଫ୍ଲେକ୍ସନକୁ ଗୋଲରେ ପରିଣତ କରିବା ସହ ମ୍ୟାଚ୍‌କୁ ସମାନ୍ତର ସ୍ଥିତିକୁ ଆଣିଥିଲେ ହାର୍ଦ୍ଦିକ ସିଂ। ଅନ୍ତିମ କ୍ୱାର୍ଟର ଗୋଲଶୂନ୍ୟ ରହିଥିବା ବେଳେ ମ୍ୟାଚ୍ ଶୁଟଆଉଟକୁ ଯାଇଥିଲା।

ଶୁଟ ଆଉଟରେ ଭାରତ ପକ୍ଷରୁ କ୍ରିଷନ ବାହାଦୂର ପାଠକ ଗୋଲ କିପିଂ କରିଥିଲେ। ନେଦରଲାଣ୍ଡ୍ସ ପକ୍ଷରୁ କ୍ରୁନ୍ ଜୋରିଟ୍, ଥିଏରି ବ୍ରିଙ୍କମ୍ୟାନ, ଡୁକୋ ଟେଲଜେନକାମ୍ପ ଓ ଜୋଏପ୍ ଡେ ମଲ୍ ସ୍କୋର କରିଥିଲେ। ଜୋନାସ୍ ଡି ଜିଉସଙ୍କ ଶଟ୍ ବାହାରକୁ ଯାଇଥିଲା। ଅନ୍ୟ ପକ୍ଷରେ ଭାରତ ପକ୍ଷରୁ ଅରାଇଜିତ ସିଂ ହୁଣ୍ଡାଲ ଓ ଲଳିତ କୁମାର ଉପାଧ୍ୟାୟ ସ୍କୋର କରିଥିବା ବେଳେ ସୁଖଜିତ ସିଂ ଓ ସମଶେର ସିଂଙ୍କ ଶଟ୍ ବାହାରକୁ ଯାଇଥିଲା।

# ସ୍ପେନକୁ ହରାଇଲା ଅଷ୍ଟ୍ରେଲିଆ

**ପ୍ରୋ ଲିଗ୍ ହକି**

ରାଉରକେଲା,୨୧।୨
(ଦିନେଶ ମିଶ୍ର)

ରାଉରକେଲା ବିର୍ସାମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ୍‌ର ପୁରୁଷ ହକି ପ୍ରୋ ଲିଗ୍‌ର ତ୍ରୟୋଦଶତମ ମ୍ୟାଚରେ ସ୍ପେନକୁ ୪-୧ରେ ପରାସ୍ତ କରିଛି ଅଷ୍ଟ୍ରେଲିଆ। ଆରମ୍ଭରୁ ପଛୁଆ ଥିଲେ ମଧ୍ୟ ଚମତ୍କାର ପ୍ରତ୍ୟାବର୍ତ୍ତନ ସହ ଅଷ୍ଟ୍ରେଲିଆ ମ୍ୟାଚ ଜିତି ନେଇଥିଲା। ମ୍ୟାଚ୍‌ର ଦ୍ୱିତୀୟ ମିନିଟରେ ସ୍ପେନ ପେରି ଏମଟ୍ ଏକ ଫିଲ୍ଡ ଗୋଲ ମାରି ଦଳକୁ ୧-୦ ଗୋଲରେ ଆଗୁଆ ରଖିଥିଲେ। ପରେ ସ୍ପେନ ଦଳକୁ ୩ଟି ପେନାଲଟି ସୁଯୋଗ ମିଳିଥିଲେ ମଧ୍ୟ ଦଳ ଆଉ ଗୋଲ କରିପାରି ନ ଥିଲା। ଚତୁର୍ଥ ମିନିଟ୍‌ରେ ଅଷ୍ଟ୍ରେଲିଆର ଫ୍ଲିନ ଓଗିଲିଭ୍ ଫିଲଡ୍‌ଗୋଲ ଜରିଆରେ ମ୍ୟାଚକୁ ସମାନ୍ତର ସ୍ଥିତିକୁ ଆଣିଥିଲେ। ମ୍ୟାଚର ଅଷ୍ଟମ ମିନିଟ୍‌ରେ ନାଥନ ଏପହ୍ରାଉମ୍ସ ଦ୍ୱିତୀୟ ଗୋଲ ମାରିଥିଲେ। ଦ୍ୱିତୀୟ କ୍ୱାର୍ଟରର ୨୫ ମିନିଟ୍‌ରେ ଜେରେମୀ ହାୱାର୍ଡ ପେନାଲଟି କର୍ନରରୁ ତୃତୀୟ ଗୋଲ ଦେଇଥିବା ବେଳେ ତୃତୀୟ କ୍ୱାର୍ଟରର ୪୪ ମିନିଟ୍‌ରେ ଟିମ୍ ବ୍ରାଣ୍ଡ ଅନ୍ତିମ ଗୋଲ ଦେଇଥିଲେ। ଜ୍ୟାକ୍ ୱେଟେନ୍‌ଙ୍କୁ ପ୍ଲେୟାର ଅଫ ଦ ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ପୁରୁଷ ପ୍ରୋ ଲିଗ୍‌ରେ ଅଷ୍ଟ୍ରେଲିଆ ଦଳ ୫ଟି ଖେଳି ୫ଟି ବିଜୟୀ ହୋଇ ପଏଣ୍ଟ ତାଲିକରେ ଦ୍ୱିତୀୟ ସ୍ଥାନରେ ରହିଛି।


ନାଥନ ଏପହ୍ରାଉମ୍ସ


ସ୍ପେନ୍ ଓ ଅଷ୍ଟ୍ରେଲିଆ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

# ରାଜପୁତ ୟୁଏଇ ମୁଖ୍ୟ କୋଚ୍



**ଦୁବାଇ,୨୧।୨(ପି.ଟି.):** ପୂର୍ବତନ ଭାରତୀୟ କ୍ରିକେଟର ତଥା ଟି୨୦ ବିଶ୍ୱକପ୍ ବିଜୟୀ ଭାରତୀୟ ଦଳର ମ୍ୟାନେଜର ଥିବା ଲାଲଚାନ୍ଦ ରାଜପୁତ ୟୁଏଇର ମୁଖ୍ୟ କୋଚ୍ ନିଯୁକ୍ତ ହୋଇଛନ୍ତି। ପାକିସ୍ତାନର ମୁଦସର ନଜରଙ୍କ ସ୍ଥାନରେ ରାଜପୁତଙ୍କୁ ନିଯୁକ୍ତି ମିଳିଛି। ଆସନ୍ତା ୩ ବର୍ଷ ପାଇଁ ସେ ୟୁଏଇ ଦଳର କୋଚ୍ ରହିବେ। ରାଜପୁତଙ୍କ ଅଧୀନରେ ୟୁଏଇ ଆଇସିସି କ୍ରିକେଟ ବିଶ୍ୱକପ ଲିଗ୍-୨ ଖେଳିବାକୁ ଥିବା ବେଳେ କାନାଡା ଓ ସ୍କଟଲାଣ୍ଡ ସହିତ ଫେବୃଆରୀ ୨୮ରୁ ତ୍ରିରାଷ୍ଟ୍ରୀୟ ସିରିଜ୍ ଖେଳିବ। ବିଗତ କିଛି ବର୍ଷ ହେବ ସହଯୋଗୀ ରାଷ୍ଟ୍ରଙ୍କ ମଧ୍ୟରେ ୟୁଏଇ ଚମତ୍କାର ପ୍ରଦର୍ଶନ କରିଆସିଛି। ତେବେ ଚଳିତ ଟି୨୦ ବିଶ୍ୱକପ ପାଇଁ ଦଳ ଯୋଗ୍ୟତା ହାସଲରେ ବିଫଳ ହୋଇଥିଲା। ୟୁଏଇ ଦଳ ନିକଟରେ ପ୍ରତିଭା ରହିଥିବା ବେଳେ ସେମାନଙ୍କ ସହ କାର୍ଯ୍ୟ କରିବା ପାଇଁ ମୁଁ ଉତ୍ସାହିତ ବୋଲି କହିଛନ୍ତି ରାଜପୁତ। ୨୦୦୭ରେ ବିଶ୍ୱକପ୍ ବିଜୟୀ ଭାରତୀୟ ଟି୨୦ ଦଳର ମ୍ୟାନେଜର ରହିଥିବା ରାଜପୁତ ଭାରତ ପାଇଁ ୨ ଟେଷ୍ଟ ଓ ୪ ଦିନିକିଆ ଖେଳିଛନ୍ତି। ୨୦୧୬-୧୭ରେ ରାଜପୁତ ଆଫଗାନିସ୍ତାନ ଦଳର ମୁଖ୍ୟ କୋଚ୍ ରହିଥିବା ବେଳେ ଏହା ଟେଷ୍ଟ ମାନ୍ୟତା ହାସଲ କରିଥିଲା।



SHOWROOMS: ODISHA: BHUBANESWAR: RENAULT Bhubaneswar Mob: +91 8860076082, RENAULT Bhubaneswar North Mob: +91 7428190232. BHAWANIPATNA: RENAULT Bhawanipatna Mob: +91 9438395880. CUTTACK: RENAULT Cuttack Mob: +91 9311772648. JEYPORE: RENAULT Jeypore Mob: +91 9311596618. ROURKELA: RENAULT Rourkela Mob: + 91 8860875802. SAMBALPUR: RENAULT Sambalpur Mob: +91 8448890323. SUNDERGARH: RENAULT Sundergarh Mob: +91 9311529949.

1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ